RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-215 • BHUBANESWAR • TUESDAY • 30 JANUARY 2024 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୨୧୫ • ଭୁବନେଶ୍ୱର • ମଙ୍ଗଳବାର • ୩୦ ଜାନୁଆରୀ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦




ଓଡ଼ିଆ ଖବରକାଗଜରେ ଗାନ୍ଧୀ

ଓଡ଼ିଆ ଖବରକାଗଜରେ
**ଗାନ୍ଧୀ**


▶ଭିତର ପୃଷ୍ଠାରେ...


# ଜୟ ମାଁ ସମଲେଇ













ମାଁ ଙ୍କ ଆଶୀର୍ବାଦ ଓ ଅଗଣିତ ଭକ୍ତଙ୍କ ସହଯୋଗ ପାଇଁ ସମ୍ପୂର୍ଣ୍ଣ ହୋଇଛି 'ସମଲେଇ ପ୍ରକଳ୍ପ'।
ସମସ୍ତ ଶ୍ରଦ୍ଧାଳୁଙ୍କୁ ଆନ୍ତରିକ ଧନ୍ୟବାଦ।
ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତୁ,
ଏହି ମହୋତ୍ସବର ସାକ୍ଷୀ ହୋଇ ନୂଆ ଅନୁଭୂତି ସାଉଁଟିବା।






ମୋହନ ଦାସ କମରଚାନ୍ଦ ଗାନ୍ଧୀ ଥିଲେ ଯାଦୁକର। ଶବ୍ଦର ଆଉ ମଣିଷଙ୍କ ମନର। ତାଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ସାଦାସିଧା ଜୀବନଶୈଳୀ ଏବଂ ଦେଶମାତୃକା ପାଇଁ ଲଢ଼େଇ କୌଶଳ କୋଟି କୋଟି ଭାରତୀୟ ପ୍ରାଣକୁ ପ୍ରଭାବିତ କରିଥିଲା। ଯେଉଁ କାରଣରୁ ଗାନ୍ଧୀଙ୍କ କଥାରେ ସେମାନେ ଦରକାର ବେଳେ ତାତିଥିଲେ, ଦରକାର ବେଳେ ମାତିଥିଲେ। ଦରକାର ବେଳେ ଆପଣା ଜୀବନ ଦେଇ ଦେଇଥିଲେ। ତେବେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଆସିବାର ପାଖାପାଖି ୧୪୦ ବର୍ଷ ପୂର୍ବରୁ ଭାରତରେ ପ୍ରଥମ ଖବରକାଗଜ ପ୍ରକାଶିତ ହୋଇଥିଲା। ପରେ ଅନେକ ପ୍ରକାଶନୀ ସାମ୍ନାକୁ ଆସିଛି। କିନ୍ତୁ ଗାନ୍ଧୀ ଯେବେଠାରୁ ଭାରତ ଫେରିଲେ ଏବଂ ସ୍ୱାଧୀନତା ଲଢ଼େଇରେ ଆଗୁଆ ସ୍ଥାନ ନେଲେ, ସେବେଠାରୁ ସତେ ଯେମିତି ଦେଶର ଅଧିକାଂଶ ଖବରକାଗଜ ଗାନ୍ଧୀମନସ୍କ ହୋଇ ଯାଇଥିଲେ। ଆଉ ଓଡ଼ିଶା ବି ଏଥରୁ ବାଦ୍ ପଡ଼ି ନଥିଲା।

# ଓଡ଼ିଆ ଖବରକାଗଜରେ ଗାନ୍ଧୀ

ଡ. ଜ୍ୟୋତି ପ୍ରକାଶ ମହାପାତ୍ର





## ଓଡ଼ିଶାରେ ଗାନ୍ଧୀ


ସାମାଜିକ ଓ ସ୍ୱାଧୀନତା ସଂଗ୍ରାମ ଅବଧି କାଳରେ ଗାନ୍ଧୀଜୀ ସମୁଦାୟ ୮ ଥର ଓଡ଼ିଶା ଆସିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତର ବୁଲିବା ସହିତ ପଦଯାତ୍ରା କରିଛନ୍ତି। ୧୯୨୧ ମସିହା ମାର୍ଚ୍ଚ ମାସରେ ସେ ପ୍ରଥମ ଥର ଓଡ଼ିଶା ଆସିଥିଲେ। କଟକର କଦମରସୁଲ, କାଠଯୋଡ଼ି ପଠା, ଭଦ୍ରକର ଗାନ୍ଧି ପଡ଼ିଆ ଓ ବ୍ରହ୍ମପୁରଠାରେ ସେ ସାଧାରଣ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ସେ ସଭିଙ୍କୁ କହିଥିଲେ। ଏପରିକି ଗାନ୍ଧୀ ନିଜର ପ୍ରଥମ ଓଡ଼ିଶା ଗସ୍ତ ସମୟରେ କଟକର ବିନୋଦବିହାରୀଠାରେ ମହିଳାମାନଙ୍କର ଏକ ସମାବେଶରେ ଉଦବୋଧନ ଦେଇଥିଲେ।

ପରେ ଗାନ୍ଧୀ ୧୯୨୫, ୧୯୨୭, ୧୯୨୮, ୧୯୩୪ (ଦୁଇ ଥର), ୧୯୩୮ ଏବଂ ୧୯୪୬ରେ ଓଡ଼ିଶା ଆସିଥିଲେ। ଉତ୍କଳ ପ୍ରଦେଶକୁ ସେ ଖୁବ ଭଲ ପାଆନ୍ତି ଏବଂ ଏଠାରୁ ଅନେକ କିଛି ଶିକ୍ଷାଲାଭ କରିଥିବା କଥା ଗାନ୍ଧୀ ପରବର୍ତ୍ତୀ ପର୍ଯ୍ୟାୟରେ ବାରବାର ଦୋହରାଇଥିଲେ। ତେବେ ସ୍ୱାଧୀନତା ପରେ ସେ ଆଉ ଓଡ଼ିଶା ଆସିନଥିଲେ। ସ୍ୱାଧୀନତାର ଛଅ ମାସ ପରେ ତ ଆତତାୟୀ ଗୁଳିରେ ସେ ନିହତ ହୋଇଥିଲେ।

## ଗାନ୍ଧୀ ଓ ଓଡ଼ିଆ ଖବରକାଗଜ

ଗାନ୍ଧୀ ଯେତେଥର ଓଡ଼ିଶା ଆସିଛନ୍ତି, ଓଡ଼ିଶାରୁ ପ୍ରକାଶିତ ସେହି ସମୟର ପ୍ରାୟ ସମସ୍ତ ଖବରକାଗଜ ତାଙ୍କର ଗସ୍ତ, ତାଙ୍କର ଭାଷଣ, ତାଙ୍କର ବାଣୀ, ତାଙ୍କର ରହଣି, ଜୀବନଚର୍ଯ୍ୟା ସମ୍ପର୍କରେ ଅନେକ ଖବର ଛାପିଛନ୍ତି। ଯେବେଯେବେ ଗାନ୍ଧୀ ଓଡ଼ିଶା ଆସିଛନ୍ତି, ସେବେସେବେ ରାଜ୍ୟର ଖବରକାଗଜ ସବୁ ଗାନ୍ଧୀମୁହାଁ ହୋଇଯାଇଛନ୍ତି। ତାଙ୍କର ବକ୍ତବ୍ୟ, ମନ୍ତବ୍ୟ ସହିତ ତାଙ୍କର ବ୍ୟକ୍ତିତ୍ୱକୁ କବରକାଗଜରେ ଅଗ୍ରପ୍ରାଧାନ୍ୟ ଦିଆଯାଇଛି।

ଓଡ଼ିଶାର ପ୍ରଥମ ଦୈନିକ ଖବରକାଗଜର ମାନ୍ୟତା କିଛି ଲୋକ 'ଗାନ୍ଧୀ ସମାଚାର'କୁ ଦିଅନ୍ତି। ନିରଞ୍ଜନ ପଟ୍ଟନାୟକ ଗଂଜାମର ବ୍ରହ୍ମପୁରରୁ ଏହି ଖବରକାଗଜ ପ୍ରକାଶନ କରୁଥିଲେ ଓ ସେ ଏହାର ସମ୍ପାଦକ ଥିଲେ। 'ଗାନ୍ଧୀ ସମାଚାର' ପ୍ରକାଶିତ ହେବା ପଛରେ ଗାନ୍ଧୀଙ୍କ ଆଦର୍ଶ ଏବଂ ଗାନ୍ଧୀଙ୍କ ପ୍ରତି ଓଡ଼ିଶାର ଲୋକଙ୍କର ଅନୁରକ୍ତି ପ୍ରତିଫଳିତ ହୋଇଥିଲା।



ଉତ୍କଳଦୀପିକା

The Utkal Dipika

Cuttack Saturday the August 22nd 1925

ମହାତ୍ମା ଗାନ୍ଧୀଙ୍କ କଟକ ଆଗମନ।

ରାତ୍ରି ୯ ଟା. ଏକ୍ସପ୍ରେସରେ କଲିକତା ପ୍ରତ୍ୟାବର୍ତ୍ତନ।


ଗାନ୍ଧୀ ନିଜର ତୃତୀୟ ଗସ୍ତ କାଳରେ ୧୯୨୭ ମସିହାରେ ବ୍ରହ୍ମପୁର ଯାଇଥିଲେ। ସେଠାରେ ଡିସେମ୍ବର ୪ ତାରିଖରୁ ବିଭିନ୍ନ ଖଦି ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ। ମହାତ୍ମାଙ୍କର ସେହି ଗସ୍ତକୁ ସ୍ମରଣୀୟ କରିବା ନିମନ୍ତେ ଯୁବ ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକ ଏକ ନୂତନ ପରିକଳ୍ପନା କରିଥିଲେ ଏବଂ ତାହା ଥିଲା 'ଗାନ୍ଧୀ ସମାଚାର'ର ପ୍ରକାଶନ। ଏହା ଏକ ଦୈନିକ ବୁଲେଟିନ ରୂପେ ଆତ୍ମପ୍ରକାଶ କରିଥିଲା। ଗାନ୍ଧୀଙ୍କ ଗସ୍ତ ସମ୍ପର୍କିତ ଟିକିନିଖି ଖବର ଏଥିରେ ପ୍ରକାଶିତ ହେଉଥିଲା। ତେବେ ଗାନ୍ଧିଙ୍କ ଗସ୍ତ ପରେ ଏହା ବନ୍ଦ ହୋଇଯାଇଥିଲା। ଏହାକୁ ଦେଖି ଶଶୀଭୂଷଣ ରଥ 'ଆଶା' ଖବରକାଗଜକୁ 'ଦୈନିକ ଆଶା'ରେ ପରିବର୍ତ୍ତନ କରିବା ପାଇଁ ପ୍ରେରଣା ପାଇଥିଲେ।

ଏହା ଠିକ ସେଇମିତି ଢଙ୍ଗରେ ହୋଇଥିଲା, ଯେମିତି ଢଙ୍ଗରେ ଏସ୍. ସଦାନନ୍ଦ ଭାରତରେ 'ଫ୍ରି ପ୍ରେସ୍ ଏଜେନ୍ସି' ଆରମ୍ଭ କରିଥିଲେ। ଗାନ୍ଧୀ ଯେଉଁ ସମୟରେ ଜୋରଦାର ଆନ୍ଦୋଳନ କରୁଥିଲେ, ସେହି ସମୟରେ ରଏଟର୍ସ ଏବଂ ଆସୋସିଏଟେଡ୍ ପ୍ରେସ୍ ଆଦି ଏଜେନ୍ସି ଗୁଡ଼ିକ ଗାନ୍ଧୀଙ୍କ ଖବରକୁ ସେତେଟା ପ୍ରଧାନ୍ୟ ଦେଉନଥିଲେ। ଫଳରେ ଗାନ୍ଧୀ ସମ୍ପର୍କିତ ଖବର ଭାରତୀୟ ଖବରକାଗଜ ଗୁଡ଼ିକ ନିକଟକୁ ଯାଇ ପାରୁନଥିଲା। ଖବରକାଗଜ ଗୁଡ଼ିକର ଆର୍ଥିକ ଅବସ୍ଥା ସେବେ ଏମିତି ସ୍ୱଚ୍ଛଳ ତ ନଥିଲା ଯେ, ସେମାନେ ଚାରିଆଡ଼କୁ ନିଜର ପ୍ରତିନିଧି ପଠାଇବେ। ତେଣୁ ସେମାନେ ନ୍ୟୁଜ୍ ଏଜେନ୍ସି ଉପରେ ନିର୍ଭର କରୁଥିଲେ। ଆଉ ଯେତେବେଳେ ବିଦେଶୀ ଏଜେନ୍ସି ଗୁଡ଼ିକ ଗାନ୍ଧୀଙ୍କୁ ଗୁରୁତ୍ୱ ନଦେଲେ ସେତେବେଳେ ସଦାନନ୍ଦ ଭାରତର ପ୍ରଥମ ନ୍ୟୁଜ୍ ଏଜେନ୍ସି ୧୯୨୫ ମସିହାରେ ଆରମ୍ଭ କରିଥିଲେ। ବ୍ରିଟିସ ସରକାରର ପରୋକ୍ଷ ଚାପରେ ଏହା ୧୯୩୫ ମସିହାରେ ବନ୍ଦ ହୋଇ ଯାଇଥିଲା।

ଓଡ଼ିଶାର ପ୍ରଥମ ଖବରକାଗଜ 'ଉତ୍କଳ ଦୀପିକା' ତାର ପ୍ରକାଶନ କାଳରେ ଗାନ୍ଧୀଙ୍କୁ ସର୍ବଦା ବେଶ ଗୁରୁତ୍ୱ ଦେଇ ଆସିଥିଲା। ଅବଶ୍ୟ ଗାନ୍ଧୀଙ୍କ ଶେଷ ଦୁଇଟି ଗସ୍ତ ବେଳକୁ ଏହାର ପ୍ରକାଶନ ବନ୍ଦ ହୋଇଯାଇଥିଲା। ୧୯୨୫ରେ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ବେଳେ ଉତ୍କଳ ଦୀପିକା ବ୍ୟାନର ହେଡ଼ଲାଇନ ଛାପି ଗାନ୍ଧୀଙ୍କୁ ସ୍ୱାଗତ କରିଥିଲା। ୧୯୨୫ ମସିହା ଅଗଷ୍ଟ ୨୨ ତାରିଖ ଦିନର ଶିରୋନାମା ଥିଲା- ମହାତ୍ମା ଗାନ୍ଧୀଙ୍କର କଟକ ଆଗମନ। ସେହି ସମୟରେ ସୂତା କାଟିବାର ଉଦ୍ଦେଶ୍ୟ, ଗାନ୍ଧୀଙ୍କ ବକ୍ତୃତାର ଓଡ଼ିଆ ଅନୁବାଦ ଏବଂ ଗସ୍ତର ବିବରଣୀ ପ୍ରକାଶ କରିଥିଲା। ସେହିପରି ୧୯୨୭ ମସିହା ଡିସେମ୍ବର ମାସରେ ଯେବେ ଗାନ୍ଧୀ ଓଡ଼ିଶା ଆସିଥିଲେ, 'ଉତ୍କଳ ଦୀପିକା' ଏକା ବ୍ୟାନର ହେଡ଼ଲାଇନ ସହ ମୌନବ୍ରତ ଏବଂ ଅନ୍ୟାନ୍ୟ ଖବର ମଧ୍ୟ ଛାପିଥିଲା।

ଡିସେମ୍ବର ୨୪ ତାରିଖ ୧୯୨୭ ମସିହାରେ 'ଉତ୍କଳ ଦୀପିକା' ଗାନ୍ଧୀଙ୍କ ଉପଦେଶକୁ 'ମହାତ୍ମାଜୀଙ୍କ ବାଣୀ' ଭାବେ ପ୍ରଥମ ପୃଷ୍ଠାରେ ଛାପିଥିଲା। ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଏକ ବକ୍ସ କରି ତାହା ମଧ୍ୟରେ ସ୍ଥାନିତ ହୋଇଥିଲା ଗାନ୍ଧିଙ୍କ ବାଣୀ। ସେଥିରେ ଲେଖା ହୋଇଥିଲା- ଉତ୍କଳର ଦରିଦ୍ରତା କଥା ମୁଁ କେତେକ ପରିମାଣରେ ଜାଣେ। ଆପଣଙ୍କ ସାହାଯ୍ୟ ବ୍ୟତିରେକ ଏହା ଦରିଦ୍ରତା ଦୂର ନହୋଇପାରେ। ଆପଣମାନେ ଖଦଡ଼ ପିନ୍ଧନ୍ତୁ, ସୂତା କାଟନ୍ତୁ, ଖଦଡ଼ ପ୍ରଚାର ପାଇଁ ଆଉ ଯେ କୌଣସି ପ୍ରକାର ସାହାଯ୍ୟ ଆବଶ୍ୟକ ତାହା କରନ୍ତୁ। ଉତ୍କଳ ଦେଶରେ ଅସ୍ପୃଶ୍ୟତା ରହିବା ଉଚିତ ନୁହେଁ। ଆପଣମାନେ ଏ ଦୋଷ ନିବାରଣ କରନ୍ତୁ। ଉତ୍କଳରେ ବହୁ ଲୋକ ଅଫିମ ଖାଉଛନ୍ତି। ତାହା ମଧ୍ୟ ବର୍ଜନ କରନ୍ତୁ। ଭଗବାନ ଉତ୍କଳ ଦେଶର ମଙ୍ଗଳ କରନ୍ତୁ।

ସେମିତି 'ନବୀନ' ଖବରକାଗଜ ଗାନ୍ଧୀଙ୍କ ଗସ୍ତକୁ ସର୍ବାଧିକ ପ୍ରାଧାନ୍ୟ ଦେଇ ଆସିଥିଲା। ୧୯୩୪ ମସିହାରେ ଗାନ୍ଧୀଙ୍କ ଗସ୍ତ ସମୟରେ ସମସ୍ତ ଖବର ସହିତ କେତେ ଟଙ୍କା ଚାନ୍ଦା ଆଦାୟ ହୋଇଥିଲା, ତାହା ବି ଲେଖିଥିଲା। ଜୁନ ୧୨ ସଂଖ୍ୟାରେ 'ନବୀନ'




ଆଶା

ଲେଖିଥିଲା- ଗାନ୍ଧୀଙ୍କ ଗସ୍ତ ସମୟରେ ୬୭୪୯ ଟଙ୍କା ଓ ୬୫୦୦ ଟଙ୍କାର ଅଳଙ୍କାର ଆଦାୟ ହୋଇଥିଲା। ଏହାର ଅର୍ଥ- ସମସ୍ତେ ସବୁକିଛି ଜାଣନ୍ତୁ। ଗାନ୍ଧୀ ନିଜ ବ୍ୟକ୍ତିଗତ ଜୀବନରେ ଯେଉଁଭଳି ପାରଦର୍ଶୀ ଥିଲେ, ସେହିପରି ସବୁକଥା ସ୍ପଷ୍ଟ ଭାବେ ସମସ୍ତେ ଜାଣନ୍ତୁ। କିଛି ଲୁଚାଚୋରା ନରହୁ। ୧୯୩୮ ମାର୍ଚ୍ଚ ୨୯ ସଂଖ୍ୟାରେ ତାହା ମହାତ୍ମା ଗାନ୍ଧୀଙ୍କ ବାଣୀ ଖୁବ ସୁନ୍ଦର ଭାବେ ଛାପିଥିଲା। ସେଥିରେ ଗାନ୍ଧୀ କହିଥିଲେ- ଭାରତରେ ଉତ୍କଳ ମୋର ସବୁଠାରୁ ପ୍ରିୟଭୂମି। ସେହି ସମୟରେ ଗାନ୍ଧୀ ଓଡ଼ିଶା ଗସ୍ତରେ ଥିଲେ।

ସେ ସମୟରେ ପ୍ରକାଶିତ ପ୍ରାୟ ପ୍ରତିଟି ଖବରକାଗଜ ଗାନ୍ଧୀଙ୍କ ଗସ୍ତ ସୂଚନା ଛାପୁଥିଲେ। ଗାନ୍ଧୀ କେଉଁଦିନ କେଉଁଠାକୁ ଯିବେ, କି ସଭା ରହିଛି, ସେ ବିଷୟରେ ଖବର ପ୍ରକାଶିତ ହେଉଥିଲା। ଅବଶ୍ୟ ଅନେକ ସମୟରେ ଦେଖା ଯାଇଛି- ଗାନ୍ଧୀଙ୍କ ଗସ୍ତ ସମ୍ପର୍କିତ ଖବର ସେମାନେ ଆଗୁଆ ପାଇପାରି ନାହାନ୍ତି। ସେ ସମୟରେ ତ ଆଜିପରି ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ନଥିଲା। ତେଣୁ ଖବର ପାଇବାରେ ବିଳମ୍ବ ହେଉଥିଲା ନିଶ୍ଚିତ। ତଥାପି ଯାହା ଖବର ସେମାନେ ପାଉଥିଲେ, ତାହା ଛାପୁଥିଲେ। ସ୍ୱତନ୍ତ୍ର ପ୍ରତିନିଧି ଯାଉଥିଲେ ଗାନ୍ଧୀଙ୍କ ସଭାର ରିପୋର୍ଟିଂ କରିବାକୁ।

'ଆଶା' ସେବେ ବ୍ରହ୍ମପୁରରୁ ପ୍ରକାଶିତ ହେଉଥିଲା। ଶଶୀଭୂଷଣ ରଥ ଥିଲେ ଏହାର ସମ୍ପାଦକ। 'ଆଶା' ସବୁ ସମୟରେ ସର୍ବାଧିକ ଗୁରୁତ୍ୱ ମହାତ୍ମା ଗାନ୍ଧୀଙ୍କୁ ଦେଇଛି। ଗାନ୍ଧୀ ଓଡ଼ିଶା ଆସିବା ବେଳେ 'ଆଶା' ବେଶ ପ୍ରଭାବଶାଳୀ ଥିଲା ଓ ନିୟମିତ ପ୍ରକାଶିତ ହେଉଥିଲା। ୧୯୨୫ ମସିହା ଅପ୍ରେଲ ୪ ତାରିଖ ସଂଖ୍ୟାରେ 'ଆଶା' ଲେଖିଥିଲା- ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପରିଭ୍ରମଣ ଏକ ପ୍ରଧାନ ଘଟଣା। ଓଡ଼ିଶା ଦ୍ୱୀପ ପରି ବିଚ୍ଛିନ୍ନ ହୋଇ ରହିଥିଲା। ଓଡ଼ିଶାର ନେତାମାନେ ଜାତୀୟ ଆନ୍ଦୋଳନରେ ଯୋଗ ଦେଉନଥିଲେ। ଭାରତର ନେତାମାନେ ତେଣୁ ଓଡ଼ିଶାକୁ ଅଣଦେଖା କରୁଥିଲେ। ପଣ୍ଡିତ ଗୋପବନ୍ଧୁ ଏମିତି ବେଳରେ ଗାନ୍ଧୀଙ୍କୁ ଓଡ଼ିଶା ଆମନ୍ତ୍ରଣ କରି ଓଡ଼ିଶା ସହ ସମ୍ପର୍କ ପ୍ରତିଷ୍ଠା କରିବା ଦିଗରେ ସହାୟକ ହୋଇଛନ୍ତି।

ଏଥିରୁ ଏହା ସ୍ପଷ୍ଟ ଯେ, ନଅଙ୍କ ଦୁର୍ଭିକ୍ଷରେ ଭୋକରେ ଆଉଟୁପାଉଟୁ ହୋଇ ଭାଙ୍ଗି ପଡ଼ିଥିବା ଏହି ଜାତିର ଇତିହାସରେ ସ୍ୱାଧୀନତା ପୂର୍ବରୁ ବେଶ କଳା ସମୟ ଆସିଥିଲା। ଯେଉଁଠି ଓଡ଼ିଆ ଜାତି ଜାତୀୟସ୍ତରରେ ପରିଚିତ ବି ହୋଇପାରି ନଥିଲା। ଗାନ୍ଧୀ ଓଡ଼ିଶା ଆସିବା ଫଳରେ ଏ ଜାତିର କାନରେ ନୂଆ ମନ୍ତ୍ର ଫୁଙ୍କି ହୋଇ ଯାଇଥିଲା। ଗାନ୍ଧୀ ଯେଉଁ ଉତ୍ସାହ ଓ ପ୍ରେରଣା ଦେଇଥିଲେ, ତାକୁ ଆଧାର କରି ଗୋପବନ୍ଧୁ, ନବକୃଷ୍ଣ, ଆଚାର୍ଯ୍ୟ ହରିହର, ନୀଳକଣ୍ଠ ପ୍ରମୁଖ ସ୍ୱାଧିନତା ଆନ୍ଦୋଳନରେ ମାତି ଯାଇଥିଲେ। ଆଉ ତାହା ଏ ଜାତିର ହୃତ ଗୌରବ ଫେରାଇ ଆଣିବାରେ ବେଶ ସକ୍ଷମ ହୋଇଥିଲା। ଜାତିର ସ୍ୱାଭିମାନକୁ ଟାଣୁଆ କରିଥିଲା।



ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ଗସ୍ତ ନିର୍ଘଣ୍ଟ

'ଆଶା' ଖବରକାଗଜ ଗାନ୍ଧୀଙ୍କ ଆତ୍ମଚରିତକୁ ଓଡ଼ିଆରେ ଅନୁବାଦିତ କରି ନିୟମିତ ଭାବେ ପ୍ରକାଶ କରୁଥିଲା। ପୀତାମ୍ବର ମିଶ୍ର ସେତେବେଳେ ଏହାର ଅନୁବାଦ କରୁଥିଲେ। ସେହି ସମୟରେ ବର୍ତ୍ତମାନ ସମୟ ତୁଳନାରେ ମୁଦ୍ରଣ କ୍ଷେତ୍ରରେ କାରିଗରୀ ଜ୍ଞାନରେ ବିକାଶ ଥିଲା ସୀମିତ। ଖବରକାଗଜ ପୃଷ୍ଠାରେ ଖବର ସହ ଫଟୋ ଛପାଯିବା ବେଶ କଷ୍ଟ ଓ ଖର୍ଚ୍ଚ ସାପେକ୍ଷ ବ୍ୟାପାର ଥିଲା। କିନ୍ତୁ 'ଆଶା' ଗାନ୍ଧୀଙ୍କ ବଡ଼ ଫଟୋ ବହୁ ସମୟରେ ପ୍ରଥମ ପୃଷ୍ଠାରେ ଛାପିଛି। ଏହାତଳେ ମାତ୍ର କେଇଧାଡ଼ି ଲେଖା ସହିତ ଗାନ୍ଧୀଙ୍କ ଫଟୋ ଏହା ଛାପୁଥିଲା। ସେହି ସମୟରେ ସନାତନୀମାନଙ୍କ ସହ ଗାନ୍ଧୀଙ୍କର ମତଭେଦ ହୋଇଥିଲା। ହରିଜନ ମନ୍ଦିର ପ୍ରବେଶ ନେଇ ଏମିତି ସ୍ଥିତି ଉପୁଜି ଥିଲା। ଆଉ ସକଳ ବାଧାବିଘ୍ନ ସତ୍ତ୍ୱେ 'ଆଶା' ଏ ସମ୍ପର୍କିତ ବ୍ୟଙ୍ଗଚିତ୍ର ପ୍ରଥମ ପୃଷ୍ଠାରେ ଛାପିଥିଲା। ଯେଉଁଠି ଗାନ୍ଧୀଙ୍କୁ ହାତୀ ଭାବେ ଚିତ୍ରଣ କରାଯାଇଥିଲା। ତାଙ୍କୁ ବିରୋଧ କରୁଥିବା ଲୋକମାନଙ୍କୁ କୁକୁର ଛବି ଆକାରରେ ପ୍ରଦର୍ଶନ କରାଯାଇଥିଲା। କାର୍ଟୁନରେ ଲେଖା ଯାଇଥିଲା- ସଂସ୍କାର ହାତୀ ମାଡ଼ି ଆସୁଛି। ୧୯୩୪ ମସିହା ୨୮ ମଇ ସଂଖ୍ୟାରେ ଏହା ପ୍ରକାଶିତ ହୋଇଥିଲା।

ସେ ସମୟରେ ଅଧିକାଂଶ ଓଡ଼ିଆ ଖବରକାଗଜରେ ଗାନ୍ଧୀଙ୍କୁ ମହାତ୍ମା ଓ ମହାପୁରୁଷ ଭାବେ ଚିତ୍ରିତ କରାଯାଇଛି। ସେହି ଅନୁସାରେ ଅନେକ ଖବର ଛପା ଯାଇଛି। ପାରିପାର୍ଶ୍ୱିକ ବାଧାବିଘ୍ନ ସତ୍ତ୍ୱେ ଓଡ଼ିଆ ଖବରକାଗଜ ଯେତେ ସମ୍ଭବ ଗାନ୍ଧୀଙ୍କୁ ସର୍ବାଧିକ କଭରେଜ ଦେଇଥିଲେ। ପ୍ରଥମ ପୃଷ୍ଠା ଫଟୋ, ପ୍ରଥମ ପୃଷ୍ଠାରେ ଗାନ୍ଧୀ ସପକ୍ଷବାଦୀ ବ୍ୟଙ୍ଗଚିତ୍ର ସେହି ଯୁକ୍ତିକୁ ଆଉ ଟିକେ ବଳିଷ୍ଠ କରେ ଯାହା।

**ବାପୁଙ୍କ ପୁଣ୍ୟତିଥି ଅବସରରେ**

୧୯୩୮ ମସିହାରେ ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ଗାନ୍ଧି ଓଡ଼ିଶା ଆସିଥିଲେ। ଅପ୍ରେଲ ୪, ୧୯୩୮ ମସିହା ସଂଖ୍ୟାରେ 'ଆଶା' ଲେଖିଥିଲା- ମହାମାନବ ଗାନ୍ଧୀ ବେରବୋଇଠାରୁ କଲିକତା ପ୍ରୟାଣ କଲେ। ଏହାସହ ଗାନ୍ଧୀଙ୍କର ଏକ ବଡ଼ ଫଟୋ ମଧ୍ୟ ଦିଆଯାଇଥିଲା। ଭିତର ପୃଷ୍ଠାରେ ଗାନ୍ଧୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ବିବୃତି ସ୍ଥାନ ପାଇଥିଲା। ସେଦିନର ବିବୃତି ଅନୁସାରେ- ଗାନ୍ଧୀଙ୍କ ରକ୍ତଚାପ ୧୮୦ ରହିଛି। ଯାହା ଉଚ୍ଚ ରକ୍ତଚାପ। ଓଡ଼ିଶାରେ ଗାନ୍ଧୀଙ୍କୁ ଚିକିତ୍ସା କରୁଥିବା ଶଙ୍କର ଦାସଙ୍କ ବିବୃତିକୁ ଆଧାର କରି ଏହା ପ୍ରକାଶିତ ହୋଇଥିଲା। ରିପୋର୍ଟ ଅନୁସାରେ- ଜଗନ୍ନାଥ ମନ୍ଦିରକୁ ହରିଜନ ନ ଯିବା ନେଇ ଗାନ୍ଧୀ ମର୍ମାହତଅଛନ୍ତି। ଏହା ତାଙ୍କର ଉଚ୍ଚ ରକ୍ତଚାପର କାରଣ ହୋଇପାରେ। ଏହାଛଡ଼ା ଆତ୍ମୀୟମାନଙ୍କ କାର୍ଯ୍ୟକଳାପରେ ସେ ଗଭୀର ଭାବେ ଦୁଃଖିତ ରହିଥିବା ସେ ଖବରକାଗଜ ପ୍ରକାଶ କରିଥିଲା।

ଏହି ରିପୋର୍ଟ ପରୋକ୍ଷରେ ଜଣାଇ ଦେଉଛି ଯେ, ଶ୍ରୀମନ୍ଦିରକୁ ହରିଜନ ପ୍ରବେଶ ନେଇ ଗାନ୍ଧୀ ଯେଉଁ ଅଭିଯାନ ଚଳାଇ ଥିଲେ, ତାହାକୁ "ଆଶା" ପୂର୍ଣ୍ଣଭାବେ ସମର୍ଥନ କରୁଥିଲା। ସେହି ପ୍ରସଙ୍ଗକୁ ତାହା ଗାନ୍ଧୀଙ୍କର ସ୍ୱାସ୍ଥ୍ୟ ସହ ଆଣି ଯୋଡ଼ିଥିଲା। ସେ ଅସୁସ୍ଥ ରହିଥିବା ଖବର ଛାପିଥିଲା। ସେହି ସମୟରେ ଅଧିକାଂଶ ଭାରତୀୟ ଗାନ୍ଧୀଙ୍କର ଭକ୍ତ ଓ ଅନୁଗାମୀ ଥିଲେ। ତେଣୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଢ଼ିବା ପରେ ସେମାନଙ୍କ ମନରେ ପରିବର୍ତ୍ତନ ଆସିବ ଓ ସେମାନେ ହରିଜନ ମନ୍ଦିର ପ୍ରବେଶ ଅଭିଯାନକୁ ସ୍ୱାଗତ କରି ମନ୍ଦିର ଦୁଆର ଖୋଲିଦେବେ ବୋଲି ଆଶା ରଖି 'ଆଶା' ଖବରକାଗଜ ଏପରି ଛାପିଥିବା ଅନୁମାନ କରାଯାଏ।

ସେହିପରି ବିଚ୍ଛିନାଞ୍ଚଳ ଓଡ଼ିଆଙ୍କ ସୁରକ୍ଷା ତଥା ଭାଷାଭାଷୀ ଏକତ୍ରୀକରଣ ଦିଗରେ ଓଡ଼ିଆ ଖବରକାଗଜ ବେଶ ପ୍ରଶଂସନୀୟ ଉଦ୍ୟମ କରିଥିଲେ। ସ୍ୱାଧୀନତା ପୂର୍ବରୁ ଜାତୀୟ ସ୍ତରର ଖବରକାଗଜ ମୁଖ୍ୟତଃ ଦୁଇଟି କାମ କରିଥିଲେ। ଜାତୀୟତା ଆନ୍ଦୋଳନକୁ ଭରପୁର ସମର୍ଥନ ଓ ସମାଜ ସଂସ୍କାରକର ଭୂମିକା। ଓଡ଼ିଶାରେ କିନ୍ତୁ ଖବରକାଗଜ ଆଉ ଗୋଟେ ଅଧିକା କାମ ନିଖୁଣ ଢଙ୍ଗରେ କରିଥିଲେ। ତାହା ହେଉଛି- ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ। ତେଣୁ ୧୯୩୪ରେ ଗାନ୍ଧୀଙ୍କ ଗସ୍ତ ସମୟରେ ଏହି ପ୍ରସଙ୍ଗକୁ ଗାନ୍ଧୀଙ୍କ ସହ ଯୋଡ଼ି 'ଦୈନିକ ଆଶା' ଉଠେଇ ଥିଲା। ମଇ ୭ ସଂଖ୍ୟାରେ ଲେଖିଥିଲା- ସିଂହଭୂମ ଗାନ୍ଧୀଙ୍କ ଓଡ଼ିଶା ଗସ୍ତରେ ସାମିଲ ହେବ କି ନାହିଁ ବୋଲି ସେଠାକାର ଲୋକେ ପ୍ରଶ୍ନ କରିଛନ୍ତି। ଫଳରେ ସେପରି ସ୍ୱର୍ଶକାତର ପ୍ରସଙ୍ଗକୁ ଗାନ୍ଧିଙ୍କ ସହ ଯୋଡ଼ି ଲୋକଙ୍କ ମନରେ ଅଖଣ୍ଡ ଓଡ଼ିଶାର ଆଶା ସଞ୍ଚାର କରାଯାଇଥିଲା।

୧୯୩୪ରେ ଓଡ଼ିଶା ଆସିଥିବା ସମୟରେ ଗାନ୍ଧୀ ପଦଯାତ୍ରା କରିଥିଲେ। ଡେଲାଙ୍ଗ, ପୁରୀ, କଟକ, ଯାଜପୁର, ଭଦ୍ରକ ଆଦି ଅଞ୍ଚଳ ସେ ଚାଲି ଚାଲି ବୁଲିଥିଲେ ଓ ସ୍ଥାନୀୟ ଲୋକଙ୍କୁ ଭେଟିଥିଲେ। ସେହି ସମୟରେ 'ଦୈନିକ ଆଶା' ଏହି ପଦଯାତ୍ରାର ଜୋରଦାର ପ୍ରଶଂସା କରିଥିଲା। ସେହିବର୍ଷ ମଇ ୧୪ ସଂଖ୍ୟାରେ ଲେଖିଥିଲା- ମହାତ୍ମାଙ୍କ ଅଭିନବ ଅଭିଯାନ। ଶଙ୍କର ଚୈତନ୍ୟଙ୍କ ପରି ମହାତ୍ମାଜୀ ପୁରୀଠାରୁ କଟକ ପର୍ଯ୍ୟନ୍ତ ହରିଜନ ଗସ୍ତରେ ବାହାରିଲେ। ମଇ ୧୬ ସଂଖ୍ୟାରେ ଲେଖିଥିଲା- ଗାନ୍ଧୀଙ୍କୁ ହଜାର ହଜାର ଲୋକଙ୍କ ଅଭ୍ୟର୍ଥନା। ସେହିଦିନ ଏକ ସମ୍ପାଦକୀୟରେ ତାହାର ସମ୍ପାଦକ ଶଶୀଭୂଷଣ ରଥ ଯେଉଁ ଶିରୋନାମା ଦେଇଥିଲେ ତାହା ଥିଲା- ଉତ୍କଳ ଏତେ ବଡ଼ ପୂଣ୍ୟ କରିଥିଲା।

ଗାନ୍ଧୀ ୧୯୩୪ରେ ଦୁଇ ଥର ଓଡ଼ିଶା ଆସିଥିଲେ। ମଝିରେ ବିହାର ଭୂମିକମ୍ପ ହେତୁ ଓଡ଼ିଶା ଗସ୍ତ ସାମୟିକ ଭାବେ ସ୍ଥଗିତ ରହୁଥିଲା। ସେହି ସମୟରେ 'ସମାଜ' ଗାନ୍ଧୀଙ୍କ ଗସ୍ତକୁ ବେଶ ପ୍ରଧାନ୍ୟ ଦେଇଥିଲା। 'ସମାଜ'ର ପ୍ରତିଷ୍ଠାତା ସମ୍ପାଦକ ଗୋପବନ୍ଧୁ ଦାସ ଗାନ୍ଧୀଙ୍କ ପରମ ଶିଷ୍ୟ ଥିଲେ। ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖ ସଂଖ୍ୟାରେ ସମାଜ ଲେଖିଥିଲା- ଆଜି ସକାଳେ ପୁରୀ ଏକ୍ସପ୍ରେସରେ ଆସି ମହତ୍ମା ଗାନ୍ଧୀ ଡେଲାଙ୍ଗଠାରେ ପହଞ୍ଚିଛନ୍ତି। ଉତ୍କଳ ପକ୍ଷରେ ଏହା ପରମ ସୌଭାଗ୍ୟର ବିଷୟ। ମହାତ୍ମାଜୀଙ୍କଠାରୁ ଉତ୍କଳ ବରାବର ବିଶେଷ ଶ୍ରଦ୍ଧା ଓ ସହାନୁଭୂତି ପାଇ ଆସିଛି।




ଦରିଦ୍ର ଭାରତରେ ଦରିଦ୍ରତମ ପ୍ରଦେଶ ଉତ୍କଳର ଦୁଃଖଦରିଦ୍ରା, ବନ୍ୟା ବିଭୀଷିକା ମହାତ୍ମାଜୀଙ୍କ ପ୍ରାଣକୁ ବଡ଼ ଲାଗିଛି। ଦରିଦ୍ରର ବନ୍ଧୁ ରୂପେ ତାଙ୍କ ପ୍ରାଣ ଉତ୍କଳ ପାଇଁ ସବୁବେଳେ ବ୍ୟାକୁଳ।

ତା'ପୂର୍ବରୁ ୧୯୨୦ ମସିହା ଡିସେମ୍ବର ୨୬ ତାରିଖରେ ନାଗପୁରଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ସମ୍ପର୍କିତ ପ୍ରସ୍ତାବ ଆଗତ କରିଥିଲେ। ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରୁଥିବା ଗୋପବନ୍ଧୁ ନାଗପୁରରୁ ଫେରି କଂଗ୍ରେସର ଅସହଯୋଗ ନୀତି ଗ୍ରହଣ ସମ୍ବନ୍ଧରେ ଏକ ଉତ୍ସାହବର୍ଦ୍ଧକ ଅଗ୍ରଲେଖ ସମ୍ପାଦକୀୟ ଲେଖିଥିଲେ, ଯାହା ୧୯୨୧ ମସିହା ଜାନୁଆରୀ ୮ ତାରିଖରେ ପ୍ରକାଶ ପାଇଥିଲା। ସେ ଲେଖିଥିଲେ- ଏଣିକି ଅସହଯୋଗ ନୀତିର କ୍ରମେ ଅଧିକ ପ୍ରସାର ହେଲା। ଗଲା ସେପ୍ଟେମ୍ବର ମାସରେ କଲିକତା କଂଗ୍ରେସର ଅସହଯୋଗ ନୀତିର ବିଚାର ହେଲା ବେଳେ ଅନେକ ମୁଖିଆ ଲୋକ ମହାତ୍ମା ଗାନ୍ଧୀଙ୍କ ସଙ୍ଗେ ଏକମତ ହୋଇନଥିଲେ। ....କଲିକତା କଂଗ୍ରେସ ବେଳେ ଯେଉଁମାନଙ୍କର ଅମତ ଥିଲା, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଛାଡ଼ି ଆଉ ପ୍ରାୟ ସମସ୍ତେ ଏବେ ଅସହଯୋଗ ନୀତିର ସମର୍ଥନ କରିଛନ୍ତି। .... ଭଗୀରଥ ସ୍ୱର୍ଗରୁ ମର୍ତ୍ତ୍ୟକୁ ଗଙ୍ଗା ଆଣିଲା ପରି ଏହି ମହାସ୍ରୋତ ଭାରତରେ ପ୍ରବର୍ତ୍ତି ଅଛି। ଭଗୀରଥଙ୍କ ପରି ଗାନ୍ଧୀ ଆଗେ ଆଗେ ଚାଲି ଏହାର ବାଟ କଢାଇଛନ୍ତି। ୧୯୨୧ରେ ପରେ ଗାନ୍ଧୀ ଓଡ଼ିଶା ଆସିଥିଲେ ଓ କଟକର କାଠଯୋଡ଼ି ପଠାରେ ବିରାଟ ସଭା କରିଥିଲେ। ସେହି ସମୟରେ ଗାନ୍ଧୀଙ୍କ ଭାଷଣ ଦେବାର ଫଟୋ 'ସମାଜ'ରେ ସବିସ୍ତୃତ ଢଙ୍ଗରେ ପ୍ରକାଶିତ ହୋଇଥିଲା।

୧୯୩୦ରେ ଲବଣ ସତ୍ୟାଗ୍ରହ ସମୟରେ ଇଞ୍ଚୁଡ଼ିଠାରେ ହୋଇଥିବା ଆନ୍ଦୋଳନରେ ଗୋପବନ୍ଧୁ ଚୌଧୁରୀ ନେତୃତ୍ୱ ନେଇଥିଲେ। ଲବଣ ସତ୍ୟାଗ୍ରହ ସମୟରେ 'ସମାଜ'ରେ ପ୍ରକାଶିତ ସମ୍ପାଦକୀୟ କେବଳ ଏହାର ଗୁରୁତ୍ୱକୁ ଦର୍ଶାଇ ନଥିଲା, ବରଂ ସେଥିରେ ଲୋକଙ୍କ ପ୍ରତି ସମ୍ବେଦନଶୀଳତା ଓ ଜାତୀୟତା ଭାବ ଫୁଟି ଉଠିଥିଲା। 'ଆଉ ବାଟ ଅଛି କି' ଶୀର୍ଷକ ସମ୍ପାଦକୀୟରେ ଲେଖା ଯାଇଥିଲା- ଏମାନଙ୍କ ଘର ସମୁଦ୍ର କୂଳରେ।...ଭଗବାନ ଅଖଣ୍ଡ ସମୁଦ୍ରର ମାଠିଆଏ ପାଣି ସିଝାଇଲେ, ସେମାନଙ୍କ ଦିନକ ଦୁଃଖ ଦୂର ହୁଅନ୍ତା; କିନ୍ତୁ ଏ ଶାସନ ନୀତି ଏଡ଼ିକି କଠୋର ଓ ଏଡ଼ିକି ନିଷ୍ଠୁର ଯେ ଏ ବିଶ୍ୱପିତାଙ୍କ ପ୍ରଦତ୍ତ ଏ ଆବହମାନ ଅଖଣ୍ଡ ସମ୍ପଦରେ ସେମାନଙ୍କର ଟିପ ଦେବାର ଅଧିକାର ନାହିଁ। ...ଏ ଦୁର୍ଦ୍ଦାନ୍ତ ଖାମଖିଆଲି ନୀତିର ଅବା କି ପ୍ରତିବାଦ ଆଉ ହୋଇପାରେ? ଯାହା ହୋଇପାରେ ତାହା ଗାନ୍ଧୀ ହିଁ କରୁଛନ୍ତି। କୋପେ ବର ନହେଲେ ତପେ ବର।

'ସମାଜ' ପ୍ରତିଟି ସମୟରେ ଗାନ୍ଧୀଙ୍କ ନୀତି ଆଦର୍ଶକୁ ଅଗ୍ରପ୍ରାଧାନ୍ୟ ଦେବା ସହିତ ତାଙ୍କର ଟିକିନିଖି ଖବର ଛାପୁଥିଲା। ଉଭୟ 'ସମାଜ' ଓ 'ଦୈନିକ ଆଶା' ଓଡ଼ିଶା ବାହାରେ ଗାନ୍ଧୀଙ୍କ କାର୍ଯ୍ୟକ୍ରମର ବିବରଣୀ ଓଡ଼ିଶା ଲୋକଙ୍କ ପାଖେ ପହଞ୍ଚାଉ ଥିଲେ। ଆସୋସିଏଟେଡ୍ ପ୍ରେସ ଏଜେନ୍ସିରୁ ଖବର ଆଣି ସେମାନେ ବରାବର ଏହାର ଅନୁବାଦ କରି ଲୋକଙ୍କୁ ଜଣାଉ ଥିଲେ। ଦେଶମାତୃକାର ସେବା ପାଇଁ ଗାନ୍ଧୀ କେଉଁଠାରେ କି କି ନୀତି ଆପଣାଉଛନ୍ତି ଓ କଣ କଣ କହୁଛନ୍ତି, ତାହା ସେମାନେ ବରାବର ଭାବେ ପ୍ରକାଶିତ କରୁଥିଲେ। ଫଳରେ କେବଳ ଗାନ୍ଧୀ ଆସିଲେ ଯେ ଗାନ୍ଧୀଙ୍କ ଖବର ପ୍ରକାଶିତ ହେଉଥିଲା, ସେମିତି ଜମା ନୁହେଁ। ବରଂ ନଇର ସୁଅ ପରି ଅଛିଡ଼ା ଢଙ୍ଗରେ ଗାନ୍ଧୀଙ୍କ ଖବର ସେମାନେ ଛାପୁଥିଲେ। ପ୍ରତିଦିନ, ପ୍ରତି ସପ୍ତାହରେ ଗାନ୍ଧୀଙ୍କ ସମ୍ପର୍କରେ ଖବର ଛାପି ସେମାନେ ଓଡ଼ିଆ ପ୍ରାଣକୁ ଗାନ୍ଧୀମନସ୍କ କରିଥିଲେ। ଗାନ୍ଧୀଙ୍କୁ ଓଡ଼ିଶାର ଜନମାନସରେ ମହାତ୍ମା ସ୍ତରକୁ ନେବାରେ ଓଡ଼ିଆ ଖବରକାଗଜର ବିଶେଷ ଭୂମିକା ଥିଲା।

## ଶେଷକଥା

ଓଡ଼ିଆ ଖବରକାଗଜ ସଂସାର ପାଇଁ ଗାନ୍ଧୀ ଥିଲେ ମହାତ୍ମା। ତାଙ୍କ ଆଦର୍ଶ, ତାଙ୍କ ଭାଷଣ ଆଦି ପ୍ରତିଟି ଖବର ପ୍ରକାଶିତ ହୋଇଛି, ସ୍ଥାନ ପାଇଛି। ସେତେବେଳେ ପ୍ରିଣ୍ଟିଂ ଟେକ୍ନୋଲୋଜି ବେଶ ବିକଶିତ ହୋଇ ନଥିଲେ ମଧ୍ୟ ଓଡ଼ିଆ ଖବରକାଗଜ ଗାନ୍ଧୀଙ୍କ ଫଟୋ ଛାପିଥିଲେ, ତାହାକୁ ପ୍ରଥମ ପୃଷ୍ଠାକୁ ଆଣିଥିଲେ। ଗାନ୍ଧୀଙ୍କ ସପକ୍ଷରେ ଓ ଯେଉଁମାନେ ଗାନ୍ଧୀଙ୍କୁ ବିରୋଧ କରୁଥିଲେ ତାହାକୁ ଦର୍ଶାଇ ବ୍ୟଙ୍ଗଚିତ୍ର ମଧ୍ୟ ପ୍ରକାଶିତ ହୋଇଥିଲା।

ଗାନ୍ଧୀ ସେହି ସମୟରେ ଥିଲେ ମୁଖ୍ୟ ଖବର। ସିଏ ଭାରତରେ ଯୁଆଡ଼େ ଯାଉଥିଲେ ଏଜେନ୍ସିଠାରୁ ସେ ଖବର ଗୋଟେଇ ଆଣି ଓଡ଼ିଆ କାଗଜ ତାହାକୁ ପ୍ରକାଶିତ କରୁଥିଲେ। ଏହାକୁ ଏକ ଧାରା ଭାବେ ବଜାୟ ରଖିଥିଲେ ସେମାନେ। ପ୍ରତିଦିନ ଗାନ୍ଧିକଥାର ଖବର ଆଣି ପରଶି ଦେଉଥିଲେ ଓଡ଼ିଶାର ଲୋକଙ୍କୁ। ତେଣିକି ତାହା ଓଡ଼ିଶା ବାହାରେ ମହାତ୍ମାଙ୍କ ଖବର ହେଉ କି ତାଙ୍କ ଜୀବନାବଳୀର ପ୍ରକାଶନ। ଫଳରେ ଏହି ଧାରା ଅଖଣ୍ଡ ଭାବେ ବଜାୟ ରହୁଥିଲା। ଆଉ ଗାନ୍ଧୀ ମଧ୍ୟ ପ୍ରତି ଦୁଇ ଚାରି ବର୍ଷରେ ଥରେ ଓଡ଼ିଶା ନିଶ୍ଚିତ ଆସିଛନ୍ତି, ବରାବର ଓଡ଼ିଶା ଆସି ଏ ମାଟି ପ୍ରତି ତାଙ୍କର ମମତ୍ୱ କଥା କହି ଯାଇଛନ୍ତି। ଯେବେଯେବେ ଗାନ୍ଧୀ ଆସିଛନ୍ତି ସେବେସେବେ ଆଗରୁ ବୋହୁଥିବା ଗାନ୍ଧୀଙ୍କ କଥାର ସୁଅ ସେତେବେଳେ ସମୁଦ୍ର ପରି ଓଡ଼ିଆ ଖବରକାଗଜରେ ଫୁଲି ଉଠିଛି।

କିନ୍ତୁ ସବୁ ଭିତରେ ଓଡ଼ିଶାର ଖବରକାଗଜ ଗାନ୍ଧୀଙ୍କର ସମାଲୋଚନା ମଧ୍ୟ କରୁଥିଲେ। ଯଦିଓ ଅଧିକାଂଶ ଖବରକାଗଜରେ ଗାନ୍ଧୀଙ୍କୁ ଜଣେ ଯୋଗଜନ୍ମା, ମହାପୁରୁଷ ଭାବେ ଯଦିଓ ଚିତ୍ରଣ କରାଯାଇଥିଲା, ତଥାପି କେତେକ ଖବରକାଗଜରେ ତାଙ୍କୁ ଭଗବାନ ନ କହି ସେ ବି ଜଣେ ମଣିଷ ବୋଲି ଏ ଧାରଣା ବି ସେବେ ଜୀଇଁଥିଲା ଓ ପ୍ରକାଶିତ ହୋଇଥିଲା। ମୋଟ ଉପରେ ସ୍ୱାଧୀନତା ପୂର୍ବରୁ ଓଡ଼ିଆ ଖବରକାଗଜରେ ଗାନ୍ଧୀ ଥିଲେ ଏକ ମୁଖ୍ୟ ପ୍ରସଙ୍ଗ। ଆଉ ତାହାକୁ ନିଖୁଣ ଭାବେ ଉପସ୍ଥାପିତ କରିଥିଲେ ଓଡ଼ିଶାର ଖବରକାଗଜ ଗୁଡ଼ିକ। ■



ଅମଳ ପରବର୍ତ୍ତୀ ଯନ୍ତ୍ରପାତି ଦ୍ୱାରା ମହିଳା ସଶକ୍ତୀକରଣ

▸ପୃଷ୍ଠା ୧୦ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-215 •BHUBANESWAR •TUESDAY •30 JANUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୧୫ •ଭୁବନେଶ୍ୱର •ମଙ୍ଗଳବାର •୩୦ ଜାନୁଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦







### କ୍ୟାବିନେଟରେ ଆଦିବାସୀଙ୍କ ଲାଗି ଐତିହାସିକ ନିଷ୍ପତ୍ତି

# କୋଟିଏ ଜନଜାତିଙ୍କୁ ସଶକ୍ତ କରିବ 'ଲାଭ'

■ ଭୁବନେଶ୍ୱର, ୨୯।୧ (ସମିସ): ରାଜ୍ୟର ଜନଜାତିଙ୍କ ସାମଗ୍ରିକ ବିକାଶ ଏବଂ ସମୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆଉ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଜନଜାତି ବର୍ଗର ଲୋକଙ୍କ ହିତରେ ରାଜ୍ୟ ସରକାର 'ଲାଭ'(ଲଘୁ ବନଜାତ ଦ୍ରବ୍ୟ କ୍ରୟ) ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ରାଜ୍ୟ ସରକାର ଆଦିବାସୀ ବହୁଳ ଅଞ୍ଚଳରେ ଆଦିବାସୀ ସଂଗ୍ରହ କରୁଥିବା ଲଘୁ ବନଜାତ ଦ୍ରବ୍ୟର ଏମଏସ୍‌ପି (ସର୍ବନିମ୍ନ ସହାୟକ ମୂଲ୍ୟ)ର ନିର୍ଦ୍ଧାରଣ କରିବେ। ବର୍ଷଓ୍ୱାରୀ ଏହି ଏମଏସ୍‌ପି ରାଜ୍ୟ ସରକାର ଧାର୍ଯ୍ୟ କରିବାକୁ ଥିବାବେଳେ ସେହି ଅନୁସାରେ ସଂଗ୍ରହକାରୀ (ଆଦିବାସୀ) ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ସରକାରଙ୍କୁ ବିକ୍ରି କରିପାରିବେ। ମିଶନ ଶକ୍ତି କିମ୍ବା ଟିଡିସିସିଓଏଲ୍ ଦ୍ୱାରା ଅନୁମତିପ୍ରାପ୍ତ ଅନ୍ୟ ଯେକୌଣସି ସଂସ୍ଥା ଆଦିବାସୀଙ୍କ ନିକଟରୁ ସର୍ବ ନିମ୍ନ ସହାୟକ ମୂଲ୍ୟରେ ବନଜାତ ଦ୍ରବ୍ୟ କ୍ରୟ କରିବେ। ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ଏଥିପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ଓ ଏଥିରେ ଆଦିବାସୀ ମହିଳାମାନେ ବିଶେଷ ଉପକୃତ ହେବେ।


ଲଘୁ ବନଜାତ ଦ୍ରବ୍ୟ ପାଇଁ ସଂଗ୍ରହକାରୀଙ୍କୁ ମିଳିବ ଏମଏସପି

ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୧୦୦ କୋଟି ଟଙ୍କାର ପାଣ୍ଠି

ଆଦିବାସୀ ବହୁଳ ୧୧୯ ବ୍ଲକରେ କାର୍ଯ୍ୟକ୍ଷମ ହେବ ଯୋଜନା

ଅନୁସୂଚିତ ଅଞ୍ଚଳ ସମ୍ପତ୍ତି ହସ୍ତାନ୍ତର ୧୯୫୬ ଆଇନର ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହୃତ

ରାୟଗଡ଼ାରେ ତେନ୍ତୁଳି ପ୍ରକ୍ରିୟାକରଣ ପ୍ଲାଣ୍ଟ ପାଇଁ ୨୫ କୋଟି




କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜାତି ଓ ଜନଜାତି ଜଗନ୍ନାଥ ସାରକା, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ▸ପୃଷ୍ଠା-୯

## ଗଠନ ହେବ ଆଦିବାସୀ ଭାଷା କମିଶନ

■ ଭୁବନେଶ୍ୱର, ୨୯।୧ (ସମିସ): ରାଜ୍ୟର ଅନୁସୂଚୀତ ଜନଜାତିଙ୍କ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତୀତରେ ଅନେକ ପଦକ୍ଷେପ ନେଇଛନ୍ତି। ଆଦିବାସୀଙ୍କ କଲ୍ୟାଣ, ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ ଏବଂ ରାଜ୍ୟର ସାମଗ୍ରିକ ବିକାଶରେ ଆଦିବାସୀଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବା ଲାଗି ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଇଛି। ଆଦିବାସୀଙ୍କ ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ ବିପୁଳ ଅନୁଦାନ ପ୍ରଦାନ କରାଯାଉଛି। ଏହିକ୍ରମରେ ରାଜ୍ୟର ବିଭିନ୍ନ ▸ପୃଷ୍ଠା-୯

ବହୁଭାଷୀ ଶିକ୍ଷାଦାନ ବ୍ୟବସ୍ଥାରେ ସାମିଲ ହେବ ୨୧ ଆଦିବାସୀ ଭାଷା

ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ ହେବ ଦୁର୍ବାର ଦାବି

୧୬୯ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିବା ଯାଏ ଚାଲିବ ଲଢ଼େଇ

ମୋଟ ୫ଟି ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟର ମୋହର

### ଫେବ୍ରୁଆରୀ ୨୭ରେ ରାଜ୍ୟସଭା ନିର୍ବାଚନ

# ଦେଶରୁ ୫୬, ଓଡ଼ିଶାରୁ ୩

■ ଭୁବନେଶ୍ୱର, ୨୯।୧ (ସମିସ): ଫେବ୍ରୁଆରୀ ୨୭ରେ ହେବ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଦେଶର ୧୫ଟି ରାଜ୍ୟର ୫୬ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ରହିଛି ଓଡ଼ିଶାର ୩ଟି ଆସନ। ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ପ୍ରଶାନ୍ତ ନନ୍ଦ ଓ ଡ. ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଥିବାରୁ ଏହି ୩ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ସବିଶେଷ ସୂଚନା ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ରାଜ୍ୟସଭା ନିର୍ବାଚନ ପାଇଁ ଫେବ୍ରୁଆରୀ ୮ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଫେବ୍ରୁଆରୀ ୧୫ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

**ଏପ୍ରିଲ ୩ରେ ସରିବ ଅଶ୍ୱିନୀ, ଅମର, ପ୍ରଶାନ୍ତଙ୍କ କାର୍ଯ୍ୟକାଳ**

ସେହିପରି ଫେବ୍ରୁଆରୀ ୧୬ରେ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖ ସୁଦ୍ଧା ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ୨୭ରେ ମତଦାନ ଆରମ୍ଭ ହେବାକୁ ଥିବାବେଳେ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏଁ ଭୋଟିଂ ପ୍ରକ୍ରିୟା ଚାଲିବ ଓ ସନ୍ଧ୍ୟା ୫ଟା ବେଳେ ଭୋଟ ଗଣତି ହେବ। ଅପରପକ୍ଷେ ମଧ୍ୟପ୍ରଦେଶରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିବା ବେଳେ ତାଙ୍କ କାର୍ଯ୍ୟକାଳ ମଧ୍ୟ ଆସନ୍ତା ଏପ୍ରିଲ ୨ ତାରିଖରେ ଶେଷ ହେଉଛି।







# 'ପରିକ୍ରମା' ଅନୁଭୂତି ସାଉଣ୍ଟିଲେ ୧୦ ହଜାର ଭକ୍ତ

### ଶ୍ରଦ୍ଧାଳୁଙ୍କୁ ପାଣ୍ଡିଆନଙ୍କ ପ୍ରତିଶ୍ରୁତି: ତ୍ରୁଟିଥିଲେ ନିଜେ ଦାୟିତ୍ୱ ନେଇ ସୁଧାରିବି

■ ପୁରୀ, ୨୯।୧ (ସମିସ): ଟିଭି କିମ୍ବା ସାମାଜିକ ଗଣମାଧ୍ୟମରେ ନୁହେଁ, ନିଜେ ଆସି ସ୍ୱ-ଚକ୍ଷୁରେ ଦେଖିଲେ ପରିକ୍ରମା ପ୍ରକଳ୍ପ। କିପରି ହୋଇଛି ଶ୍ରୀମନ୍ଦିର ଚୌହଦୀର ବିକାଶ, ପୂର୍ବେ ବଡ଼ଦେଉଳକୁ ଆସିଲେ କିପରି ଥିଲା ଅନୁଭୂତି ଆଉ ଏବେ କେମିତି ଅନୁଭବ କରୁଛନ୍ତି; ନିଜେ ବୁଲି ଦେଖିବା ସହ ସେ ସବୁର ଦିବ୍ୟ ଅନୁଭୂତି ସାଉଣ୍ଟିଛନ୍ତି ୫ ଜିଲ୍ଲାର ୧୦ ହଜାର ଲୋକ। ପୁରୀ ବୁଲି ଆସିବେ ବୋଲି ଯେଉଁମାନେ ଦିନେ ଖାଲି ଚିନ୍ତା କରୁଥିଲେ, ଏବେ ସେମାନଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ରାଜ୍ୟ ସରକାର। ସେମାନଙ୍କ ପାଇଁ ପୁରୀବୁଲା ସହଜ କରିଦେଇଛନ୍ତି। ଘରୁ ବସ୍‌ରେ ଆଣି ମହାପ୍ରଭୁଙ୍କ ଦର୍ଶନ କରାଇବା ସହ ପରିକ୍ରମା ପ୍ରକଳ୍ପ ବୁଲାଉଛନ୍ତି। ଖାଇବା ପିଇବା କଥା ବୁଝି ମହାପ୍ରଭୁଙ୍କ ଶୁଖିଲା ଭୋଗ ଦେଇ ପୁଣି ନେଇ ଘରେ ଛାଡୁଛନ୍ତି। ରାଜ୍ୟ ସରକାରଙ୍କର ଏହିଭଳି ପଦକ୍ଷେପକୁ ଭୁରି ଭୁରି ପ୍ରଶଂସା କରିଛନ୍ତି ପୁରୀ ବୁଲିବାକୁ ଆସିଥିବା ଶ୍ରଦ୍ଧାଳୁ।

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆଜି ବିଭିନ୍ନ ସମୟରେ ୫ଟି ଜିଲ୍ଲା (ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, କଟକ ଓ କେନ୍ଦ୍ରାପଡ଼ା) ରୁ ଯାତ୍ରୀଙ୍କୁ ଧରି ସମଙ୍ଗ ପାର୍କିଂରେ ପହଞ୍ଚିଥିଲା ବସ୍। ଗଞ୍ଜାମ ଜିଲ୍ଲାର ଶେରଗଡ଼, ହିଞ୍ଜିଳିକାଟୁ ବ୍ଲକ, ଭଞ୍ଜନଗର, ଜେ.ଏନ୍. ପ୍ରସାଦ, ବି. ନଗର ବ୍ଲକର ୧୩୯ଟି ପଞ୍ଚାୟତ ଏବଂ ୱାର୍ଡରୁ ୬୩ଟି ବସ୍‌ରେ ୨, ୭୮୦ ଜଣ, ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, ଶାମଖୁଣ୍ଟା, କୁଳିଅଣା, କାରଞ୍ଜିଆ, ଠାକୁରମୁଣ୍ଡା, କପ୍ତିପଦା ଏବଂ କରଞ୍ଜିଆ ଏନ୍‌ଏସିର ୧୦୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୯ଟି ବସ୍‌ରେ ୨,୧୨୦ଜଣ, ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ସଦର, ବାଲେଶ୍ୱର ମ୍ୟୁନିସିପାଲିଟି, ▸ପୃଷ୍ଠା-୯

ମହାପ୍ରଭୁଙ୍କୁ ଦର୍ଶନ କଲେ, ଘରକୁ ନେଲେ ଶୁଖିଲା ଭୋଗ

ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ଉଚ୍ଚ ପ୍ରଶଂସା କଲେ ଶ୍ରଦ୍ଧାଳୁ

ଲୋକଙ୍କ ସହ ବସି ମଧ୍ୟାହ୍ନ ଭୋଜନ ଖାଇଲେ '୫-ଟି' ଅଧ୍ୟକ୍ଷ



### ଚତୁର୍ଥ ପର୍ଯ୍ୟାୟର ପଞ୍ଚମ ଦିନରେ ୩୪୩ ରୂପାନ୍ତରିତ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ଆଜିର ପିଲା 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା'ର ସାରଥୀ


- ଜୀବନର ସବୁ କ୍ଷେତ୍ରରେ ସଫଳ ହେବେ ରୂପାନ୍ତରିତ ସ୍କୁଲର ଛାତ୍ରଛାତ୍ରୀ: ମୁଖ୍ୟମନ୍ତ୍ରୀ
- '୫-ଟି' ସ୍କୁଲ ମାଧ୍ୟମରେ ବଡ଼ ସ୍ୱପ୍ନ ଦେଖିବା ପାଇଁ ସାହସ ଦେଇଛନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ
- ଜାତୀୟସ୍ତରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୁବିଧା ଯୋଗାଇଛି ରୂପାନ୍ତରିତ ସ୍କୁଲ: ଛାତ୍ରଛାତ୍ରୀ



■ ଭୁବନେଶ୍ୱର, ୨୯।୧ (ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହେଉଛି। ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ପ୍ରାଥମିକତା ଦିଆଯାଉଛି। ଶ୍ରେଷ୍ଠ ଶିକ୍ଷା ବ୍ୟବସ୍ଥା ସହ ଶୈକ୍ଷିକ ବାତାବରଣ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୂପାନ୍ତରଣ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟର ପଞ୍ଚମ ଦିନରେ କଳାହାଣ୍ଡି ଜିଲ୍ଲାର ୭୩ଟି ଉଚ୍ଚ ବିଦ୍ୟାଳୟ, କନ୍ଧମାଳର ୪୬ଟି, କୋରାପୁଟର ୮୨ଟି, ଭଦ୍ରକର ୬୦ଟି ଓ ସୁନ୍ଦରଗଡ଼ର ୮୨ଟି ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଆଜିର ୩୪୩ ଉଚ୍ଚବିଦ୍ୟାଳୟକୁ ମିଶାଇ ରାଜ୍ୟରେ ୮୬୭୭ଟି ରୂପାନ୍ତରିତ ସ୍କୁଲର ଲୋକାର୍ପଣ କରାଯାଇଛି।

ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ଗଢ଼ିବା ପାଇଁ ସମସ୍ତ ସୁବିଧା ସୁଯୋଗ ରହିଛି ଏବଂ ଆଜିର ପିଲାମାନେ ଆଗାମୀ ▸ପୃଷ୍ଠା-୯

## ଲୋକକଥା



ପରିକ୍ରମା ପ୍ରଦକ୍ଷିଣ କରି ଭକ୍ତ
ମନ ହୋଇଗଲା ପ୍ରୀତ,
ଜଗାକୁ ଦେଖିଲେ ପ୍ରସାଦ ପାଇଲେ
ମୁଣ୍ଡେ ବୋଳିହେଲେ ହାତ।
ଆନନ୍ଦେ ଗାଇଲେ ଗୀତ,
ବିକାଶର ରଥ ଗଡ଼ି ଚାଲୁଥାଉ
ଧନ୍ୟ ଆହେ ଜଗନ୍ନାଥ !!

### ସୁନ୍ଦରଗଡ଼ରେ '୫-ଟି' ଅଧ୍ୟକ୍ଷଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

# ଲୋକଙ୍କୁ ଦେଲେ ବିକାଶର ହିସାବ

■ ଭୁବନେଶ୍ୱର / ସୁନ୍ଦରଗଡ଼, ୨୯।୧ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଦିନ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସୁନ୍ଦରଗଡ଼ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। କାମ ଯେପରି ନିର୍ଦ୍ଧାରିତ ସମୟ ଭିତରେ ଶେଷ ହେବ ଏବଂ ଗୁଣବତ୍ତା ସୁନିଶ୍ଚିତ ହେବ ତାହା ଉପରେ ଗୁରୁତ୍ୱ ଦେବା ଲାଗି ଶ୍ରୀ ପାଣ୍ଡିଆନ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ପାଣ୍ଡିଆନ୍ ଆଜି ଇବ୍ ନଦୀରେ ୨୬୨.୫ କୋଟି ଟଙ୍କା ବ୍ୟୟରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଏବଂ ୧୨୩.୭୫ କୋଟି ଟଙ୍କାରେ ଫୁଲବାରୀ ଠାରେ ସାପେଇ ନଦୀରେ ନିର୍ମାଣାଧୀନ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର ଅଗ୍ରଗତି ବୁଲି ଦେଖିଥିଲେ। ଗତ ବର୍ଷ ମାର୍ଚ୍ଚ ମାସରେ ସୁନ୍ଦରଗଡ଼ ଗସ୍ତ ସମୟରେ ଏହି ପ୍ରକଳ୍ପ ପାଇଁ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଜନସାଧାରଣ ପ୍ରସ୍ତାବ ଦେଇଥିଲେ। ଏହା ପରେ ୫-ଟି ଅଧ୍ୟକ୍ଷ ସେମିନା, ରିଡଘାଟ, ଖଇରିଡିହି ଓ ସତାରା ଠାରେ ନିର୍ମାଣ ହେଉଥିବା ବୃହତ ଉଠା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ପାଇଁ ୨୩୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ▸ପୃଷ୍ଠା-୯

ଧାର୍ଯ୍ୟ ଅବଧିରେ ସରିବ ସମସ୍ତ ପ୍ରକଳ୍ପ

ଇବ୍‌ରେ ୨୬୨ କୋଟି, ସାପେଇରେ ୧୨୩ କୋଟିର ଅନ୍ତଃନଦୀ ଜଳାଶୟ

୨୩୨ କୋଟି ଟଙ୍କାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ

୪୮ କୋଟିରେ ରାଜଗାଙ୍ଗପୁର ରେଳ ଓଭରବ୍ରିଜ୍



### 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପାଣ୍ଡିଆନଙ୍କ ଗୁରୁଜ୍ଞାନ

# ବଡ଼ ସ୍ୱପ୍ନ ଦେଖ; ସାକାର ପାଇଁ ଦିନରାତି ଏକ କରିଦିଅ

ଗଭୀର ଆତ୍ମବିଶ୍ୱାସ, କଠୋର ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର

ସୁନ୍ଦରଗଡ଼ ମାଟିର ଦିଲିପ, ଶିଶିର, ସୁଭଦ୍ରା ସଫଳତାର ଉଦାହରଣ

ସାମାଜିକ ଗଣମାଧ୍ୟମରୁ ଦୂରରେ ରହି ଶିକ୍ଷାରେ ମନୋନିବେଶ କର



■ ସୁନ୍ଦରଗଡ଼, ୨୯।୧ (ସମିସ): ଆପଣମାନେ କାହା ଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଆପଣମାନେ ମଧ୍ୟ ସମଗ୍ର ବିଶ୍ୱ ଆଗରେ ନିଜ ପ୍ରତିଭା ଦେଖାଇପାରିବେ; କିନ୍ତୁ ସେଥିପାଇଁ ନିଜ ଭିତରେ ପ୍ରଥମେ ଆତ୍ମବିଶ୍ୱାସ ଜାଗ୍ରତ କରନ୍ତୁ। ଆଉ ଏହି ଆତ୍ମବିଶ୍ୱାସ କେବଳ ପ୍ରତିଯୋଗିତାରେ ଅଂଶଗ୍ରହଣ ଦ୍ୱାରା ଜାଗ୍ରତ କରାଯାଇ ପାରିବ। ତେଣୁ କୌଣସି କାର୍ଯ୍ୟକ୍ରମରେ ସାମିଲ ହେବାରୁ ନିଜକୁ ଦୂରେଇ ରଖନ୍ତୁ ନାହିଁ। ଏଥିରେ ଆପଣମାନଙ୍କ ପାଇଁ ଉତ୍କୃଷ୍ଟ ମଞ୍ଚ ହେବ ନୂଆ-ଓ କାର୍ଯ୍ୟକ୍ରମ। ଆଜି ସୁନ୍ଦରଗଡ଼ ଗସ୍ତ ଅବସରରେ ଭବାନୀପୁର କ୍ରୀଡା ହଷ୍ଟେଲ କମ୍ପ୍ଲେକ୍ସରେ ▸ପୃଷ୍ଠା-୯

# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

### ଚାକିରି ପାଇଁ ଜମି ଦୁର୍ନୀତି ମାମଲା

# ଲାଲୁଙ୍କୁ ଇଡିର ୧୦ ଘଣ୍ଟା ଜେରା

- କାର୍ଯ୍ୟାଳୟ ଭିତରକୁ ଛଡ଼ାଗଲାନି ଲାଲୁଙ୍କ ଗାଡି
- ବାହାରେ ଶହ ଶହ ସମର୍ଥକଙ୍କ ନାରାବାଜି

ନୂଆଦିଲ୍ଲୀ,୨୯।୧(ଏଜେନ୍ସି)



ବିହାରରେ ରାଜନୀତିକ ଉଷ୍ମତା ନ ଥମୁଣୁ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିବା ଘଟଣା ପୁଣିଥରେ ଆଲୋଚନାର ବିଷୟ ହୋଇଛି। ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ସୋମବାର ସକାଳେ ଲାଲୁ ପାଟନାସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବା ସହ ତାଙ୍କୁ ୧୦ ଘଣ୍ଟା ଧରି ଜେରା କରାଯାଇଛି। ବିହାରରେ ନୀତୀଶ ସରକାରରେ ପରିବର୍ତ୍ତନର ଦିନକ ପରେ ଲାଲୁଙ୍କୁ ଇଡି ଜେରା କରିବା ଘଟଣା ବିରୋଧୀ ମହଲରେ ମଧ୍ୟ ଗୁଞ୍ଜରଣ ସୃଷ୍ଟି କରିଛି। ଏହି ଦୁର୍ନୀତିକୁ ନେଇ ସିବିଆଇ ୨୦୨୨ରେ ଲାଲୁଙ୍କ ସମେତ ଏଥିରେ ଜଡ଼ିତ ଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଏତଲା ଦାଏର କରିବା ସହିତ ଯାଞ୍ଚ ଆରମ୍ଭ କରିଥିଲା। ଏହାପରେ ଗତବର୍ଷ ଲାଲୁ ପ୍ରସାଦ, ତାଙ୍କ ପତ୍ନୀ ରାବଡୀ ଦେବୀ ଏବଂ ପୁତ୍ର ତେଜସ୍ୱୀ ଯାଦବଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହାପରେ ଏହି ଦୁର୍ନୀତିରେ ହୋଇଥିବା ଅର୍ଥ ହେରଫେରକୁ ନେଇ ଇଡି ମଧ୍ୟ ସିବିଆଇ ଏତଲାକୁ ଆଧାର କରି ଯାଞ୍ଚ ଆରମ୍ଭ କରିଥିଲା। ଏହିକ୍ରମରେ ଲାଲୁଙ୍କୁ ଇଡି ଜେରା କରିଛି। ଲାଲୁ ଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ତାଙ୍କର ଶହ ଶହ ସମର୍ଥକ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହିତ ଇଡି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଥିଲେ। ଲାଲୁଙ୍କ ଗାଡିକୁ କାର୍ଯ୍ୟାଳୟ ଭିତରକୁ ଛଡ଼ା ନ ଯିବା ଏବଂ ସେ ଚାଲି ଚାଲି ଭିତରକୁ ଯିବା ଘଟଣା ମଧ୍ୟ ତାଙ୍କ ସମର୍ଥକମାନଙ୍କ ଅସନ୍ତୋଷ ଆହୁରି ବଢାଇଥିଲା। କେବଳ ସମର୍ଥକ ନୁହେଁ, ଲାଲୁଙ୍କ ଶାରୀରିକ ଅବସ୍ଥା ଠିକ୍ ନ ଥିବାରୁ ଝିଅ ରୋହିଣୀ ଆଚାର୍ଯ୍ୟ ତାଙ୍କ ସହ ଇଡି କାର୍ଯ୍ୟାଳୟକୁ ଯିବାକୁ ଚାହିଁ ଥିଲେ ମଧ୍ୟ ଏଥିପାଇଁ ଅନୁମତି ଦିଆଯାଇ ନଥିଲା। କୌଣସି ପ୍ରତିକୂଳ ପରିସ୍ଥିତି ପାଇଁ ଇଡି କାର୍ଯ୍ୟାଳୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତେବେ ଲାଲୁଙ୍କୁ ଇଡି ଜେରା କରିବା ଘଟଣାକୁ ତାଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ଜୋରଦାର ବିରୋଧ କରିଛନ୍ତି। ଲାଲୁଙ୍କ ଅବସ୍ଥା ଠିକ୍ ନଥିବା ଏବଂ ସେ ବିନା ସହାୟତାରେ ଚାଲି ପାରୁ ନଥିବା ବେଳେ ଏହି ସମୟରେ ଇଡି ତାଙ୍କୁ ଜେରା କରିବା ଆଦୌ ସମୀଚିନ ହୋଇ ନାହିଁ ବୋଲି ରୋହିଣୀ କହିଛନ୍ତି। ତେବେ ତାଙ୍କୁ ବାପାଙ୍କୁ ସେ ସିଂହ ବୋଲି ଅଭିହିତ କରିବା ସହିତ 'ସିଂହ ଏକୁଟିଆ ହେଲେ ବି ଦୁର୍ବଳ ନୁହନ୍ତି' ବୋଲି ରୋହିଣୀ ଏକ୍ସରେ ପୋଷ୍ଟ କରି କହିଛନ୍ତି।

- ହେମନ୍ତ ସୋରେନ୍‌ଙ୍କ ଘରେ ଇଡି

## ୩୧ରେ ହାଜର ହେବାକୁ ହେମନ୍ତଙ୍କ ଇ-ମେଲ୍



ଖଣି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଉପରେ ପୁଣି ଗିରଫ ବିପଦ ଘନେଇଛି। ସୋମବାର ସକାଳେ ଇଡି ଟିମ୍ ସୋରେନଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଖୋଜିଥିବା ବେଳେ ସେ ୩୧ରେ ଇଡି ନିକଟରେ ହାଜର ହେବା ନେଇ ଇ-ମେଲ ଯୋଗେ ଜଣାଇଛନ୍ତି। କିନ୍ତୁ ଏଥରକ ପଚରାଉଚରା ବେଳେ ହେମନ୍ତ ଇଡି ଦ୍ୱାରା ଗିରଫ ହୋଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଆଶଙ୍କାକୁ ନେଇ ଝାଡ଼ଖଣ୍ଡରେ ହେମନ୍ତଙ୍କ ସମର୍ଥକ ଏବଂ ଦଳୀୟ କର୍ମୀ ଏକାଠି ହୋଇଥିବା ଦେଖାଯାଇଛି। ଇଡି ହେମନ୍ତଙ୍କୁ ଖୋଜୁଥିବା ଖବର ପାଇବା ମାତ୍ରେ ଶହ ଶହ ଜେଏମଏମ କର୍ମୀ ରାଞ୍ଚିରେ ପହଞ୍ଚିଥିବା ଜଣାପଡ଼ିଛି।

### ପ୍ରାଣ-ପ୍ରତିଷ୍ଠାରେ ସାମିଲ ଇମାମଙ୍କ ବିରୋଧରେ ଫତୱା

## 'କ୍ଷମା ମାଗିବିନି କି ଇସ୍ତଫା ଦେବେନି'

**ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି):** ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ-ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବାକୁ ନେଇ ସର୍ବ ଭାରତୀୟ ଇମାମ ସଂଗଠନ (ଏଆଇଆଇଓ) ର ମୁଖ୍ୟ ଡ. ଇମାମ ଉମର ଅହମ୍ମଦ ଇଲାୟସୀଙ୍କ ବିରୋଧରେ ଫତୱା ଜାରି କରାଯାଇଛି। ରବିବାର ଏହା ଜାରି ହୋଇଥିଲା। ମାତ୍ର ଏହା ପୂର୍ବରୁ କଲ୍ କରି ପ୍ରାଣ-ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ନ ଦେବା ପାଇଁ ହତ୍ୟା ଧମକ ଦିଆଯାଉଥିଲା ବୋଲି ଇମାମ କହିଛନ୍ତି। ଏଥିରୁ କିଛି କଲ୍‌କୁ ମଧ୍ୟ ସେ ରେକର୍ଡ କରିଛନ୍ତି। ଦେଶକୁ ଏବଂ ତାଙ୍କୁ ଭଲ ପାଉଥିବା ଲୋକ ସମର୍ଥନ ଦେଉଛନ୍ତି। କାର୍ଯ୍ୟକ୍ରମରେ ସାମିଲ ହେବା ନେଇ ଘୃଣା କରୁଥିବା ଲୋକ ପାକିସ୍ତାନ ଚାଲି ଯାଆନ୍ତୁ ବୋଲି କହିଛନ୍ତି। ପ୍ରାଣ-ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇ ସେ ଭଲ ପାଇବାର ବାର୍ତ୍ତା ଦେଇଛନ୍ତି। ଏହା ଦ୍ୱାରା କୌଣସି ଅପରାଧ କରିନାହାନ୍ତି। ଏଥିପାଇଁ କ୍ଷମା ମାଗିବେ ନାହିଁ କିମ୍ବା ପଦରୁ ଇସ୍ତଫା ଦେବେନି। ସେମାନେ ଯାହା ଚାହୁଁଛନ୍ତି ତାହା କରନ୍ତୁ ବୋଲି ଇମାମ କହିଛନ୍ତି। ଅନ୍ୟପକ୍ଷରେ ଗତ ୬ ଦିନରେ ରାମଲାଲାଙ୍କୁ ୧୫ ଲକ୍ଷରୁ ଅଧିକ ଭକ୍ତ ଦର୍ଶନ କଲେଣି। ରବିବାର ପ୍ରାୟ ୨ ଲକ୍ଷ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ।

## କୁକୁରକୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣା; ୫ ମୃତ

**ହାଇଦରାବାଦ, ୨୯।୧ (ଏଜେନ୍ସି):** ତେଲଙ୍ଗାନା ନାଲଗୋଣ୍ଡାରେ ରବିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କୁକୁରକୁ ବଞ୍ଚାଇବାକୁ ଯାଇ ଏକ କାର୍ ବିପରୀତ ଦିଗକୁ ଚାଲି ଯାଇଥିଲା। ଏହା ପରେ ସାମ୍ନାରୁ ଆସୁଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୫ ଜଣ ଲୋକଙ୍କ ଜୀବନ ଯାଇଛି। ଆଉ ଜଣେ ମହିଳା ମଧ୍ୟ ଆହତ ହୋଇଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପୁଲିସ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ଏହି ପରିବାର ବିଜୟୱାଡ଼ାରୁ ନିଜ ଘରକୁ ଫେରୁଥିଲେ ବୋଲି କୁହାଯାଇଛି। ପୁଲିସ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରି ହେପାଜତକୁ ନେଇଛି।

## 'ସିମି' ଉପରେ ଆଉ ୫ ବର୍ଷର କଟକଣା

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** କେନ୍ଦ୍ର ସରକାର ମୁସଲିମ ଛାତ୍ର ସଂଗଠନ 'ଷ୍ଟୁଡେଣ୍ଟସ୍ ଇସଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ(ସିମି)' ଉପରେ ଲାଗୁ କରିଥିବା ନିଷିଦ୍ଧାଦେଶକୁ ଆଉ ୫ ବର୍ଷ ବୃଦ୍ଧି କରିଛନ୍ତି। ଏହି ସଂଗଠନ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ସହିତ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବନା ବିଗାଡ଼ିବା ଅଭିଯୋଗରେ ୨୦୧୯ରେ ବେଆଇନ ଘୋଷିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ମଧ୍ୟ ଏହିସବୁ କାର୍ଯ୍ୟରୁ ସିମି ବର୍ତ୍ତିପାରି ନାହିଁ ବୋଲି ଜଣାପଡ଼ିବା ପରେ ଗୃହ ମନ୍ତ୍ରାଳୟ ପକ୍ଷରୁ ପୁଣି ଏହି ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିମି ଉପରେ ଲାଗୁ କରାଯାଇଥିବା ନିଷିଦ୍ଧାଦେଶକୁ ଆଉ ୫ ବର୍ଷ ବୃଦ୍ଧି କରାଯାଇଛି। ଏନେଇ ସୋସିଆଲ୍ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୂଚନା ଦେଇଛନ୍ତି।

## ୧୦ କୋଟି ଟଙ୍କାର ଇଲେକ୍ଟ୍ରିକ ମିଟର ଜବତ

**ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି):** ଦିଲ୍ଲୀର ଫରେନ ପୋଷ୍ଟ ଅଫିସ୍ (ଏଫ୍‌ପିଓ) ରେ ରାଜସ୍ୱ ଗୁଇନ୍ଦା ମହାନିର୍ଦ୍ଦେଶାଳୟ (ଡିଆର୍‌ଆଇ) ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରୁ ୫୬ ଇଲେକ୍ଟ୍ରିକ୍ ମିଟର ଜବତ କରାଯାଇଛି। ଏହି ମିଟରର ଖୋଳ ସୁନା ଏବଂ ରୁପାରେ ପ୍ରସ୍ତୁତ ହୋଇଛି। ଏଥିରେ ୧୬.୬୭ କେଜି ସୁନା ଏବଂ ୩୯.୭୩ କେଜି ରୁପା ରହିଛି। ବଜାରେ ଏହାର ମୂଲ୍ୟ ପ୍ରାୟ ୧୦.୬୬ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ ହଂକଂରୁ ଚୋରାଚାଲାଣ କରି ଏହି ମିଟର ଅଣା ଯାଇଥିଲା।

## ୧୫ ରାଜ୍ୟର ୫୬ ରାଜ୍ୟସଭା ଆସନ ପାଇଁ ୨୭ରେ ନିର୍ବାଚନ

ନୂଆଦିଲ୍ଲୀ,୨୯।୧(ଏଜେନ୍ସି)



୧୫ଟି ରାଜ୍ୟର ୫୬ ରାଜ୍ୟସଭା ଆସନ ପାଇଁ ଆସନ୍ତା ଫେବୃଆରୀ ୨୭ ତାରିଖରେ ନିର୍ବାଚନ ହେବ। ଏନେଇ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ରାଜ୍ୟସଭା ନିର୍ବାଚନ ପାଇଁ ଫେବୃଆରୀ ୮ ରୁ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ଫେବୃଆରୀ ୧୫ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରହିଥିବା ବେଳେ ୧୬ରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ପ୍ରାର୍ଥୀମାନେ ସେହି ମାସ ୨୦ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରି ପାରିବେ। ଏହାପରେ ୨୭ ତାରିଖରେ ଭୋଟ ଗ୍ରହଣ କରାଯିବା ସହିତ ସେହିଦିନ ସନ୍ଧ୍ୟା ୫ଟାରେ ଫଳାଫଳ ପ୍ରକାଶ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକାଳ ସରିବାକୁ ଯାଉଥିବା ୫୬ ଜଣ ସାଂସଦଙ୍କ ମଧ୍ୟରୁ ସର୍ବାଧିକ ଉତ୍ତରପ୍ରଦେଶର ୧୦ ଜଣ ସାଂସଦ ଥିବାବେଳେ ମହାରାଷ୍ଟ୍ର ଓ ବିହାରରେ ପ୍ରତ୍ୟେକ ୬ ଜଣ , ମଧ୍ୟପ୍ରଦେଶରେ ଓ ପଶ୍ଚିମବଙ୍ଗରେ ପ୍ରତ୍ୟେକ ୫ ଜଣ, ଗୁଜରାଟ ଓ କର୍ଣ୍ଣାଟକରେ ପ୍ରତ୍ୟେକ ୪ , ଓଡିଶା, ରାଜସ୍ଥାନ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ପ୍ରତ୍ୟେକ ୩ ଏବଂ ଛତିଶଗଡ, ହରିଆଣା ଓ ହିମାଚଳ ପ୍ରଦେଶରେ ଜଣେ ଲେଖାଏ ସାଂସଦଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି।

- କେନ୍ଦ୍ରମନ୍ତ୍ରୀଙ୍କ ଦାବି

## ୭ ଦିନରେ ଲାଗୁହେବ ସିଏଏ




**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ନାଗରିକତା ସଂଶୋଧନ ଅଧିନିୟମ(ସିଏଏ)କୁ ନେଇ ବିଭିନ୍ନ ମହଲରେ ପୁଣିଥରେ ବିତର୍କ ସୃଷ୍ଟି ହୋଇଛି। ଏହି ବିବାଦୀୟ ଆଇନ ୨୦୧୯ରେ ସଂସଦରେ ପାରିତ ହେବା ସହିତ ଆଇନରେ ପରିଣତ ହୋଇଥିଲା। କିନ୍ତୁ ଏହାକୁ ଲାଗୁ କରିବା ପୂର୍ବରୁ କେନ୍ଦ୍ର ସରକାର ତୀବ୍ର ବିରୋଧର ଶିକାର ହୋଇଥିଲେ। ତେବେ ଆସନ୍ତା ୭ ଦିନ ମଧ୍ୟରେ ସିଏଏ ସାରା ଦେଶରେ ଲାଗୁ ହେବ ବୋଲି କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ଶାନ୍ତନୁ ଠାକୁର କହିବା ପରେ ଏହାକୁ ନେଇ ପୁଣି ବିତର୍କ ଆରମ୍ଭ ହୋଇଛି। ଗତକାଲି କେନ୍ଦ୍ର ମନ୍ତ୍ରୀ ଶାନ୍ତନୁ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲ୍ଲାରେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ବର୍ତ୍ତମାନ ରାମ ମନ୍ଦିର ଉଦ୍‌ଘାଟନ ଶେଷ ହୋଇଛି। ଏହାପରେ ୭ ଦିନ ମଧ୍ୟରେ ସାରା ଦେଶରେ ସିଏଏ ଲାଗୁ ହେବ। ଏହି ଅଧିନିୟମ ଲାଗୁ ହେବା ନେଇ ସେ ଦୃଢୀଭୂତ ରହିଛନ୍ତି ଏବଂ ଏଥିନେଇ ଗ୍ୟାରେଣ୍ଟି ମଧ୍ୟ ଦେଉଛନ୍ତି ବୋଲି କହିଛନ୍ତି। ତେବେ ଶାନ୍ତନୁଙ୍କ ଏହି ଦୃଢତା ରାଜନୀତିକ ମହଲରେ ବିତର୍କ ସୃଷ୍ଟି କରିଛି। କଂଗ୍ରେସ ଠାରୁ ଆରମ୍ଭ କରି ଟିଏମସି ଏବଂ ଅନ୍ୟାନ୍ୟ ବିରୋଧୀ ଦଳ ପୁଣି କେନ୍ଦ୍ର ସରକାରଙ୍କୁ ନିଶାଣ କରିବା ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଶେଷ ହେବା ପରେ ଦେଶରେ ସିଏଏ ଲାଗୁ କରିବାକୁ କେନ୍ଦ୍ର ସରକାର ଅଗ୍ରାଧିକାର ଦେବେ ବୋଲି ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଥିଲା। କେବଳ ଆଲୋଚନା ନୁହେଁ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ବିଭିନ୍ନ ସଭାସମିତିରେ ଏନେଇ ଇଙ୍ଗିତ କରିଥିଲେ। କିନ୍ତୁ କେନ୍ଦ୍ରମନ୍ତ୍ରୀ ଶାନ୍ତନୁଙ୍କ ମନ୍ତବ୍ୟ ସିଏଏ ଲାଗୁ ହେବାକୁ ନିଶ୍ଚିତ କରିଛି।

- ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ମହଙ୍ଗା ପଡ଼ିବ

## ଗାଦିଚ୍ୟୁତ ହେବେ ମୋଇଜ୍ଜୁ!



**ମାଲେ,୨୯।୧(ଏଜେନ୍ସି):** ଭାରତ ସହ ସମ୍ପର୍କ ଖରାପ କରି ଚୀନ ପ୍ରେମରେ ପଡ଼ିଥିବା ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ପାଇଁ ଜଟିଳ ପରିସ୍ଥିତି ଉପୁଜିବାକୁ ଯାଉଛି। ବିଶେଷକରି ତାଙ୍କର ଭାରତ ବିରୋଧୀ ଆଭିମୁଖ୍ୟକୁ ନେଇ ବିରୋଧୀ ଦଳ ଯେଉଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ତଦ୍ୱାରା ମୁଇଜ୍ଜୁ ତାଙ୍କ ପଦରୁ ବିଦା ହୋଇପାରନ୍ତି ବୋଲି ଆଶଙ୍କା ଦେଖାଯାଇଛି। ମୁଇଜ୍ଜୁଙ୍କୁ ଗାଦିଚ୍ୟୁତ କରିବାକୁ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ମୁଖ୍ୟ ବିରୋଧୀ ଦଳ ମାଲଡିଭିଆନ ଡେମୋକ୍ରାଟିକ୍ ପାର୍ଟି(ଏମଡିପି) ପ୍ରୟାସ ଆରମ୍ଭ କରିଛି। ଏମଡିପି ସହ ' ଦି ଡେମୋକ୍ରାଟସ୍ ପାର୍ଟି' ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଛି। ପୂର୍ବତନ ରାଷ୍ଟ୍ରପତି ଇବ୍ରାହିମ୍ ସୋଲିଙ୍କ ନେତୃତ୍ୱାଧୀନ ଏମଡିପି ମାଳଦ୍ୱୀପର ସର୍ବବୃହତ ବିରୋଧୀ ଦଳ ହୋଇଥିବା ବେଳେ ଏଠାକାର ସଂସଦରେ ଏହି ଦଳର ୪୩ ସଦସ୍ୟ ରହିଛନ୍ତି। ସେହିପରି ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନସିଦ୍‌ଙ୍କ ଦଳ ଦି ଡେମୋକ୍ରାଟସ୍ ପାର୍ଟି' ସଦସ୍ୟ ସଂଖ୍ୟା ମଧ୍ୟ ୧୩ ରହିଛି। ମୁଇଜ୍ଜୁଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ମାଳଦ୍ୱୀପର ୮୦ ସଦସ୍ୟ ବିଶିଷ୍ଟ ସଂସଦ(ମଜଲିସ୍)ରେ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଛି। ଏଥିପାଇଁ ୫୪ ସାଂସଦଙ୍କ ଆବଶ୍ୟକତା ରହିଥିବା ବେଳେ ଏହି ଦୁଇଟି ଦଳର ସାଂସଦଙ୍କ ସଂଖ୍ୟା ୫୬ ରହିଛି। ବର୍ତ୍ତମାନ ଦୁଇ ଦଳ ପକ୍ଷରୁ ଦସ୍ତଖତ ଅଭିଯାନ ଚାଲିଛି ଏବଂ ଖୁବ୍‌ଶୀଘ୍ର ମୁଇଜ୍ଜୁଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ସଂସଦରେ ଉପସ୍ଥାପନ ହେବ ବୋଲି ସୂଚନା ମିଳିଛି।ଗତକାଲି ମାଳଦ୍ୱୀପ ସଂସଦରେ ବିରୋଧୀ ଓ ଶାସକ ଦଳର ନେତାମାନଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ମୁଇଜ୍ଜୁ ମନ୍ତ୍ରିମଣ୍ଡଳକୁ ନେଇ ହେବାକୁ ଥିବା ଭୋଟିଂ ପାଇଁ ଦୁଇ ଦଳର ସାଂସଦମାନଙ୍କ ମଧ୍ୟରେ ହାତାହାତି ହୋଇଥିଲା। ମନ୍ତ୍ରିମଣ୍ଡଳରେ ଚାରି ମନ୍ତ୍ରୀଙ୍କ ଉପରେ ପାଇଁ ଭୋଟିଂ ହେବାର ଥିଲା। କିନ୍ତୁ ବିରୋଧୀ ଦଳ ମୁଇଜ୍ଜୁ ସରକାରର ଚାରି ମନ୍ତ୍ରୀଙ୍କ ଉପରେ ଅଭିଯୋଗ ଆଣି ସେମାନଙ୍କୁ ଭୋଟିଂ ପାଇଁ ଅନୁମତି ନ ଦେବାକୁ ଦାବି କରିଥିଲେ।

## ଜଳଦସ୍ୟୁଙ୍କଠାରୁ ଇରାନ ଜାହାଜକୁ ମୁକ୍ତକଲା ଭାରତ

**ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି):** ସମୁଦ୍ରରେ ଭାରତ ପରାକ୍ରମ ଦେଖାଇଛି। ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଆଇଏନଏସ ସୁମିତ୍ରା ଜଳଦସ୍ୟୁଙ୍କଠାରୁ ଇରାନର ଏକ ଜାହାଜକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଏହି ଜାହାଜର କ୍ରୁ୍ୟ ସଦସ୍ୟଙ୍କ ସମେତ ୧୭ ଲୋକ ସୁରକ୍ଷିତ ଅଛନ୍ତି। ଗତ ତିନି ମାସରେ ଚତୁର୍ଥ ଥର ପାଇଁ ଏଭଳି ଘଟଣା ଘଟିଛି। ନୌସେନା ପ୍ରବକ୍ତା କମାଣ୍ଡ ବିବେକ ମଧୱାଲ କହିଛନ୍ତି ଯେ ଆଡେନ ଉପସାଗରୀୟ କ୍ଷେତ୍ରରେ ଏକ ଇରାନ ଜାହାଜ 'ଇମାନ'କୁ ସୋମାଲିଆ ଜଳଦସ୍ୟୁ ହାଇଜ୍ୟାକ କରିଥିବାର ସୂଚନା ଆଇଏନଏସ ସୁମିତ୍ରାକୁ ମିଳିଥିଲା। ଏହା ପରେ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଘଟଣାସ୍ଥଳରେ ପହଞ୍ଚି ଥିଲେ ଏବଂ ସମସ୍ତଙ୍କୁ ଛାଡ଼ିବା ପାଇଁ ଡାକୁଙ୍କ ଉପରେ ଚାପ ପକାଇ ଥିଲେ। ସୁରକ୍ଷିତ ଭାବେ ଜାହାଜକୁ ମୁକ୍ତ କରିଥିଲେ। ଏହି ଅଭିଯାନ ସମୁଦ୍ରରେ ସବୁ ଜାହାଜ ଏବଂ କ୍ରୁ୍ୟ ସଦସ୍ୟଙ୍କ ସୁରକ୍ଷା ପ୍ରତି ଭାରତର ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଓକିଲଙ୍କ ଉପରେ ବର୍ଷିଲେ ସିଜେଆଇ

**ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି):** ସୁପ୍ରିମକୋର୍ଟରେ ଖରାପ ବ୍ୟବହାର କରିବାକୁ ନେଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ ଜଣେ ଓକିଲଙ୍କୁ ଭର୍ତ୍ସନା କରିଛନ୍ତି। ଏହା କୌଣସି ରେଳ ପ୍ଲାଟଫର୍ମ ନୁହେଁ ଯେ ଆସିଲା ମାତ୍ରେ ଟ୍ରେନ୍‌ରେ ଚଢ଼ିଯିବେ। କୋର୍ଟରୁମ୍‌ରେ କେମିତି ବ୍ୟବହାର କରାଯିବ ଉଚିତ ତାହା ପ୍ରଥମେ ନିଜ ବରିଷ୍ଠଙ୍କଠାରୁ ଶିଖ। କେତେବେଳେ ଏବଂ କେମିତି ମାମଲା ଉଲ୍ଲେଖ କରାଯାଏ ତାହା ଜାଣିବା ଉଚିତ ବୋଲି ସିଜେଆଇ କହିଥିଲେ। ଏହା ପୂର୍ବରୁ ଓକିଲ ନିଜ ପାଳି ପଡ଼ିବା ପୂର୍ବରୁ ଅଚାନକ ଛିଡ଼ା ହୋଇ ତର୍କବିତର୍କ କରିବାରେ ଲାଗିଥିଲେ। ସେ ନ୍ୟାୟିକ ସୁଧାର ପାଇଁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଖଲ କରିଥିବା କହିଥିଲେ। ଏହା ଉପରେ ତ୍ୱରିତ ଶୁଣାଣି ଦାବି କରିଥିଲେ। ମାତ୍ର ଆଜିର ଶୁଣାଣିରେ ଏହାକୁ ତାଲିକାଭୁକ୍ତ କରାଯାଇ ନାହିଁ। ଏହା ଉପରେ ସିଜେଆଇ ଅସନ୍ତୋଷ ପ୍ରକାଶ କରିଥିଲେ। ଭର୍ତ୍ସନା ସତ୍ତ୍ୱେ ଓକିଲ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେ ନ୍ୟାୟିକ ବ୍ୟବସ୍ଥାର ବିରୋଧୀ ନୁହଁନ୍ତି, ବରଂ ଏଥିରେ ସୁଧାର ଚାହୁଁଛନ୍ତି ବୋଲି କହିଥିଲେ। ଏହା ଉପରେ ସିଜେଆଇ କହିଥିଲେ ଯେ ଜଣେ ବରିଷ୍ଠ ଓକିଲଙ୍କ ସହ କାହିଁକି କାମ କରୁନାହାନ୍ତି। ସେ କୋର୍ଟରେ କେମିତି ବ୍ୟବହାର କରାଯାଏ ଏବଂ ଏହାର ନିୟମ ବିଷୟରେ ଶିଖାଇ ଦେବେ।

- ସବୁ ଅଦାଲତଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ମକଦ୍ଦମାକାରୀଙ୍କ ଜାତି, ଧର୍ମ ଉଲ୍ଲେଖ କରନାହିଁ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ମାଲି ମକଦ୍ଦମାରେ ଜଡ଼ିତ ଥିବା ବ୍ୟକ୍ତି ବିଶେଷଙ୍କ ଜାତି ଏବଂ ଧର୍ମ ବିଷୟରେ ଦସ୍ତାବିଜ୍‌ରେ ଉଲ୍ଲେଖ ନ କରିବାକୁ ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟ ଏବଂ ତଳ କୋର୍ଟଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ମକଦ୍ଦମା ସମ୍ବନ୍ଧିତ ଦସ୍ତାବିଜରେ ଆବେଦନକାରୀଙ୍କ ଜାତି ଏବଂ ଧର୍ମ ଉଲ୍ଲେଖ ରହିବା ଉଚିତ ନୁହେଁ ବୋଲି ଜଷ୍ଟିସ ହିମା କୋହଲି ଏବଂ ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲାହଙ୍କ ଖଣ୍ଡପୀଠ କହିଛନ୍ତି। ରାଜସ୍ଥାନ ଫ୍ୟାମିଲି କୋର୍ଟରେ ବିଚାରାଧୀନ ଏକ ମାମଲାର ସ୍ଥାନାନ୍ତର ପାଇଁ ଅନୁମତି ଦେବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହା କହିବା ସହିତ ଜାତି ଏବଂ ଧର୍ମ କଥା ଉଲ୍ଲେଖ ତତ୍କାଳ ବନ୍ଦ କରାଯିବା ଦରକାର ବୋଲି କହିଛନ୍ତି।

### କୋଟାରେ ପୁଣି ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା

## ବାପାମାଆଙ୍କୁ ଶେଷ ଚିଠି: 'କ୍ଷମା କରିବେ,ହାରିଗଲି'

କୋଟା, ୨୯।୧ (ଏଜେନ୍ସି)

**ଗତବର୍ଷ ଜୀବନ ହାରିଥିଲେ ୨୬ ଛାତ୍ରଛାତ୍ରୀ**



ରାଜସ୍ଥାନରେ ସରକାର ବଦଳି ଯାଇଛି। କିନ୍ତୁ କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ଥମିବାର ନା ଧରୁନି। ଯଥା ପୂର୍ବଂ ତଥା ପରଂ ସ୍ଥିତି ରହିଛି। ୨୦୨୩ରେ ୨୬ ଛାତ୍ରଛାତ୍ରୀ ଜୀବନ ହାରିବା ପରେ ନୂଆ ବର୍ଷର ପ୍ରଥମ ମାସରେ ୨ ଜଣ ଆତ୍ମହତ୍ୟା କଲେଣି। ଜେଇଇ ମେନ୍ ପରୀକ୍ଷାର ଦିନକ ପୂର୍ବରୁ ସୋମବାର ଜଣେ ଛାତ୍ରୀ ଦଉଡ଼ି ଦେଇ ଜୀବନ ହାରିଛନ୍ତି। ତାଙ୍କ ପ୍ରକୋଷ୍ଠରୁ ଏକ ସୁଇସାଇଡ ନୋଟ୍ ମିଳିଛି। ଏଥିରେ ସେ ବାପାମାଆଙ୍କ ପାଇଁ କୋହଭରା ବାର୍ତ୍ତା ଛାଡ଼ି ଯାଇଛନ୍ତି। 'କ୍ଷମା କରିବେ ମମିପାପା। ମୁଁ ଜେଇଇ ପାସ୍ କରିପାରିବି ନାହିଁ। ମୁଁ ହାରିଗଲି, ତେଣୁ ଆତ୍ମହତ୍ୟା କରୁଛି। ମୁଁ ସବୁଠାରୁ ଖରାପ ଝିଅ। ମୋତେ କ୍ଷମା କରିଦେବେ। ଏହା ହିଁ ଶେଷ ବିକଳ୍ପ ଥିଲା।' ସୂଚନା ଅନୁଯାୟୀ ବ୍ୟାଙ୍କରେ ଗନ୍‌ମ୍ୟାନ ଥିବା ବିଜୟ ସିଂହଙ୍କ ବଡ଼ ଝିଅ ନିହାରିକା (୧୮) ଦ୍ୱାଦଶ ଶ୍ରେଣୀରେ ପଢୁ ଥିଲେ। ଏହା ସହିତ ସେ ଜେଇଇ ପାଇଁ ପ୍ରସ୍ତୁତ ହେଉଥିଲେ। କୋଟା ବୋରଖେଡ଼ାର ୧୨୦ ଫୁଟ ରୋଡରେ ତାଙ୍କ ଘର। ସକାଳେ ବାପା ବ୍ୟାଙ୍କ ଯିବା ପରେ ନିହାରିକା ଦ୍ୱିତୀୟ ମହଲାରେ ପାଠ ପଢୁଥିଲେ। ପରିବାରର ଅନ୍ୟ ସଦସ୍ୟ ତଳେ ଥିବାବେଳେ ନିହାରିକା ଆତ୍ମହତ୍ୟା କରିଥିଲେ। ପ୍ରଥମେ ଜେଜେମାଆ ତାଙ୍କୁ ଡାକିବାକୁ ଯାଇଥିଲେ। କିନ୍ତୁ ସେ ନ ଶୁଣିବାରୁ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ନିହାରିକାଙ୍କୁ ମୃତ ଘୋଷଣା କରିଥିଲେ। ପଢ଼ାକୁ ନେଇ ନିହାରିକା ଅବସାଦରେ ଥିଲେ। ଏଥିଯୋଗୁଁ ଆତ୍ମହତ୍ୟା କଲେ ବୋଲି ତାଙ୍କ ସମ୍ପର୍କୀୟ କହିଛନ୍ତି।

ନିହାରିକା ଭଲ ପାଠ ପଢୁଥିଲେ। ଗତ ବର୍ଷ ଦ୍ୱାଦଶ ଶ୍ରେଣୀରେ ତାଙ୍କ କମ୍ ମାର୍କ ଆସିଥିବାରୁ ପୁଣିଥରେ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ଚଲାଇ ଥିଲେ। ଦିନକୁ ୬-୭ ଘଣ୍ଟା ପଢୁଥିଲେ। ମଙ୍ଗଳବାର ତାଙ୍କର ଜେଇଇ ମେନ ପରୀକ୍ଷା ଥିଲା। ଏହା ପୂର୍ବରୁ ଗତ ୨୩ ତାରିଖରେ ଆଉ ଜଣେ ନିଟ୍ ଆଶାୟୀ ମହମ୍ମଦ ଜୈଦ (୧୯) ଆତ୍ମହତ୍ୟା କରିଥିଲେ। ସେ ଜବାହାର ନଗର ଥାନା କ୍ଷେତ୍ରରେ ଥିବା ନ୍ୟୁ ରାଜୀବ ଗାନ୍ଧୀ ଅଞ୍ଚଳର ଏକ ଛାତ୍ରାବାସରେ ରହି ପଢୁଥିଲେ। କିଛି ଦିନ ତଳେ ସୁପ୍ରିମକୋର୍ଟ ମଧ୍ୟ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ପଛରେ କୋଚିଂ ସେଣ୍ଟରଗୁଡିକର ଚାପ ଅତ୍ୟଧିକ ରହୁଥିବା କୁହାଯାଉଥିଲେ ମଧ୍ୟ ମାଆବାପାଙ୍କ ଆଭିମୁଖ୍ୟ ମୁଖ୍ୟ କାରଣ ବୋଲି କହିଥିଲେ।

### ସର୍ଭିସ ବୁକ୍‌ରେ ନୋମିନି ନ କରିବାରୁ...

## ଏସ୍‌ଡିଏମ୍ ପତ୍ନୀଙ୍କୁ ହତ୍ୟାକଲେ ପତି

ଭୋପାଳ, ୨୯।୧ (ଏଜେନ୍ସି)



ମଧ୍ୟପ୍ରଦେଶ ଡିଣ୍ଡୌରି ଜିଲ୍ଲା ସହପୁରାରୁ ଏକ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଟଙ୍କା ପାଇଁ ଏଠାକାର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ (ଏସ୍‌ଡିଏମ) ନିଶା ନାପିତଙ୍କୁ ତାଙ୍କ ବେରୋଜଗାର ସ୍ୱାମୀ ମନୀଷ ଶର୍ମା (୪୫) ହତ୍ୟା କରିଛନ୍ତି। ସେ ତକିଆ ମାଡ଼ି ନିଶାଙ୍କୁ ମାରି ଦେଇଛନ୍ତି। ପରେ ପ୍ରମାଣ ଲୁଚାଇ ହତ୍ୟାକୁ ସ୍ୱାଭାବିକ ମୃତ୍ୟୁର ରୂପ ଦେବାକୁ ପ୍ରୟାସ କରିଥିଲେ। ଏଥିପାଇଁ ମିଛ କାହାଣୀ ମଧ୍ୟ ଗଢ଼ିଥିଲେ। ନିଶା ବୃକକ ସମ୍ବନ୍ଧିତ ରୋଗରେ ପୀଡ଼ିତ ଥିବା କହିଥିଲେ। ରବିବାର ରାତିରେ ଔଷଧ ଖାଇବା ପରେ ବାନ୍ତି କରିଥିବା ଦର୍ଶାଇ ଥିଲେ। ମାତ୍ର ୨୪ ଘଣ୍ଟା ପରେ ପୁଲିସ ହତ୍ୟା ଉପରୁ ପରଦା ଉଠାଇଛି। ବାଲାଘାଟ ଡିଆଇଜି ମୁକେଶ ଶ୍ରୀବାସ୍ତବ ସୋମବାର କହିଛନ୍ତି ଯେ ହତ୍ୟା ପରେ ମନୀଷଙ୍କ ପୋଷାକରେ ରକ୍ତ ଛିଟା ଲାଗିଥିଲା। ସେ ପ୍ରମାଣ ନଷ୍ଟ କରିବା ପାଇଁ ପୋଷାକକୁ ୱାଶିଂ ମେସିନରେ ଧୋଇ ଶୁଖାଇ ଦେଇଥିଲେ। ପୁଲିସ ଏହାକୁ ଅମଲାତାନ୍ତ୍ରିକ ଅଧିକାରୀଙ୍କ ଘରୁ ଜବତ କରିଛି। ବ୍ୟବଚ୍ଛେଦ ରିପୋର୍ଟରୁ ନିଶାଙ୍କ ପାଟି ଏବଂ ନାକରୁ ରକ୍ତ ବାହାରିଥିବା ଜଣା ପଡ଼ିଥିଲା। ଏହି ରିପୋର୍ଟ ଆଧାରରେ ପୁଲିସ ମନୀଷଙ୍କୁ ଗିରଫ କରି ହେପାଜତକୁ ନେଇଛି। ରିପୋର୍ଟ ଅନୁଯାୟୀ ମାଟ୍ରିମନି ସାଇଟରୁ ପରିଚିତ ହେବା ପରେ ନିଶା ୨୦୨୦ରେ ମଣ୍ଡଲାର ଗାୟତ୍ରୀ ମନ୍ଦିରରେ ମନୀଷଙ୍କୁ ବିବାହ କରିଥିଲେ। ମାତ୍ର ସେ ପ୍ରଥମେ ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ବିବାହର କିଛି ଦିନ ପରେ ନିଶା ଏବଂ ମନୀଷଙ୍କ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ସ୍ୱାମୀ ଟଙ୍କା ପାଇଁ ତାଙ୍କୁ ହଇରାଣ କରୁଥିଲେ। ସେ ନିଶାଙ୍କ ବୀମା, ବ୍ୟାଙ୍କ ଆକାଉଣ୍ଟ ଏବଂ 'ସର୍ଭିସ ବୁକ୍'ରେ ନିଜକୁ ନୋମିନି ରଖିବାକୁ ଚାହୁଁଥିଲେ। କିନ୍ତୁ ନିଶା ଏପରି କରି ନ ଥିଲେ। କାରଣ ସେ ମନୀଷଙ୍କୁ ଭରସା କରୁ ନ ଥିଲେ। ଏହି ସବୁ କାରଣରୁ ମନୀଷ ନିଶାଙ୍କୁ ହତ୍ୟା କରି ଥିଲେ ବୋଲି ଏସ୍‌ଡିଏମଙ୍କ ଭଉଣୀ ପ୍ରଥମେ ଅଭିଯୋଗ କରିଥିଲେ।

■ ଗାନ୍ଧୀ ମାର୍ଗରେ ଖଡ୍‌ଗେଙ୍କ ଗର୍ଜନ

# ପୁଟିନ୍ ସରକାର ପରି ବିଜେପି ଏକଛତ୍ରବାଦୀ

**ଭୁବନେଶ୍ୱର,୨୯ ।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ଜିତିଲେ ଦେଶରେ ଆଉ ନିର୍ବାଚନ ହେବ ନାହିଁ। ଋଷର ପୁଟିନ୍ ସରକାର ଭଳି ଭାରତରେ ବିଜେପି ମଧ୍ୟ ଏକଛତ୍ରବାଦ ଶାସନ ଚଳାଇବ। ତେଣୁ ଆସନ୍ତା ନିର୍ବାଚନ ଦେଶବାସୀଙ୍କ ପାଇଁ ଶେଷ ନିର୍ବାଚନ ହେବାକୁ ଯାଉଛି। ଯଦି ଦେଶବାସୀ ଦେଶରେ



■ ବିରୋଧୀଙ୍କୁ ସିବିଆଇ-ଇଡି ଭୟ ଦେଖାଇ ଭୟଭୀତ କରାଯାଉଛି
■ ଆଗାମୀ ନିର୍ବାଚନରେ ବିଜେପି ଜିତିଲେ ଆଉ ନିର୍ବାଚନ ହେବନି
■ ଗଣତନ୍ତ୍ର ବଞ୍ଚାଇବାକୁ ହେଲେ ବିଜେପି ବିରୋଧରେ ଭୋଟ୍ ଦିଅନ୍ତୁ
■ ଓଡ଼ିଶାର ବିକାଶ ପାଇଁ ବିଜେପିର କୌଣସି ଅବଦାନ ନାହିଁ

ଗଣତନ୍ତ୍ର ବଞ୍ଚାଇ ରଖିବାକୁ ଚାହୁଁଛନ୍ତି; ତେବେ ବିଜେପି ବିରୋଧରେ ଭୋଟ୍ ଦିଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ।

ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆୟୋଜିତ ଏକ ବିଶାଳ ସମାବେଶକୁ ଉଦ୍‌ବୋଧନ ଦେଇ ଖଡ୍‌ଗେ କହିଛନ୍ତି ଯେ କେନ୍ଦ୍ରର ବିଜେପି ସରକାର ଲୋକମାନଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ କରି ସେମାନଙ୍କୁ ଗୋଲାମ କରି ରଖିବାକୁ ଚାହୁଁଛି। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି, ସେମାନଙ୍କ ବିରୋଧରେ ଇଡି ସିବିଆଇ ଲଗାଇ ଡରାଇବାକୁ ପ୍ରୟାସ କରାଯାଉଛି। ରାହୁଲ ଗାନ୍ଧୀଙ୍କୁ ମଧ୍ୟ ବିଜେପି ସରକାର ଡରାଇବାକୁ ବହୁ ଚେଷ୍ଟା କରୁଛି; କିନ୍ତୁ ରାହୁଲ ଗାନ୍ଧୀ ଏହି ଏକଛତ୍ରବାଦୀ ସରକାରକୁ ଭୟ ନ କରି କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ଭାରତ ଯୋଡ଼ ଯାତ୍ରା କରିଛନ୍ତି। ଏବେ ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ରାହୁଲ ଗାନ୍ଧୀ ମଣିପୁରଠାରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ଚାଲୁଛନ୍ତି। ତେଣୁ ଦେଶବାସୀଙ୍କୁ ସେ ନ ଡରିବା ପାଇଁ ପରାମର୍ଶ ଦେବା ସହ ଡ଼ରରେ ଯେଉଁମାନେ ବିଜେପି ସହ ହାତ ମିଶାଉଛନ୍ତି, ସେମାନଙ୍କୁ ଖଡ୍‌ଗେ ସମାଲୋଚନା କରିଛନ୍ତି।

ଶ୍ରୀ ଖଡ୍‌ଗେ କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ମନରେ ଓଡ଼ିଶା ପ୍ରତି ବିଶେଷ ସ୍ଥାନ ରହିଥିଲା। ଓଡ଼ିଶାରେ କଂଗ୍ରେସର ବହୁତ ବଡ଼ ଅଧିବେଶନ ହୋଇଥିଲା ତେଣୁ କଂଗ୍ରେସ ପାଇଁ ଓଡ଼ିଶା ସର୍ବଦା ମହତ୍ୱପୂର୍ଣ୍ଣ ରହି ଆସିଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ନେହରୁଙ୍କ ଘନିଷ୍ଠ ସମ୍ପର୍କ ରହିଥିଲା। ଉଭୟ ମିଶି ଓଡ଼ିଶା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କରିଛନ୍ତି। ପାରାଦ୍ୱୀପ ବନ୍ଦର ସହିତ ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଚିଲିକା ନୌସେନା ଏକାଡେମୀ, ମଞ୍ଚେଶ୍ୱର ରେଳ କୋଚ୍ କାରଖାନା ସହ ନାଲକୋ, ଏମ୍ସ ସମେତ ବହୁ ଜାତୀୟ ଶିକ୍ଷାନୁଷ୍ଠାନ ଓଡ଼ିଶାରେ କଂଗ୍ରେସ ସରକାର ସମୟରେ କରାଯାଇଛି। କିନ୍ତୁ ବିଜେପି ସରକାର ଓଡ଼ିଶାର ଖଣିଜ ସମ୍ପଦକୁ ଲୁଟ କରି ଚାଲିଛି। କଂଗ୍ରେସ ସରକାର ୭୦ ବର୍ଷରେ କଣ କରିଛି ବୋଲି ବିଜେପି ସବୁବେଳେ ପ୍ରଶ୍ନ କରି ଆସିଛି। ମାତ୍ର ବିଜେପି ନେତାମାନେ ଜାଣିନାହାନ୍ତି ଯେ ଦେଶର ସମ୍ବିଧାନ, ଲୋକତନ୍ତ୍ରକୁ କଂଗ୍ରେସ ବଞ୍ଚାଇ ରଖିଛଇ ଏବଂ ଏବେ ଏହାକୁ ବିଜେପି ନଷ୍ଟ କରିବାରେ ଲାଗି ପଡ଼ିଛି। କଂଗ୍ରେସ ଗରିବଙ୍କ ସହ ରହିଛି, ମାତ୍ର ବିଜେପି କେବଳ ଧନୀଙ୍କୁ ସୁରକ୍ଷା ଦେଉଛି ବୋଲି ଖଡ୍‌ଗେ କହିଛନ୍ତି। ଏହି ସମାବେଶରେ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋଙ୍କ ସହ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ଶଙ୍ଖ ଧରିଲେ ଯାତ୍ରା ଅଭିନେତା



**ଭୁବନେଶ୍ୱର, ୨୯।୧ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସୁଶାସନ ସର୍ବୋପରି କଳାକାରଙ୍କ ଉନ୍ନତି ପାଇଁ ବହୁବିଧ ପଦକ୍ଷେପରେ ଅନୁପ୍ରାଣିତ ହୋଇ ଆଜି ସାରା ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ଯାତ୍ରା କଳାକାର ବିଜେଡିରେ ଯୋଗଦାନ କରିଛନ୍ତି। ଯୋଗଦାନ କରିଥିବା କଳାକାରଙ୍କ

**ଦୈତାରୀ, ବାପି, ସୁବାସ, ହୃଷି ପ୍ରମୁଖ ବିଜେଡିରେ ସାମିଲ**

■ ବିଜେଡିରେ ସାମିଲ ହେଲେ ସାରା ରାଜ୍ୟର ୩୫୦ରୁ ଊର୍ଦ୍ଧ୍ୱ ଯାତ୍ରା କଳାକାର
■ କଳାକାରମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା କାର୍ଯ୍ୟ କରୁଛନ୍ତି

ମଧ୍ୟରେ ପ୍ରଖ୍ୟାତ ଯାତ୍ରାଭିନେତା ଦୈତାରୀ ପଣ୍ଡା, ବାପି ପଣ୍ଡା, ଚୈତନ୍ୟ ପାଇକ, ରମେଶ ଚନ୍ଦ୍ର ନାୟକ, ଶିବରାମ ପ୍ରଧାନ, ସୁବାସ ବେହେରା ଏବଂ ବିଭିନ୍ନ ଜିଲ୍ଲାର ଯାତ୍ରା କଳାକାରମାନଙ୍କ ମଧ୍ୟରେ ରତିକାନ୍ତ ପରିଡ଼ା, ଆଦିକନ୍ଦ ନାୟକ, ଶୁଭେନ୍ଦୁ ଲେଙ୍କା, ସଞ୍ଜୟ କୁମାର ଦାସ, ହୃଷିକେଶ ମିଶ୍ର, ଅସିତ୍ କୁମାର ଜେନା, ମନୋଜ ବାରିକ, ହିରନ୍ୟା ବେହେରା, ବିଜୟ କୁମାର ବିଶ୍ୱାଳ, ପ୍ରତାପ ରୁଦ୍ର ପାତ୍ର, ରାଜେନ୍ଦ୍ର କୁମାର ପତି, ତପନ ମଲ୍ଲିକ, ବ୍ରଜ ସୁନ୍ଦର ମଲ୍ଲିକ, ଶରତ ଚନ୍ଦ୍ର ସାହୁ, ଲିଙ୍ଗରାଜ ପାଣିଗ୍ରାହୀ, ପଲା ରାଜୁ ପବନ, ଅନିରୁଦ୍ଧ ପାଇକ, ଶଙ୍କର ପୋଡ଼, ସୌଭାଗ୍ୟ ହରିପାଲ, ପୁରଷୋତ୍ତମ ସଗରିଆ, ପୂର୍ଣ୍ଣିମା ଚତ୍ରିଆ, ତ୍ରିଶୂଳିଆ ବେହେରା, ଡେଜିରାଣୀ ସ୍ୱାଇଁ ସାମିଲ ଅଛନ୍ତି।

ଆଜି ଶଙ୍ଖଭବନ ଠାରେ ଦଳର ବରିଷ୍ଠ ବିଜେଡି ଉପସଭାପତି ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ମଙ୍ଗରାଜ ମଙ୍ଗରାଜ ଓ ଅମର ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି କଳାକାରମାନେ ବିଜେଡିରେ ଯୋଗ ଦେଇଛନ୍ତି। ଏହି କଳାକାରମାନଙ୍କୁ ଶ୍ରୀ ମିଶ୍ର, ଶ୍ରୀ ମଙ୍ଗରାଜ ଓ ଶ୍ରୀ ପଟ୍ଟନାୟକ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଯାତ୍ରା କଳାକାରଙ୍କ ଯୋଗଦାନ ଫଳରେ ବିଜେଡି ସଂଗଠନ ଆହୁରି ମଜଭୂତ ହେବ ବୋଲି ସାଂସଦ ମାନସ ମଙ୍ଗରାଜ ଓ ଅନ୍ୟ ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି।

ଅନୁରୂପ ଭାବରେ ଦଳରେ ସାମିଲ ହୋଇଥିବା କଳାକାରମାନେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ସେମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। କଳାକାରମାନଙ୍କ ବିକାଶ ଓ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା କାର୍ଯ୍ୟ କରିଥାନ୍ତି। ଆମେ ଆଗାମୀ ଦିନରେ ବିଜେଡ଼ି କିପରି ଆହୁରି ମଜଭୁତ ହେବ ସେନେଇ ଆମ ସ୍ତରରେ କାର୍ଯ୍ୟ ଜାରି ରଖିବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି କଳାକାରମାନେ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଢ଼ିବନି ବିଦ୍ୟୁତ୍ ଦର !

■ ବିଦ୍ୟୁତ୍ ଦର ବୃଦ୍ଧି ନକରିବାକୁ ଓଇଆରସିଙ୍କ ନିକଟରେ ଅନୁରୋଧ କରିଛନ୍ତି ବିଦ୍ୟୁତ୍ ବିତରକ କମ୍ପାନୀ
■ ଆଜିଠାରୁ ଶୁଣାଣି ଆରମ୍ଭ
■ ପ୍ରଥମ ଦିନରେ ଓଏଚ୍‌ପିସି, ଓପିଜିସିର ଆବେଦନ ଉପରେ ହେବ ଶୁଣାଣି

**ଭୁବନେଶ୍ୱର, ୨୯ ।୧(ସମିସ):** ଆସନ୍ତା ଆର୍ଥିକ ବର୍ଷ ୨୦୨୪-୨୫ରେ ରାଜ୍ୟବ୍ୟାପୀ ବିଦ୍ୟୁତ୍ ଦର ବଢ଼ିନପାରେ। ରାଜ୍ୟରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର୍‌ର ୪ ବିଦ୍ୟୁତ୍ ବିତରକ କମ୍ପାନୀ ବିଦ୍ୟୁତ୍ ଦର ବୃଦ୍ଧି ନକରିବାକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ନିକଟରେ ଦାବି କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଆୟୋଗଙ୍କ ନିକଟରେ ବିତରକ କମ୍ପାନୀ ଏପରି ଅନୁରୋଧ କରିବା ପରେ ବିଦ୍ୟୁତ୍ ଦର ବୃଦ୍ଧି ନହେବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଶକ୍ତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଆସନ୍ତାକାଲି ଅର୍ଥାତ୍ ୩୦ ତାରିଖରୁ ଓଇଆରସିରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଶୁଣାଣି ପ୍ରକ୍ରିୟା ବିଧିବଦ୍ଧ ଭାବେ ଆରମ୍ଭ ହେବାକୁ ଯାଉଛି। ୩୦ ତାରିଖରେ ଆୟୋଗ ଓଏଚ୍‌ପିସି ଓ ଓପିଜିସିର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ଦରବୃଦ୍ଧି ସମ୍ପର୍କରେ ଶୁଣାଣି କରିବେ। ଏହାପରେ ୩୧ ତାରିଖରେ ଗ୍ରୀଡ୍‌କୋ, ଫେବୃଆରୀ ୨ ତାରିଖରେ ଏସଏଲ୍‌ଡିସିର ଆବେଦନ ଉପରେ ଶୁଣାଣି କରିବେ। ସେହିପରି ୨ରୁ ୬ ତାରିଖ ଯାଏଁ ରାଜ୍ୟର ୪ଟି ଯାକ ବିଦ୍ୟୁତ୍ ବିତରକ କମ୍ପାନୀଙ୍କର ଶୁଣାଣି କରାଯିବ। ୨ ତାରିଖରେ ଟିପିଏନଓଡିଏଲ୍, ୩ ତାରିଖରେ ଟିପିସିଓଡିଏଲ୍, ୫ ତାରିଖରେ ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ୬ ତାରିଖରେ ଟିପିଏସଓଡିଏଲ୍‌ର ଆବେଦନ ଉପରେ ଶୁଣାଣି ହେବ। ସେହିପରି ୭ ତାରିଖରେ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ବୈଠକ ଆହୂତ ହେବ ବୋଲି କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ସମସ୍ତ ଆବେଦନକାରୀଙ୍କ ଆବେଦନର ଶୁଣାଣି ପରେ ମାର୍ଚ୍ଚ ୨୩ତାରିଖରେ ଆୟୋଗ ଦରବୃଦ୍ଧି ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ଅପରପକ୍ଷେ, ମିଳିଥିବା ସୂଚନା ଅନୁଯାୟୀ ଗ୍ରୀଡ୍‌କୋ ପକ୍ଷରୁ ଯେଉଁ ଆବେଦନ କରାଯାଇଛି, ସେଥିରେ ୨୦୨୪-୨୫ ବର୍ଷ ପାଇଁ ବଲ୍କ ସପ୍ଲାଇ ପ୍ରାଇସ(ବିଏସ୍‌ପି)ରେ ଚଳିତ ଆର୍ଥିକ ବର୍ଷ ତୁଳନାରେ ୨୪ ପ୍ରତିଶତ ବୃଦ୍ଧି କରିବାକୁ ଆବେଦନ କରାଯାଇଛି। ଆବେଦନ ଅନୁଯାୟୀ, ଗ୍ରୀଡ୍‌କୋ ଆସନ୍ତା ଆର୍ଥିକ ବର୍ଷ ପାଇଁ ମୋଟ ୧୩୯୧୨.୪ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ କରିବାକୁ ବିଏସ୍‌ପି ୟୁନିଟ୍ ପିଛା ୩୮୩.୬୬ ପଇସା ଧାର୍ଯ୍ୟ କରିବାକୁ ଗ୍ରୀଡ୍‌କୋ ଆୟୋଗଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨ଟି ଆର୍ଥିକ ବର୍ଷରେ ଆୟୋଗ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ଅପରିବର୍ତ୍ତିତ ରଖିଛନ୍ତି। ଏହାସହ ସାଧାରଣ ଉପଭୋକ୍ତାଙ୍କ ସମେତ, କୃଷକଙ୍କ ପାଇଁ ଅନେକ ରିଆତି ବ୍ୟବସ୍ଥା କରାଯାଇଛି।



# କର୍ମୀଙ୍କୁ ବିଜୟମନ୍ତ୍ର ଦେଲେ ମନ୍ତ୍ରୀ ଟୁକୁନି ସାହୁ

**ଟିଟିଲାଗଡ଼ ୨୯।୧(ସମିସ)**

ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ଅଭୂତପୂର୍ବ ବିକାଶ କାର୍ଯ୍ୟ ହୋଇଛି। ଜଳସେଚନ ପାଇଁ ୧୭୦୦ କୋଟି ଟଙ୍କାର ନୂତନ ପ୍ରକଳ୍ପ, ରିଗଡୁଲଠାରୁ ବେଲଗାଁକୁ ରାସ୍ତାର ଦୋହରୀକରଣ, ଟିଟିଲାଗଡ଼ ବାଇପାସ ରାସ୍ତା, ନୂତନ ମାତୃ ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା ସ୍ଥାପନ, ପ୍ରତ୍ୟେକ ଜଗନ୍ନାଥ ମନ୍ଦିରକୁ ଅନୁଦାନ, ମହିଳ ସଶକ୍ତିକରଣ ଯୋଜନା, କାଳିଆ ଯୋଜନାରେ ଚାଷୀଙ୍କୁ ଆର୍ଥିକ ସହାୟତା, ଜନତାଙ୍କ ସ୍ୱାସ୍ଥ୍ୟସେବା ନେଇ ବିଜୁ ସ୍ୱାସ୍ଥ୍ୟକାର୍ଡ ଆଦି ଯୋଜନା ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲଇଛି। ଦଳର କର୍ମକର୍ତ୍ତା ଘରେ ଘରେ ଏହି ସରକାରୀ ଯୋଜନା ପହଞ୍ଚାଇବା ସହ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ବଳିଷ୍ଠ କରନ୍ତୁ ବୋଲି ରାଜ୍ୟ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଶ୍ରୀମତୀ ସାହୁ କର୍ମୀଙ୍କୁ ଉତ୍ସାହିତ କରିବା ସହ ବିଜୟର ମନ୍ତ୍ର ପ୍ରଦାନ କରିଥିଲେ। ଟାଉନ ହଲ ପରିସରରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି ଅଧ୍ୟକ୍ଷତା କରିଥିଲେ। ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ନାୟକ, ସହପର୍ଯ୍ୟବେକ୍ଷକ ସ୍ନେହାଞ୍ଜଳି ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ଜିଲ୍ଲା ପରିଷଦ ସଭ୍ୟା ଟିକି ପୋଢ଼, ସଞ୍ଜୟ ବେହେରା, ଲାଲା ବର୍ମା, ରମାକାନ୍ତି ପୁଟେଲ, ସରପଞ୍ଚ ନରେଶ ଅଗ୍ରୱାଲ, ପ୍ରକାଶ ମହାନନ୍ଦ, ବୁଲୁ ମହାନନ୍ଦ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଦିଲୀପ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।




# ରାସନ ଚାଉଳ ପାଇବାରୁ ବଞ୍ଚିତ ରଜନୀଙ୍କ ପରିବାର

**ଖପ୍ରାଖୋଲ, ୨୯।୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତ ଝାକରପାଲି ଗ୍ରାମର ରଜନୀ ସାହୁ ଚାଉଳ ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ରଜନୀ ସାହୁଙ୍କ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ୮ ମାସ ପୂର୍ବରୁ ଚାଉଳ ପାଉଥିଲେ। ସେ ତାଙ୍କ ପରିବାର ସଦସ୍ୟ ସ୍ୱାମୀ ଥବିର ସାହୁ, ପୁଅ ଦୁର୍ଲଭ ସାହୁ, ପୁଅ ବୋହୂ ରଶ୍ମିତା ସାହୁ, ଓ ନାତୁଣୀ ଆରୋହୀ ସାହୁଙ୍କ ନାମ ସାମିଲ କରିବା ପାଇଁ ଅନଲାଇନ ଆବେଦନ କରିଥିଲେ। ପରେ ରଜନୀ ସାହୁଙ୍କ ରାସନ କାର୍ଡ କଟି ଯାଇଥିବା କହି ଯୋଗାଣ ସହାୟକ ଚାଉଳ ଦେବା ପାଇଁ ମନା କରି ଦେଇଥିବା ଅଭିଯୋଗ ହେଉଛି। ମୂଳ ଲାଗିଲେ ପରିବାର ପ୍ରତିପୋଷଣ ହେଉଥିବାରୁ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ତତ୍କାଳ ରାସନ ଯୋଜନାରେ ସାମିଲ କରିବା ପାଇଁ ଦାବି କରିଛନ୍ତି। ଏନେଇ ଯୋଗାଣ ଅଧିକାରୀ ବିକାଶ ବାର୍ଲାଙ୍କୁ ପଚାରିବାରୁ କ'ଣ ହୋଇଛି କମ୍ପ୍ୟୁଟର ମାଧ୍ୟମରେ ଚେକ କରିବା ପରେ କହିବି ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଥାଉକି ଭାନପୁର ପଞ୍ଚାୟତରେ ତିନି ମାସ ରାସନ ଚାଉଳ ଦେଇ ନଥିଲେ। ଉକ୍ତ ବିଷୟ ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶିତ ହେଲା ପରେ ଯୋଗାଣ ଅଧିକାରୀ ୩ ମାସର ଚାଉଳ ଦେଇଥିଲେ। ଏବେ ପୁଣି ଭାନପୁର୍ ପଞ୍ଚାୟତରେ କିଛି ହିତାଧିକାରୀ ଚାଉଳ ପାଇ ନଥିବା ଅଭିଯୋଗ ହେଉଛି। ଏହାର ଏକ ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

## ବଦଳିଛି ନିଶା କାରବାରର ଦୁନିଆ

# ଏସ୍‌କଫ ବଦଳରେ ଏବେ ଡିଏକ୍ସ !

**ବଲାଙ୍ଗିର, ୨୯।୧(ସମିସ):** ବଲାଙ୍ଗିର ପୁଲିସର ଘନଘନ ଚଢ଼ଉ ଏବଂ ନିଶା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ସତର୍କ ହୋଇଛନ୍ତି ନିଶା ବେପାରୀ। ଆଉ ଆଞ୍ଜା ନୁହେଁ, ବଢ଼ିଛି କୁଚିଆ ବେପାରୀଙ୍କ ସଂଖ୍ୟା। ଆଉ ଏସକଫ ନୁହେଁ ନିଶା ପାଇଁ ସେବନ କରୁଛନ୍ତି ଡିଏକ୍ସ। ଫଳରେ ନିଶା କାରବାର ଓ ଏହାର ବ୍ୟବହାର ଶୈଳୀ ସହ ଏକ ଭିନ୍ନ ଦୁନିଆ ସୃଷ୍ଟି ହୋଇଛି। ଏହି ନିଶା କାରବାରର ନୂଆ ଦୁନିଆରେ ପୁଲିସ ସତର୍କ ଦୃଷ୍ଟି ଏଯାଏ ପକାଇ ପାରି ନାହିଁ।




ସୂଚନା ଅନୁସାରେ, କଫ୍ ସିରପ ବେପାରରେ ଲଗାମ ଲାଗିଛି। ଏହାର ପ୍ରଭାବରେ ଏହାର ମୂଲ୍ୟ ବୃଦ୍ଧି ପାଇ ୩୫୦ ଟଙ୍କାରେ ପହଞ୍ଚିଛି। ପ୍ରତିଟି କଫସିରପ ବୋତଲର ମୂଲ୍ୟ ୩୫୦ ଟଙ୍କା କିମ୍ବା ତଦୁର୍ଦ୍ଧ। ନିଶା ପାଇଁ କଫ ସିରପ ସେବନ କରୁଥିବା ନିଶାଖୋରଙ୍କ ମଧ୍ୟରେ ମୂଲ୍ୟବୃଦ୍ଧିକୁ ନେଇ ଭାଲେଣି ପଡ଼ିଥିବାବେଳେ ସେମାନେ କୁଆଡେ ଏହାର ବିକଳ୍ପ ଖୋଜି ବାହାର କରିଛନ୍ତି। କଫ ସିରପ ବଦଳରେ ସେମାନେ କୌଣସି ଡିଏକ୍ସ ନାମକ ଏକ ନିଶାଦ୍ରବ୍ୟ ସେବନ କରୁଥିବା ଜଣାପଡ଼ିଛି। କଫସିରପରେ କୋଡିନ ନାମକ ରସାୟନିକ ପଦାର୍ଥ ମିଶ୍ରଣ ହେଉଥିବାବେଳେ ଏଥିରେ ଆଲକୋହଲ ଏବଂ କ୍ଲୋରୋଫମର ମିଶ୍ରଣକୁ ବ୍ୟବହାର କରାଯାଉଛି। ଯାହାଫଳରେ ଏହାକୁ ପିଇବା ପରେ ସେମାନଙ୍କୁ ଆହୁରି ନିଶା ଚଢୁଥିବା କୁହାଯାଉଛି। ସେହିଭଳି କଫ ସିରପ ବଦଳରେ ଏହାର ମୂଲ୍ୟ ମାତ୍ର ୫୦ ଟଙ୍କା ରହିଛି। ତେଣୁକରି ଏହାକୁ ନିଶାଖୋରମାନେ ବହୁଳ ଭାବରେ ବ୍ୟବହାର କରୁଛନ୍ତି। ବଜାରରେ ଡିଏକ୍ସ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ଅପରପକ୍ଷେ ନିଶାଦ୍ରବ୍ୟକୁ ଆମଦାନୀ ରପ୍ତାନୀର ଠିକଣା ମଧ୍ୟ ବଦଳିଥିବା କୁହାଯାଉଛି। ତେବେ ଏହାକୁ ସେବନ କରିବା ପରେ ବେଶୀ ଝଗଡ଼ା ହେଉଥିବା ଚର୍ଚ୍ଚା ହେଉଛି। ପୁଲିସ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଟିଟିଲାଗଡ଼ ନୂଆ ଓ ବିଦାୟୀ ଉପଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

**ଟିଟିଲାଗଡ଼, ୨୯।୧ (ସମିସ):** ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନୂତନ ଭାବେ ଅବସ୍ଥାପିତ ଉପଜିଲ୍ଲାପାଳ ରେହାନ ଖତ୍ରି ଓ ବଦଳି ହୋଇଯାଉଥିବା ଉପଜିଲ୍ଲାପାଳ ଦୟାମୟ ପାଢୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବର୍ତ୍ତମାନ ଶ୍ରୀ ପାଢୀ କୋରାପୁଟ ଜିଲ୍ଲାର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅଭିନାଶ ଲାକ୍ରା, ଶୁଭାଶିଷ ଶତପଥୀ, ସହାୟକ ଜିଲ୍ଲାପାଳ ଚନ୍ଦ୍ରପ୍ରସାଦ ଦେହୁରି, ତହସିଲଦାର ସରୋଜା ବେହେରା, ବିଡିଓ, ଟିଟିଲାଗଡ ସୁଶାନ୍ତ ରଣା, ସହକାରୀ ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୁଏ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆକାଶ ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଉପଖଣ୍ଡର ସମସ୍ତ ବିଡିଓ, ତହସିଲଦାର ଏବଂ କର୍ମଚାରୀଗଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ରୋଗୀଙ୍କୁ ଫଳ ସହ ରକ୍ତଦାନ କଲେ ସାମ୍ବାଦିକ

**ପାଟଣାଗଡ଼, ୨୯।୧(ସମିସ):** ପାଟଣାଗଡ଼ ଉପଖଣ୍ଡ ଯୁବ ପତ୍ରକାର ସଂଘ ତରଫରୁ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ତିନି ଜଣ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ରକ୍ତଦାନ କରାଯାଇଛି। ସଂଘର ସଭାପତି କରୁଣାକର ବୁଢ଼େକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିତ୍ସାଧିକାରୀ ସୁବ୍ରତ ମେହେରଙ୍କ ସହ ନର୍ସ, କର୍ମଚାରୀଙ୍କୁ ନେଇ ସଂଘର ଏକ ଲୋଗୋ ଉନ୍ମୋଚନ କରାଯାଇଥିଲା। ପରେ ସଂଘର ସଦସ୍ୟମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। କୁଶାବାହାଲି, ଦଳଦଳି, ଡାଙ୍ଗବାହାଲ ଗାଁର ଚିକିତ୍ସିତ ହେଉଥିବା ତିନିଜଣ ରୋଗୀଙ୍କୁ ରକ୍ତ ର ଆବଶ୍ୟକ ହେତୁ ସଂଘ ତିନି ଜଣ ସଦସ୍ୟ ତଥା ସାମ୍ବାଦିକ ଚନ୍ଦ୍ରଶେଖର ବରିହା, ଶେଷଦେବ ସିଂ ନାଏକ, ରଘୁ ରଣା ରକ୍ତଦାନ କରିଥିଲେ। ସଂଘର ଉପସଭାପତି ଗୋରେଖନାଥ ବରିହା, ସଂପାଦକ ବିମଳ ବାଗ, ଉପଦେଷ୍ଟା ଜଗଦୀଶ ଭୋଇ, ସହସଂପାଦକ ଗୁଣନିଧି ପୁଟେଲ, ପ୍ରଦୀପ ପୁରୋହିତ, ଲଳିତ ମଲ୍ଲିକ, ଚନ୍ଦ୍ରଶେଖର ବରିହା, ଶେଷଦେବ ସିଂ ନାଏକ, ପିତରାଜ ଧରୁଆ, ଅଭିମନ୍ୟୁ ବାଗ, ରଘୁନାଥ ରଣା, ଘନ ବରିହା, ଦୁର୍ଯ୍ୟୋଧନ ବର୍ଗେ ପ୍ରମୁଖ ଉପସ୍ଥିତ ଥିଲେ।



# ବିମଳା ସାହୁଙ୍କ ପରଲୋକ

**ବଲାଙ୍ଗିର, ୨୯।୧ (ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ନିଉଟ୍ରେସନ ଅପରେସନ ପ୍ଲାନିଂ (ଏନଓପି)ର ବରଗଡ଼ ଜିଲ୍ଲା ପ୍ରକଳ୍ପ ପରିଚାଳିକା ବିମଳା ସାହୁ (୫୭)ଙ୍କ ଗତ ୨୭ ତାରିଖ ରାତିରେ ହୃଦଘାତ ଯୋଗୁଁ ବିୟୋଗ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ସ୍ୱାମୀ ବଲାଙ୍ଗିର ଜିଲ୍ଲାର ରିହାଇ ସଂସ୍ଥାର ନିର୍ଦ୍ଦେଶକ ରୁଣୁଗୋପାଳ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ଖବର ବରଗଡ଼ ଓ ବଲାଙ୍ଗିର ଜିଲ୍ଲାରେ ଶୋକ ଖେଳାଇ ଦେଇଛି।



# ବ୍ଲକ ଅଧ୍ୟକ୍ଷାଙ୍କ ଶଶୁର ବିୟୋଗ

**ଖପ୍ରାଖୋଲ, ୨୯।୧(ସମିସ):** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗ୍ରାମର କେଶବ ପଟେଲଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିବା ବେଳେ ମୃତ୍ୟୁ ସମୟରେ ସ୍ତ୍ରୀ ଚନ୍ଦ୍ରକାନ୍ତି ପଟେଲ, ବୋହୂ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ପୁଅ ପବିତ୍ର ପଟେଲ, ପାର୍ଥ ପଟେଲ, ଚନ୍ଦ୍ରଶେଖର ପଟେଲ, ପଞ୍ଚୁରତ୍ନ ପଟେଲ ଓ ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ବଡ ପୁଅ ଯଶୋବନ୍ତ ପଟେଲ ମୁଖାଗ୍ନି ଦେଇଥିଲେ। ସେ ଜଣେ ଲୋକ ଥିବାରୁ ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକ ଖେଳିଯାଇଛି। ଧଣ୍ଡାମୁଣ୍ଡା ପଞ୍ଚାୟତ ସରପଞ୍ଚ ବୈଦ୍ୟନାଥ ମିଶ୍ର, ନାନ୍ଦୁପାଳ ସମିତିସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ରମେଶ ପଧାନ, ବରିଷ୍ଠ କଂଗ୍ରେସ ନେତା ନବୀନ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି।



# ସୀତାଦେବୀ ମିଶ୍ରଙ୍କ ପରଲୋକ

**ବଲାଙ୍ଗିର, ୨୯।୧(ସମିସ):** ୮୯ ବର୍ଷ ବୟସରେ ସୀତାଦେବୀ ମିଶ୍ରଙ୍କ ବିୟୋଗ ହୋଇଛି। ସେ ସନାତନ ମିଶ୍ରଙ୍କ ପତ୍ନୀ ଥିଲେ। ତାଙ୍କ ମାଲପଡ଼ାସ୍ଥିତ ବାସଭବନରେ ପ୍ରାଣତ୍ୟାଗ କରିଥିଲେ। ୧୯୮୬ରେ ପୂର୍ବଭାରତର ପ୍ରଥମ ବୃକକ୍ ପ୍ରତିରୋପଣ କୁହାଯାଉଥିବା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ଭେଷଜ ମହାବିଦ୍ୟାଳୟରେ ସୀତାଦେବୀ ତାଙ୍କର ଗୋଟିଏ ବୃକକ୍ ସାନପୁଅ ତଥା ତତ୍କାଳୀନ ବଲାଙ୍ଗିର ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ କର୍ମଚାରୀ ସ୍ୱର୍ଗତ ଅର୍ଜୁନ ମିଶ୍ରଙ୍କୁ ଦାନ କରିଥିଲେ। ଡା. ଡିଙ୍ଗର ମେହେରଙ୍କ ତତ୍ତ୍ୱାବଧାନରେ ଏହି ଚିକିତ୍ସା ହୋଇଥିଲା। ସୀତାଦେବୀଙ୍କ ମୃତ୍ୟୁ ସମୟରେ ସମସ୍ତ ପରିଜନ, ବଡ଼ପୁଅ ପୁରୁଷୋତ୍ତମ, ବହୁ ନଳିନୀ, ଝିଅ ସବିତା, ଜ୍ୱାଇଁ ଶରତ ହୋତା, ନାତି ଜିତୁ, ଟିଟୁ, ନାତିବୋହୂ ଜ୍ୟୋତି, ମାନସୀ, ନାତୁଣୀ ଝୁମୀ, ନାତିଜ୍ୱାଇଁ ଅମିତ ଓ ପଣ ନାତୁଣୀ ସାରା, ପପ୍‌ଲିସ, ପିହୁ ଓ ରିଆ ଉପସ୍ଥିତ ଥିଲେ। ବଡ଼ପୁଅ ପୁରୁଷୋତ୍ତମ ମୁଖାଗ୍ନି ଦେଇଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କବିତା ଦାସ
ଆବିର୍ଭାବ: ୨୦.୦୭.୧୯୬୯
ତିରୋଧାନ: ୨୦.୦୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାତି- ନୀତେଶ, ରିତିଭିକ, ଝିଅ- ସପ୍ନା, ସଂଯୁକ୍ତା, ପୁତୁରା- ଜ୍ଞାନ, ଭଣଜା- ଅନୁରାଗ, ଜ୍ୱାଇଁ- ରାଜା, ଦେବାଶୀଷ, ଦିଅର- ଶୋବୋଧ ଓ ରବୀନ୍ଦ୍ର

# ବିଭିନ୍ନ ସ୍ଥାନରେ କ୍ରିକେଟ ଓ ଫୁଟ୍‌ବଲ ପ୍ରତିଯୋଗିତା

## ନୀଳମଣି ବାଗ ଓ ମୁକେଶ ତାଣ୍ଡି ସ୍ମାରକୀ ନକ୍‌ଆଉଟ କ୍ରିକେଟ ଉଦ୍‌ଯାପିତ

**କଣ୍ଟାବାଞ୍ଜି, ୨୯।୧ (ସମିସ):** କଣ୍ଟାବାଞ୍ଜି ନୂଆପଡା ନେତାଜୀ ସୁବାସଚନ୍ଦ୍ର ବୋଷ କ୍ରିକେଟ କ୍ଲବ ପକ୍ଷରୁ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ସ୍ୱର୍ଗତ ନୀଳମଣି ବାଗ ଏବଂ ମୁକେଶ ତାଣ୍ଡି ମେମୋରିଆଲ ସର୍ବଭାରତୀୟ ନକଆଉଟ କ୍ରିକେଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଲାଙ୍ଗିର ସାନ (ଭି) ସହ କଣ୍ଟାବାଞ୍ଜି ଆରଏନସିସି ମଧ୍ୟରେ ବଲାଙ୍ଗିର ସାନ (ଭି) ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷ ବରିୟାମ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ ବିଜେଡି ନେତା ଗିରିରାଜ ସିଂ ମାଝି, ଆଇନଜୀବୀ ସତ୍ୟନାରାୟଣ ରାଏ, ଅରୁଣ ବାଗ, କେଭି କଲେଜ ଅଧ୍ୟାପକ ରାଜେଶ ମହାନ୍ତି, ଗଣ୍ଡା ସମାଜ ସଭାପତି ଚନ୍ଦ୍ରଶେଖର ନାଗ, ୭ ନମ୍ବର ୱାର୍ଡ କାଉନସିଲର ପ୍ରତିନିଧି ରାମଚନ୍ଦ୍ର ରାଏ, ଯୁବନେତା ଅମରେନ୍ଦ୍ର ତାଣ୍ଡି, ସାମ୍ବାଦିକ ସୁରଦାସ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଲିଲୁ ବାଗ, ଟୁନା ଦୀପ, ବୋ ପନିକା, ମୋହନ ହାତି, ଟିଟୁ ରାଏ, ମୁକେଶ ମେହେର, ଟୁନୁ ବାଗ, ତୁଷାର ମାଝୀ, ରବୀନ ମାଝୀ, ବଡ଼ ବଏ, କାହ୍ନା ଭୋଇ, ସୁରୁବାବୁ ବାଗ, ବିଭୂତି ବାଗ, ସୁରୁବାବୁ ନାଗ, ମୁକୁନ୍ଦ ନାଗ, ପଦୁ ପନିକା, ଜଦୁ, ଭୀମ ତାଣ୍ଡି, ସାନୁ ସୁନା, ବୁଠି ନାଗ, ସାନ ବଏ, ବାପି ବାଗ, ପ୍ରତାପ ନାଗ, ଅମିତ ରାଏ, ଛୋଟୁ ନାଗ, ବିକି ରାଏ, ଅମିତ ସାହୁ, ପିଣ୍ଟୁ ବାରିକ, ମୋହିତ ତାଣ୍ଡି, ଭରତ ଛତ୍ରିଆ, ଇଲୁ ନାଗ, କୈଳାସ ତାଣ୍ଡି, କାହ୍ନୁ ବିଭାର, ରତନ ବେହେରା, ଗୋବିନ୍ଦ ବିଭାର, କୈଳାଶ ସୁନା ସହ ଅନ୍ୟମାନେ ସହଯୋଗ କରିଥିଲେ।



## ମାଁ କନ୍ଧେନବୁଢ଼ୀ କ୍ରିକେଟ: ଆଠଗାଁ ଚାମ୍ପିଅନ



**ଦେଓଗାଁ, ୨୯।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ ଅନ୍ତର୍ଗତ ହିର୍ଲିମାଲଠାରେ ଚାଲିଥିବା ମାଁ କନ୍ଧେନନବୁଢ଼ି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆଠଗାଁ ଓ ନନ୍ଦାବାହାଲ (ବୌଦ୍ଧ) ମଧ୍ୟରେ ଫାଇନାଲରେ ଆଠଗାଁ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଆଞ୍ଚଳିକ ଦଳ ଅଂଶଗ୍ରହଣ କରିଥିଲେ। ଖେଳକୁ ଭଗବାନ ବର୍ଗତି ଓ ପ୍ରଶାନ୍ତ ନାଗ ପ୍ରମୁଖ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ପଞ୍ଚାୟତ ନାଏବ ସରପଞ୍ଚ ଭଗବାନ ବର୍ଗତି ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ମାଁ କନ୍ଧେନନବୁଢ଼ି କ୍ରିକେଟ ଟିମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ୨୭ତମ ଜୟ ଜଗନ୍ନାଥ ଫୁଟ୍‌ବଲ ପ୍ରତିଯୋଗିତା

**ମୁରିବାହାଲ, ୨୯।୧(ସମିସ):** ମୁରିବାହାଲ ବ୍ଲକ ଚଲକି ଜେଜେ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୨୭ତମ ଜୟ ଜଗନ୍ନାଥ ଫୁଟବଲ ପ୍ରତିଯୋଗିତାରେ ଟିକ୍ରାପଡା ୧-୦ ଗୋଲରେ ବିଜୟୀ ହୋଇଥିବା ବେଳେ ତେତେଲମୁଣ୍ଡା ୪-୨ ଗୋଲରେ ବିଜୟୀ ହୋଇଛି। ତୃତୀୟ ଦିବସରେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଡାକ୍ତର ଅମୟତ ଖାଁ, 'ଆଶା'ର ସମ୍ପାଦକ ଭାସ୍କର ସାହୁ, କ୍ରୀଡ଼ାବିତ ବଶିଷ୍ଟ ବାଗତି, ଦେବରାଜ ଯାଦବ ଉପସ୍ଥିତ ଥିଲେ। ବିବଛ ମାଝୀ, ଅକ୍ଷୟ ମାଝୀ, ନୀତିନ ମାଝୀ ପରିଚାଳନା କରିଥିଲେ। ସଭାପତି ହୀରାଲାଲ ଜୈନ, ସମ୍ପାଦକ ସତ୍ୟବ୍ରତ ଭୋଇ, କୋଷାଧ୍ୟକ୍ଷ ପ୍ରଶାନ୍ତ ଭୋଇଙ୍କ ନେତୃତ୍ୱରେ ରାଜେଶ ବେହେରା, ହିରନ ପାତ୍ର, ବିଶ୍ୱନାଥ ନାହକ, ପ୍ରସନ୍ନ ନାଗ, ବଣ୍ଟି ବିଶି, ରାଜେଶ ବେହେରା, ରଞ୍ଜୁ ପ୍ରଧାନୀ, ବିକାଶ ନାହକ ପ୍ରମୁଖ ସହଯୋଗ କରିଥିଲେ।



## ବାନିପାଲିରେ କ୍ରିକେଟ ପ୍ରତିଯୋଗିତା

**ବଲାଙ୍ଗିର, ୨୯।୧(ସମିସ):** ଲୋଇସିଂହା ବ୍ଲକ ବାନିପାଲି ଗ୍ରାମ ଖେଳ ପଡ଼ିଆରେ ଜେଏମ୍‌ବିସିସି ତରଫରୁ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଅନ୍ତର୍ଜାତୀୟ କରାଟେ ସ୍ୱର୍ଣ୍ଣପଦକ ବିଜେତା ତଥା ରାଜ୍ୟ ସରକାରଠାରୁ ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସିମ ଭୋଇ ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ହିରାଲାଲ ପ୍ରଧାନ, ସମିତିସଭ୍ୟ ପ୍ରତିନିଧି ପ୍ରଶନ୍ନ ନାଗ, ଅବସରପ୍ରାପ୍ତ ଶିକ୍ଷକ ମଧୁସୁଦନ ନାୟକ ଯୋଗଦାନ ଦେଇଥିଲେ। ତଲିଉଡାର ଓ ଦେଉଳଗାଁ, ବୁରୋମୁଣ୍ଡା ଓ ଝାଙ୍କରପାଲି ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ତଲିଉଡାର ସେମିଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ଣ୍ଣାମେଣ୍ଟକୁ ମନୋଜ ପ୍ରଧାନ, ରୁଦ୍ରକିଶୋର ପ୍ରଧାନ, ଆଶିଷ ପ୍ରଧାନ, ହିମାଂଶୁ ବୁଡେକ, ପ୍ରକାଶ ପ୍ରଧାନ, ପ୍ରେମକିଶୋର ସାହୁ, ବିକାଶ ପଣ୍ଡା, ବିହିଲୁ ବିଶ୍ୱାଲ, ଦେବାଶିଷ ପ୍ରଧାନ, ମୁରାରି ବରିହା, ବିକ୍ରମ ବରିହା ସହଯୋଗ କରିଥିଲେ।



# ଅନ୍‌ଲାଇନ୍ ଆଇନ ସେବା ସଚେତନତା

**ଟିଟିଲାଗଡ଼, ୨୯।୧(ସମିସ):** ଟିଟିଲାଗଡ କୋର୍ଟ ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବର୍ତ୍ତମାନ ସମୟର ଡିଜିଟାଲ ମୋବାଇଲ ଯୁଗରେ କିଭଳି ଆଇନ ଅନୁଯାୟୀ ଲୋକେ ନ୍ୟାୟ ପାଇ ପାରିବେ ଅନଲାଇନ ଜରିଆରେ ଆପତ୍ତି, ଅଭିଯୋଗ କରିପାରିବା, ବିଭିନ୍ନ ବିଷୟରେ କିପରି ସାଧାରଣ ନିୟମ, କାନୁନ ବିଶେରେ ଜାଣି ସଚେତନ ହେବେ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନଲାଇନ ମାଧ୍ୟମରେ ଉଚ୍ଚତମ ନ୍ୟାୟାଳୟ ତରଫରୁ ଆୟୋଜିତ ସଭାରେ ଅନ ଲାଇନ ଓ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ତ୍ୱରିତ ନ୍ୟାୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରିଷ୍ଠ ଦେୱାନି ତଥା ସହକାରୀ ଦୌରା ବିଚାରପତି କୃଷ୍ଣଚନ୍ଦ୍ର ନାୟକ, ଏସଡିଜେଏମ ଶାଶ୍ୱତୀ ମହାପାତ୍ର ମଞ୍ଚାସୀନ ଥିବା ବେଳେ ଆଇନଜୀବୀ ଜୀବର୍ଦ୍ଧନ ଛତ୍ରିଆ ତଥା କାର୍ତ୍ତିକ ଛତର ସଭା ପରିଚାଳନା କରିଥିଲେ।



# ମଦ ଜବତ, ୨ ଗିରଫ

**ବଲାଙ୍ଗିର, ୨୯।୧(ସମିସ):** ଆଗଲପୁର ଥାନା ଦୁଇଟି ସ୍ଥାନରେ ଚଢଉ କରି ମଦ ଜବତ କରିଛି ପୁଲିସ। ଡୁଡୁକା ଓ ଦର୍ଲିପାଲିରେ ସୋମବାର ସକାଳେ ପୁଲିସ ଚଢଉ କରିଥିଲା। ଡୁଡୁକାରେ ଦେବରାଜ ନାଗଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରିଥିଲା। ସେହିଭଳି ଦର୍ଲିପାଲିରେ କରୁଣା ସାହୁ(୪୦)ଙ୍କ ଠାରୁ ୧୮ ଲିଟର ଦେଶୀ ମଦ ଜବତ କରିଥିଲା। ସନ୍ଧ୍ୟାରେ ଦୁଇ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା

## ସମାଜ ବିଜ୍ଞାନରେ ପିଏଚଡି ଲାଭ



ଗବେଷକ ଦେବେନ୍ଦ୍ର କୁମାର ସାମଲ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନ (Sociology)ରେ ସମ୍ମାନଜନକ ଡକ୍ଟୋରେଟ ଉପାଧି ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Social and Economic Empowerment of Tribal Girls through Holistic Education: A case study of Kalinga Institute of Social Sciences, (KISS) Bhubaneswar" ଉପରେ ଗବେଷଣା କରୁଥିଲେ। ତାଙ୍କର ଏହି ଗବେଷଣାତ୍ମକ ସନ୍ଦର୍ଭଟି Mysore University, Karnatakaର ସମାଜ ବିଜ୍ଞାନ ବିଭାଗର ପ୍ରଫେସର R. Indira ଓ VNSG University, Suratର ସମାଜ ବିଜ୍ଞାନ ବିଭାଗର ପ୍ରଫେସର ତଥା ପୂର୍ବତନ ବିଭାଗୀୟ ମୁଖ୍ୟ Prof. Pervez Ahmad Abbasiଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଦେବେନ୍ଦ୍ର କୁମାର ସାମଲ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ସ୍ଥିତ ଚଢେଇଗୁଆଁ (ପଟଣା) ଗ୍ରାମ ନିବାସୀ ମାତା ଶ୍ରୀମତୀ ସ୍ୱର୍ଣ୍ଣଲତା ସାମଲ ଓ ପିତା ଶ୍ରୀ ଉପେନ୍ଦ୍ର ସାମଲଙ୍କ ସୁପୁତ୍ର। ଡ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ସହିତ ତାଙ୍କର ଶ୍ରେୟ ଗାଇଡ ଅନିତା ଦାଶ, ଧର୍ମପତ୍ନୀ ସୁଜାତା, ପୁତ୍ର ଶ୍ରୀଧର, ପରିବାରବର୍ଗ, ବନ୍ଧୁ ସମେତ ସମସ୍ତ ସହକର୍ମୀଙ୍କୁ ଦେଇଛନ୍ତି। ପରିଶେଷରେ ସେ ତାଙ୍କର ସଫଳତାର ପାଇଁ ତାଙ୍କର ପଥପ୍ରଦର୍ଶକ KIIT ଓ KISS ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କନ୍ଧମାଳ ଲୋକସଭା ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ପ୍ରେରଣା ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଦୃଢ଼ବ୍ୟକ୍ତ କରିଛନ୍ତି।



## କର୍ତ୍ତଙ୍ଗ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀରେ ରାଜ୍ୟପାଳଙ୍କ ଅଭିଭାଷଣ

# 'ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ'

**ବିନିକା, ୨୯ ।୧(ସମିସ)**

ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ। ତେବେ ଯାଇ ସମାଜ, ନିଜର, ଦେଶର, ରାଜ୍ୟର ବିକାଶ କରିପାରିବ। ବିନିକା ବ୍ଲକ କର୍ତ୍ତଙ୍ଗ '୫-ଟି' ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ ନିଜର ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟପାଳ କହିଥିଲେ ଯେ ଏହି ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷୟିତ୍ରୀ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନିଶ୍ଚିତ ଭାବରେ ଉଚ୍ଚ କୋଟୀର ଶିକ୍ଷାଦାନ ପ୍ରଦାନ କରିବେ। ଛାତ୍ରଛାତ୍ରୀଙ୍କୁ ଉନ୍ନତ ପଥରେ ଶିକ୍ଷାଦାନ ଦେବା ସରକାରଙ୍କ ଦାୟିତ୍ୱ ଯେତିକି ରହିଛି; ତା ଠାରୁ ସମାଜର ଦାୟିତ୍ୱ ଅଧିକ ବୋଲି ସେ କହିଥିଲେ। ସମସ୍ତ ଶିଶୁ ଯେପରି ସ୍କୁଲକୁ ଯିବେ ସେମାନଙ୍କ ପାଇଁ ଗ୍ରାମବାସୀ ପ୍ରଭାତ ଫେରି କାର୍ଯ୍ୟକ୍ରମ କରି ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ନେଇ ପାଠ ପଢ଼ାଇବା ଉଚିତ। ସେହିପରି ପୁଅ ହେଉ କି ଝିଅ ହେଉ




ଉଭୟଙ୍କୁ ଠିକ ଭାବେ ଶିକ୍ଷାଦାନ ଦେବା ଆମର କର୍ତ୍ତବ୍ୟ। ଅନେକ ଭାବନ୍ତି ଝିଅକୁ ପଢ଼ାଇଲେ ଫାଇଦା କ'ଣ ? ସେ ବିବାହ ହୋଇ ସଂସାର କରିବ; କିନ୍ତୁ ଆଜିର ଝିଅମାନେ ପୁଅମାନଙ୍କ ଅପେକ୍ଷା ଭଲ ପାଠ ପଢ଼ି ସ୍କୁଲ କଲେଜରେ ପ୍ରଥମ ସ୍ଥାନ ଅଧିକାର କରୁଛନ୍ତି। ରାଜ୍ୟ ତଥା ଦେଶ, ବିଦେଶରେ ନାଁ ରଖୁଛନ୍ତି। ତେଣୁ ଉଭୟ ପୁଅ ଝିଅଙ୍କ ପାଠ ପଢ଼ା ଦିଗରେ କୌଣସି ଅବହେଳା ନ କରିବାକୁ ଶିକ୍ଷକ ଶିକ୍ଷୟତ୍ରୀ ତଥା ଅଭିଭାବକମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ବର୍ତ୍ତମାନ ଦୁନିଆ ବଦଳିଛି। ଏଣୁ ସମାଜ ମଧ୍ୟ ବଦଳିବା ଦରକାର। ଏହି ଆଧୁନିକ ଯୁଗରେ ପିଲାମାନଙ୍କୁ ଆଧୁନିକ ଶିକ୍ଷା ପ୍ରଦାନ ପାଇଁ ନୂଆଁ ଶିକ୍ଷାନୀତି ପ୍ରଣୟନ ହୋଇଛି। ଏହି ଶିକ୍ଷାନୀତି କାର୍ଯ୍ୟକାରୀ ହେଲେ ନିଶ୍ଚିତ ଭାବରେ ଶିକ୍ଷାର ଆହୁରି ଉନ୍ନତି ଘଟିବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳ କର୍ତ୍ତଙ୍ଗ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ମୁଖ୍ୟ ଗେଟ୍‌କୁ ଉଦ୍ଘାଟନ କରିଥିଲେ। ଘାସିରାମ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ରଘୁମନି ଦେହରୀ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧାପକ ମଧୁସୂଦନ ପତି, ସ୍କୁଲ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ହୋତା ମଞ୍ଚାସୀନ ଥିଲେ। ଏହି ଅବସରରେ ସୁବର୍ଣ୍ଣ ସ୍ମୃତି ସ୍ୱରଣିକା ଉନ୍ମୋଚିତ ହୋଇଥିଲା।

## ଶ୍ରମିକ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଲା ମହାସଂଘ



**ନୂଆପଡ଼ା, ୨୯ ।୧(ସମିସ):** ନୂଆପଡ଼ା ସର୍କିଟ ହାଉସ୍‌ରେ ରାଜ୍ୟପାଳ ରଘୁବର ଦାସଙ୍କୁ ଜିଲ୍ଲାର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେି ଶ୍ରମିକ ମହାସଙ୍ଘର କର୍ମକର୍ତ୍ତା ଭେଟିଛନ୍ତି। କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯଦୁମଣୀ ପାଣିଗ୍ରାହୀ, ଭକ୍ତବନ୍ଧୁ ଧରୁଆ ଓ ସୁଖଦେବ ସାହୁ ପ୍ରମୁଖ ରାଜ୍ୟପାଳଙ୍କୁ ଭେଟିଥିଲେ।

## ଗନ୍ଧରାଡ଼ି ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ଜହ୍ନ ।ପଙ୍କ, ୨୯ ।୧(ସମିସ):** ବୌଦ୍ଧ ବ୍ଲକ ଜଗତି ହାଇସ୍କୁଲ ପଡ଼ିଆରେ ତୃତୀୟ ଗନ୍ଧରାଡ଼ି ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଅଞ୍ଚଳର ଐତିହାସିକ ଗନ୍ଧରାଡ଼ି ପୀଠ ହର, ହରି ଓ ପଶ୍ଚିମ ସୋମନାଥଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା ହୋଇଥିଲା। ଠାକୁରଙ୍କ ଦିବ୍ୟ ଜ୍ୟୋତି ମଶାଲ ଶୋଭାଯାତ୍ରା ଏକ ବିରାଟ ପଟୁଆରରେ ପାରମ୍ପରିକ ନାଚ ଗୀତ, ବାଦ୍ୟ ଶଙ୍ଖ, ଘଣ୍ଟ, ଢୋଲ, ନିଶାନ, ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳିରେ ମହୋତ୍ସବ ପଡ଼ିଆରେ ପହଞ୍ଚି ଥିଲା। ମଞ୍ଚରେ ଠାକୁରଙ୍କ ପ୍ରତିମାକୁ ପୂଜା ପାଠ କରି ଅବସ୍ଥାପିତ କରାଯାଇଥିଲା। ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗ ଦେଇ ତୃତୀୟ ଗନ୍ଧରାଡ଼ି ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ୬ ନଂ ଜିଲ୍ଲା ପରିଷଦ ସଭ୍ୟା, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ମୁଖ୍ୟବକ୍ତା ଭାବେ ଗଗନ ଗୁରୁଜୀ ମଞ୍ଚାସୀନ ଥିଲେ। ଗନ୍ଧରାଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ ପରେ ଉପ ସଭାପତି ମନୋରଂଜନ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଶମ୍ଭୁ ଗିରି ମହୋତ୍ସବର ବିବରଣୀ ପଠନ କରି ମଞ୍ଚ କାର୍ଯ୍ୟ ସମାପନ କରିଥିଲେ। ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ସ୍ୱାଧୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱଜିତ ସାହୁ ଓ ସୁଧୀର ଦୀପ ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ।

## ୩ରେ ସୋନପୁରକୁ ଗଡ଼ିବ ରେଳ

**ସୋନପୁର, ୨୯ ।୧(ସମିସ):** ସୋନପୁର ରେଳ ଷ୍ଟେସନ୍ ସଜେଇ ହେଲାଣି। ଲାଇଟ୍, ପାଣି, ସିଗ୍‌ନାଲ୍ ପ୍ରଭୃତି ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଗଲାଣି। ଏବେ କେବଳ ସେହି ବହୁ ପ୍ରତୀକ୍ଷିତ ଲୋକାର୍ପଣ ସମାରୋହକୁ ଅପେକ୍ଷା। ତେବେ ଫେବୃଆରୀ ୩ ତାରିଖରେ ସେହି ପ୍ରତୀକ୍ଷାର ଅନ୍ତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁର ଗସ୍ତ କରିବା ସମୟରେ ବଲାଙ୍ଗିର-ସୋନପୁର ରେଳ ଚଳାଚଳର ଶୁଭାରମ୍ଭ କରିବେ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହା ଲୋକାର୍ପିତ ହେବ। ତେବେ କିଏ କିଏ ଅତିଥି ରହିବେ ଏବଂ କାର୍ଯ୍ୟକ୍ରମର ସଂପୂର୍ଣ୍ଣ ରୂପରେଖ ଚୂଡାନ୍ତ ହୋଇ ନାହିଁ। ପ୍ରଧାନମନ୍ତ୍ରୀଙ୍କ ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଉପସ୍ଥିତ ରହିବେ ବୋଲି ଆଲୋଚନା ହେଉଛି।

ରେଳ ଚଳାଚଳ ଆରମ୍ଭ ହେଲେ ସୋନପୁରରୁ ଭୁବନେଶ୍ୱର ଏବଂ ସୋନପୁରରୁ ପୁରୀ ଟ୍ରେନ୍ ଚଳାଚଳ କରିବ। ପୂର୍ବତଟ ରେଳବାଇ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ପ୍ରତ୍ୟହ ବଲାଙ୍ଗିର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ସୋନପୁର ଯାଏଁ ସମ୍ପ୍ରସାରିତ ହେବ। ସୋନପୁର-ପୁରୀ ମଧ୍ୟରେ ଏକ ଏକ୍ସପ୍ରେସ୍ ଟ୍ରେନ୍ ସାପ୍ତାହିକ ଚାଲିବ। ବଲାଙ୍ଗିର-ବିଚ୍ଛୁପାଲି ମଧ୍ୟରେ ଚାଲୁଥିବା ୨ଟି ପାସେଞ୍ଜର ଟ୍ରେନ୍ ସୋନପୁର ଯାଏଁ ସମ୍ପ୍ରସାରିତ ହେବ। ଏହାସହ ବଲାଙ୍ଗିର-ସୋନପୁର ମଧ୍ୟରେ ନୂଆ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗିର ପଟୁ ରେଳ ଲାଇନ୍ ନିର୍ମାଣ ଉପରେ ରେଳବାଇ ଗୁରୁତ୍ୱ ଦେଇଛି।

## ବୌଦ୍ଧ ସିଦ୍ଧ ହନୁମାନ ମନ୍ଦିରରୁ ଚୋରି

**ବୌଦ୍ଧ, ୨୯ ।୧(ସମିସ):** ମହାନଦୀ ଗର୍ଭରେ ଥିବା ବୌଦ୍ଧର ପ୍ରସିଦ୍ଧ ସିଦ୍ଧ ହନୁମାନ ମନ୍ଦିରରୁ ମୂଲ୍ୟବାନ ଆଭୂଷଣ ସବୁ ଚୋରି ହୋଇଥିବା ନେଇ ସୋମବାର ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଠାକୁରଙ୍କ ରୂପା ନିର୍ମିତ ଗଦା ଚୋରି ହୋଇଚି। ମନ୍ଦିର ପୂଜାରୀ ବିଭୁତି ଭୂଷଣ ପାଢ଼ୀ ଠାକୁରଙ୍କ ନୀତିକାନ୍ତି ସାରିବା ପରେ ତାଲା ପକାଇ ଘରକୁ ଫେରିଥିଲେ; ମାତ୍ର ସୋମବାର ସକାଳୁ ପୂଜାରୀ ପୂଜା କରିବାକୁ ଆସିଥିବା ସମୟରେ ମନ୍ଦିରର ସାମନା ଗେଟର ତାଲା ଭାଙ୍ଗିଥିବା ଦେଖି ଚୋରି ହୋଇଥିବା ଜାଣି ପୁଲିସକୁ ଖବର ଦେଇଥିଲେ। ପୁଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଚଳିତ ମାସ ୧୮ ତାରିଖ ରାତିରେ ସ୍ଥାନୀୟ ଚନ୍ଦ୍ରଚୂଡ଼ ମନ୍ଦିର ଦାନ ବାକ୍ସ ଭାଙ୍ଗି ଚୋରି ହୋଇଥିବା ବେଳେ ନିକଟରେ ବୌଦ୍ଧ ଗାୟତ୍ରୀ ମନ୍ଦିର, ବୌଦ୍ଧ ସହର ନିକଟସ୍ଥ ବଘାରପାଲି ମନ୍ଦିର, ହରେକୃଷ୍ଣପୁରସ୍ଥିତ ୨ଟି ମନ୍ଦିରରୁ ମଧ୍ୟ ଚୋରି ହୋଇଥିଲା।

## ଢୋଲକିଆଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବସନ୍ତ

**ନୂଆପଡ଼ା, ୨୯।୧(ସମିସ):** ନୂଆପଡ଼ା ବିଧାୟକ ତଥା ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ସୋମବାର ଦିନ ତାଙ୍କ ନିବାସ କାର୍ଯ୍ୟାଳୟରେ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି। ସାଂସଦଙ୍କ ସହ ଖରିଆରରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ ଉପସ୍ଥିତ ଥିଲେ।

## ଅସୁରଗଡ଼ ଲୋକ ମହୋତ୍ସବ ଚତୁର୍ଥ ସନ୍ଧ୍ୟା




**ମନମୁଣ୍ଡା, ୨୯ ।୧(ସମିସ):** ମନମୁଣ୍ଡା ଅସୁରଗଡ଼ ଲୋକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ରକ୍ ଷ୍ଟାର ରୁକୁ ସୁନାଙ୍କ ଲୋକ ସଙ୍ଗୀତ ମହୋତ୍ସବ ପଡ଼ିଆ ଦର୍ଶକଙ୍କୁ ଦୋହଲାଇ ଦେଇଥିଲା। ସ୍ଥାନୀୟ ଶ୍ରୀ ରାମାନୁଜନ ଗ୍ଲୋବାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ନୃତ୍ୟ, ସୁବର୍ଣ୍ଣପାଲି (ମନମୁଣ୍ଡା) ସାକ୍ଷୀ ମାଝୀଙ୍କ ନୃତ୍ୟ ଦଳର ରସରକେଲି, ମାଇଲାଜଡ, ଡାଲଖାଇ, ସୁନ୍ଦରଗଡ଼ର ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ମା ମାହେଶ୍ୱରୀ କଳା ପରିଷଦର 'ତାଣ୍ଡବ ନୃତ୍ୟ' ବେଶ୍ ଆକର୍ଷଣୀୟ ଥିଲା। ମହୋତ୍ସବ ସଭାପତି ଆଶିଷ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ଭାବେ କନ୍ଧମାଳ ବ୍ଲକର ୧୫ ଜଣ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଏଇ ଅବସରରେ ମନମୁଣ୍ଡା ପଞ୍ଚାୟତ ଭୂର୍କିପଡ଼ା ଗ୍ରାମର ଦିବଂଗତ ଶିକ୍ଷକ ବସୁଦେବ ଲୁହାଙ୍କ ଲିଖିତ 'ଗାୟକ ମାନୋଜାନ' ପୁସ୍ତକକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ।

## ନ୍ୟାସନାଲ କଲେଜରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ

**ନୂଆପଡ଼ା, ୨୯।୧(ସମିସ):** ସ୍ଥାନୀୟ ନ୍ୟାସନାଲ କଲେଜରେ ଛାତ୍ରୀମାନଙ୍କୁ ନେଇ ୨ ସପ୍ତାହ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ କଲେଜର ଖେଳ ଶିକ୍ଷକ ପ୍ରକାଶ ସାହୁ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟକ୍ଷ ହିତେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ଅଧ୍ୟାପକ ଦୁର୍ଲ୍ଲଭ ଚରଣ ବେହେରା, ମମତା ପଟ୍ଟନାୟକ, ବୈଦ୍ୟନାଥ ଗଡ଼ତିଆ, ଡ. ପ୍ରଣତି ପଣ୍ଡା, ଡ. ମୀନାକ୍ଷୀ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିବିରରେ ମାଷ୍ଟର ଟ୍ରେନର ଫୁଲେଶ୍ୱରୀ ସାହୁ ନିଜର ଅନୁଭୂତି ବଖାଣିଥିଲେ। ଅଧ୍ୟାପକ କପିଳଦେବ ପାଣିଗ୍ରାହୀ, ଶିବ ପ୍ରସାଦ ସା, ଗୋପି ଗୋପାଳ ସୁନା, ନମ୍ରତା ତ୍ରିପାଠୀ, ଡ. ପ୍ରମୋଦ ରାଉତ, ସୁକଦେବ ଭିଲ ପ୍ରମୁଖ ଯୋଗ ଦେଇଥିଲେ।

## ନୂଆପଡ଼ା ଜିଲ୍ଲାରେ ସବୁ ବ୍ଲକରେ ଅଭିଯୋଗ ଶୁଣାଣି

**ନୂଆପଡ଼ା, ୨୯।୧(ସମିସ):** ସିନାପାଲି ବ୍ଲକରେ ସୋମବାର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ହୋଇଛି। ଏଥିରେ ଜିଲ୍ଲାପାଳ ହେମକାନ୍ତ ସୟ, ଏସ୍‌ପି ଜି.ଆର. ରାଘବେନ୍ଦ୍ରଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ୭୧ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେହିଭଳି ସଦର ବ୍ଲକ ଡୁମେରପାଣି ପଞ୍ଚାୟତ ନୂଆପଡ଼ା ବ୍ଲକସ୍ତରୀୟ ଅଭଯୋଗ ଶୁଣାଣି ଶିବିର ହୋଇଥିଲା। ଏଥିରେ ସଦର ବିଡିଓ ବିପିନ ବିହାରୀ ଦୀପ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ଡୁମେରପାଣି ସରପଞ୍ଚ ଟେକରାମ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଅଗସ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ୨୨୦ଟି ଅଭିଯୋଗ ଆସିଥିଲା। ସେହିଭଳି ବୋଡେନ ବ୍ଲକରେ ୭୩, ଖଡିଆଳରେ ୫ ଏବଂ କୋମନାରେ ୧୩ଟି ଅଭିଯୋଗ ଆସିଥିଲା।

## ଆବାସ ହିତାଧିକାରୀଙ୍କୁ ଭେଟିଲେ ରାଜ୍ୟପାଳ




**ସୋନପୁର/ବିନିକା, ୨୯ ।୧(ସମିସ):** ବିନିକା ବ୍ଲକ କର୍ତ୍ତଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରି ରହୁଥିବା ହିତାଧିକାରୀ ମନୋଜ ପାତ୍ର ଓ ପଦ୍ମା ଡାଙ୍ଗଙ୍କ ଘର ବୁଲି ରାଜ୍ୟପାଳ ତାଙ୍କ ସହିତ ଆଲୋଚନା କରିଥିଲେ। ଯେଉଁମାନେ କଚ୍ଚା ଘରେ ରହୁଛନ୍ତି ସେମାନେ ଆବାସ ଘର ପାଇବେ ବୋଲି କହିଥିଲେ।

## ବିଶ୍ୱାବସୁ ଶବର ସମାଜର ବାର୍ଷିକ ସମ୍ମିଳନୀ

**ନୂଆପଡ଼ା, ୨୯।୧(ସମିସ):** ସ୍ଥାନୀୟ ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡାରେ ଚନାବେଡା ଆଞ୍ଚଳିକ ସମାଜ ତରଫରୁ ବିଶ୍ୱାବସୁ ଶବର ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିନେଶରାମ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ନୂଆପଡ଼ା ଉପଖଣ୍ଡ ଶବର ସମାଜର ସଭାପତି ଦେଓସିଂ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଭୋଜରାମ ବିଶ୍ୱାଳ ମୁଖ୍ୟବକ୍ତା, ବିହାରୀଲାଲ ବିଶ୍ୱାଳ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳିହାବନ୍ଧା କେନ୍ଦ୍ର ସଭାପତି ନାରାୟଣ ଶବର, ଦିଆନମୁଣ୍ଡା କେନ୍ଦ୍ର ସଭାପତି ବଳଦେବ ଶବର, ଟାନୱାଟର ଲାଲୁରାମ ଶବର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

DADLS-100
ଓଡ଼ିଶା ସରକାର



ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ
ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
୩୦ ଜାନୁଆରୀ, ୨୦୨୪ ସକାଳ: ପୂର୍ବାହ୍ନ ୧୦.୪୭ ମିନିଟ
ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା
ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ
ପୋଲିସ ବାହିନୀ ଦ୍ୱାରା ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ

ଏହି ପ୍ରାର୍ଥନା ସଭାରେ
ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରମିଳା ମଲ୍ଲିକ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ବିଧାୟକଗଣ ଯୋଗଦେବେ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0309/2324


DSPL-587
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।
- ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
E-Mail: rera.odisha@gmail.com
ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
OIPR-13223/13/0013/2324

ଭାଷା ହେଉଛି ଏକ ଜାତିର ମୁକୁଟ, ଅସ୍ମିତାର ପରିଚୟ
-ନବୀନ ପଟ୍ଟନାୟକ



ସକାଳ
THE SAKALA

# ଓଡ଼ିଶା ଉଚ୍ଚଶିକ୍ଷାରେ ନାମଲେଖା ହାର ବୃଦ୍ଧି

ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ନାମ ଲେଖାହାରରେ ଉନ୍ନତି ଘଟିବା ନିଶ୍ଚିତ ଏକ ଭଲ ଖବର। ନିକଟରେ ପ୍ରକାଶ ପାଇଥିବା ସର୍ବଭାରତୀୟ ଉଚ୍ଚଶିକ୍ଷା ସର୍ବେକ୍ଷଣ (ଏଆଇଏସ୍ଏଚ୍ଇ) ୨୦୨୧-୨୨ ରିପୋର୍ଟ ଅନୁସାରେ ରାଜ୍ୟରେ ସବୁବର୍ଗର ବିଦ୍ୟାର୍ଥୀଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମଲେଖା ହାର ବଢ଼ିଛି। ବିଶେଷକରି, ବିଗତ ପାଞ୍ଚବର୍ଷ ମଧ୍ୟରେ ଛାତ୍ରୀ ଏବଂ ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ବିଦ୍ୟାର୍ଥୀଙ୍କ ନାମଲେଖା ହାର ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି।

୨୦୧୭-୧୮ରେ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୧୦.୧୫ ଲକ୍ଷ। ୨୦୨୧-୨୨ରେ ଏହି ସଂଖ୍ୟା ୧୦.୭୩ ଲକ୍ଷରୁ ଅଧିକ ହୋଇଥିବା ବେଳେ ଏଥିରେ ଛାତ୍ରୀମାନଙ୍କ ସଂଖ୍ୟା ୪ ଲକ୍ଷ ୯୨ ହଜାର ୭୧୨। ଅର୍ଥାତ୍ ଏହି ପାଞ୍ଚବର୍ଷ ମଧ୍ୟରେ ଉଚ୍ଚଶିକ୍ଷାକୁ ୨୬ ହଜାରରୁ ଅଧିକ ଝିଅ ଆସିଛନ୍ତି। ତଫସିଲଭୁକ୍ତ ଜାତି, ଉପଜାତି ଓ ସଂଖ୍ୟାଲଘୁ ବର୍ଗର ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ନାମ ଲେଖାଇବା ନିଶ୍ଚୟ ଏକ ଭଲ ସଂକେତ ଦେଉଛି। ଏହି ବର୍ଗର ଲୋକମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଦୁର୍ବଳ ତଥା ପଛୁଆ। ତେଣୁ ଶିକ୍ଷା ପ୍ରତି ଏହି ବର୍ଗର ଉଭୟ ପୁଅ ଓ ଝିଅମାନେ ଅଧିକ ଆକର୍ଷିତ ହେବା ପଛରେ ସରକାରୀ ଯୋଜନା ଓ ପ୍ରୋତ୍ସାହନର ନିଶ୍ଚିତ ଏକ ବଡ଼ ଅବଦାନ ରହୁଛି। ବିଶେଷକରି ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ଏଥିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଅନସ୍ୱୀକାର୍ଯ୍ୟ।

ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ମୋଟ୍ ନାମ ଲେଖା ହାର ବଢ଼ିଛି। ଏଥିରୁ ସୂଚିତ ହେଉଛି ଯେ ମାଧ୍ୟମିକ ସ୍ତରରେ ଅଧାରୁ ପାଠଛାଡ଼ିବା (ଡ୍ରପ୍ ଆଉଟ୍) ବିଦ୍ୟାର୍ଥୀଙ୍କ ସଂଖ୍ୟା କମୁଛି। ଆହୁରି ମଧ୍ୟ ଉଚ୍ଚଶିକ୍ଷା ପାଇଁ ନାମ ଲେଖାଉଥିବା ଓଡ଼ିଶାର ବିଦ୍ୟାର୍ଥୀଙ୍କ ବୟସ ୧୮ ରୁ ୨୩ ବର୍ଷ ମଧ୍ୟରେ ହୋଇଥିବାବେଳେ ତାହାର ମୋଟ ନାମ ଲେଖା(ଜିଇଆର୍) ହାର ୨୨.୧। ଏହି ହାର ପାଞ୍ଚବର୍ଷ ମଧ୍ୟରେ ଏକ ଶତାଂଶ ବଢ଼ିଥିଲେ ମଧ୍ୟ ଜାତୀୟ ହାର ୨୮.୪% ଠାରୁ କମ୍। ଏହା ଏକ ପ୍ରଣିଧାନଯୋଗ୍ୟ ପ୍ରସଙ୍ଗ। ଆମ ରାଜ୍ୟରେ ବିଭିନ୍ନ ସାମାଜିକ ଓ ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଏହି ହାର ଅପେକ୍ଷାକୃତ କମ୍ ରହିବା ସ୍ୱାଭାବିକ। ତେବେ ଏହା କ୍ରମଶଃ ବଢ଼ିବା ନିଶ୍ଚିତ ଉତ୍ସାହଜନକ। ତେବେ ତଫସିଲଭୁକ୍ତ ଜାତି, ଉପଜାତି ଓ ଝିଅମାନଙ୍କ କ୍ଷେତ୍ରରେ ଜିଇଆର୍ ବଢ଼ିବା ନିଶ୍ଚୟ ଉତ୍ସାହପ୍ରଦ।

ରିପୋର୍ଟ ଅନୁସାରେ ଓଡ଼ିଶାରେ ମୋଟ୍ କଲେଜ ସଂଖ୍ୟା ୧୩୦୦ ଏବଂ ଏଥିରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୭, ୪୨, ୭୩୧। ସେଥିମଧ୍ୟରୁ ୩, ୬୦, ୬୭୯ ଛାତ୍ରୀ। ଆହୁରି ମଧ୍ୟ ରାଜ୍ୟରେ ୫୨୧ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି, ଯାହା ବିଭିନ୍ନ ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ହୋଇ ବିଦ୍ୟାର୍ଥୀଙ୍କୁ ଡିପ୍ଲୋମା ପ୍ରଦାନ କରୁଛି। ଏମାନଙ୍କର ନିଜସ୍ୱ ଡିଗ୍ରୀ ଦେବାର ଅଧିକାର ନାହିଁ। ସେଠାରେ ପଢୁଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା ୪୫ ହଜାର ଛାତ୍ରୀଙ୍କ ସମେତ ମୋଟ୍ ୧, ୪୧, ୭୯୪। ଓଡ଼ିଶାରେ ମଧ୍ୟ ୨୩୬୨ ବିଦେଶୀ ବିଦ୍ୟାର୍ଥୀ ପାଠ ପଢୁଛନ୍ତି ଓ ସେଥି ମଧ୍ୟରୁ ୫୯୫ ମହିଳା।

ଆହୁରି ମଧ୍ୟ ବିଗତ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ କଲେଜ ଓ ବିଶ୍ୱବିଦ୍ୟାଳୟ ସଂଖ୍ୟା ବଢ଼ିଥିବା ଏହି ରିପୋର୍ଟ କହୁଛି। ଏହି ସମୟ ମଧ୍ୟରେ ରାଜ୍ୟରେ ପାଞ୍ଚଟି ନୂଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇ ଏହାର ମୋଟ୍ ସଂଖ୍ୟା ୨୦୨୧-୨୨ ସୁଦ୍ଧା ୩୭ରେ ପହଞ୍ଚିଥିଲା। ସେହିଭଳି ଏହି ସମୟରେ କଲେଜ ସଂଖ୍ୟା ୧୦୪୨ରୁ ୧୩୦୦ରେ ପହଞ୍ଚିଛି। ଏକଲକ୍ଷ ଜନସଂଖ୍ୟା ପାଇଁ ରାଜ୍ୟରେ ହାରାହାରି ୨୭ କଲେଜ ରହିଛି। ଏହା ମନ୍ଦ ନୁହେଁ। ପାଞ୍ଚବର୍ଷ ତଳେ ଏହି ହାର ଥିଲା ମାତ୍ର ୪। ରାଜ୍ୟରେ ଘରୋଇ ଶିକ୍ଷାନୁଷ୍ଠାନକୁ ମଧ୍ୟ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି। ଏହି ଘରୋଇ ଶିକ୍ଷାନୁଷ୍ଠାନରେ ପିଲାଙ୍କ ନାମ ଲେଖାହାର ସରକାରୀ ତୁଳନାରେ ଅଧିକ।

ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଅଭାବ ଏକ ପୁରୁଣା ସମସ୍ୟା। ଏହାର କାରଣ ମଧ୍ୟ ଅନେକ। ୟୁଜିସିର ରହିତାଦେଶ ଯୋଗୁଁ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ବେଶ୍ କିଛିକାଳ ଧରି ପ୍ରଭାବିତ ହୋଇଛି। ତଥାପି ଏହି ପାଞ୍ଚବର୍ଷ ମଧ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଙ୍କ ସଂଖ୍ୟା ବଢ଼ିଛି। ଅନେକ ସ୍ଥାନରେ ସରକାର ବାଧ୍ୟ ହୋଇ ଅସ୍ଥାୟୀ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟରେ କଲେଜ / ବିଶ୍ୱବିଦ୍ୟାଳୟ ଶିକ୍ଷକଙ୍କ ସଂଖ୍ୟା ଏବେ ୪୩୭୩୦। ସେଥିରୁ ୧୭ ହଜାର ମହିଳା।

ରାଜ୍ୟରେ ବିଦ୍ୟାର୍ଥୀ-ଶିକ୍ଷକ ଅନୁପାତରେ ଉନ୍ନତି ଘଟିଛି। ଏହି ହାର ୨୦୨୧-୨୨ରେ ୧:୨୩ରେ ପହଞ୍ଚିଥିଲା, ଯାହା ଉତ୍ସାହଜନକ। ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ହେବା ପରେ ସମଗ୍ର ଦେଶରେ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି ଏବଂ ଏଥିରୁ ଓଡ଼ିଶା ବାଦ ପଡ଼ିବ ନାହିଁ। ଶିକ୍ଷାନୁଷ୍ଠାନର କାୟାକଳ୍ପ ପରିବର୍ତ୍ତନ ଏବଂ ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରରେ ନୂଆ ଶିକ୍ଷାନୀତି ଅନୁସାରେ ନୂତନ ପାଠ୍ୟକ୍ରମ ପ୍ରଚଳନ ଫଳରେ ଶିକ୍ଷକ ନିଯୁକ୍ତି ଆବଶ୍ୟକତା ଅନୁସାରେ କରାଯିବ ଏବଂ ବିଦ୍ୟାର୍ଥୀ-ଶିକ୍ଷକ ଅନୁପାତ ସ୍ୱାଭାବିକ ଭାବେ ବଢ଼ିବ। ଶିକ୍ଷକ ଅଭାବ ଏକ ସର୍ବଭାରତୀୟ ସମସ୍ୟା। କେବଳ ରାଜ୍ୟ ଚାହିଁଲେ ଏହାର ସମାଧାନ ହେବ ନାହିଁ। ନୂଆ ଶିକ୍ଷାନୀତି ପ୍ରବର୍ତ୍ତନ ଏ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଅବଶ୍ୟ ସୃଷ୍ଟି କରିବ। ବିଧି ଓ ବ୍ୟବସ୍ଥା ସ୍ୱଚ୍ଛ ହୋଇଗଲେ ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷକ ଅଭାବ ରହିବ ନାହିଁ। ଆମ ଶିକ୍ଷା ବ୍ୟବସ୍ଥା ଏକ ନୂଆ ଲକ୍ଷ୍ୟ ହାସଲ ଦିଗରେ ଅବଶ୍ୟ ଅଗ୍ରସର ହେବ। ବଡ଼ କଥା ହେଉଛି ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ଓ କାର୍ଯ୍ୟକ୍ରମ ବିଭିନ୍ନ ସ୍ତରରେ ଆରମ୍ଭ କରିଦେଇଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।

# ଗାନ୍ଧୀ ଓ ଭଗବତ୍ ଗୀତା



ଡ. ପ୍ରଫୁଲ୍ଲ କୁମାର ସାହୁ
ଭଦ୍ରକ, ମୋ: ୬୩୭୧୬୪୨୪

ସର୍ବଶାସ୍ତ୍ରର ସାର 'ଗୀତା'। ସନାତନ ଧର୍ମର ନିଗୂଢ଼ ନିର୍ଯାସ। ମହାଭାରତ ସମର କ୍ଷେତ୍ରରେ ପ୍ରିୟଜନଙ୍କ ବିରୁଦ୍ଧରେ ଅସ୍ତ୍ର ଉଠାଇବାକୁ ଅର୍ଜୁନ ଯେତେବେଳେ କୁଣ୍ଠା ପ୍ରକାଶ କଲେ, ସେତେବେଳେ ସଖା ଶ୍ରୀକୃଷ୍ଣ ଯେଉଁ ବକ୍ତବ୍ୟ ମାଧ୍ୟମରେ ତାଙ୍କ ଚେତନାରେ ପରିବର୍ତ୍ତନ ଆଣିଲେ - ତାହା ହିଁ ଗୀତାର ସାରମର୍ମ। ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମାଧ୍ୟମରେ ମୋହ ଓ ଅହଂ ବିମୁକ୍ତି ପାଇଁ ସମଗ୍ର ମାନବ ଜାତି ଉଦ୍ଦେଶ୍ୟରେ ଯେଉଁ ଦୁର୍ମୂଲ୍ୟ ସନ୍ଦେଶ ଦେଇଛନ୍ତି ତାହାର ଏକ ବାଙ୍ମୟ ବିଗ୍ରହ ହେଉଛି ଶ୍ରୀମଦ୍ ଭଗବତ ଗୀତା, ଯାହା କଥିତ ଆକାରରେ 'ଗୀତା' ନାମରେ ବିଶ୍ୱବିଖ୍ୟାତ। ଜଞ୍ଜାଳଗ୍ରସ୍ତ ଜୀବନର ଅର୍ଥ, ଆଭିମୁଖ୍ୟ ଓ ମର୍ମକୁ ଏଥିରେ ଯେଭଳି ସଂକ୍ଷିପ୍ତ, ପ୍ରାଞ୍ଜଳ ଓ ପ୍ରଭାବଶାଳୀ ଢଙ୍ଗରେ ବର୍ଣ୍ଣନା କରାଯାଇଛି, ତାହା ଅନ୍ୟ କୌଣସି ଶାସ୍ତ୍ରରେ ବିରଳ। କହିବାକୁ ଗଲେ ସମଗ୍ର ବିଶ୍ୱରେ ଏପରି ଆଉ ଶାସ୍ତ୍ର ନାହିଁ, ଯାହାର ବକ୍ତା ଓ ବିଷୟ ନିଜେ ଭଗବାନ। ଭୀଷ୍ମ ପର୍ବର ୨୪ ଅଧ୍ୟାୟରୁ ୪୨ଅଧ୍ୟାୟ ପର୍ଯ୍ୟନ୍ତ ଆଲୋଚିତ ଏହି ପର୍ଯ୍ୟାୟ କେବଳ ସାତଶହ ଶ୍ଲୋକର ସମାହାର ନୁହେଁ, ବରଂ ସାତଶହ ଶହ ବାସ୍ନାୟିତ ଫୁଲର ଏକ ସୁରମ୍ୟ ମାଳା। କିଏ ଏହାକୁ ମହାଭାରତର ପଞ୍ଚମ ବେଦ କହେ ତ କିଏ କହେ ମାନବ ଜାତିର ଆଧ୍ୟାତ୍ମିକ ସମ୍ବିଧାନ।

ଗୀତାର ବାଣୀ ମାନବୀୟ ମୂଲ୍ୟବୋଧର ପ୍ରାଚୀନତମ ଉଦ୍‌ବୋଧନୀ। ହଜାର ହଜାର ବର୍ଷ ପୂର୍ବରୁ ସୃଷ୍ଟି ହୋଇଥିଲେ ବି ଏ ଯାବତ୍ ମ୍ଳାନ ପଡ଼ିଯାଇନି ତା'ର ଅନ୍ତର୍ନିହିତ ଶକ୍ତି। ଭଗବାନଙ୍କ ମୁଖରୁ ଏହା ନିସୃତ ହେବା ବେଳକୁ ସୃଷ୍ଟି ହୋଇନଥିଲା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ଆଦି ଭିନ୍ନ ଭିନ୍ନ ଧର୍ମ ସମ୍ପ୍ରଦାୟ। ତେଣୁ ଗୀତାକୁ କେବଳ ହିନ୍ଦୁମାନଙ୍କର 'ଧର୍ମଶାସ୍ତ୍ର' ନ କହି ସମଗ୍ର ମାନବ ଜାତିର 'ଜୀବନବେଦ' କହିବା ଅଧିକ ପ୍ରାସଙ୍ଗିକ। ଗୀତା ଅନନ୍ତ ଜ୍ଞାନର ଅସରନ୍ତି ଭଣ୍ଡାର। ତା'ର ପ୍ରତିଟି ଶ୍ଲୋକ ଏକ ଏକ ମନ୍ତ୍ର। ସେଥିରେ ଉପନିଷଦୀୟ ଦର୍ଶନର ଔଜଲ୍ୟ ଥିଲେ ବି ବେଦର ସୂକ୍ତ ପରି ଦୁର୍ବୋଧ ନୁହେଁ କି ସେଥିରେ ନାହିଁ ରୂଢ଼ିବାଦ, ଅନ୍ଧବିଶ୍ୱାସ ଓ ପୁରାଣର ଅତିରଞ୍ଜନ।

ଗୀତା କହେ 'କର୍ମଯୋଗ'ର କଥା। ୧୮ଟି ଯାକ ଅଧ୍ୟାୟରେ ରହିଛି ୧୮ଟି କର୍ମଯୋଗର କୌଶଳ। ଭାରତୀୟ ଜ୍ଞାନ ପରମ୍ପରା ଓ ଜୀବନ ପଦ୍ଧତି ଉପରେ ପର୍ଯ୍ୟବସିତ ଗୀତାର ଉପଦେଶ ହେଉଛି - 'କର୍ମକର, କିନ୍ତୁ ଫଳ ଉପରେ ଆଶା ରଖନାହିଁ।' ଗୀତାର ଏହି ମହାନ୍ ବାଣୀ ଥିଲା ମହାତ୍ମା ଗାନ୍ଧୀଙ୍କ କର୍ମ ସାଧନାର ମୂଳ ମନ୍ତ୍ର। ଗୀତାର ଉଦ୍‌ଘୋଷିତ 'ଜୀବନ ଦର୍ଶନ' ଓ 'ନିଷ୍କାମ କର୍ମଯୋଗ' ଆଧାରରେ ନିଜର ଆଚରଣ, ନିର୍ଭୀକତା ଓ ମାନବ ପ୍ରୀତିକୁ ଏକ ସୁସଂହତ ଦର୍ଶନରେ ପରିଣତ କରି ମୋହନ ଦାସ କରମଚାନ୍ଦ ଗାନ୍ଧୀ ମଣିଷରୁ ମହାମାନବ ଓ ଶେଷରେ ମହାତ୍ମା ସ୍ତରକୁ ଉନ୍ନୀତ ହୋଇ ବ୍ୟକ୍ତିରୁ ହୋଇଗଲେ ବିରଳ ବିଚାର। ଲଣ୍ଡନରେ ଆଇନ ଅଧ୍ୟୟନ (୧୮୮୮ - ୧୮୯୧) ସମୟରେ ଇଂରେଜ ଲେଖକ ଏଡ୍‌ୱିନ୍ ଆର୍ନୋଲଡଙ୍କ ଭଗବତ ଗୀତାର ଇଂରାଜୀ ଅନୁବାଦ ପଢ଼ି ସେ ପାଇଥିଲେ ଅନ୍ତର୍ଜ୍ୟୋତିକୁ ନିରୀକ୍ଷଣ କରିବାର ପ୍ରେରଣା। ସେବେଠାରୁ ଗୀତାକୁ ସେ ମାର୍ଗଦର୍ଶକ ଭାବରେ ଗ୍ରହଣ କରିନେଇଥିଲେ ଏବଂ ଯେତେବେଳେ ସେ ଦ୍ୱନ୍ଦ୍ୱରୁ ମୁକୁଳି ନପାରି ବିଷାଦଗ୍ରସ୍ତ ହେଉଥିଲେ, ସେତେବେଳେ ଭଗବତ ଗୀତାରୁ ମିଳଯାଉଥିଲା ସମାଧାନର ବାଟ। ସେଥିପାଇଁ ଗୀତାକୁ ସେ ନିଜର ମା' ବୋଲି ଅଭିହିତ କରି ଲେଖିଛନ୍ତି ଇଂରାଜୀ ପୁସ୍ତକ 'ଗୀତା ଦି ମଦର'। ଏଥିରେ ସେ କହିଛନ୍ତି 'ଗୀତା' ମୋ ପାଇଁ କେବଳ ଏକ ଧର୍ମଗ୍ରନ୍ଥ ନୁହେଁ, ଏହା ମୋର ଶାଶ୍ୱତ ଜନନୀ ସଦୃଶ। ଜୀବନର ଆଦ୍ୟ ଭାଗରେ ମୁଁ ମୋର ମା'ଙ୍କୁ ହରେଇଥିଲି, କିନ୍ତୁ ଏହି 'ଶାଶ୍ୱତ ମା'- ଗୀତା' ଜନ୍ମଦାତ୍ରୀ ପରି ମୋ ପାଖରେ ସଦା ବିରାଜମାନ ଓ ଅପରିବର୍ତ୍ତିତ।

ଗୀତା ପ୍ରତି ଏଭଳି ଅକଳ୍ପନୀୟ ଶ୍ରଦ୍ଧା ଓ ସମ୍ମାନ ହିଁ ତାଙ୍କୁ ବାଧ୍ୟ କରିଥିଲା ସଂସ୍କୃତ ଭାଷାରେ ଦକ୍ଷତା ଅର୍ଜନ କରି ବ୍ୟାସଦେବଙ୍କ ମୂଳ ରଚନା ଅଧ୍ୟୟନ ଓ ଅନୁଶୀଳନ ପାଇଁ। ସ୍ୱାଧୀନତା ସଂଗ୍ରାମର ବ୍ୟସ୍ତତା ଭିତରେ ଥାଇ ବି ସେ ମୂଳ ସଂସ୍କୃତ ରଚନାକୁ ଗୁଜୁରାଟୀ ଭାଷାରେ 'ଅନୁଶକ୍ତି ଯୋଗ' ନାମରେ ଅନୁବାଦ କରିଥିଲେ, ଯାହା ଥିଲା ଗୁଜୁରାଟୀ ଭାଷାରେ ଲିଖିତ ପ୍ରଥମ ଗୀତା ଗ୍ରନ୍ଥ। ସେଥିରେ ଗାନ୍ଧିଜୀ କହିଥିଲେ ମୋର ୩୮ ବର୍ଷର ଗୀତା ଜ୍ଞାନ ନିୟନ୍ତ୍ରିତ ଜୀବନ ପ୍ରଣାଳୀ ଦ୍ୱାରା ଅନୁପ୍ରେରିତ ହୋଇ ଏହାକୁ ମୁଁ ଅନୁବାଦ କରିଛି ଏବଂ ଆଶା କରୁଛି ଯେଉଁମାନେ ଏହାକୁ ପଢ଼ିବେ ଓ ଅନୁଶୀଳନ କରିବେ ସେମାନେ ଦୈନନ୍ଦିନ ଜୀବନରେ ଉପଲବ୍ଧି କରିପାରିବେ ଆଧ୍ୟାତ୍ମିକତାର ଆନନ୍ଦ। ଗାନ୍ଧିଜୀ ତାଙ୍କର ପୁସ୍ତକ 'ଦି ମେସେଜ୍ ଅଫ୍ ଦି ଗୀତା'ରେ ଲେଖିଛନ୍ତି - 'ମଣିଷ ମନ ଭିତରେ ନ୍ୟାୟ-ଅନ୍ୟାୟର ଯେଉଁ ପ୍ରତିଯୋଗିତା ଚାଲିଛି, ତା'ର ଏକ ପ୍ରତୀକାତ୍ମକ ଚିତ୍ର ହେଉଛି କୁରୁକ୍ଷେତ୍ରର ଯୁଦ୍ଧ ବର୍ଣ୍ଣନା।' ତାଙ୍କ ମତରେ ମଣିଷର ମନ ଏକ କୁରୁକ୍ଷେତ୍ର ଏବଂ ମନର ଶୁଭକାମନା ପାଣ୍ଡବ ପକ୍ଷ ହେଲେ ଅଶୁଭ କାମନା ହେଉଛି କୌରବପକ୍ଷ। ହୃଦୟ ରାଜ୍ୟରେ ଶାନ୍ତି ସ୍ଥାପନ ପାଇଁ ଅଶୁଭ ଭାବନାକୁ ଧ୍ୱଂସ କରି ଶୁଭ ଶକ୍ତିର ଆହ୍ୱାନ କରନ୍ତି ବିବେକ ରୂପକ ଶ୍ରୀକୃଷ୍ଣ। ଅର୍ଥାତ୍ ଗୀତା କିଛି ହିଂସାତ୍ମକ ଯୁଦ୍ଧ ବା ସମର ଗ୍ରନ୍ଥ ନୁହେଁ, ଏହା ଅହିଂସାର ମହାକାବ୍ୟ। ଏଥିରେ ରହିଛି ଯେକୌଣସି ସମସ୍ୟାରୁ ମୁକୁଳିବାର ପ୍ରକୃଷ୍ଟ ନିଦାନ।

କୁରୁକ୍ଷେତ୍ରରେ ଅର୍ଜୁନ ଯେମିତି ବିଷାଦରେ ଭାଙ୍ଗି ପଡୁଥିଲେ ସେମିତି ଜାପାନରେ ପ୍ରଥମ ପରମାଣୁ ବୋମା ନିକ୍ଷେପ ପରେ ଧ୍ୱଂସଲୀଳା ପାଇଁ ନିଜକୁ ଦାୟୀ କରି ଗଭୀର ମର୍ମାହତ ହୋଇଥିଲେ ବିଚକ୍ଷଣ ପରମାଣୁ ବିଜ୍ଞାନୀ ଜେ. ରବର୍ଟ୍ ଓପେନ୍-ହାଇମର। ବିଷାଦରୁ ମୁକ୍ତି ପାଇଁ ଈଶ୍ୱରଙ୍କୁ ଧ୍ୟାନ କରିବା ସହିତ ପଢ଼ିଥିଲେ ପୃଥିବୀର ବହୁ ଧର୍ମଗ୍ରନ୍ଥ। ଏଥିମଧ୍ୟରୁ ଗୀତା ପାଠକରିବା ପରେ ସେ ବୁଝିଥିଲେ ଯେ, ପରମାଣୁ ବୋମା ବିସ୍ଫୋରଣର ସେ ମାଧ୍ୟମ ହୋଇପାରନ୍ତି, କିନ୍ତୁ ତାହା ଥିଲା ଈଶ୍ୱରଙ୍କ ଇଚ୍ଛା। ଗୀତାର ଏହି ମର୍ମବାଣୀ ତାଙ୍କୁ ଏତେ ଆଶ୍ୱସ୍ତି ଦେଇଥିଲା ଯେ ସେ ନିୟମିତ ଗୀତା ପାଠ କରିଥିଲେ ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଗୀତାଜ୍ଞାନର ପ୍ରଚାର କରିଥିଲେ ଜୀବନର ଶେଷ ପର୍ଯ୍ୟନ୍ତ।

ନୈତିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଗୀତା ବାଣୀରୁ ହିଁ ଜାଣିହୁଏ ଜୀବନ ଧାରଣର ମାନ। ଗୀତା ହିଁ ବତେଇ ଦିଏ ସାର୍ଥକତାର ଜୀବନ ଜିଇଁବାର ସୂତ୍ର। କଥାରେ ଅଛି 'ବୁଝ ନବୁଝୁ ପଢ଼ ଗୀତା, ରୁଚୁ ନରୁଚୁ ଖା ପିତା'। ଅର୍ଥାତ୍ ପିତା ଯେମିତି ଶରୀର ପାଇଁ ହିତକର, ଗୀତା ସେମିତି ମାନସିକ ଶାନ୍ତି ପାଇଁ ଆବଶ୍ୟକ। ଏକଦା ନିତ୍ୟ ଗୀତାପାଠ କରୁଥିବା ଜଣେ ବୃଦ୍ଧଙ୍କୁ ତାଙ୍କ ନାତି ପଚାରିଲେ, 'ଆପଣ ସବୁଦିନେ ଗୀତାପାଠ କରି କି ଲାଭ ପାଉଛନ୍ତି? ସେ ବହିପଢ଼ି ମୁଁ ତ କିଛି ବୁଝି ପାରିଲି ନାହିଁ।' ଜେଜେ ଉତ୍ତର ଦେବା ପୂର୍ବରୁ କହିଲେ, 'ଆମ ବାଡ଼ିପଟେ ଯେଉଁ କୋଇଲା ବୋଝେଇ ଝୁଡ଼ିଟା ଅଛି ତା'କୁ ନେଇ ନଈରେ ଫିଙ୍ଗିଦେବୁ ଏବଂ ସେ ଝୁଡ଼ିରେ ନଈରୁ ପାଣି ପୂରେଇ ଆଣିବୁ।' ଜେଜେଙ୍କ କଥାନୁସାରେ ପିଲାଟି ନଈରେ କୋଇଲା ଫିଙ୍ଗିଦେଇ ଝୁଡ଼ିରେ ପାଣି ଆଣିଲା। ସେଥିରେ ଛୋଟ ଛୋଟ ଛିଦ୍ର ଥିବାରୁ ଘରେ ପହଞ୍ଚିଲା ବେଳକୁ ଟୋପାଏ ବି ପାଣି ନଥିଲା ଝୁଡ଼ିରେ। ଜେଜେ କହିଲେ, 'ଆଉଥରେ ଚେଷ୍ଟାକର।' ପିଲାଟି ନିଜର ବେଗ ବଢ଼ାଇବା ସହିତ ବାରମ୍ବାର ଚେଷ୍ଟା କରି ବିଫଳ ହେଲାପରେ କହିଲା, 'ଆପଣଙ୍କ ଗୀତାପାଠ ପରି ମୋର ଏ ପରିଶ୍ରମ ମଧ୍ୟ ବୃଥାଗଲା। ବାରମ୍ବାର ଦୌଡ଼ି ଦୌଡ଼ି ଝାଳରେ ଓଦା ହେଲି, କିନ୍ତୁ ଫଳ କିଛି ହେଲାନି।' ଜେଜେ କହିଲେ, 'ବାରମ୍ବାର ଦୌଡ଼ିବା ଦ୍ୱାରା ଯେମିତ ତୋର ଅପରିଷ୍କାର ରକ୍ତ ଝାଳ ହୋଇ ବୋହିଗଲା ଏବଂ ପାଣିରେ ଧୋଇହୋଇ ଝୁଡ଼ିଟି ସଫା ହୋଇଗଲା, ସେମିତି ଗୀତା ପଢ଼ିବା ଦ୍ୱାରା ମନରୁ ମଇଳା ଦୂରହୁଏ ଓ ସତେଜ ହୋଇଉଠେ ଚିନ୍ତାଶକ୍ତି।'

ଦର୍ପଣ ସମ୍ମୁଖରେ ଠିଆହେଲେ ମଣିଷ ନିଜର ବାହ୍ୟ ରୂପ ଦେଖିପାରେ ସିନା, କିନ୍ତୁ ଦୃଶ୍ୟମାନ ହୁଏନି ନିଜ ଅନ୍ତର ଭିତରେ ଲୁଚିଥିବା କୁପ୍ରବୃତ୍ତି। ମଣିଷକୁ ଆସ୍ତେ ଆସ୍ତେ ଅବାଟକୁ ନେଇଯାଉଥିବା ଏହି ପ୍ରବୃତ୍ତିକୁ ଚିହ୍ନିବା ପାଇଁ ଲୋଡ଼ା ଆତ୍ମସମୀକ୍ଷା। ଗୀତାର ବାଣୀ ସେ ଆତ୍ମସମୀକ୍ଷା ପାଇଁ ଏକ ପ୍ରେରଣାପୂର୍ଣ୍ଣ ପ୍ରଚୋଦନା। କେବଳ ଗୀତାପାଠ କରୁଥିବା ବ୍ୟକ୍ତି ନୁହେଁ, ଗୀତା ଶ୍ରବଣ କରୁଥିବା ବ୍ୟକ୍ତି ମନରୁ ମଧ୍ୟ ଅପସରି ଯାଏ ନକାରାତ୍ମକ ଭାବନା। ତେଣୁ ଆମ ଜୀବନଯାତ୍ରାରେ ଗୀତାବାଣୀର ବ୍ୟାବହାରିକ ତାତ୍ପର୍ଯ୍ୟ ବେଶ୍ ବିବିଧ, ବ୍ୟାପକ ଓ ସକାରାତ୍ମକ। କୁହାଯାଏ ଅନ୍ତିମ କାଳରେ ଗୀତାପାଠ ଓ ଶ୍ରବଣ ଦ୍ୱାରା ପରଲୋକରେ ମିଳେ ପରମ ଶାନ୍ତି। ମାତ୍ର ଗୀତା କେବଳ ବାର୍ଦ୍ଧକ୍ୟର ଗ୍ରନ୍ଥ ନୁହେଁ, ଜୀବନଯାତ୍ରାର ପାଥେୟ ଭାବରେ ଗୀତା ମାର୍ଗକୁ ଯୌବନରୁ ଆପଣେଇ ନେଲେ ତେଜୋଦୀପ୍ତ ହୁଏ ବ୍ୟକ୍ତିତ୍ୱ। ସୃଷ୍ଟିହୁଏ ଅନାସକ୍ତ କର୍ମ ପ୍ରେରଣା। ସମାଜରୁ ଦୂରହୁଏ ସାମ୍ପ୍ରଦାୟିକ ବିଦ୍ୱେଷ ଓ ସଂଘର୍ଷର ଆଶଙ୍କା। ଅତଏବ ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜୁନ ମାଧ୍ୟମରେ ଯେଉଁ ମହାର୍ଘ ବାର୍ତ୍ତା ଦେଇଛନ୍ତି ତାହା ଆମ ସମସ୍ତଙ୍କ ପାଇଁ ଅନୁସରଣୀୟ।

# ବିଶ୍ୱମଞ୍ଚରେ ଓଡ଼ିଆ ଭାଷା



ଡ. ହୃଷୀକେଶ ମଲ୍ଲିକ
ଭୁବନେଶ୍ୱର, ମୋ: ୯୮୫୩୨୮୭୭୫୫

ଓଡ଼ିଆ ଭାଷାର ଅନନ୍ୟପୂର୍ବ ଏକ ନବଜାଗରଣ ରୂପରେଖ ନେବାକୁ ଯାଉଛି। କୀର୍ତ୍ତିମାଳିନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟର 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'। ଶ୍ରୀଜଗନ୍ନାଥ ଧାମ ପୁରୀରେ ଐତିହ୍ୟ କ୍ୟାବିନେଟ୍‌ରେ ପାରିତ ସଂକଳ୍ପର ଏହା ବାସ୍ତବାୟନ। ଏହି ଆୟୋଜନ ପାଇଁ ରାଜ୍ୟର କୋଣଅନୁକୋଣରେ ଏକ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟର ଏହି ମହାପର୍ବ ଦୂରଦ୍ରଷ୍ଟା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଞ୍ଚାଳିତ ହେଉଛି। ଦେଶର ଅନ୍ୟରାଜ୍ୟରେ କେଉଁଠି ଏତେ ଉଦ୍ଦାମତାର ସହିତ ନିଜ ମାତୃଭାଷାକୁ ନେଇ ଏପରି ମହାପର୍ବ ଆୟୋଜିତ ହୋଇଛି କି ନା ଜଣାନାହିଁ। ଆଧ୍ୟାତ୍ମିକ କ୍ଷେତ୍ରରେ କ୍ଷେତ୍ରୀୟ ବିକାଶ ପରେ ଓଡ଼ିଶା ସରକାରଙ୍କର ଧ୍ୟାନ ଭାଷା-ବିକାଶରେ କେନ୍ଦ୍ରୀଭୂତ ହେବା ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀଙ୍କ ପାଇଁ ଗୌରବର ବିଷୟ ନିଶ୍ଚୟ।

ଏହି ଅବକାଶରେ ଆମେ ଓଡ଼ିଆ ଭାଷାର ସାମ୍ପ୍ରତିକ ସ୍ଥିତି, ଏହାର ଅତୀତ ଓ ଭବିଷ୍ୟତକୁ ନେଇ ଆମର ଅନୁଚିନ୍ତାକୁ ବ୍ୟକ୍ତ କରିପାରିବା। ଅଷ୍ଟମ-ନବମ ଶତାବ୍ଦୀରୁ ବୌଦ୍ଧ ଚର୍ଯ୍ୟାପଦ ଦେଇ ଓଡ଼ିଆ ଭାଷା-ସାହିତ୍ୟ ଆସି ଏକବିଂଶ ଶତାବ୍ଦୀରେ ପହଞ୍ଚିଛି। ଏହି ସୁଦୀର୍ଘ ଯାତ୍ରାପଥରେ ନାନା ସଙ୍କଟର ସମ୍ମୁଖୀନ ହେବା ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଓ ଭାଷିକ ସାମର୍ଥ୍ୟ ଯୋଗୁଁ ଓଡ଼ିଆ ଭାଷା ଦେଶରେ ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ଓଡ଼ିଆ ସଂସ୍କୃତି ଓ ଭାଷାର ଉନ୍ନତିକଳ୍ପେ ରାଜ୍ୟ ସରକାର ଭୁବନେଶ୍ୱରରେ 'ସଂସ୍କୃତି ବିଶ୍ୱବିଦ୍ୟାଳୟ' ଓ 'ସତ୍ୟବାଦୀ' (ଗୋପବନ୍ଧୁଙ୍କ କର୍ମଭୂମି)ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛି। ରାଜ୍ୟରେ ଭର୍ଚୁଆଲ ଏକାଡେମୀ ସ୍ଥାପିତ ହୋଇ ଓଡ଼ିଆ ଭାଷା-ସାହିତ୍ୟର କମ୍ପ୍ୟୁଟରୀକରଣ କରାଯାଇଛି ଓ ଓଡ଼ିଆ ସାହିତ୍ୟ ତଥା ଭାଷାଗତ ଗୁରୁତ୍ୱପୂର୍ଣ୍ଣ ନଥିକୁ ଇଣ୍ଟରନେଟ୍‌ରେ ଉପଲବ୍ଧ କରାଯାଇଛି। ଓଡ଼ିଆ ସାହିତ୍ୟର ଉତ୍କୃଷ୍ଟ ଗ୍ରନ୍ଥରାଜିକୁ ବିଦେଶୀ ଭାଷାରେ ଅନୁବାଦ କରାଯିବାର ଉପକ୍ରମ ଆତ୍ମିକ ଆବେଗର ସହିତ କରାଯାଉଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରଥମଥର ପାଇଁ ଦକ୍ଷିଣ ଭାରତର ଏକ ପ୍ରମୁଖ ଭାଷା 'କନ୍ନଡ଼'କୁ ମଧ୍ୟଯୁଗୀୟ ଓଡ଼ିଆ ଭକ୍ତି ସାହିତ୍ୟ ଅନୂଦିତ ହୋଇ କନ୍ନଡ଼ ଭାଷାଭାଷୀଙ୍କ ପାଇଁ ଉପଲବ୍ଧ ହୋଇଛି ଓ କନ୍ନଡ଼ର ମଧ୍ୟଯୁଗୀୟ 'ବଚନ ସାହିତ୍ୟ' ଓଡ଼ିଆ ଭାଷାରେ ଅନୂଦିତ ହୋଇ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶ ପାଇଛି। 'କର୍ଣ୍ଣାଟକ ସାହିତ୍ୟ ଏକାଡେମୀ' ଓଡ଼ିଆ ମଧ୍ୟଯୁଗୀୟ ସାହିତ୍ୟର କନ୍ନଡ଼ ଅନୁବାଦ ପ୍ରକାଶ କରିଛନ୍ତି। ଓଡ଼ିଆ ଭାଗବତ (ଜଗନ୍ନାଥ ଦାସ କୃତ)ର ୪୦ ହଜାର ଖଣ୍ଡ ବିକ୍ରି ସରି ପଞ୍ଚମ ପରିଶୋଧିତ ସଂସ୍କରଣ ଛପା ଚାଲିଛି ଓ ଏହାର ପରିମାଣ ରହିଛି ୧୦ ହଜାର ଖଣ୍ଡ। ଖୁବ୍‌ଶୀଘ୍ର ଏହା ବିପଣନ ପାଇଁ ଉପଲବ୍ଧ ହେବ। ସାରଳା ଦାସଙ୍କ ସମ୍ପୂର୍ଣ୍ଣ ମହାଭାରତ ହିନ୍ଦୀରେ ଅନୂଦିତ ହୋଇ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶ ପାଇଛି ଓ ଏହା ସର୍ବଭାରତୀୟ ପରିଚିତି ଲାଭ କରି ଓଡ଼ିଆ ଭାଷାର ତେଜ ଓ ଟେକ ବଢ଼ାଇଛି। ଏକାଡେମୀ ପକ୍ଷରୁ 'କୋଣାର୍କ' (ଓଡ଼ିଆ ଓ ଇଂରାଜୀ) ପତ୍ରିକା ପ୍ରକାଶିତ ହେବା ସାଙ୍ଗକୁ ନୂତନ ଭାବେ ସୃଜନଶୀଳ ସାହିତ୍ୟର ପ୍ରଚାର-ପ୍ରସାର ପାଇଁ 'ଶାରଳା' ନାମରେ ଏକ ପତ୍ରିକା ପ୍ରକାଶିତ ହେଉଛି।




ଓଡ଼ିଆ ଭାଷା ପରିଷଦ ଓଡ଼ିଆ ଭାଷାର ଉନ୍ନତିକରଣ ପାଇଁ ପ୍ରତିନିୟତ ଚେଷ୍ଟା ଜାରି ରଖିଛି। ପରିଷଦ ପକ୍ଷରୁ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ଅବିକଳ ମୁଦ୍ରଣ ଭାର ହାତକୁ ନିଆଯାଇଛି। 'ଶିଶୁଲେଖା' ପତ୍ରିକା ତ୍ରୟମାସିକ ଭାବେ ପ୍ରକାଶିତ ହୋଇ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ଯୋଗାଇ ଦିଆଯାଉଛି। ପରିଷଦ ମଧ୍ୟ ନିଜସ୍ୱ ପତ୍ରିକା 'ଭାଷାପତ୍ର' ଷାଣ୍ମାଷିକ ଭାବେ ପ୍ରକାଶ କରୁଛନ୍ତି।

ଓଡ଼ିଆ ଭାଷା-ସାହିତ୍ୟର ମନନ-ଯାତ୍ରା ଆଜି କେବଳ ଭାଷା ବା ସାହିତ୍ୟ-ବିଦ୍ୱାନ୍‌ଙ୍କ ମଧ୍ୟରେ ସୀମିତ ନାହିଁ। ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ତରୁଣୀତରୁଣଙ୍କ ମନରେ ଆଜି ଓଡ଼ିଆ ଭାଷାର ନୂଆ ପଳାଶ ପ୍ରସ୍ଫୁଟିତ ହୋଇଛି। ଫେବୃଆରୀରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ହେଉଛି ବିଶ୍ୱ ପରିଚୟ ନିର୍ମାଣ ପଥରେ ଓଡ଼ିଆ ଭାଷାର ପ୍ରମୁଖ ଭିତ୍ତି ପତ୍ତନ। 'ଘରେ ଘରେ ଓଡ଼ିଆ', 'ହାତେ ହାତେ ଓଡ଼ିଆ' - ଏହି ସଂକଳ୍ପକୁ ନେଇ ପ୍ରତି ଓଡ଼ିଆଙ୍କ ନିକଟରେ ଓଡ଼ିଆ ଭାଷାକୁ ପହଞ୍ଚାଇବା ଓ ଓଡ଼ିଆ ଭାବରେ ଛୋଟଠୁଁ ବଡ଼ଯାଏଁ ସମସ୍ତଙ୍କୁ ଭାଷା-ଭାବନାରେ ଉଦ୍ଦୀପିତ କରାଇବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

ବହୁଦିଗରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଗ୍ରଗତି ଘଟିଥିଲେ ବି ଏହି ସମ୍ମିଳନୀରେ ଯେଉଁ ମାନସମନ୍ଥନ ଘଟିବ ଓ ତହିଁରୁ ଯେଉଁ ନିଷ୍କର୍ଷ ବାହାରିବ, ତା'ରି ଆଧାରରେ ୨୦୩୬ ଆଡ଼କୁ ମୁହାଁଇବ ଓଡ଼ିଆ ଭାଷା ଓ ସାହିତ୍ୟର ଅଶ୍ୱମେଧ-ଘୋଡ଼ା। ୧୯୩୬ରେ ଭାଷାଭିତ୍ତିରେ ଗଠିତ ଓଡ଼ିଶା ୨୦୩୬ରେ ପାଳନ କରିବ ତା'ର ଜନ୍ମର ଶତବର୍ଷ-ମହୋତ୍ସବ। ଏବେ ଠୁଁ ଆମେ ପ୍ରତ୍ୟେକ ଓଡ଼ିଆ ଆମ ମାତୃଭାଷାର ସାମର୍ଥ୍ୟକୁ ଶତଗୁଣିତ କରିବା ଦିଗରେ ଚେଷ୍ଟିତ ହେବା ଆଜି ଆମ ପାଇଁ ଏକ ଆହ୍ୱାନ। ଓଡ଼ିଆ ଭାଷା କ୍ଷେତ୍ରରେ କେବଳ ନୁହେଁ, ପୃଥିବୀର ପ୍ରତ୍ୟେକ ଭାଷା ଆଜି ଅନେକ ଆହ୍ୱାନର ସମ୍ମୁଖୀନ। ସେସବୁ ଆହ୍ୱାନ ଓ ତା'ର ନିରାକରଣର ସମ୍ଭାବ୍ୟ ଉପାୟ ସମ୍ପର୍କରେ ବାରାନ୍ତରେ ଆଲୋଚନା କରାଯିବ। ଯେଉଁ ଜାତି ଓ ଭାଷା ପଛରେ ବଳିଷ୍ଠ ଏକ ସରକାରୀ ଇଚ୍ଛାଶକ୍ତି ରହିଛି ସେ ଜାତି ଓ ଭାଷାର ଭବିଷ୍ୟତ ଯେ ନିଃସନ୍ଦେହରେ ଉଜ୍ଜ୍ୱଳ- ଓଡ଼ିଶା ତା'ର ପ୍ରଥମ ଦୃଷ୍ଟାନ୍ତ ହେବାକୁ ଯାଉଛି।

**ଜୟ ଓଡ଼ିଶା, ଜୟ ଓଡ଼ିଆ ଭାଷା।**

# ଅନ୍ୟତମ କୀର୍ତ୍ତିଭୂମି ପାପଡ଼ାହାଣ୍ଡି



ଶ୍ରୀମତୀ ପ୍ରଭାତୀ ପଟ୍ଟନାୟକ
ବ୍ରହ୍ମପୁର, ମୋ: ୯୪୩୭୩୫୭୭୫୦

କୋରାପୁଟ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ପାପଡ଼ାହାଣ୍ଡି, କିନ୍ତୁ ଆଜି ସେ ଓଡ଼ିଶା ମାନଚିତ୍ରରେ ନିଜ ଔଜ୍ଜ୍ୱଲ୍ୟରେ ଭାସ୍ୱର। ପାପଡ଼ାହାଣ୍ଡିର ବୁକୁ ଉପରେ ଯେଉଁ ବିରାଟ ସହିଦ ସ୍ତମ୍ଭ ଗର୍ବର ସହ ମୁଣ୍ଡଟେକି ଛିଡ଼ା ହୋଇଛି, ସେ ବହନ କରିଛି ସେ ଗାଁର ବୀର ପୁରୁଷମାନଙ୍କର ତ୍ୟାଗ ଓ ବଳିଦାନର ଗାଥା। ଜନ୍ମମାଟିର ସ୍ୱାଧୀନତାର ଗାଥା।

ଆମ ଦେଶକୁ ଇଂରେଜର ଦାସତ୍ୱ କବଳରୁ ମୁକ୍ତ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଓ ନେତୃତ୍ୱର ସ୍ୱର ସହରଠାରୁ ଛୋଟ ବଡ଼ ଗାଁ ଗଣ୍ଡା ତଥା ବଣପାହାଡ଼ ଘେରା ଅଞ୍ଚଳରେ ଗୁଞ୍ଜରୀ ଉଠିଲା। ସେତେବେଳେ ପାପଡ଼ାହାଣ୍ଡିର ଆଦିବାସୀ, ଯେଉଁମାନେ କି ପ୍ରକୃତିର ସନ୍ତାନ, ଫୁଙ୍ଗୁଳା ଦେହରେ ଖଣ୍ଡେ କୌପୁନି ସେମାନଙ୍କ ପରିଧାନ, ବଣଜଙ୍ଗଲ ଘେରା ଚୌହଦୀ ହିଁ ତାଙ୍କ ପୃଥିବୀ, ପଶୁପକ୍ଷୀ ହିଁ ସେମାନଙ୍କ ସାଥୀ, ସହଚର। ଖରା, ବର୍ଷା ଶୀତ କାକର ସେମାନଙ୍କ ଦେହସୁହା। ସେମାନେ ରହୁଥିବା ନୁଆଁଣିଆ କୁଡ଼ିଆ ସନ୍ତସନ୍ତିଆ ଟାଙ୍ଗରା ଭୂଇଁ ହିଁ ସେମାନଙ୍କ ଦେଶ। ଦେଶ କ'ଣ, ତା'ର ଆୟତନ କେତେ, ସେଠାରେ କି ପ୍ରକାର ମଣିଷ ବାସ କରନ୍ତି, କ'ଣ ଖାଆନ୍ତି, କ'ଣ କରନ୍ତି, କିପରି ବଞ୍ଚନ୍ତି- ସେସବୁ ଜାଣିବାର ସୁଯୋଗ ନଥିଲା ସେମାନଙ୍କ ପାଖରେ ବା ତାଙ୍କର ଇଚ୍ଛା ବି ନ ଥିଲା ଜାଣିବା ପାଇଁ। ଭାରତଛାଡ଼ ଆନ୍ଦୋଳନର ଗୁଞ୍ଜରଣ କିନ୍ତୁ ସେ ଅଞ୍ଚଳର ବଣପାହାଡ଼କୁ ପ୍ରକମ୍ପିତ କରିଥିଲା। ସେମାନଙ୍କ ମନରେ ସୃଷ୍ଟି ହୋଇଥିଲା ତରଙ୍ଗ, ଦେହରେ କମ୍ପନ। ଅଶିକ୍ଷିତ ହେଲେ ମଧ୍ୟ ସ୍ୱାଧୀନତାର ଅର୍ଥ କିଛି କିଛି ବୁଝିବାକୁ ଆରମ୍ଭ କରିଥିଲେ ସେମାନେ।

୧୯୪୨ ମସିହା ଅଗଷ୍ଟ ୨୪ରେ ମହାତ୍ମା ଗାନ୍ଧୀ 'ଭାରତ ଛାଡ଼' ଆନ୍ଦୋଳନର ଯେଉଁ ଡାକରା ଦେଇଥିଲେ ସେ ଆନ୍ଦୋଳନର ମନ୍ତ୍ର ଥିଲା 'କର ବା ମର'। ସେ ସ୍ୱର ଚହଲେଇଥିଲା ଅବିଭକ୍ତ କୋରାପୁଟ ଜିଲ୍ଲାର ନଈକୂଳର ପାହାଡ଼ ତଳି ଗାଁଗୁଡ଼ିକର ଆଦିବାସୀମାନଙ୍କୁ। ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଆଦିବାସୀ ପୁଅ ଲକ୍ଷ୍ମଣ ନାୟକ। ତାଙ୍କରି ଡାକରାରେ କୋରାପୁଟର ହଜାର ହଜାର ସଂଖ୍ୟାରେ ଆଦିବାସୀ ଯୋଗ ଦେଇଥିଲେ। ସ୍ୱାଧୀନତାର ଅର୍ଥ ନ ବୁଝିଲେ ବି ମାଟି ମା'କୁ ସେମାନେ ଭଲ ଭାବରେ ବୁଝି ପାରିଥିଲେ ଓ ଭଲ ପାଇଥିଲେ। ନିରୋଳା ଜାଗା ଦେଖି ପାହାଡ଼ ତଳି ଅଞ୍ଚଳରେ ସେମାନେ ମନ୍ତ୍ରଣା କରୁଥିଲେ। କେମିତି ଫିରିଙ୍ଗିମାନଙ୍କ ସହ ଲଢ଼େଇ କରି ସେମାନଙ୍କୁ ଏ ଦେଶରୁ ହଟାଇବେ, ଏହାହିଁ ଥିଲା ସେମାନଙ୍କର ଲକ୍ଷ୍ୟ।

ତାରାଗାଁ ଆଡୁ ମାଡ଼ି ଆସିଥିଲେ ଗୁଳି ଗୋଳା ବନ୍ଧୁକ ଧରି ଇଂରେଜ ସିପାହୀ। ଏପଟେ ସରଳ, ନିରୀହ, ଅଶିକ୍ଷିତ ଦେଶପ୍ରେମୀ ଆଦିବାସୀ। ପାପଡ଼ାହାଣ୍ଡି ଗ୍ରାମ ଦେଇ ଟୁରି ନଦୀ ତା'ର ଉତ୍ତାଳ ତରଙ୍ଗରେ ଛଳଛଳ ହେଇ ବୁକୁ ଫୁଲେଇ ବହି ଚାଲିଥିଲା। ଇଂରେଜମାନଙ୍କ ଗୋଳାବାରୁଦ ଭରା ବନ୍ଧୁକ ପାଖରେ ଆଦିବାସୀ ପୁଅ ଧନୁ ତୀର ଠେଙ୍ଗା ଧରି କେତେ ବା ଲଢ଼େଇ କରିପାରିଥାନ୍ତେ! ଏ ଲଢ଼େଇ ୧୯୧୯ ମସିହାରେ ପଞ୍ଜାବର ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ସଦୃଶ ଥିଲା। ରାତିର ଅନ୍ଧକାରରେ ନିର୍ଘାତିଆ ପାହାରେ କାହା ଜୀବନ ଯାଇଥିବ ତ କାହାର ବନ୍ଧୁକ ଗୁଳିରେ କିଏ ଟଳି ପଡ଼ିଥିବ। ଧନୁର ତୀର କାହା ବକ୍ଷ ଭେଦ କରିଥିବ। ସେତେବେଳେର କରୁଣ ଚିତ୍କାର, ବିକଳ ସ୍ୱର ଶୁଣିଥିବେ ପାପଡ଼ାହାଣ୍ଡି ଗାଁକୁ ଘେରି ରହିଥିବା ଶାଳ, ପିଆଶାଳର ଘଞ୍ଚ ଜଙ୍ଗଲ। ନିରବଦ୍ରଷ୍ଟା ହୋଇଥିବେ ପାହାଡ଼, ଡଙ୍ଗର, ସବୁଜ ଧାନକ୍ଷେତ ଏବଂ ଲହରିତ କାଶତଣ୍ଡି।

ଯେଉଁ ସ୍ୱାଧୀନତା ସଂଗ୍ରାମୀ ଏବେ ବି ବଞ୍ଚିଛନ୍ତି ବା ସେମାନଙ୍କ ପରିବାରର କେହି ପ୍ରତ୍ୟକ୍ଷଦର୍ଶୀ କୁହନ୍ତି ଯେ ସେଦିନ ଟୁରି ରକ୍ତନଦୀରେ ପରିଣତ ହୋଇଯାଇଥିଲା। ନିଷ୍ପାପ ସରଳ ଆଦିବାସୀ ଜୀବନ ପଶୁ ପରି ବଳି ପଡ଼ିଲେ ଏଇ ଦେଶ ପାଇଁ। 'ପଛଘୁଞ୍ଚା ନାହିଁ ବୀରର ଜାତକେ'- ଏ କଥାକୁ ପ୍ରମାଣିତ କରିଦେଲେ ଆଦିବାସୀ। ସେମାନଙ୍କୁ ହରେଇ କେତେ ପରିବାର ଉଜୁଡ଼ିଥିବ, କେତେ କୋଳଶୂନ୍ୟ ହୋଇଥିବ, କେତେ ଶିଶୁ ଅନାଥ ହୋଇଥିବେ; ତା' ହିସାବ ସରକାର ରଖି ନଥିଲେ। ସେମାନେ ଏ ଦେଶ ପାଇଁ ସହିଦ ହୋଇଛନ୍ତି ସତ, ହେଲେ ସେମାନଙ୍କୁ କେବେ କେହି ମନେ ପକାଉନଥିଲେ। ସେମାନଙ୍କ ପରିବାର ଲୋକଙ୍କୁ ସମବେଦନାର ପଦେ କଥା ମଧ୍ୟ କେହି କହି ନଥିଲେ। ଦେଶ ସ୍ୱାଧୀନ ହେଲାପରେ ଆନ୍ଦୋଳନ ବେଳେ ଗାନ୍ଧୀ, ବଲ୍ଲଭଭାଇ ପଟେଲ, ସୁଭାଷ ଚନ୍ଦ୍ର ବୋଷ ଏମିତି ଅନେକ ବଡ଼ ବଡ଼ ନେତା କିଭଳି କଷ୍ଟ ପାଇଥିଲେ, କ'ଣ ସବୁ କରିଥିଲେ ତା' ହିସାବ ଇତିହାସ ରଖିଛି। ହେଲେ ପାପଡ଼ାହାଣ୍ଡିରେ ଦେଶ ପାଇଁ ଯେଉଁମାନେ ପ୍ରାଣବଳି ଦେଇଛନ୍ତି ତା'ର ହିସାବ କେହି ରଖିନାହିଁ। ଦେଶର କ'ଣ କର୍ତ୍ତବ୍ୟ ନୁହେଁ ସେହି ଅମର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ। ୧୯୮୧ ମସିହାରେ ଆମ ସରକାର ସଚେତନ ହେଲେ। ଇଂରେଜ ହାତରେ ନିରୀହ ଆଦିବାସୀ ଅଞ୍ଚଳର ବୀରପୁତ୍ରମାନେ ନିଃସ୍ୱାର୍ଥପର ଭାବେ ଦେଶ ପାଇଁ ଲଢ଼େଇ କରି ବଳି ପଡ଼ିଥିବା କଥା ମନେ ପଡ଼ିଲା। ଏତେ ବର୍ଷ ପରେ ବିସ୍ମୃତି ଗର୍ଭରେ ହଜିଯାଇଥିବା ତଥ୍ୟକୁ ଖୋଜି ଆମ ରାଜ୍ୟ ସରକାର ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ପାପଡ଼ାହାଣ୍ଡି ଗାଁର ସହିଦମାନଙ୍କ ବଳିଦାନ ଓ ଆତ୍ମୋତ୍ସର୍ଗର କାହାଣୀକୁ ଲୋକଲୋଚନକୁ ଆଣିଛନ୍ତି। ସେମାନଙ୍କ ସ୍ମୃତିକୁ ଜୀବ୍ୟାନ୍ୟାସ ଦେଇ ପାପଡ଼ାହାଣ୍ଡିରୁ ଉମରକୋଟ ଯିବା ରାସ୍ତାରେ ସହିଦ ସ୍ତମ୍ଭ ସ୍ଥାପନ କରି ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

୧୯୮୧ ମସିହା ଜାନୁୟାରୀ ୩୦ ତାରିଖ ଦିନ ସ୍ୱାଧୀନତା ସଂଗ୍ରାମୀ ରାଧାକୃଷ୍ଣ ବିଶ୍ୱାସରାୟଙ୍କ ଦ୍ୱାରା ଏହି ସ୍ତମ୍ଭର ଭିତ୍ତିପ୍ରସ୍ତର ସ୍ଥାପିତ ହେଲା। ଏହି ସ୍ମୃତିସ୍ତମ୍ଭର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ତିନିବର୍ଷ ଲାଗିଥିଲା। ତତ୍କାଳୀନ ରାଜ୍ୟପାଳ ବିଶ୍ୱମ୍ଭର ପାଣ୍ଡେଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଅତୀତ ଗର୍ଭରେ ଲୀନ ହେଉଥିବା ସ୍ମୃତିକୁ ଉଜ୍ଜୀବିତ ରଖି ଏ ଜାତି ଏ ଦେଶ ଧନ୍ୟ ହେଲା। ପୁରାତନ ଅଧ୍ୟାୟକୁ ନୂତନତାର ପୁଟ ଦେଇ ସ୍ମୃତିସ୍ତମ୍ଭଟିଏ ଛିଡ଼ା ହେଲା। ସ୍ମୃତିସ୍ତମ୍ଭକୁ ନିଜ ବୁକୁରେ ଧରି ପାପଡ଼ାହାଣ୍ଡି ଗର୍ବିତ। ଓଡ଼ିଶାର ମାନଚିତ୍ର ଦେଖିଲାବେଳେ କୋରାପୁଟ ଜିଲ୍ଲାକୁ ଆଖି ଖୋଜିବ। କାରଣ ସେଥିରେ ପାପଡ଼ାହାଣ୍ଡି ଗାଁ ଟିକୁ ଦେଖିଲେ ମନରେ ଅନେକ ସ୍ମୃତି ନାଚି ଉଠିବ। ଏହି ଶ୍ରଦ୍ଧା, ଏହି ସ୍ମୃତି ଯେମିତି ଚିରକାଳ ଅମଳିନ ହୋଇ ରହିବ, ସେଥିପାଇଁ ଗ୍ରାମବାସୀ ଏବଂ ନେତାମାନେ ସବୁବେଳେ ଯତ୍ନବାନ ହୋଇ ରୁହନ୍ତୁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଅବଶିଷ୍ଟାଂଶ...

## କୋଟିଏ ଜନଜାତିଙ୍କୁ...

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ରୂପାରୋଶନ ସାହୁ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟର ପ୍ରାୟ ୧୧୯ଟି ଆଦିବାସୀ ବହୁଳ ବ୍ଲକରେ ୧୦୦ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ରାୟ ୩୦ ହଜାର ଲୋକେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରି କରିଥାନ୍ତି। ତେବେ ପୂର୍ବରୁ ଲଘୁ ବନଜାତ ଦ୍ରବ୍ୟ ପାଇଁ କୌଣସି ଏମଏସପି ବ୍ୟବସ୍ଥା ନଥିଲା। ଟିଡିସିସିଓଏଲ ପକ୍ଷରୁ ସଂଗ୍ରହକାରୀଙ୍କ ନିକଟରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରାଯାଉଥିଲା। ତେବେ ଆଦିବାସୀ ବର୍ଗ ଯେପରି ଦ୍ରବ୍ୟ ବିକ୍ରି କରି ଲାଭାନ୍ୱିତ ହୋଇପାରିବେ. ସେଥିପାଇଁ ଏହି 'ଲାଭ' ଯୋଜନାକୁ ସରକାର ଆରମ୍ଭ କରିଛନ୍ତି। ଏହାଦ୍ୱାରା ଆଦିବାସୀ ଏଣିକି ଆଉ ଅଭାବୀ ବିକ୍ରିର ସମ୍ମୁଖୀନ ହେବେନାହିଁ ଓ ତୃତୀୟପକ୍ଷ ବା ଦଲାଲଙ୍କ ଭୂମିକା ରହିବ ନାହିଁ। ଯେଉଁମାନେ ଏହି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ଜନଜାତି ସମ୍ପ୍ରଦାୟର ହୋଇଥିବା ବେଳେ ଏଥିରୁ ଅଧିକାଂଶ ମହିଳା ଅଟନ୍ତି। ସେଥିପାଇଁ ଏହି ଯୋଜନାରେ ରାଜ୍ୟ ସରକାର ମିଶନ ଶକ୍ତି ଏସଏଚ୍‌ଜିକୁ ସାମିଲ କରିଛନ୍ତି। ବ୍ୟବସ୍ଥା ଅନୁଯାୟୀ ଯେଉଁ ସଂଗ୍ରହକାରୀଙ୍କ ନିକଟରୁ ଏହି ଦ୍ରବ୍ୟ ସଂଗ୍ରହ କରାଯିବ, ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ରାଜ୍ୟ ସରକାର ସିଧାସଳଖ ଏମଏସପି ଅର୍ଥ ପ୍ରଦାନ କରିବେ। ସେହିପରି ଦ୍ରବ୍ୟ କ୍ରୟରେ ନିୟୋଜିତ ସଂସ୍ଥାକୁ ମଧ୍ୟ ୨ ପ୍ରତିଶତ କମିଶନ ବାବଦରେ ପ୍ରଦାନ କରାଯିବ। ବନଜାତ ଦ୍ରବ୍ୟ ସଂଗ୍ରହ କେନ୍ଦ୍ର ମିଶନ ଶକ୍ତି କିମ୍ବା ଟିଡିସିସିଓଏଲ୍ ଦ୍ୱାରା ଅନୁମତିପ୍ରାପ୍ତ ଅନ୍ୟ ଯେକୌଣସି ସଂସ୍ଥା ଦ୍ୱାରା ପରିଚାଳିତ ହେବାକୁ ଥିବାବେଳେ ପୂରା ବ୍ୟବସ୍ଥା ଏକ ସ୍ୱୟଂଚାଳିତ କ୍ରୟ ବ୍ୟବସ୍ଥା ଅଧୀନରେ କାର୍ଯ୍ୟ କରିବ। ବ୍ୟବସ୍ଥା ଅଧୀନରେ ମୋଟ ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ସହ ସଂଗ୍ରହକାରୀଙ୍କ ସବିଶେଷ ତଥ୍ୟ ଓ କ୍ରୟ ସ୍ଥାନ ସମ୍ପର୍କରେ ଉଲ୍ଲେଖ ରହିବ। ୫-ଟି ଉପକ୍ରମ ଅଧୀନରେ ଏହି ସ୍ୱୟଂଚାଳିତ କ୍ରୟ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଏଥିରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବ। ଅପରପକ୍ଷେ ସଂଗୃହୀତ ବନଜାତ ଦ୍ରବ୍ୟକୁ ପରବର୍ତ୍ତୀ ସମୟରେ ଟିଡିସିସିଓଏଲ ଇ-ଟେଣ୍ଡର ମାଧ୍ୟମରେ ବିକ୍ରି କରିବ। ସେହିପରି ରାଜ୍ୟ ସରକାର ୨୫ କୋଟି ଟଙ୍କା ମୂଲ୍ୟରେ ରାୟଗଡ଼ାରେ ତେନ୍ତୁଳି ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା କରିବେ। 'ଲାଭ' ଯୋଜନାରେ ସଂଗୃହୀତ ତେନ୍ତୁଳିକୁ ଏଠାରେ ପ୍ରକ୍ରିୟାକରଣ କରାଯିବ।

### ୧୯୫୬ ଆଇନର ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହୃତ

ଅନୁସୂଚୀତ ଜନଜାତିମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଆଜି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଅନୁସୂଚିତ ଅଞ୍ଚଳରେ ଅସ୍ଥାବର ସମ୍ପତ୍ତି ହସ୍ତାନ୍ତର ଆଇନ ୧୯୫୬ର ସଂଶୋଧନ ପ୍ରସ୍ତାବକୁ ପ୍ରତ୍ୟାହାର କରିବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି।

## ଗଠନ ହେବ...

ଆଦିବାସୀ ସମ୍ପ୍ରଦାୟର ଭାଷା ଓ ସଂସ୍କୃତିର ସଂରକ୍ଷଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସୋମବାର କ୍ୟାବିନେଟ୍‌ରେ ଆଦିବାସୀଙ୍କ ସ୍ୱାର୍ଥ ସମ୍ବଳିତ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଆଦିବାସୀଙ୍କ ଭାଷାକୁ ସଂରକ୍ଷଣ ଓ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକ କମିଶନ ପ୍ରତିଷ୍ଠା କରାଯିବ। ସେହିପରି ଓଡ଼ିଶାର ଅନୁସୂଚୀତ ଜନଜାତି ସୂଚୀରେ ୧୬୯ଟି ସମ୍ପ୍ରଦାୟକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ନିଜର ପୂର୍ବ ଦାବିକୁ ଆହୁରି ଶାଣିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁରୂପ ଭାବରେ ହୋ, ମୁଣ୍ଡାରୀ, କୁଇ ଓ ସାଓରା ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସ୍ଥାନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୁର୍ବାର ଦାବି ଉପସ୍ଥାପନ କରିବେ ରାଜ୍ୟ ସରକାର।

## 'ପରିକ୍ରମା' ଅନୁଭୂତି...

ରେମୁଣା, ରେମୁଣା ଏନଏସିର ୧୧୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୦ଟି ବସ୍‌ରେ ୨,୨୬୦ ଜଣ, କଟକ ଜିଲ୍ଲାର କଟକ ମହାନଗର ନିଗମ, ବାଙ୍କୀ, ଡମପଡ଼ା, ବାରଙ୍ଗ, ବାଙ୍କୀ ଏନଏସିରର ୯୪ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୨ଟି ବସ୍‌ରେ ୧, ୮୬୦ ଜଣ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଏବଂ ମାର୍ଶାଘାଇ ବ୍ଲକ୍‌ର ୪୭ ପଞ୍ଚାୟତରୁ ୨୧ଟି ବସ୍‌ରେ ୯୪୦ଜଣ ଭକ୍ତ ପୁରୀ ଆସିଥିଲେ। ସମସ୍ତ ବସ୍ ବୀରହରେକୃଷ୍ଣପୁର ଛକଠାରୁ ବସ୍‌ଗୁଡ଼ିକ ବାଇପାସ୍‌ରେ ଆସି ସମଙ୍ଗ ପାର୍କିଂରେ ଲାଗିଥିଲା। ସେଠାରେ ଯାତ୍ରୀମାନେ ଓହ୍ଲାଇବା ପରେ ସ୍ନାନ, ଶୌଚ ଆଦି ସାରି ଜଳଖିଆ ଖାଇଥିଲେ। ଏହାପରେ ସେମାନେ ଫଡର ବସ୍ ଯୋଗେ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର୍‌ରେ ପହଞ୍ଚିଥିଲେ। ସେଠାରୁ ସମସ୍ତେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ। ନୂଆ ରୂପ ପାଇବା ପରେ କେମିତି ହୋଇଛି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ତାହା ବୁଲି ଦେଖିବା ସହ ଫଟୋ ମଧ୍ୟ ଉଠାଇଥିଲେ। ପର୍ଯ୍ୟାୟକ୍ରମେ ହଜାରହଜାର ଭକ୍ତ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବା ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ବାସ୍ତବିକ୍ ଦିନେ ବଡ଼ଦେଉଳ ଚତୁଃପାର୍ଶ୍ୱ ଏମିତି ହୋଇଯିବ, କେବେ କଳ୍ପନା କରି ନ ଥିଲେ ବୋଲି ପୂର୍ବରୁ ଶ୍ରୀମନ୍ଦିରକୁ ଦେଖିଥିବା କହିଛନ୍ତି ଶ୍ରଦ୍ଧାଳୁ। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ପରେ ପୁନଶ୍ଚ ଶ୍ରଦ୍ଧାଳୁଙ୍କୁ ସମଙ୍ଗ ପାର୍କିଂକୁ ନିଆଯାଇଥିଲା। ସେଠାରେ ମଧ୍ୟାହ୍ନଭୋଜନ କରିଥିଲେ। ଏହି ସମୟରେ ଅଚାନକ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରେ ଶ୍ରଦ୍ଧାଳୁମାନେ ମଧ୍ୟାହ୍ନ ଭୋଜନ କରୁଥିବା ବେଳେ ସେମାନଙ୍କ ଗହଣକୁ ଯାଇ ଆଲୋଚନା କରିବା ସହ ଭଲ ମନ୍ଦ ପଚାରି ବୁଝିଥିଲେ। ସମବେତ ଶ୍ରଦ୍ଧାଳୁଙ୍କୁ ସମ୍ବୋଧନ କରି '୫-ଟି' ଅଧ୍ୟକ୍ଷ କହିଥିଲେ ଯେ 'ଆପଣମାନେ ଆମ ପରିବାର। ଆପଣମାନଙ୍କୁ ଭେଟି ଖୁସି ଲାଗୁଛି। ମୋର ଏଠାକୁ ଆସିବାର କାର୍ଯ୍ୟକ୍ରମ ନ ଥିଲା। ବୋଧହୁଏ ମହାପ୍ରଭୁ ମୋତେ ପଠାଇଛନ୍ତି। ସୁନ୍ଦରଗଡ଼ରେ ଥିଲି, ଅପରାହ୍ଣ ୫ଟାରେ ଆଉ ଗୋଟିଏ କାର୍ଯ୍ୟକ୍ରମ ଅଛି। ତଥାପି ମୋର ଇଚ୍ଛା ହେଲା, ଆପଣମାନଙ୍କୁ ସାକ୍ଷାତ କରିବା ପାଇଁ। ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଯେଉଁ ପରିକ୍ରମା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହାକୁ ଭଲ ଭାବେ ବୁଲି ଦେଖନ୍ତୁ। ୫୦୦ ବର୍ଷ ଧରି ଯେଉଁ କାମ ହୋଇ ନ ଥିଲା, ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଇଚ୍ଛାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହା କରିଛନ୍ତି। ଆପଣମାନେ ଦେଖିଲେ ବହୁତ ଖୁସି ଲାଗିବ। ୯ଟି ନିର୍ବାଚନମଣ୍ଡଳୀରୁ ଆପଣମାନେ ଆସିଛନ୍ତି। ବ୍ୟବସ୍ଥାରେ କିଛି ତ୍ରୁଟି ଥିଲେ ମୋତେ ଗାଳିଦେବେ ବୋଲି କହିବା ସହ ତ୍ରୁଟିର ଦାୟିତ୍ୱ ମୁଁ ନେବି। ପରବର୍ତ୍ତୀ ସମୟରେ ଏହାକୁ ସଂଶୋଧନ କରିବା ବୋଲି କହିଥିଲେ '୫-ଟି' ଅଧ୍ୟକ୍ଷ। ଓଡ଼ିଶାର ରୂପାନ୍ତର ପାଇଁ ତଥା ଜନସାଧାରଣଙ୍କ ସୁଖ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ କିପରି ଗୁରୁତ୍ୱ ଦେଉଛନ୍ତି, ତା' ଉପରେ ଆଲୋକପାତ କରିଥିଲେ ଶ୍ରୀ ପାଣ୍ଡିଆନ। ଏହି ଅବସରରେ '୫-ଟି' ଅଧ୍ୟକ୍ଷଙ୍କଠାରେ ଅନ୍ୟମାନଙ୍କ ପରି ଜଣେ ସାଧାରଣ ଭକ୍ତର ସ୍ୱଭାବ ଦେଖିବାକୁ ମିଳିଥିଲା। ସିଧା ଖାଇବା ସ୍ଥାନକୁ ଯାଇ ଲୋକଙ୍କ ସହ ବସି ମଧ୍ୟାହ୍ନ ଭୋଜନ କରିବା ସହ ନିଜେ ଡଷ୍ଟବିନରେ ଅଇଁଠା ପତ୍ର ପକାଇଥିଲେ। ଲୋକଙ୍କ ପାଇଁ ହୋଇଥିବା ହାତ ଧୁଆ ସ୍ଥାନରେ ହାତ ଧୋଇଥିଲେ। ଶ୍ରଦ୍ଧାଳୁମାନେ ଫେରିବା ବେଳେ ଯେଉଁ ବସ୍‌ରେ ଯେତେଜଣ ଆସିଥିଲେ, ତାଲିକା ଅନୁଯାୟୀ ସେମାନଙ୍କୁ ଭୋଗେଇରେ ଠାକୁରଙ୍କ ଶୁଖିଲା ଭୋଗ ପ୍ରଦାନ କରାଯାଇଥିଲା।

ସମସ୍ତ ବ୍ୟବସ୍ଥାକୁ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରଣବ ବଳବନ୍ତରାୟ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ଅଧିକାରୀମାନେ ପରିଚାଳନା କରିଥିଲେ। ଅପରପକ୍ଷେ, ଆସନ୍ତାକାଲି (ମଙ୍ଗଳବାର) ୬ ଜିଲ୍ଲାରୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ୯, ୯୦୦ ଶ୍ରଦ୍ଧାଳୁ ଆସିବେ ବୋଲି ସ୍ଥିର ହୋଇଛି।

## ଆଜିର ପିଲା...

ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥୀ ହେବେ। ଓଡ଼ିଶାରେ ସମ୍ପ୍ରତି ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନବ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ଡାକ୍ତରଖାନା, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାସହ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ବୋଲି କହିଛନ୍ତି।

ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ସେମାନଙ୍କୁ '୫-ଟି' ର ଗୁରୁତ୍ୱ ବୁଝାଇଛନ୍ତି। ପିଲାମାନେ ନିଜ ଜୀବନରେ ଏହାକୁ ପ୍ରୟୋଗ କଲେ ନିଶ୍ଚୟ ସଫଳ ହୋଇପାରିବେ ବୋଲି କହିଛନ୍ତି। ୫-ଟି ଉପକ୍ରମରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରୀ ଆଦିର ବ୍ୟବସ୍ଥା କରାଯାଇଛି। ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ଏହି ସମସ୍ତ କାର୍ଯ୍ୟ ହେଉଛି। ଟିମ୍‌ୱାର୍କ ଜରିଆରେ ଏଥିରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାର୍ଯ୍ୟ ସ୍ୱଚ୍ଛତାର ସହ କରାଯାଉଛି। ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟରେ ଏହି ସମସ୍ତ ପ୍ରକ୍ରିୟାକୁ ଉପଯୋଗ କରାଯାଉଛି। ସରକାରୀ ସ୍କୁଲର ପିଲାଙ୍କ ପାଇଁ ମେଡିକାଲ ଓ ଇଂଜିନିଅରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ସରକାରୀ ବିଦ୍ୟାଳୟଗୁଡ଼ିକର ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ଓ ଶୈକ୍ଷିକ ପରିବେଶରେ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଥିବା ପ୍ରକାଶ କରିଛନ୍ତି। ଏହାସହ ଜୀବନରେ '୫-ଟି' ନୀତିର ପ୍ରୟୋଗ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କରିବା ସହ ମିଳିମିଶି କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। କ୍ରୀଡା କ୍ଷେତ୍ରରେ ଟିମ୍ ୱାର୍କର ବିଶେଷ ଭୂମିକା ବିଷୟରେ ମଧ୍ୟ ସେ ଆଲୋକପାତ କରିଛନ୍ତି। ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ ଦର୍ଶାଇ ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଆହ୍ୱାନ ଦେଇଛନ୍ତି। ସମୟର ସଦୁପଯୋଗ କରି ଏହି ସମସ୍ତ ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ '୫-ଟି' ରୂପାନ୍ତରଣ କାର୍ଯ୍ୟ ସରକାରୀ ବିଦ୍ୟାଳୟଗୁଡ଼ିକର ଗୁରୁତ୍ୱ ବୃଦ୍ଧି କରିଥିବା କହିଛନ୍ତି। ଏହାସହ '୫-ଟି' ସ୍କୁଲ ମାଧ୍ୟମରେ ପିଲାମାନଙ୍କୁ ବଡ ବଡ ସ୍ୱପ୍ନ ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ସାହାସ ଯୋଗାଇଥିବା ପ୍ରକାଶ କରିଛନ୍ତି। ବିଦ୍ୟାଳୟ ଓ ସମସ୍ତ ରୂପାନ୍ତରଣ କାର୍ଯ୍ୟକୁ ରାଜ୍ୟବାସୀଙ୍କ ସମ୍ପତ୍ତି ଦର୍ଶାଇବା ସହ ସମସ୍ତ ସୁବିଧା ସୁଯୋଗକୁ ନିଜର ଭାବି ଉତ୍ତମ ରକ୍ଷଣାବେକ୍ଷଣ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

ଏହି ଅବସରରେ ୫-ଟି ବିଦ୍ୟାଳୟ ରୂପାନ୍ତରଣ ସମ୍ପର୍କରେ ବହୁ ଛାତ୍ରଛାତ୍ରୀ ନିଜର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଦଶମ ଶ୍ରେଣୀ ଛାତ୍ରୀ ଆଶା ମାଝୀ, କନ୍ଧମାଳର ନବମ ଶ୍ରେଣୀ ଛାତ୍ର ରାଜେଶ କୁମାର ସାହୁ, କୋରାପୁଟର ନବମ ଶ୍ରେଣୀ ଛାତ୍ରୀ ରଶ୍ମି ତେନ୍ତୁଳିପଡ଼ିଆ, ଭଦ୍ରକର ଦଶମ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ପରିଡ଼ା ଓ ସୁନ୍ଦରଗଡ଼ର ନବମ ଶ୍ରେଣୀ ଛାତ୍ରୀ ରାଧିକା ସାହୁ ପ୍ରମୁଖ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି ରୂପାନ୍ତରିତ ସ୍କୁଲ ଜାତୀୟ ସ୍ତରର ଅଗ୍ରଣୀ ଶିକ୍ଷାନୁଷ୍ଠାନର ସୁବିଧା ସୁଯୋଗ ପ୍ରଦାନ କରିଥିବା କହିଛନ୍ତି। ଏହାଦ୍ୱାରା ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଛି। ଏହାସହିତ ୫-ଟି ର ପାଞ୍ଚଟି ଉପାଦାନ ଉଜ୍ଜଳ ଭବିଷ୍ୟତ ଗଢ଼ିବା ପାଇଁ ସାହାର୍ଯ୍ୟ କରିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ କନ୍ଧମାଳରେ ସାଂସଦ ଅଚ୍ୟୁତ ସାମନ୍ତ, କଳାହାଣ୍ଡିରେ ବିଧାୟକ ଦିବ୍ୟଶଙ୍କର ମିଶ୍ର, କୋରାପୁଟରେ ବିଧାୟକ ରଘୁରାମ ପଡ଼ାଲ, ଭଦ୍ରକରେ ବିଧାୟକ ପ୍ରଫୁଲ ସାମଲ ଏବଂ ସୁନ୍ଦରଗଡ଼ରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଂଯୋଜକ ଯୋଗେଶ କୁମାର ସିଂ ପ୍ରମୁଖ ଯୋଗଦେଇ ସ୍କୁଲ ରୂପାନ୍ତରଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଦ୍ୟାଳୟଗୁଡ଼ିକୁ ଶିକ୍ଷାର ମନ୍ଦିରଭାବେ ଗଢି ତୋଳିଥିବା କହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆସିଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପର୍ଣ୍ଣ ଚିନ୍ତାଧାରା ଓ କାର୍ଯ୍ୟକ୍ରମ ଯୋଗୁଁ ଉପକୂଳବର୍ତ୍ତୀ ଅଞ୍ଚଳରୁ ଉପାନ୍ତ ଅଞ୍ଚଳ ଯାଏଁ ବିକାଶର ଚିତ୍ର ପରିଲକ୍ଷିତ ହେଉଥିବା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପା ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଛନ୍ତି।

## ଲୋକଙ୍କୁ ଦେଲେ...

ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ରାଉରକେଲାର ବେଦବ୍ୟାସ ମନ୍ଦିର, ଘୋଘର ଠାରେ ଶିବ ମନ୍ଦିର ଏବଂ ବେଲସରା ଠାରେ ଶିବ ମନ୍ଦିର ଆଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ ସନ୍ତୋଷ ବ୍ୟକ୍ତ କରିଥିଲେ। ଅପରପକ୍ଷେ ଶ୍ରୀ ପାଣ୍ଡିଆନ୍ ୪୮.୧୧ କୋଟି ଟଙ୍କା ବ୍ୟୟରେ ରାଜଗାଙ୍ଗପୁର ରେଳ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଗତ ୧୦ ବର୍ଷ ଧରି ଏହି ପ୍ରକଳ୍ପ ଝୁଲି ରହିଥିଲା। ଗତବର୍ଷ ଶ୍ରୀ ପାଣ୍ଡିଆନ୍‌ଙ୍କ ଜିଲ୍ଲା ଗସ୍ତ ଅବସରରେ ସ୍ଥାନୀୟ ବାସିନ୍ଦା ତାଙ୍କୁ ଭେଟି ଓଭର ବ୍ରିଜ୍ କାମ ତୁରନ୍ତ ଆରମ୍ଭ ପାଇଁ ଅନୁରୋଧ କରିଥିଲେ। ଲୋକଙ୍କ ଅନୁରୋଧ ରକ୍ଷା କରି ଏହି ପୋଲର କାମ ଆରମ୍ଭ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ଜିଲ୍ଲାରେ ଚାଲିଥିବା ବୃହତ୍ ପାଇପ୍ ପାଣି ଯୋଗାଣ ପ୍ରକଳ୍ପର କାମ ଅନୁଧ୍ୟାନ କରିବା ସହ ନିର୍ଦ୍ଧାରିତ ସମୟରେ କାମ ଶେଷ କରିବା ପାଇଁ ଅଧିକାରୀମାନଙ୍କୁ ନବୀନ ଓଡ଼ିଶା ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ଅନେକ ପ୍ରକଳ୍ପ ଶ୍ରୀ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ପରେ ଆରମ୍ଭ ହୋଇଥିଲା। ଆଜି ଜିଲ୍ଲା ଗସ୍ତ ସମୟରେ ଶ୍ରୀ ପାଣ୍ଡିଆନ୍ ଜନଶୁଣାଣି ଶିବିରରେ ଯୋଗଦେଇ ବିକାଶ କାମର ଗୋଟି ଗୋଟି କରି ହିସାବ ଦେଇଥିଲେ। ଏଥିସହ ବିଭିନ୍ନ ପ୍ରସଙ୍ଗରେ ସ୍ଥାନୀୟ ଲୋକଙ୍କ ଠାରୁ ସେମାନଙ୍କ ମତାମତ ସଂଗ୍ରହ କରିଥିଲେ।

## ବଡ଼ ସ୍ୱପ୍ନ ଦେଖ...

ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ କଲେଜରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମନୋବଳକୁ ଏପରି ଢ଼ଙ୍ଗରେ ବୃଦ୍ଧି କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

ସମବେତ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ପ୍ରତି ପିଲାମାନଙ୍କର ବଢୁଥିବା ଆଗ୍ରହକୁ ଦେଖି ପ୍ରତିବର୍ଷ ନୂଆ-ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ହାରିବା କିମ୍ବା ଜିତିବା ଗୁରୁତ୍ୱପୂର୍ଣ୍ଣ ନୁହେଁ; ଗୁରୁତ୍ୱପୂର୍ଣ୍ଣ ହେଉଛି କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା। ତେଣୁ ଆପଣମାନେ ଆଗେଇ ଆସି 'ନୂଆ ଓଡ଼ିଶା' ଗଠନରେ ସାମିଲ ହୁଅନ୍ତୁ ବୋଲି ୫-ଟି ଅଧ୍ୟକ୍ଷ ସେମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ସୁନ୍ଦରଗଡ଼ ମାଟିରୁ ସୃଷ୍ଟି ହୋଇଥିବା ସ୍ୱନାମଧନ୍ୟ ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଇ ସେମାନଙ୍କ ପରି ହେବା ପାଇଁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ଆଇଏଏସ୍ ଅଧିକାରୀ ଶିଶିର କୁମାର ନାଏକ, ମେଜର ଜେନେରାଲ ରମେଶ ଚନ୍ଦ୍ର ପାଢ଼ୀ, ଜାତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ଶୁଭଦ୍ରା ପ୍ରଧାନ ଆପଣମାନଙ୍କ ଭଳି ସୁନ୍ଦରଗଡ଼ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ। ନିଜର ନିଷ୍ଠାପର ଅଧ୍ୟବସାୟ ଓ ପ୍ରତିବଦ୍ଧତା ହେତୁ ସେମାନେ ଆଜି ବିଶ୍ୱ ଦରବାରରେ ସୁନାମ ଅର୍ଜନ କରିଛନ୍ତି। ତେଣୁ ଆପଣମାନେ ମଧ୍ୟ ନିଜ ମାଟିର ଏହି ପ୍ରତିଭାଙ୍କୁ ଆଦର୍ଶ ମନେକରି କଠିନ ପରିଶ୍ରମ କରନ୍ତୁ। ସାମାଜିକ ଗଣମାଧ୍ୟମରୁ ଦୂରେଇ ରହି ପାଠ ପଢ଼ା, ଶାରୀରିକ ବ୍ୟାୟାମ ଓ ବ୍ୟକ୍ତିତ୍ୱ ବିକାଶରେ ମନୋନିବେଶ କରନ୍ତୁ। ଜୀବନରେ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରି ଆଉ ତାକୁ ସାକାର କରିବା ପାଇଁ ପରିଶ୍ରମ କରନ୍ତୁ। ଏପରି ହେଲେ ଆପଣମାନଙ୍କୁ ସଫଳତା ପାଇବାରୁ କେହି ରୋକିପାରିବେ ନାହିଁ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ସେ ଆହୁରି କହିଥିଲେ ଜିଲ୍ଲାରେ ଚାଲିଥିବା କଲେଜ ରୂପାନ୍ତରଣ ପ୍ରକଳ୍ପ ଆସନ୍ତା ଫେବୃଆରୀ ମାସରେ ଶେଷ ହେବ। ଆପଣମାନେ ଭଲ ପରିବେଶରେ ପାଠ ପଢ଼ନ୍ତୁ, ବଡ଼ ମଣିଷ ହେବାର ସ୍ୱପ୍ନକୁ ସାକାର କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ।


**AFFIDAVIT**

I, Ramesh Chandra Raut, S/o-Manguli Rout, resident of Banbarada, Patapur, Jaleswarpada, Dist-Puri, Pin-752108, Odisha declare by this affidavit No.196, dated - 24/01/2024 that now onwards I shall be known as **RAMESH CHANDRA ROUT** for all future purposes.

**AFFIDAVIT**

I, Akshaya Kumar Sahoo, S/o-Murali Dhar Sahoo, resident of At-Tarini Bihar, Po-Kapaleswar, Choudwar, Dist-Cuttack, Pin-754071, Odisha declare by this affidavit No.209, dated-29/01/2024 that now onwards I shall be known as **AKSHAY KUMAR SAHOO** for all future purposes.

**AFFIDAVIT**

I, Muna Khan, S/o-Ekram Khan, resident of At- Bhandaghar, Po-Rasulpur, Dist-Puri, Pin-752119, Odisha declare by this affidavit No.208, dated- 29/01/2024 that now onwards I shall be known as **MUNAM ALLI KHAN** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Azra Ahad, D/o-Saukat Ali Sayed, resident of At-Plot No.MA-53, Po-Badagada, Brit Colony, Bhubaneswar, Dist-Khordha, Pin-751018, Odisha declare by this affidavit No.207, dated- 29/01/2024 that now onwards I shall be known as **AZRA ALI** for all future purposes.

**AFFIDAVIT**

I, Harash Chandra Raut, S/o- Ramesh Chandra Rout, resident of Banbarada, Patapur, Jaleswarpada, Dist-Puri, Pin-752108, Odisha declare by this affidavit No.197, dated- 24/01/2024 that now onwards I shall be known as **HARASH CHANDRA ROUT** for all future purposes.

**AFFIDAVIT**

I, Rajendra Kumar Mallick, S/o-Late Nirakar Mallick, resident of At/ P.O: Khananagar, P.S: Mangalpur, Dist: Jajpur, Pin: 755011, Odisha declare are by this affidavit No.89, dtd.- 24/01/2024 that now onwards I shall be known as **RAJENDRA MALLICK** for all future purposes.


**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**

always with U

ସିଂହପୁର ଶାଖା, ଜିଲ୍ଲା: ଯାଜପୁର, ଓଡ଼ିଶା

**ନୋଟିସ୍**

ଏତଦ୍ୱାରା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ସିଂହପୁର ଶାଖା ପକ୍ଷରୁ ଗ୍ରାହକମାନଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି ଯେ, ଶ୍ରୀଯୁକ୍ତ ହରିନାଥ ସାହୁ, ପିତା: ଦଶରଥ ସାହୁ, ସା/ପୋ: ପାଳିମି, ଜିଲ୍ଲା: କେନ୍ଦ୍ରାପଡା ଗତ ୮ ବର୍ଷ ଧରି ଆମ୍ଭ ଶାଖାର ଦୈନିକ ଅର୍ଥ ସଞ୍ଚୟକାରୀ ଅସ୍ଥାୟୀ ସଦସ୍ୟ ଭାବେ ନିଯୁକ୍ତ ରହିଥିଲେ। ମାତ୍ର ଗତ ଅଗଷ୍ଟ ମାସ ୨୦୨୩ ଠାରୁ ସେ ଆମ୍ଭ ଶାଖା ଠାରୁ ଏହି କାର୍ଯ୍ୟରୁ ନିବୃତ୍ତ ରହିଛନ୍ତି । ଏଣୁ ଆମ୍ଭ ଶାଖାର ସମସ୍ତ ଦୈନିକ ସଞ୍ଚୟକାରୀ ଗ୍ରାହକମାନଙ୍କୁ ଅବଗତ କରାଯାଉଅଛି କି' ଏହାଙ୍କ ଠାରେ ଆମ୍ଭ ଶାଖାରେ ସଞ୍ଚୟ ବା ଉଠାଣ ପାଇଁ କେହି କାରବାର କରିବେ ନାହିଁ । ଆଉ ମଧ୍ୟ ଯଦି ଅର୍ଥନୈତିକ କାରବାରରେ ଏହାଙ୍କ ପାଇଁ କେହି ଗ୍ରାହକ ଅସୁବିଧାର ଶିକାର ହୋଇଥିବେ ତେବେ ପ୍ରକାଶନର ୧୫ ଦିନ ମଧ୍ୟରେ ଶାଖା ପରିଚାଳକଙ୍କ ଠାରେ ଲିଖିତ ଦୃଷ୍ଟି ଆକର୍ଷଣ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗ ନହେଲେ ପରବର୍ତ୍ତୀ ସମୟରେ ଆମ୍ଭେ ଦାୟୀ ରହିବୁ ନାହିଁ।

ଶାଖା ପରିଚାଳକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ସିଂହପୁର, ଯାଜପୁର, ଓଡ଼ିଶା

**ODISHA STATE CO-OPERATIVE HANDICRAFTS CORPORATION LTD.**
**D-2/3 & 4, Industrial Estate, Rasulgarh, Bhubaneswar-751010**

Utkalika

CAD-3867

Letter No. 214 / Dt. 25.01.2024

**EXPRESSION OF INTEREST FOR ENGAGEMENT OF ADVERTISING AGENCY FOR PUBLICITY AND BRANDING**

**Odisha State Co-operative Handicrafts Corporation Ltd. (Utkalika), invites application from Advertising Agencies having experience in Advertising, Branding, Publicity, Events and Exhibitions for engagement in Utkalika for a period of 2 (Two) years. Details of EOI can be downloaded from our website: www.utkalikaodisha.in. The last date of receipt of EOI/Bid is 09.02.2024 up to 4 P.M. The authority reserves the right to accept or reject any or all EOI/Bids without assigning any reason thereof.**

OIPR-34041/11/0071/2324

Managing Director

**OFFICE OF THE DIVISIONAL FOREST OFFICER, KORAPUT FOREST DIVISION, KORAPUT.**
**QUOTATION CALL NOTICE.**

MM-430 The Divisional Forest Officer, Koraput Forest Division (Purchaser) invites sealed quotations from the intending suppliers/manufacturers for supply of the following uniform articles. The quotation should reach the undersigned on or before 09.02.2024. The quotations will be opened on 15.02.2024 at 4.00 P.M. by the purchase committee in presence of the biders. The Authority reserves the right to accept or reject the quotations without assigning any reason thereof. The quotations should be accompanied by copy of (1) Valid PAN Card (2) GST Certificate. Sample of each item should be attached with the sealed quotation and should be produced before opening of the tender. The purchaser may be required to supply in full or part thereof as per availability of funds with this office.

| Name of the Uniform Articles. | Approximate requirement. |
|---|---|
| 1. Khaki Cloth (Raymond Trovin) | 342 Mtrs. |
| 2. Bata Power Shoes & Shocks | 109 Pairs |
| 3. Khaki Jersey | 71 Nos. |
| 4. Masquite Net | 06 Nos. |
| 5. Cold weather Lavris | 06 Nos. |

Divisional Forest Officer,
Koraput Division

OIPR-08067/110017/2324

**ODISHA LIFT IRRIGATION CROPORATION LTD.**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION,BHUBANESWAR**
**(Email : eeolicdivn.bbsr@ymail.com)**
**Tender Call Notice No. 1009 /2023-24 Dt. 24.01.2024**

CAD-3878

Sealed tenders on prescribed schedules on percentage rate contract basis are invited from the Contractors having Civil license with valid registration within the State issued by P.W.D./R.W.S.S./P.H.E.D./Irrigation/M.I. Dept for Restoration of Lift Irrigation Project in TURNKEY BASIS as mentioned below.

| Pkg. No | Name of the Block | Name of the work | Approx. estimated cost (Rs.) | EMD to be deposited (Rs.) | Cost of Tender Paper (Rs.) | Class of Contractor | Time of completion of work |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bhubaneswar & Balianta | F.DR Work of 23 nos L.I.P under Bhubaneswar & Balianta Block in Khordha District | 457062 | 4571 | 2000+5% GST on reverse charge basis | Civil D licence | 30 days |
| 2 | Balipatana | F.DR Work of 21 nos L.I.P under Balipatana Block in Khordha District | 267500 | 2675 | 2000+5% GST on reverse charge basis | Civil D licence | 30 days |

Tender papers for the above works will be sold at office of the Executive Engineer L.I. Division, Bhubaneswar during office hours on working days from dt. **30.01.2024 to 05.02.2024 (11 AM to 3 PM)** on payment of requisite tender paper cost (non-refundable) as mentioned above in shape of Bank Draft/ Banker Cheque drawn in favour of Executive Engineer, Lift Irrigation Division, Bhubaneswar payable at Bhubaneswar. The sealed tender papers will be received at L.I. Division Office, Bhubaneswar from dt **30.01.2024 to 05.02.2024 (11 AM to 3 PM)** and will be opened on dt.**05.02.2024 at 03.30 P.M.** in the office of the undersigned in presence of the Tenderer who wish to attend or their authorized representative if any. The details term and condition of the Tender, scope of work, technical specification etc. can be obtained from the Office of the E.E. L.I.Division, Bhubaneswar.

The Tenders must be accompanied with self attested copies of valid License, PAN Card, GST certificate and E.M.D. in shape of National Savings Certificate/ Post Office Saving Bank Account / Post Office Time Deposit account / Kissan Vikas Patra / deposit receipt of schedule Bank payable at Bhubaneswar only duly pledged in favour of Executive Engineer, L.I. Division, Bhubaneswar & GST as applicable on the tender paper will be paid by the buyer directly on reverse charge basis **(OLIC GSTIN : 21AAACO5986G1ZF)** failing which tender will not be considered. OLIC will not be responsible for any lapses.

The undersigned reserves the right to cancel the tender at any point of time to increase or decrease the quantity of work accept or reject any or all the tenders without assigning any reason thereof.

**EXECUTIVE ENGINEER**
**L.I. DIVISION, BHUBANESWAR**

OIPR-32155/11/0032/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

O-2307

**e-procurement Notice for Road**

Bid Identyfication No e-procurement Notice No.24/ EERW-II/BLS/ 2023-24

| | | |
|---|---|---|
| 1.Name of the work | :- | **Road works** |
| 2.Total no.of works | :- | **06 Nos.** |
| 3.Estimated cost | :- | **As specified in column 3 of Annexure** |
| 4.Class of Contrator | :- | **As specified in column 4 of Annexure** |
| 5.Time of Completion | :- | **As specified in column 5 of Annexure** |
| 6. Cost of Tender Paper through online | :- | **As specified in column 6 of Annexure** |
| 7.Other Details:- | :- | **As per DTCN** |

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Superintending Engineer, R.W.Divn-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | E-TCN No.24 of 2023-24 | 01.02.24 at 05.00 P.M. | 08.02.24 up to 5.00 PM | 07.02.24 up to 04.00 PM | 09.02.24 at 11.00 AM |

Further details can be seen from the web site www.tendersorissa.gov.in

**Superintending Engineer**
**R.W. Division-II, Balasore**

OIPR-25052/11/0030/2324

O-2317

E_mail: eerwkesinga@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
**No. 226 / Dt. 25.01.2024**

***1st Corrigendum to Identification Online Tender:*** **SERWKSNG-online-08/2023-24**

The following modification has been made in the online tender

1. The Sl No. 19 in annexure work name S/R to Nishanpur to Gunpur road for the year 23-24 availability of tender on-line for bidding has been made as follows

| Procurement Officer | Bid Identification No. | Availability of Tender on-line for bidding | | Availability of Tender on-line for bidding **may be read** | |
|---|---|---|---|---|---|
| | | From | To | From | To |
| 1 | 2 | 3 | 4 | 5 | 6 |
| Superintending Engineer, R.W Division, Kesinga | SERWKSNG -online- 08/2023-24 | 22.01.2024 at 11.00 A.M. | 02.02.2024 up to 17.00 P.M | 25.01.2024 at 06.00 P.M. | 02.02.2024 up to 17.00 P.M |

2. Approximate value of the work is Rs. 25.17 lakhs Bid Security amount Rs. 25200/- may be read instead of Rs. 24.30 and Rs.24300/-
3. Revised DTCN
4. Other conditions are remain same

**Superintending Engineer**
**Rural Works Division**
**Kesinga**

OIPR-25153/11/0018/2324

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର-୩
ଇ.ମେଲ୍- smdivisionbbsr@yahoo.com
ଦୁରଭାଷ - ୦୬୭୪-୨୫୬୧୮୨୭

**OFFICE OF THE SUPERINTENDING ENGINEER,**
**MECHANICAL DIVISION, BHUBANESWAR-3**
**Email Id- smdivisionbbsr@yahoo.com**
**Ph No- 0674- 2561827**

A-1313

**No. SEMDB-EST-(W)/2023-24/323** **DATE: 25.01.2024**

**e-PROCUREMENT NOTICE NO. 155/ W/2023-24**

The Superintending Engineer , Mechanical Division Bhubaneswar on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | | |
|---|---|---|---|
| 1. | Total No. of Works | : | 1 (One) Nos of Mechanical gate works |
| 2. | Estimate cost put tender | : | Approximately Rs. 7,62,064.00 (Excluding GST) |
| 3 | Tender paper cost | : | Rs 4000/- (Non refundable) |
| 4 | Class of Contractor | : | SSI Units registered under DIC / NSIC/ MSME for Irrigation shutter / Hydro Mechanical gates. |
| 5. | Period of Completion | : | 30 (Thirty) days |
| 6 | Available of Bid Documents and receipt of bid through online | : | From dt. 30.01.2024(11.00 A.M) to 08.02.2024(5.00 P.M) |
| 7 | Date time and place for opening of online tender | : | 09.02.2024 at 11.00 A.M in the office of the Superintending Engineer, Mechanical Division ,BBSR . |
| 8 | Lottery | : | If required the date of lottery to be intimated to the Qualified Bidders after evaluation of Bid. |
| 9 | Digital Signature certificate | : | The bidders must possess compatible Digital Signature certificate (DSC) |
| 10 | Name and Address of Officer Inviting Tender. | : | Superintending Engineer Mechanical Division, BBSR-3 |

Further details can be seen from the Government of Odisha Web-site -www.tendersorissa.gov.in

Superintending engineer
Mechanical Division, Bhubaneswar-3

**OIPR-32481/11/0034/2324**

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-I
AT/PO- PADHUANPADA , BALASORE

B-1688

CONTACT NO :- 06782262045
E Mail ID :- ee_blsrb@yahoo.co.in

**BID INVITATION NO. SE (R and B) BLS-Divn-1-74/2023-24**
**Letter No. 812, Date 25.01.2024**

| | | |
|---|---|---|
| 1 | The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | |
| 2 | No. of Work | 4 Nos |
| 3 | Nature of work : | Building works of Balasore (R&B)Division-I |
| 4 | Class of Contractor : | "D", C" & "B" Class Contractor |
| 5 | Approx. value of work | Rs. 7.94 Lakh to 35.03 Lakh |
| 6 | Tender Cost. : . | Rs. 4000/- & 6000/- |
| 7 | Availability of Bid Documents in the website : | **From 10.00 Hours of dt. 30.01.2024 to 16:00 hours of dt. 08.02.2024** |
| 8 | Date of Opening of Bid : | Dt. **09.02.2024** at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in. | |

**Superintending Engineer,**
**Balasore (R&B) Division-I**

**OIPR-34157/11/0027/2324**

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର-୩
ଇ.ମେଲ୍- smdivisionbbsr@yahoo.com
ଦୁରଭାଷ - ୦୬୭୪-୨୫୬୧୮୨୭

**OFFICE OF THE SUPERINTENDING ENGINEER,**
**MECHANICAL DIVISION, BHUBANESWAR-3**
**Email Id- smdivisionbbsr@yahoo.com**
**Ph No- 0674- 2561827**

A-1311

**No. SEMDB-EST(W)/2023-24/307** **Date: 25.01.2024**

**e-PROCUREMENT NOTICE NO. 153/ W/2023-24**

The Superintending Engineer , Mechanical Division Bhubaneswar on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | | |
|---|---|---|---|
| 1. | Total No. of Works | : | 1 (One) Nos of Mechanical gate works |
| 2. | Estimate cost put tender | : | Approximately Rs. 5,05,654.00 (Excluding GST) |
| 3 | Tender paper cost | : | Rs 4000/- (Non refundable) |
| 4 | Class of Contractor | : | SSI Units registered under DIC / NSIC/ MSME for Irrigation shutter / Hydro Mechanical gates. |
| 5. | Period of Completion | : | 30 (Thirty) days |
| 6 | Available of Bid Documents and receipt of bid through online | : | From dt. 30.01.2024(11.00 A.M) to 08.02.2024(5.00 P.M) |
| 7 | Date time and place for opening of online tender | : | 09.02.2024 at 11.00 A.M in the office of the Superintending Engineer, Mechanical Division ,BBSR . |
| 8 | Lottery | : | If required the date of lottery to be intimated to the Qualified Bidders after evaluation of Bid. |
| 9 | Digital Signature certificate | : | The bidders must possess compatible Digital Signature certificate (DSC) |
| 10 | Name and Address of Officer Inviting Tender. | : | Superintending Engineer Mechanical Division, BBSR-3 |

Further details can be seen from the Government of Odisha Web-site -www.tendersorissa.gov.in

Superintending engineer
Mechanical Division, Bhubaneswar-3

**OIPR-32481/11/0037/2324**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,**
**RENGALI HEAD WORKS CIRCLE, SAMAL**
**Email ID-**seicsamal19@gmail.com

A-1332

**"e" Procurement Notice No. ACE-RHWC-06/2023-24(Online)**

The Additional Chief Engineer, Rengali Head Works Circle, Samal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Irrigation works as detailed below:

| | | | |
|---|---|---|---|
| 1 | Category of Work | : | **Road Works** |
| 2 | Total Nos. of works | : | **04 (Four) Nos.** |
| 3 | Estimated Cost put to Tender | : | **Approximately Rs.100.63 Lakh to Rs.116.10 Lakh** |
| 4 | Cost of Bid Document **(Non-Refundable)** | : | **Rs.10,000.00 (On-line Payment)** |
| 5 | Bid Security/ EMD | : | **Rs.1.00 Lakh to Rs.1.16 Lakh** |
| 6 | Class of Contractor | : | **'B' & 'A' Class** |
| 7 | Period of Completion of work | : | **45 Days** |
| 8 | Date and time of availability of Bid Document in the website | : | **Dt.30.01.2024 from 10.00 A.M to Dt.13.02.2024 up to 5.00 P.M.** |
| 9 | Date of opening of Technical Bid | : | **Dt.15.02.2024 at 11.30 A.M** |
| 10 | Place of opening of Technical Bid | : | **Office of the Additional Chief Engineer, Rengali HeadWorks Circle, Samal, Angul, Pin-759037.** |

The bidders have to participate in ONLINE biding only. Further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tenders can also be seen from the above portal.

**Additional Chief Engineer,**
**Rengali Head Works Circle, Samal**

OIPR-32410/11/0008/2324




ସକାଳ
THE SAKALA
www.sakalaepaper.com



# ରଙ୍ଗିନ ମାଛ ପାଇଁ ଘରୋଇ ଦାନା

**ଆକ୍ୱାରିୟମର ସୌନ୍ଦର୍ଯ୍ୟ ବୃଦ୍ଧି କରେ ରଙ୍ଗିନ ମାଛ । ତେଣୁ ସାଜସଜ୍ଜା ପାଇଁ ରଙ୍ଗିନ ମାଛ ପାଳିବା ଏବେ ଟ୍ରେଣ୍ଡରେ ପରିଣତ ହୋଇଛି । ଏହି ରଙ୍ଗିନ ମାଛର ଦର ଖୁବ୍ ଅଧିକ । ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟର କେତେଜଣ ରଙ୍ଗିନ ମାଛ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ତେବେ ଏହି ମାଛର ଦାନା ପାଇଁ ଅଧିକ ବଜେଟ୍ ରହୁଥିବାରୁ ଘରୋଇ ଖାଦ୍ୟକୁ ମଧ୍ୟ ମାଛଖାଦ୍ୟ ଭାବେ ବ୍ୟବହାର କରି ମାଛର ଓଜନ ବୃଦ୍ଧି କରାଯାଇପାରିବ ।**

- ରଙ୍ଗିନ ମାଛ ପାଇଁ ଜିଆ ଉତ୍ତମ ଆହାର । ଏହା ମାଛଙ୍କ ପେଟ ପୂରା କରିଥାଏ । ଯଦିଓ ମାର୍କେଟ୍‌ରେ ଜିଆ ପ୍ୟାକେଟ୍ ଉପଲବ୍ଧ ରହୁଛି, ଅଧିକାଂଶ ବାଡ଼ି ବଗିଚାରେ ଜିଆ ଚାଷ କରିବାକୁ ଗୁରୁତ୍ୱ ଦେଉଛନ୍ତି ।
- ପରିବା ପତ୍ରକୁ ଛୋଟ ଛୋଟ କାଟି ଟାଙ୍କିରେ ମାଛକୁ ଖାଇବାକୁ ଦେଇପାରିବେ । ଧ୍ୟାନ ରଖିବେ, ଏହାକୁ ଖାଇବା ଦ୍ୱାରା ଅଧିକାଂଶ ମାଛଙ୍କ ଶରୀରରେ ଏଲର୍ଜି ହେଉଥିବାରୁ ମତ୍ସ୍ୟଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ । ସର୍ବଦା ଆକ୍ୱାରିୟମରେ ଦୁଇଘଣ୍ଟାରୁ ଅଧିକ ସମୟ ଯାଏଁ ଖାଇବା ପାତ୍ରକୁ ରଖିବେ ନାହିଁ । ଏହାଦ୍ୱାରା ପାଣି ଦୂଷିତ ହୋଇଥାଏ ।
- ମାଛକୁ ଲଗାତାର ଗୋଟିଏ ପ୍ରକାରର ଖାଇବା ନ ଦେଇ ସିଝା ଚାଉଳ ଦେଇପାରିବେ । କେବଳ ସେତିକି ନୁହେଁ, ପାସ୍ତା ଦାନା ମଧ୍ୟ ଦେଇପାରିବେ । ମାଛମାନଙ୍କୁ ସିଝା ମଟର ଦାନା ଅଧିକ ପସନ୍ଦ । ଏହା ସ୍ୱାସ୍ଥ୍ୟବର୍ଦ୍ଧକ ଆହାର ମଧ୍ୟ । ତେଣୁ ଗୋଟିଏ ଥର ମଟରକୁ ସିଝାଇ ଫ୍ରିଜ୍‌ରେ ରଖି ଏହାକୁ ଆବଶ୍ୟକ ସ୍ଥଳେ ଦାନା ରୂପେ ଉପଯୋଗ କରିପାରିବେ । ସୋୟାବିନ୍ ବଡ଼ିକୁ କଇଁଚିରେ ଛୋଟ ଖଣ୍ଡ କରି ମାଛଙ୍କୁ ଭାସମାନ ପୁଷ୍ଟିସାର ଖାଦ୍ୟ ଭାବେ ଦେଇପାରିବେ । ଉପରୋକ୍ତ ପ୍ରାକୃତିକ ଖାଦ୍ୟ ଗୁଡ଼ିକୁ ପ୍ରତ୍ୟେକ ଦିନ ଅଦଳ ବଦଳ କରି ଦେଇପାରିବେ ।

# ଅମଳ ପରବର୍ତ୍ତୀ ଯନ୍ତ୍ରପାତି ଦ୍ୱାରା ମହିଳା ସଶକ୍ତୀକରଣ



**ଫସଲ ଅମଳ ପରବର୍ତ୍ତୀ କାର୍ଯ୍ୟରେ ମହିଳାଙ୍କର ଯୋଗଦାନ ଅଧିକ ରହିଥାଏ । ଫସଲର ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ତଥା ପରିବାରରେ ଖାଦ୍ୟ ସୁରକ୍ଷା ମହିଳାଙ୍କ ଉପରେ ନ୍ୟସ୍ତ ଥାଏ । ଏସବୁ ହାତରେ ପାରମ୍ପରିକ ପଦ୍ଧତିରେ କରିବା ଅତ୍ୟନ୍ତ କଷ୍ଟକର ଓ ସମୟ ସାପେକ୍ଷ । ତା' ଛଡ଼ା ବହୁତ ଫସଲ ନଷ୍ଟ ମଧ୍ୟ ହୋଇଯାଏ । ଦେଶର ଅଭିବୃଦ୍ଧି ଓ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଯନ୍ତ୍ରପାତି ବ୍ୟବହାର କରିବା ନିହାତି ଜରୁରି । ସେହିପରି ଏ ସମସ୍ତ ଯନ୍ତ୍ରପାତିକୁ ବ୍ୟବହାର କରି ମହିଳାମାନେ ବିଭିନ୍ନ ଉପାୟରେ ସଶକ୍ତ ହୋଇପାରିବେ ।**



କଳ୍ପନା ରାୟଗୁରୁ

ଯନ୍ତ୍ରପାତି ବ୍ୟବହାର ଦ୍ୱାରା ପ୍ରକ୍ରିୟାକରଣ କମ୍ ସମୟରେ ହେଉଥିବାରୁ ମହିଳାମାନେ ଅନ୍ୟାନ୍ୟ ଉପଯୋଗୀ କାମ ଯଥା- ପଢ଼ିବା, ସିଲେଇ କରିବା, ପିଲାଙ୍କ ଯତ୍ନନେବା ଇତ୍ୟାଦି କରିପାରିବେ । ଅନ୍ୟପକ୍ଷେ ମେସିନ ଚଳେଇ ପାରୁଥିବା ମହିଳା ଅପରେଟର୍ ବା ମେକାନିକ ଭାବେ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରିପାରିବେ । ଶିକ୍ଷିତ ଯୁବତୀ ଗାଁମାନଙ୍କରେ ଗୋଷ୍ଠୀ ସେବାକେନ୍ଦ୍ର କରି ଚାଷୀଙ୍କୁ ଯନ୍ତ୍ରପାତି ଭଡ଼ାରେ ଦେଇ ରୋଜଗାରକ୍ଷମ ହୋଇପାରିବେ । ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ମହିଳାମାନେ ସଶକ୍ତ ହୋଇପାରିବେ ।



### କ୍ଷମତାସମ୍ପନ୍ନ ଯନ୍ତ୍ରପାତିର ବ୍ୟବହାର

ଫସଲର ପ୍ରକ୍ରିୟାକରଣ ବିଭିନ୍ନ ସ୍ତରର । ଅମଳ ଫସଲକୁ ସଫା କରି ଖାଇବା ସ୍ତରକୁ ଆଣିବାକୁ ପ୍ରଥମ ସ୍ତରର ପ୍ରକ୍ରିୟାକରଣ କୁହାଯାଏ । ଉଦାହରଣ ସ୍ୱରୂପ ଧାନରୁ ଚାଉଳ, ମକା ଓ ମାଣ୍ଡିଆରୁ ପାଉଡର ଇତ୍ୟାଦି ପ୍ରସ୍ତୁତ କରିବା । ମୁଢ଼ି, ଚୂଡ଼ା, ଖଇ ଇତ୍ୟାଦି ତିଆରି କରିବା ଦ୍ୱିତୀୟସ୍ତରର ପ୍ରକ୍ରିୟାକରଣର ଅନ୍ତର୍ଭୁକ୍ତ । ପରବର୍ତ୍ତୀ ସ୍ତରରେ ପାସ୍ତା, ନୁଡୁଲସ୍, କେକ୍, ଇନ୍‌ଷ୍ଟାଣ୍ଟ ଖିଚିଡ଼ି, ଦୋସା, ବରା ପାଉଡର ପ୍ରସ୍ତୁତ ହୁଏ । ରାଜ୍ୟରେ ଅଧିକ ଅମଳ ହେଉଥିବା କିଛି ନିର୍ଦ୍ଦିଷ୍ଟ ଫସଲ ଯନ୍ତ୍ରପାତି ଦ୍ୱାରା ଶୀଘ୍ର ପ୍ରକ୍ରିୟାକରଣ କରାଯାଇପାରିବ । ଧାନ ପ୍ରକ୍ରିୟାକରଣରେ ଧାନରୁ କାଠିକୁଟା ଓ ଗୋଡ଼ି ସଫାକରିବା ଯନ୍ତ୍ର, ସଫାଧାନରୁ ଚଷୁ ବାହାର କରିବା ଯନ୍ତ୍ର, ଚାଉଳରୁ କୁଣ୍ଡା ବାହାର କରିବା ଯନ୍ତ୍ର ଆଉ ଚାଉଳରୁ ଖୁଦ ଅଲଗା କରିବା ଯନ୍ତ୍ର ଉପଲବ୍ଧ ହେଉଛି । ବିଭିନ୍ନ କମ୍ପାନୀ ଦ୍ୱାରା ବିଭିନ୍ନ କ୍ଷମତାସମ୍ପନ୍ନ ଏସବୁ ଯନ୍ତ୍ରପାତି ମିଳୁଛି । ଯେପରିକି ଧାନ ଉଷେଇବା ଓ ଶୁଖେଇବା ପାଇଁ ବିଭିନ୍ନ କିସମର ଯନ୍ତ୍ର ମିଳୁଥିବାରୁ ଏହାଦ୍ୱାରା ଶସ୍ୟ ନଷ୍ଟ ହୁଏନାହିଁ । ଅଳ୍ପ କ୍ଷମତା ବିଶିଷ୍ଟ ମିନି ଧାନକଳ, ମିନି ଡାଲିକଳ ସୁଲଭମୂଲ୍ୟରେ ଉପଲବ୍ଧ । ଏକକ ଯନ୍ତ୍ରଗୁଡ଼ିକରେ ଗୋଟିଏ ଶସ୍ୟର ସବୁ ପ୍ରକ୍ରିୟାକରଣ ପଦ୍ଧତି ଏକ ସାଙ୍ଗରେ ହୋଇପାରିବ । ଧାନରୁ ସିଧାସଳଖ ଚାଉଳ ଓ ଗୋଟା ଡାଲିରୁ ଚୋପାଛଡ଼ା ଗୋଟା ଡାଲି ଓ ଫାଳ ଡାଲି ପ୍ରସ୍ତୁତ ହୁଏ । ଏଥିରେ ମୂଳ ଫସଲକୁ ସଫା କରିବା ପାଇଁ ସ୍ୱତନ୍ତ୍ର ଯନ୍ତ୍ରପାତିର ଆଉ ଆବଶ୍ୟକତା ନ ଥାଏ । ମିଲେଟ୍ ଶସ୍ୟର ପ୍ରକ୍ରିୟାକରଣ ପାଇଁ ସବୁ ବର୍ଗର ସ୍ୱତନ୍ତ୍ର ମେସିନ୍ ଉପଲବ୍ଧ । ମିଲେଟ୍ ଶସ୍ୟର ଆକାର କ୍ଷୁଦ୍ର ଥିବାରୁ ଶସ୍ୟକୁ ସଫାକରି ଶସ୍ୟରୁ ବାଲି ବାଛିବା, ଶସ୍ୟରୁ ଚୋପା ଛଡ଼ାଇବା, ଗଜା କରିବା, ସେସବୁକୁ ରୋଷ୍ଟର ସାହାଯ୍ୟରେ ଅଳ୍ପ ଭାଜି ଗୁଣ୍ଡ କରି ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରିପାରିବେ । ଦ୍ୱିତୀୟ ସ୍ତରର ପ୍ରକ୍ରିୟାକରଣରେ ଧାନଜାତୀୟ ଓ ମାଣ୍ଡିଆଜାତୀୟ ଶସ୍ୟରୁ ଚୁଡ଼ା, ମୁଢ଼ି ଓ ଖଇ ଆଦି ତିଆରି କରିବା ପାଇଁ ଅନେକ ଯନ୍ତ୍ରପାତି ମିଳୁଛି । ଏହି ଯନ୍ତ୍ରପାତି ବ୍ୟବହାର ଦ୍ୱାରା ମହିଳାମାନେ ପାରମ୍ପରିକ କଷ୍ଟସାଧ୍ୟ ପ୍ରକ୍ରିୟାକରଣ ପଦ୍ଧତିରୁ ମୁକ୍ତ ହୋଇପାରିବେ ଓ ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିପାରିବେ ।

### ଲାଭାନ୍ୱିତ ମହିଳା ଚାଷୀ

ସମ୍ପ୍ରତି ପାସ୍ତା ଓ ବିଭିନ୍ନ ଖାଦ୍ୟଉତ୍ପାଦ ପ୍ରସ୍ତୁତି ପାଇଁ ବିଭିନ୍ନ ଯନ୍ତ୍ର ଉପଲବ୍ଧ । ଛୋଟରୁ ଆରମ୍ଭ କରି ବିଦ୍ୟୁତ୍ ଚାଳିତ ବଡ଼ ମେସିନ୍ ବ୍ୟବହାର ଦ୍ୱାରା ସବୁ ପ୍ରକାରର ପାସ୍ତା ଓ ନୁଡୁଲ୍‌ସ ସହଜରେ ହୋଇଥାଏ । ସଫା କରିବା ଓ ଚଷୁଛଡ଼ା ଯନ୍ତ୍ର, ଗୁଣ୍ଡ କରିବା, ଅଟା ଚକଟିବା, ଓଭେନ୍ ଓ ପ୍ୟାକିଂ ଆଦି ଯନ୍ତ୍ର ଏକ ଜାଗାରେ ରଖି ମହିଳାମାନେ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିପାରିବେ ।

### ପ୍ୟାକିଂ ଦ୍ୱାରା ସଂରକ୍ଷଣ

ଫଳ ଓ ପନିପରିବା ପ୍ରକ୍ରିୟାକରଣ ପାଇଁ (ପରିବା ଧୋଇବା, ବାଛିବା, ପରିବାରୁ ଚୋପା ବାହାର କରିବା, ପରିବାକୁ ଖଣ୍ଡ ଖଣ୍ଡ କରି ବା ଚକା କରି କାଟିବା, ଶୁଖେଇବା ଇତ୍ୟାଦି) ଉପଯୁକ୍ତ ଯନ୍ତ୍ରପାତି ବ୍ୟବହାରଯୋଗ୍ୟ । ସ୍ୱତନ୍ତ୍ର ବ୍ୟବସ୍ଥା ଅବଲମ୍ବନ କରି ପରିବାକୁ ଅଳ୍ପ ପ୍ରକ୍ରିୟାକରଣ ଦ୍ୱାରା ପ୍ୟାକିଂ କରି ସଂରକ୍ଷଣ କରିବା ସହ ବିକ୍ରିବଟା ମଧ୍ୟ କରାଯାଇପାରିବ । ଫଳ ରସ ସିଲ କରି ବର୍ଷ ତମାମ ସାଇତିକି ରଖାଯାଇପାରିବ । ଆମ୍ବ ପଣସ ଆଦି ଫଳରୁ ମୋଟା ରସ ବାହାରୁଥିବାରୁ ପଲ୍ପର ବ୍ୟବହୃତ ହୁଏ । ସପୁରି, ଓଉ, ଲଙ୍କା ଆମ୍ବ ଇତ୍ୟାଦି ଫଳ ରସକୁ ନିଷ୍କାସନ ଯନ୍ତ୍ରର ଚାପଦ୍ୱାରା ବାହାର କରାଯାଏ । ଏସବୁ ରସକୁ ବର୍ଷ ତମାମ ପ୍ୟାକିଂ କରି ରଖାଯାଇ ଆବଶ୍ୟକ ଅନୁସାରେ ପାନୀୟ ଓ ଅନ୍ୟାନ୍ୟ ଉତ୍ପାଦ ପ୍ରସ୍ତୁତ କରି ବିକ୍ରିବଟା କରାଯାଇପାରିବ । ଏହି ଯନ୍ତ୍ର ଦ୍ୱାରା ଫଳରସ, ଚୋପା ଓ ମଞ୍ଜି ଅଲଗା କରାଯାଇପାରୁଛି । ଖାଦ୍ୟଉତ୍ପାଦକୁ ଅଧିକ ଦିନ ସାଇତି ରଖିବା ପାଇଁ ଉପଯୁକ୍ତ ପ୍ୟାକିଂ ମେସିନ ଉପଲବ୍ଧ ଥିବାରୁ ଆବଶ୍ୟକତା ଅନୁସାରେ ଏହି ମେସିନ ଚୟନ କରି ଖାଦ୍ୟକୁ ସହଜରେ ଉତ୍ତମ ପ୍ୟାକିଂ ପ୍ରଦାନ କରାଯାଇପାରିବ । ମହିଳା ଚାଷୀ ତଥା ସାଧାରଣ ମହିଳାମାନେ ଏହି ଯନ୍ତ୍ରପାତି ବ୍ୟବହାର କରି ଅମଳପରବର୍ତ୍ତୀ ତଥା ଖାଦ୍ୟ ପ୍ରକ୍ରିୟାକରଣ ବ୍ୟବସାୟିକ ଭିତ୍ତିରେ କଲେ, ସେମାନେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିବେ ।

- ପ୍ରଫେସର
ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ,
ସି.ଏ.ଇ.ଟି, ଓ.ୟୁ.ଏ.ଟି

# ରୋଗପ୍ରତିରୋଧୀ ଭର୍ମିୱାଶ



**ଜମିରେ ଲଗାତାର ରାସାୟନିକ ସାର ବ୍ୟବହାର କରିବା ଦ୍ୱାରା ମାଟିର ଭୌତିକ, ରାସାୟନିକ ଏବଂ ଜୈବିକ ଗୁଣ ହ୍ରାସ ପାଏ । ଏ କ୍ଷେତ୍ରରେ ଜୈବିକ ଉପାୟରେ ଭର୍ମିୱାଶ ଉପଯୋଗ ଏକ ଉତ୍ତମ ବିକଳ୍ପ । ଏଥିରେ ଜିଆ ଦ୍ୱାରା ନିର୍ଗତ ହର୍ମୋନ୍, ପୋଷକତତ୍ତ୍ୱ ଏବଂ ଏନଜାଇମ୍‌ଯୁକ୍ତ, ଆଜେଟୋବ୍ୟାକ୍ଟେର, ଫସଫରସ ଦ୍ରବୀଭୂତ ଜୀବାଣୁ ମିଳିଥାଏ । । ଏଥିରେ ରୋଗପ୍ରତିରୋଧକ ଗୁଣ ଅଧିକ ରହିଥିବାରୁ ଏହାକୁ ପ୍ରୟୋଗ କରିବା ଦ୍ୱାରା ଫସଲ ଉତ୍ପାଦନ ବୃଦ୍ଧି, ରୋଗପୋକ ଲାଗିବାର କମ୍ ଆଶଙ୍କା ରହିଥାଏ । ଭର୍ମିୱାଶ୍ ପ୍ରୟୋଗରେ ୧୦ରୁ ୧୫ ପ୍ରତିଶତ ଉତ୍ପାଦନ ବୃଦ୍ଧି ହୋଇଥାଏ ।**

ଶସ୍ୟଜାତୀୟ କିମ୍ବା ଡାଲିଜାତୀୟ ଫସଲରେ ଏହାକୁ ପ୍ରୟୋଗ କରିବା ଦ୍ୱାରା ଫସଲର ଗୁଣବତ୍ତା ବୃଦ୍ଧି ପାଏ । ପନିପରିବା ଏବଂ ଫୁଲଜାତୀୟ ଗଛରେ ଅଧିକ ଫଳ ଓ ଫୁଲ ଧରେ । ଗଛର ବିକାଶ ହେବା ସହ କୃଷିକାର୍ଯ୍ୟ ପାଇଁ କମ୍ ଜଳର ଆବଶ୍ୟକତା ହୋଇଥାଏ । ପରିବେଶ ପ୍ରଦୂଷିତ ହୁଏ ନାହିଁ । ମାଟିର ଜଳଗ୍ରହଣ ଶକ୍ତିରେ ବୃଦ୍ଧି । ଫସଲ ଉତ୍ପାଦନ ପାଇଁ ଅଧିକ ଔଷଧର ଆବଶ୍ୟକତା ପଡ଼େନି ।

ଛାଇ ସ୍ଥାନରେ ଭର୍ମିୱାଶ୍ ପ୍ରସ୍ତୁତ କରିବା ଉଚିତ । ଏଥିପାଇଁ ଉନ୍ନତ ପ୍ରଜାତି ଜିଆ ଯଥା - ଆଇସିନିଆ ଫୋଟିଡା ଆଦି ବ୍ୟବହାର କରିପାରିବେ । ସଫା ପାଣି ବ୍ୟବହାର କରିବା ଦରକାର । ଧ୍ୟାନ ଦେବେ ଯେପରି କଞ୍ଚା ଗୋବର ବ୍ୟବହାର ନ କରନ୍ତି, କାରଣ ଏହାଦ୍ୱାରା ଜିଆ ମୃତ୍ୟୁବରଣ କରନ୍ତି । ଜିଆକୁ ସାପ, ବେଙ୍ଗ, ଝିଟିପିଟି ତଥା ଅନ୍ୟାନ୍ୟ ପୋକ ଦାଉରୁ ରକ୍ଷା କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ଉଚିତ ।

ଟମାଟୋ ଗଛରେ ଭର୍ମିୱାଶ୍ ସିଞ୍ଚନ ଦ୍ୱାରା ଭଲ ଫଳ ହେବା ସହିତ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ । ସେହିପରି ବାଇଗଣ ଗଛରେ ରୋଗ ନିୟନ୍ତ୍ରଣ ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ଭର୍ମିୱାଶ୍ ସିଞ୍ଚନ ଭଲ କାମ କରୁଛି । ସମ୍ପ୍ରତି ମେଥିର ବୀଜ ଅଙ୍କୁରଣ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡୁଛି । ଏହାସହିତ ମାଟି ଉପରେ ସକାରାତ୍ମକ ପ୍ରଭାବ ରହୁଥିବାରୁ ମେଥି ଚାଷରେ ଭଲ ଅମଳ ହେଉଛି ।

# ମାଟିର ବିକଳ୍ପ ନଡ଼ିଆ କତା

**ନଡ଼ିଆ ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାକୁ ଶ୍ରୀଫଳ କୁହାଯାଏ । ତେବେ ନଡ଼ିଆ ଫଳ ଯେତିକି ଉପଯୋଗୀ, ଏହାର କତା ମଧ୍ୟ ବେଶ୍ ବ୍ୟବହାରଯୋଗ୍ୟ । କାରଣ ନଡ଼ିଆ କତାକୁ ଅଧିକାଂଶ ଅଦରକାରୀ ବୋଲି ଫିଙ୍ଗିଦେଉଥିବାବେଳେ ଏଥିରେ ଏପରି ଜରୁରି ପୋଷକତତ୍ତ୍ୱ ମିଳିଥାଏ, ଯାହା ଗଛର ବିକାଶ ପାଇଁ ବେଶ୍ ଉପଯୋଗୀ । ନଡ଼ିଆ ଭୁସି ଏବଂ ଖାଦ (କୋକୋପିଟ୍ କୌଶଳ)ରୁ ପ୍ରସ୍ତୁତ କୃତ୍ରିମ ମୃତ୍ତିକାକୁ ଛାତ ଉପରେ ଚାଷ କରୁଥିବା ଲୋକଙ୍କ ପାଇଁ ବେଶ୍ ଅଧିକ ଲାଭପ୍ରଦ ।**



ସାଧାରଣତଃ ସହରବାସିନ୍ଦା ଛାତ ଉପରେ ବିଭିନ୍ନ ପ୍ରକାର ଚାଷ କରିଥାନ୍ତି । କିନ୍ତୁ ଚାଷ ପାଇଁ ପର୍ଯ୍ୟାପ୍ତ ମାତ୍ରାର ମାଟି ମିଳୁନଥିବାରୁ ଲୋକେ ନଡ଼ିଆ ରଶି ବା କତାକୁ ବ୍ୟବହାର କରି ଚାଷ କରିପାରୁଛନ୍ତି । ନଡ଼ିଆ କତା ପାଣିକୁ ଅବଶୋଷିତ କରି ପରିବେଶକୁ ଶୁଦ୍ଧ ରଖିଥାଏ । ତେଣୁ ଏଥିରେ ଲୋକେ କମ୍ ମାଟିରେ ନଡ଼ିଆ କତାକୁ ଉପଯୋଗ କରି ଚାଷ କରିଥାନ୍ତି । କେବଳ ସେତିକି ନୁହେଁ, ଏହା ଜୈବିକ ଖତର କାମ କରିଥାଏ । ସେହିପରି କୁଣ୍ଡରେ କିଛି ଲଗାଇବାକୁ ଚାହୁଁଥିଲେ, ନଡ଼ିଆ ଛଣି ଏକ ଉତ୍ତମ ବିକଳ୍ପ । ନଡ଼ିଆ କତାର ଗୁଣ୍ଡକୁ ଖତ ସହିତ ମିଶାଇ କୁଣ୍ଡରେ ଭର୍ତ୍ତି କରି ଗଛ ଲଗାଇ ପାରିବେ । ତେଣୁ ନଡ଼ିଆ ଛଡ଼ାଇବା ସମୟରେ ଯେଉଁ କତା ବାହାରିଥାଏ, ଏହାକୁ ଏକତ୍ର କରି ଛୋଟ ଛୋଟ ଖଣ୍ଡ କରି କାଟିବା ପରେ ଏହାକୁ ମିକ୍ସରରେ ଗୁଣ୍ଡ ବନାଇପାରିବେ । ଏଥିରୁ ବାହାରୁଥିବା ଗୁଣ୍ଡ ବା ପାଉଡ଼ରକୁ ଅଲଗା ରଖି ଆଉ ମାଟିର ବିକଳ୍ପ ଭାବେ ଏହି ଗୁଣ୍ଡକୁ ବ୍ୟବହାର କରିପାରିବେ । ଏହା କେବଳ ମାଟିର ଅଭାବକୁ ପୂରା କରିଥାଏ, ତାହା ନୁହେଁ ବରଂ ଭଲ ଖତ ଭାବେ କାମ କରିଥାଏ ।

# ଧଳା ବାଇଗଣ ଚାଷ



ଅଧିକାଂଶ ବାଇଗଣୀ ରଙ୍ଗର ବାଇଗଣ ଚାଷ କରି ସ୍ୱାବଲମ୍ବୀ ହୋଇଥାନ୍ତି । ଏବେ କିନ୍ତୁ ଲୋକେ ଧଳା ରଙ୍ଗର ବାଇଗଣ ଚାଷରୁ ଅଧିକ ରୋଜଗାର କରିପାରୁଛନ୍ତି । ଏବେ ଆମ ଦେଶର ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଅଧିକ ମାତ୍ରାରେ କରାଯାଉଥିବାରୁ ଧଳା ବାଇଗଣର ଉନ୍ନତ କିସମ ବଜାରରେ ଉପଲବ୍ଧ ରହୁଛି । ଏହି ବାଇଗଣ ସ୍ୱାଦିଷ୍ଟ ଓ କିଲୋ ପିଛା ମୂଲ୍ୟ ମଧ୍ୟ ଅଧିକ । ଶୀତଦିନେ ଧଳା ବାଇଗଣ ଚାଷ ଦ୍ୱାରା ଅଧିକ ଲାଭ ମିଳିଥାଏ । ଏହାକୁ ପଲିହାଉସ୍‌ରେ କରିପାରିବେ । ଆଇସିଏଆର-ଆଇଏଆରଆଇ ଏହି ବାଇଗଣର ଉନ୍ନତ କିସମ ବିକଶିତ କରିଛନ୍ତି । ପୁସା ଗ୍ରୀନ୍ ବାଇଗଣ-୧ ଏବଂ ପୁସା ହ୍ୱାଇଟ୍ ବାଇଗଣ -୧ । ତେବେ ଚାଷରେ ପ୍ରଥମେ ବାଇଗଣ ମଞ୍ଜିକୁ ଗ୍ରୀନ୍‌ହାଉସରେ ସଂରକ୍ଷିତ ହଟ୍‌ବେଡ୍‌ରେ ପୋତାଯାଏ । ପୋତିବା ପୂର୍ବରୁ ମଞ୍ଜିକୁ ବିଶୋଧନ କରାଯିବା ଦ୍ୱାରା ରୋଗପୋକ ଲାଗିବାର ଭୟ କମ୍ ରହିଥାଏ । ଚାରା ଉଠିବା ପରେ ଏହାକୁ ରୋଇବାକୁ ପଡ଼େ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଧଳା ବାଇଗଣ ଚାଷରେ ଅଧିକ ପାଣିର ଆବଶ୍ୟକତା ହୁଏ ନାହିଁ । ଡ୍ରିପ୍ ସିଞ୍ଚନ ପଦ୍ଧତିରେ ପାଣିର ଆବଶ୍ୟକତା ପୂରା କରିପାରିବେ । ଗଛ ଲଗାଇବା ପରେ ଏହାର ସଠିକ୍ ଦେଖାରଖା କରିବା ଉଚିତ । ତେବେ ସାଧାରଣ କିସମ ବାଇଗଣ ତୁଳନାରେ ଧଳା ବାଇଗଣ ଉତ୍ପାଦନ ଅଧିକ ହୁଏ । ଏଥିରେ ଅଧିକ ପୋଷକତତ୍ତ୍ୱ ମଧ୍ୟ ମିଳିଥାଏ ।



# ବିଦେଶ ଫେରନ୍ତାଙ୍କ ମହୁ ଷ୍ଟାର୍ଟଅପ୍

ସଫଳ ଚାଷୀ

**ମହୁ ଚାଷ କରି ଅନେକ ଲୋକ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପାଟନା, ଫୁଲବାରି ଅଞ୍ଚଳର ଜକି । ଏହି ଯୁବକ ଜଣକ ଦୁବାଇରେ କେମିକାଲ ଇଞ୍ଜିନିୟର ଭାବେ କାମ କରୁଥିଲେ, କିନ୍ତୁ ମହାମାରୀ କରୋନା ସମୟରୁ ଘରକୁ ଆସିଥିବାବେଳେ ସେ ମହୁ କ୍ଷେତ୍ରରେ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ । ଆଉ ମହୁ ଚାଷରୁ ସେ ବର୍ତ୍ତମାନ ମାସିକ ତିନି ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିପାରୁଛନ୍ତି ।**



ଜକି ଦୁବାଇରେ ଦେଢ଼ଲକ୍ଷ ଟଙ୍କାରେ ଚାକିରି କରୁଥିଲେ । କିନ୍ତୁ କୋଭିଡ୍ ସମୟରେ ଘରକୁ ଆସିଥିବାବେଳେ ସେ ପରିବାର ସହିତ ମିଳି ମହୁଚାଷରେ ସାମିଲ ହେଲେ । ଏହାପରେ ସେ ବିଦେଶ ଫେରିଯାଇଥିଲେ ହେଁ, ସେଠାରେ ତାଙ୍କର ମନ ଲାଗିନଥିଲା । ତେଣୁ ମହୁ ବ୍ୟବସାୟ କରିବାକୁ ବିଦେଶରୁ ଫେରି ସରକାରୀ ସହାୟତାରେ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ । ଏବେ ନିଜ କର୍ମଭୂମିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ନେଇ ମହୁ ବ୍ୟବସାୟ କରୁଛନ୍ତି । ଦୁଇବର୍ଷ ହେବ ମହୁ ଚାଷ ସହିତ ବିଭିନ୍ନ କିସମ ମହୁ ସଂଗ୍ରହ କରୁଛନ୍ତି । ସେ ମହୁରୁ ବିଭିନ୍ନ ପ୍ରଡକ୍ଟ ବନାଇ ଚର୍ଚ୍ଚାରେ ମଧ୍ୟ ରହିଛନ୍ତି । ଜାମ୍ବୁ, ତୁଳସୀ, ଲିଚି, ସଜନା ଆଦିରୁ ପ୍ରସ୍ତୁତ ମହୁକୁ ସେ ଚାଷୀଙ୍କ ଠାରୁ କିଣିଥାନ୍ତି । ଏଥିରୁ ସେ ଅତିରିକ୍ତ ଉତ୍ପାଦ କରନ୍ତି । କେବଳ ସେତିକି ନୁହେଁ, ମହୁ ସହିତ ଅଦା ଏବଂ ମହୁ ହଳଦୀ ମିଶାଇ ସେ ବଜାରରେ ବିକ୍ରି କରନ୍ତି । ଲୋକଙ୍କୁ ରୋଗମୁକ୍ତ କରାଇବାକୁ ସେ ପ୍ରାକୃତିକ ଉପାୟକୁ ଗୁରୁତ୍ୱ ଦେଇଥାନ୍ତି । ସେଥିପାଇଁ ସେ ବଜାରରେ ହର୍ବାଲ ଉତ୍ପାଦ ବିକ୍ରି କରନ୍ତି । ଜକି କୁହନ୍ତି, ସମ୍ପ୍ରତି ଫିଟ୍ ରହିବାକୁ ଜୈବିକ ଖାଦ୍ୟପେୟକୁ ଗୁରୁତ୍ୱ ଦେଉଥିବାରୁ ଜୈବିକ ଉପାୟରେ ମହୁ ଉତ୍ପାଦନ କରିବାକୁ ପ୍ରାଧାନ୍ୟ ଦେଇଥିଲି । ଚାଷୀଙ୍କ ଠାରୁ ମହୁ ମଧ୍ୟ ଭଲ ମୂଲ୍ୟରେ ପାଇପାରୁଛି । ବିଭିନ୍ନ ଉତ୍ପାଦ ବନାଇ ବିକ୍ରିକଟା କରି ଲାଭ ପାଇପାରୁଛି ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଅମଳ ଉପଯୋଗୀ ପନିପରିବାକୁ ଅମଳ କରିନିଅନ୍ତୁ । ଫସଲରୁ ଅଧିକ ବର୍ଷାଜଳ ନିଷ୍କାସନ ପାଇଁ ନାଳୀ ବ୍ୟବସ୍ଥା କରନ୍ତୁ ଓ ଏହାର ମୁହଁ ଖୋଲା ରଖନ୍ତୁ ।
- ବାଇଗଣ ଓ ବିଲାତି ଫସଲରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ବିଲାତି ଗଛକୁ ଢେରା ଦେବାର ବ୍ୟବସ୍ଥା କରନ୍ତୁ ।
- ଗଜା ଧାନକୁ କାଦୁଅ ଜମିରେ ଡ୍ରମ୍‌ସିଡ୍‌ର କିମ୍ବା ଛଟାବୁଣା କରିଦିଅନ୍ତୁ ।
- ଧାନ ତଳି ଉପାଡ଼ିବାର ୨ରୁ ୩ ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ ।
- ଚିନାବାଦାମରେ ଧବଳ ଭୃଙ୍ଗ ପୋକର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ ମିଲି କ୍ଲୋରୋପାଇରିଫସ୍ କିମ୍ବା ୧ ମିଲି ଇମିଡାକ୍ଲୋପ୍ରିଡ୍ ୩୦.୫ ଏସ୍‌ସି ମିଶାଇ ଗଛ ମୂଳକୁ ଭିଜାନ୍ତୁ ।
- ପିଆଜ ତଳିଗୁଡ଼ିକ ୧୨ରୁ ୧୫ ସେମି ଉଚ୍ଚା କିମ୍ବା ୮ ସପ୍ତାହ ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ବର୍ଷା ଛାଡ଼ିଗଲା ପରେ ପିଆଜ ତଳି ରୋଇବା ପୂର୍ବରୁ ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ୫୨ କିଗ୍ରା ଡିଏପି, ୨୦ କିଗ୍ରା ୟୁରିଆ, ୩୦ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସାର ଏବଂ ୨୦ କିଗ୍ରା ସଲ୍‌ଫର ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ ।
- ଟମାଟୋରେ ଧଳାମାଛି ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ରୁ ୧୦ଟି ଅଠା ଯନ୍ତା ବ୍ୟବହାର କରନ୍ତୁ ।
- ଗାଈଗୋରୁ ମାନଙ୍କୁ ବିଭିନ୍ନ ରୋଗ ପାଇଁ ଟିକାକରଣ କରାନ୍ତୁ । ଶୀତଋତୁରେ ଗାଈଗୋରୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ ।

# ଆନ୍ତଃମହାବିଦ୍ୟାଳୟ ଇଂରାଜୀ ପାଠଚକ୍ର

**ବୌଦ୍ଧ, ୨୯ ।୧(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଲକ୍ଷ୍ମଣ ମେହେରଙ୍କ ଅଧ୍ୟକ୍ଷତାରେ ଆନ୍ତଃ ମହାବିଦ୍ୟାଳୟ ଇଂରାଜୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଣା କଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ବୌଦ୍ଧ ମଡେଲ ଡିଗ୍ରୀ ମହାବିଦ୍ୟାଳୟ, କନ୍ଧମାଳ ମହାବିଦ୍ୟାଳୟ ଓ ସୋନପୁର ମହାବିଦ୍ୟାଳୟର ଇଂରାଜୀ ସମ୍ମାନ ବିଭାଗର ୮୦ ଛାତ୍ରଛାତ୍ରୀ ଯୋଗ ଦେଇ ୨ ଟି ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଅଧ୍ୟାପିକାମାନଙ୍କ ଦ୍ୱାରା ମଧ୍ୟ ସନ୍ଦର୍ଭ ପାଠ କରାଯାଇଥିଲା। ଆଲୋଚକ ଭାବେ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ପ୍ରଣତୀ ମି. ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଡ. ପ୍ରମୋଦ ମହାପାତ୍ର, ଅଧ୍ୟାପିକା ପୁଜାରାଣୀ ଦେଓ, କନ୍ଧମାଳ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଦେବଦାସ ମହାପାତ୍ର, ସୋନପୁର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ. ରାଜେନ୍ଦ୍ର ରଣା, ବୌଦ୍ଧ ମଡେଲ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ସୁନୀତା ଭୋଇ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରକାଶ ମେହେର, ଅଧ୍ୟାପିକା କଲ୍ୟାଣୀ ଦେବୀ ସୁନାନି, ବେନଜୀର ଅଖତାର, ବିନିକା ଆଦର୍ଶ ବିଦ୍ୟାଳୟର ଅଧ୍ୟାପିକା ଶୁଭଙ୍କରୀ ବଡ଼ମାଳି ଓ ବୌଦ୍ଧ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁ ଯୋଗ ଦେଇଥିଲେ। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀ ହିମାଦ୍ରି ମିଶ୍ର ଓ ଅଞ୍ଜଳୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇଂରାଜୀ ବିଭାଗ ଅଧ୍ୟାପିକା କଲ୍ୟାଣୀ ଦେବୀ ସୁନାନି ଧନ୍ୟବାଦ ଅର୍ପଣ କରିଥିଲେ।




# ତେଲନଦୀ ସେତୁ ନିର୍ମାଣରେ ଅନିୟମିତତା

**ବୌଦ୍ଧ, ୨୯ ।୧(ସମିସ)**



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଫାସେଡ କେନ୍ଦୁଘାଟ ତେଲନଦୀ ସେତୁ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସାମାଜିକ କର୍ମୀ ଶଙ୍କର୍ଷଣ ବଘାର ଏହି ସେତୁ ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ରାଜ୍ୟପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେଲନଦୀ ଉପରେ ୪୫ କୋଟି ଟଙ୍କା ବ୍ୟୟ ଅଟକଳରେ ୬୨୦ ମିଟର ଦୀର୍ଘ ଏହି ସେତୁ ନିର୍ମାଣ କରାଯାଇଛି। କଟକର ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ଏହି ସେତୁ ନିର୍ମାଣ କରିଛି। ୨୦୨୩ ମସିହା ଫେବୃଆରୀରୁ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ସେତୁ ଉପରେ ଯାନବାହାନ ଚଳାଚଳ ହୋଇ ସାରିଲାଣି। ସେତୁର ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ ରହିଛି। ତେବେ ଏହାର ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି ସାମାଜିକ କର୍ମୀ ଶ୍ରୀ ବଘାର। ନିର୍ମାଣରେ ତ୍ରୁଟି ଥିବା ସହ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଯୋଗୁଁ ଧାର୍ଯ୍ୟ ଅବଧି ପୂର୍ବରୁ ସେତୁ ଭାଙ୍ଗିଯିବା ଆଶଙ୍କା କରି ୨୦୨୩ ନଭେମ୍ବର ୧୩ ତାରିଖରେ ରାଜ୍ୟପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଶ୍ରୀ ବଘାର। ଅଭିଯୋଗ ଆଧାରରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ତରଫରୁ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଉଭୟ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ଅଭିଯୋଗକାରୀଙ୍କୁ ପ୍ରଦାନ କରିବା ପାଇଁ ଗତ ଡିସେମ୍ବର ୧ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ତରଫରୁ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସ୍ଥଳେ ଅଭିଯୋଗକାରୀ ଶ୍ରୀ ବଘାର ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କୁ ପୁଣି ଚିଠି ଲେଖିଛନ୍ତି। ଅନ୍ୟଥା ଫେବୃଆରୀ ୧୬ ତାରିଖରେ ବୌଦ୍ଧ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ବୌଦ୍ଧ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାତ ଦାସ ସେତୁ ନିର୍ମାଣରେ କୌଣସି ଅନିୟମିତତା ହୋଇନାହିଁ ବୋଲି କହିବା ସହ ଏହି ଅଭିଯୋଗ ସଂକ୍ରାନ୍ତୀୟ ବିସ୍ତୃତ ରିପୋର୍ଟ ମୁଖ୍ୟ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ଶଗଡ଼ା, ୨୯ ।୧(ସମିସ):** ମନମୁଣ୍ଡା ଥାନା ଅନ୍ତର୍ଗତ ଶୁଣ୍ଠି ପଦର ପଞ୍ଚାୟତ ସେକାମାଲ୍ ଗ୍ରାମ ନିକଟରେ ସୋମବାର ସକାଳ ୯ଟାରେ ଏକ ବାଇକ୍‌କୁ କୌଣସି ଏକ ଗାଡ଼ି ଧକ୍କା ଦେଇଛି। ଦୁର୍ଘଟଣାରେ ବାଇକ୍ ଚାଳକ ଶୁଣ୍ଠିପଦର ଗ୍ରାମର ସନ୍ତୋଷ ଦୀପ (୩୨) ବାଇକ୍ ସହ ଛିଟିକି ପଡ଼ି ରାସ୍ତା କଡ ବିଲରେ ପଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅବସ୍ଥା ସଙ୍କଟାପନ୍ନ ହେତୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। କୌଣସି କାମରେ ଯାଉଥିବା ବେଳେ ସେକାମାଲ୍ ଗ୍ରାମ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା।

## ତିଅର ସମାଜର ବାର୍ଷିକ ଉତ୍ସବ

**ସୁବଳୟା, ୨୯ ।୧(ସମିସ):** ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ବଡ଼ଖମାର ହାଟପଦାରେ ବ୍ଲକସ୍ତରୀୟ ମା'ମଙ୍ଗଳା ତିଅର ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଶୁକ୍ରୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକର ଉପାଧ୍ୟକ୍ଷ ନାରାୟଣ ଲୁହା, ବରିଷ୍ଠ ଆଇନଜୀବି ସତ୍ୟ ନାରାୟଣ୍ ମିଶ୍ର, ଜିଲ୍ଲା ପରିଷଦ ପ୍ରତିନିଧି ବିଦ୍ୟାଧର ଖୁର୍ଦ୍ଦିଆ, ଆଇନଜୀବୀ ଗୌରୀଶଙ୍କର ପାଣିଗ୍ରାହୀ, ବିଜେଡି ନେତା ଧିରେନ୍ଦ୍ର ନାରାୟଣ ପଣ୍ଡା, ସୁବଳୟା ସାମ୍ବାଦିକ ସଂଘର ସଭାପତି ରାଜେଶ ସେଠୀ, ସାମ୍ବାଦିକ ବିନୋଦ ପାଣ୍ଡେ, ସନାତନ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ମା' ମଙ୍ଗଳାଠାରେ ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ସଭାରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂପାଦକ ରାଜ କୁମାର ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କୋଷାଧ୍ୟକ୍ଷ ସିଟୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଚଳର ବହୁ ସମାଜର ଜାତିଭାଇ ସାମିଲ ହୋଇଥିଲେ।

## ୧୯୭୯ ମାଟ୍ରିକ୍ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ସୁବଳୟା, ୨୯ ।୧(ସମିସ):** ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ବିଦ୍ୟାଳୟର ୧୯୭୯ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟନାଥ କର୍ମୀଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ୧୮ ଜଣ ସଦସ୍ୟଙ୍କୁ ନେଇ ଅନୁଷ୍ଠିତ ଏକ ବୈଠକରେ ପ୍ରଥମେ ଦିବଂଗତ ଭୋଳାନାଥ ରଥ, ସୂର୍ଯ୍ୟନାରାୟଣ ପୁରୋହିତ, ସନ୍ତୋଷ ପାଣିଗ୍ରାହୀ ଓ ଶମ୍ଭୁ ନାଏକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଘନଶ୍ୟାମ ତ୍ରିପାଠୀ, ଟୁନୁରାମ ଅଗ୍ରୱାଲ, ରାମଚନ୍ଦ୍ର କର୍ଣ୍ଣ ଓ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀଙ୍କ ଦ୍ୱାରା କୁଷ୍ଠରୋଗୀଙ୍କ ଶେଷକୃତ୍ୟ



**ବୌଦ୍ଧ, ୨୯ ।୧(ସମିସ):** ବୌଦ୍ଧ ସତ୍ୟସାଇ ସେବା ସଂଗଠନ ଜଣେ ଅସହାୟ କୁଷ୍ଠ ରୋଗାକ୍ରାନ୍ତ ମହିଳାଙ୍କ ଶେଷ କୃତ୍ୟ ସମ୍ପନ୍ନ କରିଛି। ସ୍ଥାନୀୟ କୁଷ୍ଠାଶ୍ରମର ଅନ୍ତେବାସୀ ତପସ୍ୟା କୁମ୍ଭାର ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଝିଅ ବିଳାସିନୀ ଯତ୍ନ ନେଉଥିଲେ ବି ମା'ର ମୃତ୍ୟୁ ପରେ ସେ ଅସହାୟ ହୋଇ ଯାଇଥିଲେ। ମା'ର ଶେଷକୃତ୍ୟ ପାଇଁ ବିଳାସିନୀ ଅସାମର୍ଥ୍ୟ ପ୍ରକାଶ କରି ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ପ୍ରିୟବ୍ରତ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ବିଳାସିନୀ ତଥା କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ଅନୁରୋଧ କ୍ରମେ ଶ୍ରୀ ବେହେରା ସ୍ୱେଚ୍ଛାସେବୀଙ୍କୁ ନେଇ ସ୍ଥାନୀୟ ଶ୍ମଶାନରେ ତପସ୍ୟାଙ୍କ ଶେଷକୃତ୍ୟ ସମ୍ପାଦନ କରିଥିଲେ। ଅଞ୍ଜନ ମହାରଣା, କେଶବାନନ୍ଦ ବେହେରା, ସମୀର କର୍ଣ୍ଣ, ଦେବେନ୍ଦ୍ର ମହାରଣା ସୁନୀଲ ବଘାର, ନାରାୟଣ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ଶୁଣ୍ଠିପଦରରେ ୧୧୨ ଅଭିଯୋଗ ଶୁଣାଣି



**ଶଗଡ଼ା, ୨୯ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଲୋକଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଏହି ଶିବିରରେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ, ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ଡିଏସ୍‌ପି ସଂଯୁକ୍ତା ବାଲା, କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡୀ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୁଜାହାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଗେଡ୍ରା କୁଜୁର, ଉପ ସହକାରୀ ନିବନ୍ଧକ ଅଜୟ ରାଉତ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ, କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପାଢ଼ୀ, ସ୍ଥାନୀୟ ସରପଞ୍ଚ ସୁଜାତା ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପଙ୍କଜିନୀ ତାଣ୍ଡିଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୧୩୨ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୧୧୨ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ମାମଲା ପଞ୍ଜୀକୃତ ହୋଇଥିଲା। ୩ ଜଣକୁ ଟ୍ରାଇସାଇକଲ, ୪ଜଣକୁ ହ୍ୱିଲ୍ ଚେୟାର ଓ ୧୪ ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## ଅଭିଯୋଗ ଶୁଣାଣି ଶିବିରକୁ ଆସିଲାନି ପୁଲିସ



**ଉଲୁଣ୍ଡା:** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସଭାଗୃହରେ ପ୍ରଶାସନ ପକ୍ଷରୁ ଲୋକଙ୍କ ଆପତ୍ତି, ଅଭିଯୋଗ ଶୁଣାଣି ହୋଇଛି। ତେବେ ପୁଲିସ ପ୍ରଶାସନ ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଆଞ୍ଜେଲିନା ପଧାନ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ବିଡ଼ିଓ କରିସ୍ମା ବେଶ୍ରା, ତହସିଲଦାର ଦିଲୀପ ମାଝୀ ଉପସ୍ଥିତ ଥିଲେ। ୪୨ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିଲା। କ୍ଷୀରୋଦ୍ର ରାୟଙ୍କ ସମେତ କର୍ମଚାରୀ ସହଯୋଗ କରିଥିଲେ।

**• ଠିକା ସଂସ୍ଥାର ମନମୁଖି କାର୍ଯ୍ୟ**

## ବିଦ୍ୟୁତ୍‌ଖୁଣ୍ଟ ପୋତି ଦେଲାଣି ଠିକା ସଂସ୍ଥା



**ହରଭଙ୍ଗା, ୨୯ ।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ରେଳବାଇ ବିଭାଗର ଏକ ରାସ୍ତା ନିର୍ମାଣ ଚାଲିଛି। ଏଥିରେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଦେଖିବାକୁ ମିଳିଛି। ଚାରିଛକ ତେଇଶିମାଇଲ ନିକଟରେ ଠିକା ସଂସ୍ଥା ରେଳବାଇର ରାସ୍ତା ନିର୍ମାଣ କାର୍ଯ୍ୟ କରୁଛି। ଏହି ରାସ୍ତା ଦେଇ ପୂର୍ବରୁ ଯାଇଥିବା ବିଦ୍ୟୁତ୍ ତାର ଓ ଖମ୍ବ ଉପରେ ଠିକା ସଂସ୍ଥା ପ୍ରାୟ ୨୫ ଫୁଟ ଉଚ୍ଚତାରେ ମାଟି ପକାଇ ତାର ଓ ଖମ୍ବକୁ ପୋତି ଦେଇଛି। ଏହାଦ୍ୱାରା ସିଙ୍ଗାଣିବିଡା ଗ୍ରାମର ପ୍ରାୟ ୧୫ ଜଣ ଉପଭୋକ୍ତା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟୁତ୍ ବିଭାଗଠାରୁ କୌଣସି ଅନୁମତି ନ ନେଇ ମାଟି ପକାଇ ପୋତି ଥିବା ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କ ପାଖରୁ ସୂଚନା ମିଳିଛି।

## ଛାତ୍ରୀଙ୍କ କୃତିତ୍ୱ



**ବୌଦ୍ଧ, ୨୯ ।୧(ସମିସ):** ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ପିତା ମେହେର ପଶ୍ଚିମଓଡ଼ିଶାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ଶିବତୁଳାସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଶ୍ରୀହରି ଗ୍ରୁପ ଅଫ ଇଷ୍ଟିଚ୍ୟୁସନ ଦ୍ୱାରା ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତା (ବିଜ୍ଞାନ ଓ ଆଧୁନିକ ଜଗତ)ରେ ସେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

## ମା' ମାହେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ




**କଣ୍ଟାମାଳ, ୨୯ ।୧(ସମିସ):** କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଦିଗୁନମାଳଠାରେ ଡୁମାଲ ସମାଜ ମସିଣାଗୋରା କେନ୍ଦ୍ର ପକ୍ଷରୁ ଆୟୋଜିତ ମା' ମାହେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ କମିଟି ସମ୍ପାଦକ ଅନନ୍ତ ଚରଣ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୌଦ୍ଧ ବିସିସି ସଭାପତି ଅରୁଣ ପ୍ରଧାନ ମୁଖ୍ୟଅତିଥି, ଜିଲ୍ଲା ଡୁମାଲ ସମାଜ ସଭାପତି ସୀତାଂଶୁ ମହାକୁଡ଼ ମୁଖ୍ୟବକ୍ତା, ଜିଲ୍ଲା ଡୁମାଲ ସମାଜ ଉପଦେଷ୍ଟା ସୁଧିର ମହାକୁଡ଼, ମନୋଜ ଆଚାର୍ଯ୍ୟ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାଗୀରଥି କର୍ମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନନ୍ତ କ୍ଷେତୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ବରଗଡ଼ର କଳାଜୀବୀ ସାଂସ୍କୃତିକ ଅନୁଷ୍ଠାନ, କଣ୍ଟାମାଳର ପ୍ରଗତି କଳା ପରିଷଦ ଏବଂ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଶଗଡ଼ା, ୨୯ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳସ୍ଥିତ ପଞ୍ଚାୟତ କଲେଜର ୨୦୧୮ ମସିହା +୨ ବ୍ୟାଚର ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉଦେପୁର ତେଲ ନଦୀ କୂଳରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ୨୦୧୮ ବ୍ୟାଚର ଛାତ୍ରମାନେ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଭେକୁ ପ୍ରଧାନ ପରିଚାଳନା କରିଥିବା ବେଳେ ୨୦୧୮ ବ୍ୟାଚର ସୁରଜ୍ ବେହେରା, ଲୋକନାଥ ରଣା, ଚନ୍ଦନ ପ୍ରଧାନ, ଦାସ ରଣା, ପ୍ରଶାନ୍ତ ନାଏକ, ଦଶବନ୍ତ ପୋଢ଼, ରବୀନ୍ଦ୍ର କୁମ୍ଭାର, ବିପୁଳ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର



**କଣ୍ଟାମାଳ, ୨୯ ।୧(ସମିସ):** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶ୍ୱରୀ ହାଇସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା ମୁଖ୍ୟଅତିଥି, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ସୁବର୍ଣ୍ଣପୁର ଜୁନିଅର ରେଡକ୍ରସ ଅଧିକାରୀ ତଥା ରାଜ୍ୟସ୍ତରୀୟ ରେଡକ୍ରସ ଗବେଷକ ରବିଚନ୍ଦ୍ର ପଶାୟତ, ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର, ଅନନ୍ତ ମାଝୀ, ବୌଦ୍ଧ ଜୁନିଅର ରେଡକ୍ରସ ଅଧିକାରୀ ନବ କିଶୋର ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ବନମାଳୀ ମେହେର ମଞ୍ଚ ପରିଚାଳନା କରିଥିଲେ। ଘଣ୍ଟାପଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ପିତବାସ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# କଲେଜ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ










**ଚାରିଛକ, ୨୯ ।୧(ସମିସ)**

ହରଭଙ୍ଗା ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରକାରୀ ଡାକ୍ତରଖାନାର ଡାକ୍ତର ଶ୍ୟାମପ୍ରସାଦ ମେହେର ଯୋଗ ଦେଇଥିଲେ। ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ସୁଶ୍ରୀ ସସ୍ମିତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

**କଣ୍ଟାମାଳ:** କଣ୍ଟାମାଳ ବ୍ଲକ କଣ୍ଟାମାଳ ପଞ୍ଚାୟତ କଲେଜରେ ୮ ଦିନିଆ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାରଠାରୁ ଉଦ୍‌ଘାଟିତ ହୋଇଛି। କଲେଜ ଅଧ୍ୟକ୍ଷା ପ୍ରଭାସିନୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ପୌଲସ୍ତି ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜୟପ୍ରକାଶ ମହଲା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକା ନିର୍ମଳା ଭୋଇ ମଞ୍ଚ ପରିଚାଳନ କରିଥିଲେ।

**ଶଗଡ଼ା:** ପଲସାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଓଡ଼ିଶା ସରକାରଙ୍କ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଲେଜ୍ ଅଧ୍ୟକ୍ଷ ଦେବେନ୍ଦ୍ର ନାରାୟଣ ପଣ୍ଡା ଉଦ୍‌ଘାଟନ କରିଥିଲେ। କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀ ଅନିତା ଅମାତ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ନାରାୟଣ ପ୍ରଧାନ ସଂଯୋଜନା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା କବିତା ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

**• ରାଜ୍ୟପାଳଙ୍କୁ ଭେଟିଲା ସଚେତନ ନାଗରିକ ମଞ୍ଚ**

# ସୋନପୁର ଦେଇ ନୂଆ ରେଳ ଲାଇନ୍ ନିର୍ମାଣ ଦାବି



**ସୋନପୁର, ୨୯ ।୧(ସମିସ):** ପ୍ରସ୍ତାବିତ ସମ୍ବଲପୁର-ବ୍ରହ୍ମପୁର ନୂଆ ରେଳ ଲାଇନ୍ ସୋନପୁର ଦେଇ ନିର୍ମାଣ ପାଇଁ ଦିନକୁ ଦିନ ଦାବି ତୀବ୍ର ହେଉଛି। ରାଜ୍ୟପାଳ ରଘୁବର ଦାସଙ୍କ ସୋମବାର ସୋନପୁର ଗସ୍ତ ସମୟରେ ସର୍କିଟ ହାଉସଠାରେ ଜିଲ୍ଲା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରି ଦାବି ଯଥାର୍ଥତା ନେଇ ହୃଦୟଙ୍ଗମ କରିଛନ୍ତି। ତୁରନ୍ତ ସ୍ମାରକପତ୍ରକୁ ରେଳ ମନ୍ତ୍ରଣାଳୟକୁ ପ୍ରେରଣ କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରସ୍ତାବିତ ସମ୍ବଲପୁର ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଜିଲ୍ଲା ଦେଇ ନିର୍ମାଣ ହେଲେ କେବଳ ସୁବର୍ଣ୍ଣପୁର ଜିଲ୍ଲା ନୁହେଁ; ସମ୍ବଲପୁର ଜିଲ୍ଲାର ମଧ୍ୟ ବିଭିନ୍ନ ଅଞ୍ଚଳର ଅଧିବାସୀ ଉପକୃତ ହୋଇପାରନ୍ତେ ବୋଲି ମଞ୍ଚର ସଭାପତି ସୀତାଂଶୁ ଶେଖର ମିଶ୍ର କହିଛନ୍ତି। ଶତାଧିକ ବର୍ଷ ହେଲା କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସ୍ୱାସ୍ଥ୍ୟ ନେଇ ସମ୍ବଲପୁର ସହ ସୋନପୁରର ସଂପର୍କ ଯୋଡି ହୋଇ ଆସିଛି। ହୁମା ଶୈବପୀଠ, ମେଟାକାନୀ ମନ୍ଦିର ତଥା ପାତାଳୀ ଶ୍ରୀକ୍ଷେତ୍ର ଏହି ରାସ୍ତାରେ ଥିବାରୁ ରେଳ ଚଳାଚଳ ଆବଶ୍ୟକତା ଅଛି ବୋଲି ରାଜ୍ୟପାଳଙ୍କୁ ଅବଗତ କରାଯାଇଛି। ସଚେତନ ନାଗରିକ ମଞ୍ଚର ସଭାପତି ସୀତାଂଶୁ ଶେଖର ମିଶ୍ର, ସଂପାଦକ ଗୁଣନିଧି ମେହେରଙ୍କ ସହ ଧୀରେନ୍ଦ୍ର ପଟ୍ଟନାୟକ, ବିନୋଦ ମେହେର, ଦୁଃଖୀରାମ ନାୟକ, ମହେଶ ପୂଜାରୀ, ରାମକୃଷ୍ଣ ମେହେର ପ୍ରମୁଖ ରାଜ୍ୟପାଳଙ୍କୁ ଏହି ରେଳ ଲାଇନ୍ ସଂପର୍କରେ ଆଲୋଚନା କରିଛନ୍ତି।

# ବିକାଶର ନକ୍ସା ଆଙ୍କୁଛି 'ଆମ ଓଡ଼ିଶା'

## ତୃଣମୂଳସ୍ତରରେ ଜନସଚେତନତାକୁ ଗୁରୁତ୍ୱ

କୋକସରା,୨୯।୧(ସମିସ)

ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ ଦିଗରେ ଦୀର୍ଘ ୨୫ ବର୍ଷ ଧରି ପ୍ରୟାସ କରିଆସୁଛି ବିଜୁ ଜନତାଦଳ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ସହ ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସନର ସହଯୋଗ କ୍ରମେ ଓଡ଼ିଶାର ବିକାଶଧାରା ଦ୍ରୁତ ଗତିରେ ଆଗେଇ ଚାଲିଛି। ଯେ କୌଣସି ଉନ୍ନୟନମୂଳକ କାର୍ଯ୍ୟରେ ସାଧାରଣ ଜନତାଙ୍କ ସହଭାଗିତା ନିତାନ୍ତ ଆବଶ୍ୟକ। ଏହାକୁ ଉପଲବ୍ଧି କରି ରାଜ୍ୟ ସରକାର ପଞ୍ଚାୟତସ୍ତରରେ ଆରମ୍ଭ କରିଛନ୍ତି ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର। "୫-ଟି' ଯୋଜନା ମାଧ୍ୟମରେ ରୂପାନ୍ତରିତ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ବିକାଶର ନକ୍ସା ଆଙ୍କୁଛି "ଆମ ଓଡ଼ିଶା ନବୀନ ଓଡ଼ିଶା' ବୋଲି ବଡ଼ପୋଡ଼ାଗୁଡ଼ାଠାରେ ଆୟୋଜିତ ପଞ୍ଚାୟତସ୍ତରୀୟ "ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସୋମବାର କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତଠାରେ ଅନୁଷ୍ଠିତ ସଚେତନତା ଶିବିର ସ୍ଥାନୀୟ ସରପଞ୍ଚ ଜମୁନା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ଼ ବିଧାୟକ ମୁଖ୍ୟଅତିଥି, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ନାଏକ, ଜମୁନା ମାଝୀ, ଜନେକ ନାଏକ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃଷି,




ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ପ୍ରାଣୀସମ୍ପଦ ବିଭାଗ ଆଦି ଅନେକ ବିଭାଗର ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇ ଅଧିକାରୀମାନଙ୍କ ଦ୍ୱାରା ଜନ ସାଧାରଣଙ୍କୁ ମାର୍ଗଦର୍ଶନ ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇ ରାଜ୍ୟ ସରକାରଙ୍କ ଅନେକ ଜନହିତକର କାର୍ଯ୍ୟକ୍ରମକୁ ନୃତ୍ୟ ଓ ସଂଗୀତ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରୀଶ ଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମଞ୍ଚକୁ ଗଜିନ୍ଦ୍ର ନାଗ ପରିଚାଳନା କରିଥିଲେ। ଗ୍ରାମ ରୋଜଗାର ସେବକ ହେମନ୍ତ ବଚ୍ଛା ସମେତ ପଞ୍ଚାୟତର କର୍ମଚାରୀମାନେ ସହଯୋଗ କରିଥିଲେ।

## 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଭବାନୀପାଟଣା,୨୯।୧(ସମିସ):** ସଦର ବ୍ଲକ ଅନ୍ତର୍ଗତ ଯୁଗସାଏପାଟଣା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆମ ଓଡିଶା ନବୀନ ଓଡିଶା ସଂଯୋଜକ ବଦ୍ରିନାରାୟଣ ପଟ୍ଟନାୟକ, ମୁଖ୍ୟବକ୍ତା ଜିଲ୍ଲା ଯୁବ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ସେନାପତି ନାଏକ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଚୁମକି ନାଏକ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପା ନାଏକ, ଦୁଆରସୁନି ସରପଞ୍ଚ କୈଳାଶଚନ୍ଦ୍ର ନାଏକ, ଚାଞ୍ଚେର ସରପଞ୍ଚ ବିକାଶ ପ୍ରଧାନ, ନାଏବ ସରପଞ୍ଚ ବାରୁ ମାଝୀ, ବିଜୟ ମାଝୀ ଯୋଗଦେଇ ତୃଣମୂଳସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ତଥା ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମହିଳା ଏବଂ ଯୁଗସାଏପାଟଣା ପଞ୍ଚାୟତର ୩୬ଗୋଟି ଗ୍ରାମର ଲୋକ ସଚେତନତା କାର୍ଯକ୍ରମରେ ଉପସ୍ଥିତ ଥିଲେ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ



**କର୍ଲାମୁଣ୍ଡା,୨୯।୧(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦଘାଟନ ପରିପ୍ରେକ୍ଷୀରେ କର୍ଲାମୁଣ୍ଡା ବ୍ଲକର ରିଷିଡ଼ା ସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲୁଥିବା "ନୂଆ-ଓ" ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ହେମନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ବିଶିଷ୍ଟ ଯୁବ ସାହିତ୍ୟିକ ନରୋତ୍ତମ ସେଲମା ମୁଖ୍ୟଅତିଥି ଓ କସୃପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡଃ ଅଜିତ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଓଡ଼ିଆ ସାହିତ୍ୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ନୋଡ଼ାଲ ଅଫିସର ଅଧ୍ୟାପକ ଗିରିରାଜ ଗହୀର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ନୀଳାମ୍ବର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ଅଧ୍ୟାପକ ଡ଼ଃ ବେହେରାଙ୍କୁ ଓଡ଼ିଆ ଭାଷା ଗୌରବ ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଦୁଷ୍ମନ୍ତ କୁମାର ମିର୍ଦ୍ଧା, ଲଳିତ କୁମାର ଦାସ ମଞ୍ଚାସୀନ ଥିଲେ। ଚିନ୍ମୟ ରଣା, ସୌମ୍ୟରଞ୍ଜନ ତ୍ରିପାଠୀ, ଜଗଦୀଶ ଭୋଇ, ନାରାୟଣ ଗହୀର, ଯୋଗେନ୍ଦ୍ର ବେହେରା ଓ ପାଣ୍ଡବ ହରିଜନ ସହଯୋଗ କରିଥିଲେ।

## କାର୍ଯ୍ୟରେ ଯୋଗଦେଲେ ନୂତନ ଉପଜିଲ୍ଲାପାଳ



**ଧର୍ମଗଡ, ୨୯।୧(ସମିସ):** ଧିମନ୍ ଚକମା, ଆଇଏଏସ ଧର୍ମଗଡର ନୂତନ ଉପଜିଲ୍ଲାପାଳ ଭାବେ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ଉପଖଣ୍ଡ ଅଧୀନରେ ଥିବା ବିଭିନ୍ନ ପ୍ରଶାସନିକ ପଦାଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହିପରିପ୍ରେକ୍ଷୀରେ ଧର୍ମଗଡ ସାମ୍ବାଦିକ ସଂଘର ସଦସ୍ୟମାନେ ନୂତନ ଉପ ଜିଲ୍ଲାପାଳଙ୍କୁ ଭେଟିଥିଲେ। ଉପଖଣ୍ଡର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେବା ଉପରେ କହିଥିଲେ। ବିଶେଷ ଭାବେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦାଦନ ଭଳି ସମସ୍ୟାକୁ ଅତି ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ବୈଦନାଥ ବେହେରା, ବିଦ୍ୟାଧର ସାହୁ, ଉମେଶ ଦୁରିଆ, ଚନ୍ଦ୍ର ଲହଜଳ, ଆକାଶ ଜଗତ, ସୁବାସ ଚନ୍ଦ୍ର ବାଗ, ସୁଧୀର ଗୋପାଳ, ରମଣୀ ଜାଲ, ସୌମ୍ୟରଞ୍ଜନ ନାଏକ, ଲକ୍ଷ୍ମୀକାନ୍ତ ଢଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରକାଶଥାଉକି ଉପ ଜିଲ୍ଲାପାଳ ବେଦଭୂଷଣ ବଦଳି ହେବା ପରେ ଦୀର୍ଘ ଛଅ ମାସ ଧରି ଧର୍ମଗଡ ଉପଜିଲ୍ଲାପାଳ ପଦବୀ ଖାଲି ପଡିଥିଲା।

## ଚ୍ୟାମ୍ବର ଅଫ୍ କମର୍ସର ନବମ ବାର୍ଷିକ ସାଧାରଣ ବୈଠକ



**ଧର୍ମଗଡ,୨୯।୧(ସମିସ):** ଧର୍ମଗଡ ଚ୍ୟାମ୍ବର ଅଫ କମର୍ସର ନବମ ବାର୍ଷିକ ସାଧାରଣ ବୈଠକ ଶ୍ରୀକୃଷ୍ଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ବିଦ୍ୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ଡିଏସପି ଧିରଜ ଚୋପଦାର, ତହସିଲଦାର ସଂଜୀବ କୁମାର ସାମନ୍ତରା, ରାଜ୍ୟ ସମାଜ ମଙ୍ଗଳ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଏନ ଏ ସି ଅଧ୍ୟକ୍ଷା ମନିଷା ମିଶ୍ର, ଆଇନଜୀବୀ ଥବିର ପ୍ରସାଦ ସାହୁ, କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ସଂପାଦକ ହୃଷୀକେଶ ମିଶ୍ର, ବରିଷ୍ଠ ସଦସ୍ୟ ଶୁକଲାଲ ଅଗ୍ରୱାଲ, ସରକାରୀ ଓକିଲ ରାଜେନ୍ଦ୍ର ମୁନି ଯୋଗ ଦେଇଥିଲେ। ଅନ୍ ଲାଇନ୍ ବ୍ୟବସାୟକୁ ନେଇ ବ୍ୟବସାୟୀମାନେ ଉଦବେଗ ପ୍ରକାଶ କରିଥିଲେ। ଅନ୍ ଲାଇନ୍ ବ୍ୟବସାୟକୁ ପ୍ରତିହତ କରିବା ପାଇଁ ବିକଳ୍ପ ପଦକ୍ଷେପ ନିଆଯିବା ପାଇଁ ମତ ପ୍ରକାଶ ପାଇଥିଲା। ୫-ଟି ସଚିବଙ୍କ ଅନୁଦାନରେ ସଙ୍ଘର ଅଫିସ ଗୃହ ନିର୍ମାଣ ପାଇଁ ପାଞ୍ଚ ଡିସିମିଲ ଜମି ଓ ୧୦ ଲକ୍ଷ ଟଙ୍କାର ଅନୁଦାନ ମିଳିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ୍ ଦିଆଯାଇଥିଲା। ସାଧାରଣ ସଂପାଦକ ଅରୁଣ କୁମାର ତାୟଲ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ନରେଶ କୁମାର ଅଗ୍ରୱାଲ ଧନ୍ୟବାଦ୍ ଅର୍ପଣ କରିଥଲେ। ଏହି ଅବସରରେ ସଙ୍ଘର ବରିଷ୍ଠ ବ୍ୟବସାୟୀ ଶଙ୍କର ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସଜ୍ଜନ କୁମାର ଅଗ୍ରୱାଲ, ରୋସନଲାଲ ଅଗ୍ରୱାଲ, ନାରାୟଣ ସାହୁ, ଆନନ୍ଦ ସାହୁ, ଦଶରଥ କେତକୀ ଓ ରାଧେଶ୍ୟାମ ଅଗ୍ରୱାଲଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଘର ଉପ ସଭାପତି ଯଶୋବନ୍ତ ମେହେର, ସୁବାସ ଅଗ୍ରୱାଲ, ସଦସ୍ୟ ହରେଶ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ସରୋଜ ସାହୁ, ବିକାଶ ମେହେର, ଜଗନ୍ନାଥ ପୃଷ୍ଟି, ପ୍ରବୀଣ ଅଗ୍ରୱାଲ, ଶ୍ରବଣ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥଲେ।

## ଉକ୍ରେଲାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କେସିଙ୍ଗା,୨୯।୧(ସମିସ)

ଭବାନୀପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତର ସ୍ଥାନୀୟ ଅଧିବାସୀ ଏବଂ ଯୁବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ଯୋଗଦେଇ ତୃଣମୂଳସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଯଥା ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା କିଭଳି ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ବିଜେଡି ସଂଗଠନକୁ ୱାର୍ଡ ସ୍ତରରୁ ମଜଭୂତ କରିବା ସହିତ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ନବୀନ କାର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ସହ ଆଭାସୀ ଜରିଆରେ ସ୍ଥାନୀୟ ଲୋକେ ପଞ୍ଚାୟତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ରେଲାର ପୂର୍ବତନ ନାଏବ ସରପଞ୍ଚ କମଳାକାନ୍ତ ମୁନି, ମହିଳା ନେତ୍ରୀ ପୂର୍ଣ୍ଣିମା ପଟେଲ, କବିତା ପୋଡ଼, ପୁଷ୍ପାଞ୍ଜଳି ମେହେର, ସଞ୍ଜୁ ପଟେଲ, ଦୀପା ଗହୀର, ସମାଜସେବୀ ହେମସାଗର ମେହେର, ଆଶୀଷ ପ୍ରଧାନ, ଯୁବ ନେତା ବିଷ୍ଣୁ ବାଗ, ସମ୍ବୋଧର ସୁନାନୀ, ଆଶୁତୋଷ ବେହେରା, ବସନ୍ତ ମହାପାତ୍ର, ଅଶ୍ୱିନୀ ତାଣ୍ଡି, ବରିଷ୍ଠ କର୍ମକର୍ତ୍ତା, ଯୁବ -ଛାତ୍ର ମହିଳା ଏବଂ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।



## ସିନାପାଲିରେ ଜନ ଅଭିଯୋଗ ଶୁଣାଣି



**ସିନାପାଲି,୨୯।୧(ସମିସ):** ସିନାପାଲି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଅଧିକ ସମସ୍ୟା ନେଇ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏହି ଶିବିରରେ ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ବିଡିଓ ସର୍ବେଶ୍ୱର ଜାଲ, ଓଏଲଏମ ଶରତଚନ୍ଦ୍ର ଦିପ, ତହସିଲଦାର ଉପାଞ୍ଜଳି ମାଝି, ସିଡିପିଓ ଝରଣା ସପ୍ତି, ଆଇଆଇସି ରଶ୍ମିତା ପ୍ରଧାନ, ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଚଲା ପାଢି, ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଶ୍ରୀମାନ ସାହୁଙ୍କ ସମେତ ବ୍ଲକ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଉଦ୍‌ଯାପିତ

ସିନାପାଲି,୨୯।୧(ସମିସ)

ସିନାପାଲି ବ୍ଲକ ଅନ୍ତର୍ଗତ କଇଟପଦର ସରକାରୀ ସ୍କୁଲଠାରେ ସିନାପାଲି ଆଇସିଡିଏସ୍ ତରଫରୁ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଉଦଯାପିତ ହୋଇଯାଇଛି। ସେହିପରି ଏହି କାର୍ଯ୍ୟକ୍ରମ ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା, ଗଣ୍ଡାବାହାଲି, କରଣବାହାଲି, ଟିମନପୁର, ଚଟିଆଗୁଡା, ସିଙ୍ଗଝର, ଭରୁଆମୁଣ୍ଡା, ନଙ୍ଗଲବୋଡ, ସିନାପାଲି, ହାତିବନ୍ଧା ସମେତ ସିନାପାଲି ବ୍ଲକର ୨୭ ଗୋଟି ପଞ୍ଚାୟତରେ ଗତ ୨୦ ତାରିଖ ଆରମ୍ଭ ହୋଇ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ସେକ୍ଟର ସୁପରଭାଇଜରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ଏହି କିଶୋରୀ ମେଳାରେ କୁପୋଷଣ, ବାଲ୍ୟବିବାହ, ଲିଙ୍ଗଗତ ଭେଦଭାବ, ଯୌତୁକ ପ୍ରଥା, ଘେରାଇ ହିଂସା, କିଶୋରୀ ଶିକ୍ଷା, କିଶୋରୀ ସମୟରେ ସ୍ୱଚ୍ଛତା ସମେତ ଅନେକ ପ୍ରକାରର ବାର୍ତ୍ତା ଉପସ୍ଥାପନା କରି କିଶୋରୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କିଶୋରୀ ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କୃତୀ କିଶୋରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିନାପାଲି ଆଇସିଡିଏସ୍ ଅଧିକାରିଣୀ ଝରଣା ସପ୍ତି, ସୁପରଭାଇଜର ଟିକେମଣି ମାଝି, କଇଟପଦର ନାଏବ ସରପଞ୍ଚ ତିଲୋତମା ହେର୍ଣା, ୱାର୍ଡ ମେମ୍ବର ରାମବତି ହଂସ, ବିଲାସ ହେର୍ଣା, ସେକ୍ଟର ସୁପରଭାଇଜର ଯାଜ୍ଞସେନୀ ପାଣିଗ୍ରାହୀ, ଦୂରମତି ଶବର, କଳ୍ପନା ରାଉତ, ଆଶାରାଣୀ ଭତ୍ରା, ଏଲି ସେନାପତି, ଶକୁନ୍ତଳା ଦାସ, ପ୍ରତିମା ବାଗ, ଦମୟନ୍ତୀ ଜେନା, ଅଙ୍ଗନବାଡି କର୍ମୀ ଉର୍ମିଳା ସୁନାନୀ, ଗୋପାବାଲି ନାଏକ, ସାବେତ୍ରି ହରିଜନ, ଡୋଲାମଣି ମାଝି, ସୁଭଦ୍ରା ସୁନାନୀ, ତରୁଲତା ଭୋଇ, କଲ୍ୟାଣି ସୁନାନୀ, ଭାନୁମତୀ ନାଏକ, ପ୍ରେମବଲ୍ଲରୀ ହରପାଲ, ଭାନୁମତୀ ଭୋଇ, କମାଦେଇ ମାଝି, ବନିତା ଜଗତ, କବିତା ସାହୁ, ବେଲମତି ମାଝି, ମଥୁରା ଦଣ୍ଡସେନା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କର୍ମଚାରୀ, ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

● ରାଜ୍ୟସ୍ତରୀୟ କ୍ରିକେଟ୍ ମ୍ୟାଚ୍

## ରାଉରକେଲା ଚାମ୍ପିଅନ, ନୟାଗଡ଼ ରନର୍ସଅପ୍



**ମ.ରାମପୁର,୨୯।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ମୋହନଗିରି ସ୍ଥିତ ଧବଳେଶ୍ୱର ସାଂସ୍କୃତିକ ଅନୁଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ଧବଳେଶ୍ୱର କପ ମୋହନଗିରି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରାଉରକେଲା ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିଣି ରାଉରକେଲା ଦଳ ଫିଲଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୭ ୱିକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରାଉରକେଲା ଦଳ ବ୍ୟାଟିଂ କରି ୧୧.୪ ଓଭରରେ ୬ ୱିକେଟ୍ ହରାଇ ୧୭୩ରନ କରି ବିଜୟ ହାସଲ କରିଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ରାଉରକେଲାର ରୁଦ୍ର ବାଗ ଓ ମ୍ୟାନ ଅଫ ଦି ସିରିଜ ନୟାଗଡ଼ ଦଳର ଜ୍ୟୋତିପ୍ରକାଶ ମାଝୀ ବିବେଚିତ ହୋଇଥିଲେ। ଆଜିର ଖେଳ ପରିଚାଳକ ରାଧାକାନ୍ତ ବେହେରା ଓ ସତ୍ୟନାରାୟଣ ମହାପାତ୍ର ରହିଥିବା ବେଳେ ସ୍କୋରର ଦାୟିତ୍ୱରେ ସୁନୀଲ କୁମାର ଭୋଇ ଓ ଆଶିଷ କୁମାର ସାହୁ, ଭାଷ୍ୟକାର ଶଶିକାନ୍ତ ମାଝୀ ଓ ସ୍ୱପ୍ନେଶ୍ୱର କର୍ମୀ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ତଥା ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟବକ୍ତା ନନ୍ଦାହାଣ୍ଡି ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି କଳାହାଣ୍ଡି ଜିଲ୍ଲା ବିଜେଡି ଉପ ସଭାପତି ଚିତ୍ତରଞ୍ଜନ ମଣ୍ଡଳ, ଆଦିବାସୀ ନେତା ପ୍ରକାଶ ମାଝୀ, ଜିଲ୍ଲା ପଛୁଆ ବର୍ଗ ସଭାପତି ବିଭୂତି ଭୂଷଣ ମହାଖୁଡ, ବିଜେଡି ବ୍ଲକ ସଭାପତି ମ. ରାମପୁର ଗୋବିନ୍ଦ ଶତପଥୀ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶୁକଦେବ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ସହ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା, ସହ ସମ୍ପାଦକ ଦିବାକର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଅନୁଷ୍ଠାନର ସଦସ୍ୟ କୁବେର ପଧାନ, ଚନ୍ଦ୍ରକାନ୍ତ ମାଝୀ, ଚନ୍ଦ୍ରଭାନୁ ବେହେରା, ବିଶ୍ୱନାଥ ପୋଡ଼, ଲୋକନାଥ ଭୋଇ, କୈଳାସ ଧରୁଆ, ଟୁକୁ ମହାନନ୍ଦ, ଦୈତାରୀ ମାଝୀ, ସୁଦାମ ସେଠ ପ୍ରମୁଖ ସହଯୋଗ କରିଥିଲେ।

### କେସିଙ୍ଗା ନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ

## ବଦଳି ଦାବିରେ ଗଣଧାରଣା

କେସିଙ୍ଗା,୨୯।୧(ସମିସ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିରଣ ବେହେରାଙ୍କ ମନମୁଖୀ କାର୍ଯ୍ୟ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରିକି ତାଙ୍କ ବଦଳି ଦାବି କରି ସୋମବାରଠାରୁ ଗଣଧାରଣା ଦିଆଯାଇଛି। କେବଳ ଜିଲ୍ଲାର ନୁହେଁ ବରଂ ରାଜ୍ୟର ପୁରାତନ ଏନ୍ଏସି ମଧ୍ୟରୁ ୧୯୬୫ରେ ଏହି ଏନଏଏସି ସ୍ଥାପିତ ହୋଇଥିଲା। ୨୦୨୨ରେ ଯୋଗ ଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଯୋଗଦେବା ପରେ ସହରର ବିଭିନ୍ନ ସମସ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କୌଣସି ଜନସାଧାରଣ କିଛି ଅଭିଯୋଗ ନେଇ ଆସିଲେ ତାଙ୍କୁ ଦେଖାକରି ପାରୁନାହାନ୍ତି। ସେ ମନମୁଖୀ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରି କେସିଙ୍ଗା ବିକାଶ ମଞ୍ଚ ପକ୍ଷରୁ ଅନିର୍ଦ୍ଧିଷ୍ଟ କାଳପାଇଁ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଯେପର୍ଯ୍ୟନ୍ତ ନିର୍ବାହୀ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରା ନ ଯାଇଛି ସେ ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି କୁହାଯାଇଛି। ଧାରଣାରେ କେସିଙ୍ଗା ବିକାଶ ମଞ୍ଚର ସମସ୍ତ ସଦସ୍ୟଙ୍କ ସହିତ କେସିଙ୍ଗା ଉଠା ଦୋକାନୀ ସଂଘ, ବିଜେପି ନଗର ସଭାପତି ମଗନ ସିନ୍ଦୂର, ସାମ୍ବାଦିକ ମହାସଂଘର ସମସ୍ତ ସଦସ୍ୟ, ବଣିକ ସଂଘର ସଭାପତି, ଚେମ୍ବର୍ ଏଣ୍ଡ କମର୍ସର ସଭାପତି, କଂଗ୍ରେସ ନଗର ସଭାପତି ସୁବାସ ଅଗ୍ରୱାଲ ପ୍ରମୁଖ ବସିଛନ୍ତି।




## ଶୈଳବିହାରୀ ଚାନ୍ଦଙ୍କ ପରଲୋକ



**ନର୍ଲା,୨୯।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖିଗୁଡା ସ୍ଥିତ ଇନ୍ଦ୍ରାବତୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ନର୍ଲାର ବରିଷ୍ଠ ନାଗରିକ ଶୈଳବିହାରୀ ଚାନ୍ଦଙ୍କର ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ଇନ୍ଦ୍ରାବତୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ତଥା ପ୍ରଥମ ଅଧ୍ୟକ୍ଷ ଭାବରେ ତାଙ୍କର କଠୋର ଅନୁଶାସନ ଓ କର୍ତ୍ତବ୍ୟ ପରାୟଣତା ଯୋଗୁଁ ମହାବିଦ୍ୟାଳୟ ଜିଲ୍ଲାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ତାଙ୍କର ବିୟୋଗରେ ସୋମବାର ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଛୁଟି ଘୋଷଣା କରାଯାଇଛି। ରାଜାରାଜୁଡା ଅମଳରେ ଜିଲ୍ଲାର ଏକ ମାତ୍ର ଶିକ୍ଷା ନିରୀକ୍ଷକ ସ୍ୱର୍ଗତ ମନବୋଧ ଚାନ୍ଦ (ସାହେବ ବୁଢ଼ା) ଙ୍କ କନିଷ୍ଠ ପୁତ୍ର ଶ୍ରୀ ଚାନ୍ଦ ଜଣେ ମେଳାପୀ ଓ ଅଞ୍ଚଳର ଜନପ୍ରିୟ ବ୍ୟକ୍ତି ଭାବରେ ପରିଚିତ ଥିଲେ। ସ୍ୱାସ୍ଥ୍ୟ ଜନିତ ଅସୁସ୍ଥତା ଯୋଗୁଁ ସେ ଦୀର୍ଘ ଦିନ ଧରି ଚିକିତ୍ସାଧୀନ ଥିଲେ। ରବିବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ଯୋଗୁଁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହୃଦଘାତରେ ତାଙ୍କର ପରଲୋକ ଘଟିଛି। ଏକମାତ୍ର ପୁତ୍ର ନୀତେଶ କୁମାର ଚାନ୍ଦ ମୁଖାଗ୍ନି ଦେଇଥିଲେ। ତାଙ୍କର ଅନ୍ତ୍ୟେଷ୍ଟିରେ ପରିବାର ବର୍ଗଙ୍କ ସହ ନର୍ଲା ବଣିକ ସଂଘ, ନର୍ଲା ପ୍ରେସ୍ କ୍ଲବ ସଦସ୍ୟ, ଇନ୍ଦ୍ରାବତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବୈଦ୍ୟନାଥ ପାଢ଼ୀ ତଥା ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଗୋଲାମୁଣ୍ଡା, ୨୯।୧(ସମିସ):** କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତର୍ଗତ ଲେତେର ପଞ୍ଚାୟତ ମକ୍ରାଗୁଡାଠାରେ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ଜୟରାମ ଛାତ୍ରୀଆ (୨୬)। ସେ ଶୌଚ ପାଇଁ ଯାଇ ଫେରୁଥିବା ବେଳେ ଏକ ବାଇକ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ

## ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ

ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ବୋଲେରୋରେ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଅଧିକ ଗୁରୁତର ହେବାରୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଡାକ୍ତର ଜୟରାମଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ କିରଣ ବିହାର କେଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କେଗାଁ ଥାନା କେସ ନଂ ୧୯/୨୪ରେ ଏକ ମାମଲା ରୁଜୁ କରି ଧର୍ମଗଡ଼ ହସ୍ପିଟାଲ ପଠାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏସ୍ଆଇ ମେଘ ରାୟେ ହାସଦା ଦୁର୍ଘଟଣାର ତଦନ୍ତ କରୁଛନ୍ତି। ଏପଟେ ଶବ ବ୍ୟବଚ୍ଛେଦ ପରେ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଶବ ଆଣି ଉଦେଶୃଙ୍ଗ ପାଖରେ ରାସ୍ତାରେ ରଖି ରାସ୍ତାରୋକ କରିଛନ୍ତି। ରାସ୍ତାରୋକ ଯୋଗୁ କେଗାଁ ଓ ମହାଲିଙ୍ଗ ରାସ୍ତା କିଛି ସମୟ ଧରି ଜାମ ରହିଥିଲା ଖବର ପାଇ ଅତିରିକ୍ତ ତହସିଲଦାର ରାମ ନାରାୟଣ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ ବୁଝାସୁଝା କରାଇ ରେଡ଼କ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ଦେବାକୁ ଘୋଷଣା କରିବାରେ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ହଟିଥିଲେ।



# ରାଜ୍ୟପାଳଙ୍କୁ ଭେଟି ଦାବି ଜଣାଇଲା ସ୍ୱେଚ୍ଛାସେବୀ ସଂଗଠନ

**ବଲାଙ୍ଗିର,୨୯ ।୧(ସମିସ):** ବଲାଙ୍ଗିର ଜିଲ୍ଲାବାସୀଙ୍କ ବୃହତ୍ତର ଆବଶ୍ୟକତା ଦୃଷ୍ଟିରୁ କେତେକ ପ୍ରମୁଖ ସମସ୍ୟାର ସମାଧାନ ହେତୁ ରାଜ୍ୟପାଳ ରଘୁବର ଦାସଙ୍କ ହସ୍ତକ୍ଷେପ ପାଇଁ ନିବେଦନ ସକାଶେ ବିଚ ରାସ୍ତାରେ ଅଟକାଇ ଲିଖିତ ଭାବରେ ଅବଗତ କରାଇଲା ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ। ବଲାଙ୍ଗିର ସହରକୁ ନିତାନ୍ତ ଆବଶ୍ୟକ ଥିବା ଏକ ବାଇପାସ ରାସ୍ତା ଯାହାକି ୨୦୦୯ରେ ଶୁଭ ଦିଆଯାଇ ୨୦୧୪ରେ ଅର୍ଥ ମଞ୍ଜୁରୀ ପାଇଥିଲା। ହେଲେ ଆଜିପର୍ଯ୍ୟନ୍ତ ଜାତୀୟ ରାଜପଥ ଏବଂ ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣାଧୀନ ମାତ୍ର ୨୪ କିଲୋମିଟରର ଏହି ବାଇପାସ ରାସ୍ତାଟି ସମ୍ପୂର୍ଣ୍ଣ କରାଯାଇ ପାରୁନାହିଁ। ଯଦ୍ୱାରା ବଲାଙ୍ଗିର ସହର ମଧ୍ୟ ଦେଇ ହଜାର ହଜାର ଭାରୀଯାନ ଯାତାୟତ ଯୋଗୁଁ ଦୈନନ୍ଦିନ ଲୋକେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ବଲାଙ୍ଗିର ଜିଲ୍ଲାର ବହୁ ପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର କଲେଜ ଗତ ୨୦୧୯ରେ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ବଲାଙ୍ଗିର ଜିଲ୍ଲାର ଏକମାତ୍ର ବିଶ୍ୱବିଦ୍ୟାଳୟ ଏହି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ବଲାଙ୍ଗିର ଜିଲ୍ଲା ତଥା ଆଖପାଖ ପଡୋଶୀ ଜିଲ୍ଲାର ଛାତ୍ରଛାତ୍ରୀମାନେ ମଧ୍ୟ ନିର୍ଭରଶୀଳ। ହେଲେ ଆଜିପର୍ଯ୍ୟନ୍ତ ଏହି ବିଶ୍ୱବିଦ୍ୟାଳୟରେ ୧୦୦ରୁ ଅଧିକ ଅଧ୍ୟାପକ ପଦ ଖାଲି ପଡି ରହିଛି। ଯଦ୍ୱାରା ଛାତ୍ରଛାତ୍ରୀଙ୍କ ନିୟମିତ ପାଠପଢାରେ ବହୁ ବାଧା ଉପୁଜୁଛି। ଏହା ଦାଦନ ସମସ୍ୟାର ସମାଧାନ ଆଦି ପ୍ରମୁଖ ଦାବିଗୁଡିକୁ ନେଇ ଆଜି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସୁମିତ ମିଶ୍ର, ଗୋବିନ୍ଦଚନ୍ଦ୍ର ଶତପଥୀ, ସନ୍ତୋଷ ପଟ୍ଟନାୟକ ଏବଂ ଏମ୍.ଡି. ବବଲୁ ପ୍ରମୁଖ ରାଜ୍ୟପାଳ ଶ୍ରୀ ଦାସଙ୍କ ସହ ଆଲୋଚନା କରିଥିଲେ। ପ୍ରତିକ୍ରିୟାରେ ରାଜ୍ୟପାଳ ଏହିସବୁ ଲିଖିତ ଦାବିଗୁଡିକ ଉପରେ ନିଶ୍ଚିତ ଭାବରେ ବିଶେଷ ଦୃଷ୍ଟି ଦେଇ ଏହାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବି ବୋଲି ଜଣାଇଥିଲେ।



‘୫-ଟି’ ହାଇସ୍କୁଲ ରୂପାନ୍ତରଣର ଚତୁର୍ଥ ପର୍ଯ୍ୟାୟରେ ୭୩ ସ୍କୁଲ ଲୋକାର୍ପିତ

# ରୂପ ବଦଳିଛି ତିନି ମାସ ତଳର ସ୍କୁଲ

ଭବାନୀପାଟଣା/ଜୁନାଗଡ଼, ୨୯।୧(ସମିସ)

‘୫-ଟି’ ହାଇସ୍କୁଲ ରୂପାନ୍ତରଣର ଚତୁର୍ଥ ପର୍ଯ୍ୟାୟରେ କଳାହାଣ୍ଡିର ୭୩ଟି ସ୍କୁଲର ଭର୍ଚୁଆଲ ମୋଡ଼ରେ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କଳାହାଣ୍ଡିର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜୁନାଗଡ଼ ବ୍ଲକର ଧନୁର୍ଜୟ ହାଇସ୍କୁଲ ଡୁମେରବାହାଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ କ୍ୟାପଟାନ ଦିବ୍ୟ ଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ, କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେ‡ୀ, ଛାତ୍ର ପ୍ରତିନିଧି ଧନୁର୍ଜୟ ହାଇସ୍କୁଲ ଦଶମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଆଶା ମାଝୀ ମଞ୍ଚାସୀନ ଥିଲେ। ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କ ମନରେ ନିଜ ବିଦ୍ୟାଳୟ ପ୍ରତି ଯେଉଁ ଦୁର୍ବଳ ମାନସିକତା ରହିଥିଲା ତାହା ଆଜି ୫-ଟି ରୂପାନ୍ତରଣ ପ୍ରକ୍ରିୟା ଦ୍ୱାରା ସମ୍ପୂର୍ଣ୍ଣ ବଦଳି ଯାଇଛି। ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅପେକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକ ରୂପାନ୍ତରିତ ହେବାପରେ ନୂଆ ଚମକ ସୃଷ୍ଟି କରିଛି। ଏମିତି କି ଜିଲ୍ଲାର ଅଧିକାଂଶ ସ୍କୁଲଗୁଡିକର ଅସ୍ତିତ୍ୱର ପରିବର୍ତ୍ତନ ହୋଇ ଶିକ୍ଷାଦାନ ପାଇଁ ଉପଯୁକ୍ତ ଶିକ୍ଷାନୁଷ୍ଠାନର ରୂପ ନେଇଛି। ରୂପାନ୍ତରଣ ପ୍ରକ୍ରିୟାରେ ଭବାନୀପାଟଣା ବ୍ଲକର ୪ଟି ସ୍କୁଲ, ଧର୍ମଗଡ଼ ବ୍ଲକର ୫ଟି, ଗୋଲାମୁଣ୍ଡା ବ୍ଲକର ୭ଟି, ଜୟପାଟଣା ବ୍ଲକର ୭ଟି, ଜୁନାଗଡ଼ ବ୍ଲକର ୧୧ଟି, କଲମପୁର ବ୍ଲକର ୩ଟି, କର୍ଲାମୁଣ୍ଡା ବ୍ଲକର ୨ଟି, କେସିଙ୍ଗା ବ୍ଲକର ୮ଟି, କୋକସରା ବ୍ଲକର ୫ଟି, ଲାଞ୍ଜିଗଡ଼ ବ୍ଲକର ୬ଟି, ମଦନପୁର ରାମପୁର ବ୍ଲକର ୪ଟି, ନର୍ଲା ବ୍ଲକର ୬ଟି ଓ ଥୁଆମୂଳ ରାମପୁର ଭଳି ଉପାନ୍ତ ଇଲାକାରେ ୫ଟି ସ୍କୁଲ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ଯୋଗେ ଯୋଡିହୋଇ



ନିଜ ବକ୍ତବ୍ୟରେ ରୂପାନ୍ତରଣ କାର୍ଯ୍ୟ ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧିପାଇବା ଉଲ୍ଲେଖ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ୫-ଟି ନୀତିକୁ ଗ୍ରହଣ, ସବୁ କ୍ଷେତ୍ରରେ ସାଧୁତା, ସମୟାନୁବର୍ତ୍ତିତା ହେବାପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲାପାଳ କଳାହାଣ୍ଡିର ୫-ଟି ରୂପାନ୍ତରଣ ବିଷୟରେ ସୂଚନା ଦେଇ କହିଥିଲେ ଯେ ପ୍ରଥମ ୩ଟି ପର୍ଯ୍ୟାୟରେ ୨୪୪ଟି ଓ ବର୍ତ୍ତମାନ ୭୩ଟି ବିଦ୍ୟାଳୟ ଲୋକାର୍ପିତ ହୋଇଯାଇଛି। ଅନ୍ୟତମ ଅତିଥି ଜୁନାଗଡ଼ ବିଧାୟକ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଓ ୫ଟି ଅଧ୍ୟକ୍ଷଙ୍କ କଠିନ ପରିଶ୍ରମ ଯୋଗୁଁ ଆଜି କଳାହାଣ୍ଡି ଜିଲ୍ଲାରେ ରୂପାନ୍ତରଣ କାର୍ଯ୍ୟ ଅତ୍ୟନ୍ତ ଉଚ୍ଚମାନର ଓ ସନ୍ତୋଷଜନକ ହେବା ସହ ସରକାରୀ ସ୍କୁଲର ଛାତ୍ର ହକି, ବିଜ୍ଞାନ ପ୍ରଦର୍ଶନୀରେ ପାରଦର୍ଶିତା ହାସଲ କଲେଣି ବୋଲି କହିଥିଲେ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରୀ ପ୍ରତିନିଧି ଆଶା ମାଝୀଙ୍କୁ ପଚାରି ଥିଲେ ଯେ ତମ ଭବିଷ୍ୟତ କିପରି ରହିବ ଏବଂ ସ୍କୁଲ ରୂପାନ୍ତରିତ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ତିନିମାସ ତଳେ ମୋ ସ୍କୁଲକୁ ଯିଏ ଦେଖିଛି ସେ ଏବେ ମୋ ସ୍କୁଲକୁ ଚିହ୍ନି ପାରିବ ନାହିଁ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର୍, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ପଣ୍ଡା, ମୋ ସ୍କୁଲ ସଂଯୋଜକ ପ୍ରଶାନ୍ତ ନନ୍ଦ, ଶଗଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁକାନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



# ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଭାଷା ସମ୍ମିଳନୀ

**ଭବାନୀପାଟଣା, ୨୯।୧(ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଯାପନୀ ସଭା ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅଧ୍ୟକ୍ଷ ଛବିଲାଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ବିଶିଷ୍ଟ ନାଟ୍ୟକାର ଉମେଶଚନ୍ଦ୍ର ଶତପଥୀ, ପ୍ରାବନ୍ଧିକ ଦାଶରଥି ଆଚାର୍ଯ୍ୟ ଏବଂ ବିଶିଷ୍ଟ ସମାଲୋଚକ ପ୍ରତାପ ସେନାପତି ପ୍ରମୁଖ ଯୋଗଦାନ କରି ଓଡ଼ିଆ ଭାଷାର ମହନୀୟତା ଓ ଓଡ଼ିଆ ଜନଜୀବନରେ ଏହାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରମିଳା ମେହେର, କୈଳାସ ହଂସ, ଜୟନ୍ତୀ ଗହୀର, ତୁଳସୀ କରୁଆଁ ପ୍ରମୁଖ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଏହି ଅବସରରେ ଓଡ଼ିଶାର ପ୍ରତିଷ୍ଠିତ ୧୦୧ ସାହିତ୍ୟିକଙ୍କ ଫଟୋଚିତ୍ର ଓ ସାରସ୍ୱତ କୃତି ତଥା ଓଡ଼ିଶାର ଭାଷା ଓ ଲିପି ସମ୍ପର୍କିତ ବିଶାଳ ମନୋଜ୍ଞ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ସାହିତ୍ୟିକ ଉମାଶଙ୍କର କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଗାଳ୍ପିକ ବିଜୟ ପ୍ରଧାନ ଓ ଯୁବ ଗାଳ୍ପିକ ଡିଲେଶ୍ୱର ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସସ୍ମିତା, ରିହା, ସଭ୍ୟା, ବୃନ୍ଦାବତୀ ପ୍ରାରମ୍ଭିକ ସଙ୍ଗୀତ ଓ ପ୍ରେରଣାଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଛାତ୍ର ସୁଜିତ କୁମାର ରଣା କରିଥିବାବେଳେ ଛାତ୍ରୀ ରିହା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ନୋଡାଲ ଅଫିସର ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଶୁଭେନ୍ଦୁ କୁମାର ପାଢ଼ୀ, ପ୍ରତାପ ଚନ୍ଦ୍ର ଦାଶ ଓ ସୁଶାନ୍ତ କୁମାର ଦାଶ ସହଯୋଗ କରିଥିଲେ।




# ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତନା କାର୍ଯ୍ୟକ୍ରମ

**କଲମପୁର, ୨୯।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ମିନଗୁର ପଞ୍ଚାୟତର ମିନଗୁର ଧାନମଣ୍ଡିଠାରେ ପଞ୍ଚାୟତସ୍ତରୀୟ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମିନଗୁର ଗ୍ରାମ ପଞ୍ଚାୟତ ସରପଞ୍ଚ ନିହାରିକା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲମପୁର ବ୍ଲକ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଏଇଇ ସ୍ମୃତିରଞ୍ଜନ ସେଠି, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ହଂସ, ଜିପିଇଓ ଜିତେନ୍ଦ୍ର କୁମାର, ବୀଜମରା ସରପଞ୍ଚ ବାଳକୃଷ୍ଣମାଝୀ, ବଡ଼କୁଟ୍ରୁ ସରପଞ୍ଚ ଗଣେଶ ପଣ୍ଡା, କଲମପୁର ସରପଞ୍ଚ ପ୍ରତିନିଧି ଚତୁର୍ଭୁଜ ପଣ୍ଡା, ପଣ୍ଡିଗାଁ ସରପଞ୍ଚ କବିତା ଜୈନ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବେହେରା, ସୁମନ୍ତ ଦଣ୍ଡପାଟ, କଲମପୁର ପିଇଓ ଦୁଃଶାସନ ନାୟକ, ଜିପିଏଲଏଫ ସଭାପତି କୌଶଲ୍ୟା ବିହାରୀ, ସମ୍ପାଦିକା ପାର୍ଥିନୀ ନାଏକ, ଅଙ୍ଗନୱାଡ଼ି ସୁପରଭାଇଜର ବାସନ୍ତୀ ନାୟକ, ମୀନଗୁର ଭିଟି ଗୌରୀ ଶଙ୍କର ବେହେରା, ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି, ଏଏସଆଇ ଶେଖର ଜେନା, ସମସ୍ତ ଅଙ୍ଗନୱାଡ଼ି କର୍ମୀ, ବିଏଲ୍ଏଫ, ଏମବିକେ, ସିଆରପି, ମହିଳା ଗୋଷ୍ଠୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଶିବିରରେ ସଙ୍ଗୀତ, ନୃତ୍ୟ, କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଲମପୁର ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମୁଖ୍ୟଅତିଥି ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରୁଦ୍ରମୋହନ ନିଆଲ ଓ ଭାରପ୍ରାପ୍ତ ପ୍ରାଣୀସମ୍ପଦ ଅଧିକାରୀ ନୀଳକଣ୍ଠ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ମିନଗୁର ଗ୍ରାମ ପଞ୍ଚାୟତର ପିଇଓ ଉମାଶଙ୍କର ସା, ଜିଆର୍ଏସ୍ ମଣ୍ଟୁ ପାତ୍ର, ଯୋଗାଣ ସହାୟକ ପ୍ରଦୀପ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



# ଘର ଖଣ୍ଡେ ପାଇଁ ଧୈର୍ଯ୍ୟ ହରାଇଲେଣି ବୃଦ୍ଧ ଧନୁର୍ଯ୍ୟ



ଗାଇଗାଁ, ୨୯।୧(ସମିସ)

କେସିଙ୍ଗା ବ୍ଲକ ଗାଇଗାଁ ପଞ୍ଚାୟତ ଖମାରୀ ଗ୍ରାମର ଧନୁର୍ଯ୍ୟ ମାଝୀ (୮୮)ଙ୍କ ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି। ଗାଇଗାଁ ପଞ୍ଚାୟତ ଖମାରୀ ଗ୍ରାମର ଧନୁର୍ଯ୍ୟ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ମାଝୀ (୮୪) ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି କେସିଙ୍ଗା ବ୍ଲକ ପ୍ରଶାସନର ବହୁବାର ଦ୍ୱାରସ୍ଥ ହୋଇ ବିଫଳ ହୋଇଛନ୍ତି। ଏହି ବୃଦ୍ଧ ଦମ୍ପତିଙ୍କୁ ସରକାରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ‘ସକାଳ’ ଖବର କାଗଜ ମାଧ୍ୟମରେ କେସିଙ୍ଗା ବ୍ଲକ ଏବଂ ସ୍ଥାନୀୟ ପଞ୍ଚାୟତ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାହାରି ନଜର ପଡୁନାହିଁ। ଘରେ ଏକ ମାତ୍ର ପୁଅ ବୋହୂ ସହ ପାଞ୍ଚ ସଦସ୍ୟଙ୍କୁ ନେଇ ସହସାର। ପୁଅ ମୂଲ ଲାଗି ପରିବାର ଚଳାଉଛନ୍ତି। ଏହି ଗରିବ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବାରେ କେଉଁଠି ପ୍ରତିବନ୍ଧକ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେସିଙ୍ଗା ବିଡ଼ିଓ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ରୂପାନ୍ତରିତ ‘୫-ଟି’ ସ୍କୁଲ ଉଦ୍‌ଘାଟିତ

**ଜୟପାଟଣା, ୨୯।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ୫-ଟିସ୍କୁଲକୁ ମୁଖ୍ୟମନ୍ତ୍ରୀ ଭରଚୁଆଲ ମୋଡ଼ରେ ଶୁଭ ଉଦଘାଟନ କରିଛନ୍ତି। କୁମଜୋର, ଉଛୁଲା, ସର୍ଗିଗୁଡା, ଅରେବେଡା, କର୍ମେଲି, ବାନେର ଓ ଭଇରୀପାଲି ୫-ଟି ସ୍କୁଲର ଉଦଘାଟନ ହୋଇଥିବା ବେଳେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।



# ମର୍ଣ୍ଣିଙ୍ଗ ୧୧କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସିର୍ଡୋଲକୁ ହରାଇ ବଖରମାଲ ଚାମ୍ପିଅନ୍

**ନୂଆପଡ଼ା, ୨୯।୧(ସମିସ):** ସ୍ଥାନୀୟ ସିର୍ଡୋଲସ୍ଥିତ ଖେଳପଡ଼ିଆରେ ମର୍ଣ୍ଣିଙ୍ଗ ୧୧ କ୍ରିକେଟ କ୍ଲବ ତରଫରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବଖରମାଲ ଦଳ ସିର୍ଡୋଲ ଦଳକୁ ୮ ୱିକେଟରେ ହରାଇ ଚାମ୍ପିୟନ ହୋଇଛି। ଗତ ୨୬ତାରିଖଠାରୁ ଚାଲିଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ବଖରମାଲ ଏବଂ ସିର୍ଡୋଲ ଦଳ ମଧ୍ୟରେ ହୋଇଥିଲା। ସିର୍ଡୋଲ ଦଳ ପ୍ରଥମେ ବ୍ୟାଟିଂ କରି ୮୩ ରନ୍ କରିଥିଲା। ଜବାବରେ ବଖରମାଲ ଦଳ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଧନୀରାମ ସାହୁ, ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝୀ, ଜୟନାରାୟଣ ଘୋଷ, ଅଭିନନ୍ଦନ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଘନଶ୍ୟାମ ଭୋଇ ମୁଖ୍ୟ ଅତିଥି, ପିଇଓ ଘୁନେଶ୍ୱର ତାଣ୍ଡି ବିଶେଷ ଅତିଥି, ରାମନାଥ ଜାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜୟ କିଷାନ ମଞ୍ଚ ପରିଚାଳନା କରିଥିଲେ।

# ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ବଲାଙ୍ଗିରର କୃତିତ୍ୱ

**ବଲାଙ୍ଗିର, ୨୯।୧(ସମିସ):** ଗତ ଜାନୁୟରୀ ୨୬ ତାରିଖ ଭୁବନେଶ୍ୱର ବି ଷ୍ଟ୍ରଙ୍ଗ କ୍ଲବରେ ଅନୁଷ୍ଠିତ ହୋଇଯାଇଥିବା ପ୍ରୋ ପାୱାର ଲିଫଟିଂ ଚାମ୍ପିଅନସିପ୍ ରେ ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ଗୃପରେ ସଫଳତା ହାସଲ କରି ଜିଲ୍ଲାର ମାନ ବୃଦ୍ଧି କରିଛନ୍ତି। ଜାତୀୟ ସ୍ତରରେ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଯୋଗଦାନ କରିଥିଲେ। ଜିଲ୍ଲାର ପାୱାର ଲିଫଟିଂ ଆସୋସିଏସନ ପକ୍ଷରୁ ଭାଗ ନେଇଥିବା ଏହି ଖେଳାଳିମାନେ ମୁଖ୍ୟତଃ ବେଞ୍ଚପ୍ରେସ ଓ ଡେଡଲିଫ୍ଟରେ ନିଜର ପରାକାଷ୍ଠା ପ୍ରତିପାଦନ କରିଥିଲେ। ସବ୍ ଜୁନିୟରରେ ନିଖିଳ ନାଗ (୫୩) କେଜି ବିଭାଗରେ ଡେଡଲିଫ୍ଟ ଉଠାଇ ଦ୍ୱିତୀୟ ସ୍ଥାନ, ଆଭାସ ଗୁପ୍ତା ୮୩ କେଜି ବିଭାଗରେ, ୧୫୦ କେଜି ଡେଡଲିଫ୍ଟ ଉଠାଇ ଦ୍ୱିତୀୟ ସ୍ଥାନ ଓ ୮୫ କେଜି ବେଞ୍ଚ ପ୍ରେସ ଉଠାଇ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ବିକାଶ ପଟେଲ ୬୯ କେଜି ବିଭାଗରେ ୧୭୦ କେଜି ଡେଡଲିଫ୍ଟ ଉଠାଇ ଦ୍ୱିତୀୟ ସ୍ଥାନ ଏହି ପରି ଜୁନିୟରରେ ଆଲୋକ ସାଗର ୭୨ କେ ବିଭାଗ ୨୧୫ କେଜି ଡେଡଲିଫ୍ଟ ଉଠାଇ ପ୍ରଥମ ସ୍ଥାନ, ୧୧୫ କେଜି ବେଞ୍ଚ ପ୍ରେସ ଉଠାଇ ଦ୍ୱିତୀୟ ସ୍ଥାନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ୭୩ କେଜି ଭାଗ, ୧୨୫ କେଜି ବେଞ୍ଚ ପ୍ରେସ ଉଠାଇ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସନାତନ ପଟ୍ଟନାୟକ (୮୯ କେଜି), ୧୯୦ କେଜି ଡେଡଲିଫ୍ଟ ଉଠାଇ ପ୍ରଥମ ସ୍ଥାନ, ସେହିପରି ସିନିୟର ବିଭାଗରେ ଆଲୋକ ସାଗର (୭୨.୮ କେଜି) ଡେଡଲିଫ୍ଟରେ ୨୧୫ କେଜି ଭାର ଉଠାଇ ଦ୍ୱିତୀୟ, ସନାତନ ପଟ୍ଟନାୟକ (୮୯ କେଜି), ଡେଡଲିଫ୍ଟରେ ୧୯୦ କେଜି ଭାର ଉଠାଇ ତୃତୀୟ, ମୁନା ଦାଶ (୭୯ କେଜି) ୧୫୦ କେଜି ବେଞ୍ଚ ପ୍ରେସ ଉଠାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମାଷ୍ଟର ଗୃପରେ (୬୫ କେଜି) ରାଜା ନସ୍କର ଡେଡ ଲିଫ୍ଟରେ ୧୫୭.୫ କେଜି ଉଠାଇ ପ୍ରଥମ ଓ ୧୦୦ କେଜି ବେଞ୍ଚ ପ୍ରେସ ଉଠାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଖେଳାଳିମାନଙ୍କ ଏହି ସଫଳତାରେ ଜିଲ୍ଲା ପାୱାର ଲିଫଟିଂ ଆସୋସିଏସନ ସଭାପତି ପ୍ରଶାନ୍ତ ମଟାରୀ, ସମ୍ପାଦକ ପ୍ରଶାନ୍ତ ଦାଶ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସିନିୟର ଆଡଭାଇଜର ରୂପକ ବରାଳ ଓ କୋଷାଧ୍ୟକ୍ଷ ସଞ୍ଜୀବ ରଥ ଶୁଭେଚ୍ଛା ଜଣାଇଛନ୍ତି।



## ବରିଷ୍ଠ ନ୍ୟୁରୋସର୍ଜନ ଡ. ପ୍ରତାପ ପାଣିଙ୍କ ବିଜେଡିରେ ଯୋଗଦାନ

# ବିଏସ୍‌କେୱାଇ ଦେଶର ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟ ଯୋଜନା

**ଭୁବନେଶ୍ୱର,୨୯ ।୧(ସମିସ):** ବାଙ୍ଗାଲୋର ଓଡ଼ିଆ ସମାଜର ପ୍ରତିଷ୍ଠାତା ସଦସ୍ୟ ତଥା ଏସ୍‌ସିବି ମେଡ଼ିକାଲ ଛାତ୍ର ସଂସଦର ପୂର୍ବତନ ସଭାପତି ଡକ୍ଟର ପ୍ରତାପ କୁମାର ପାଣି ଆଜି ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି । ଶଙ୍ଖଭବନଠାରେ ବରିଷ୍ଠ ବିଜେଡି ଉପସଭାପତି ତଥା ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ଡ. ପାଣି ବିଜେଡିରେ ଯୋଗ ଦେଇଛନ୍ତି । ଡ଼କ୍ଟର ପାଣିଙ୍କୁ ଶ୍ରୀ ମିଶ୍ର ଓ ଶ୍ରୀ ମଙ୍ଗରାଜ ବିଧିବଦ୍ଧ ଭାବରେ ଦଳକୁ ସ୍ୱାଗତ କରିଛନ୍ତି । ଏହି ଅବସରରେ ଡ. ପାଣି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ଉଚ୍ଚ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦେଶର ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟ ଯୋଜନା ବୋଲି ସେ ମତବ୍ୟକ୍ତ କରିଛନ୍ତି ।




ନିଜ ପ୍ରତିକ୍ରିୟାରେ ଡ଼. ପାଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସବୁଠୁ ଶ୍ରେଷ୍ଠ ଯୋଜନା । ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ କରିଥିବା ଏହି ଯୋଜନା ଦେଶରେ ଚାଲୁଥିବା ଅନ୍ୟ ସ୍ୱାସ୍ଥ୍ୟ କଲ୍ୟାଣକାରୀ ଯୋଜନା ଠାରୁ ବହୁ ଊର୍ଦ୍ଧ୍ୱରେ । ବର୍ତ୍ତମାନ ଚାଲିଥିବା କଟକ ଏସ୍‌ସିବି ମେଡ଼ିକାଲର ରୂପାନ୍ତରଣ କାର୍ଯ୍ୟ ପ୍ରଶଂସନୀୟ ଏବଂ ଆଗାମୀ ଦିନରେ ଏହା ଦେଶର ଶ୍ରେଷ୍ଠ ମେଡ଼ିକାଲ ହେବ ବୋଲି ମୋର ଆଶା । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ମିଶ୍ରଣ ପର୍ବରେ ବାଙ୍ଗାଲୋର ଓଡ଼ିଆ ସମାଜର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ନିହାର ରଞ୍ଜନ ସାମନ୍ତରାୟ ମଧ୍ୟ ବିଜେଡ଼ିରେ ସାମିଲ୍ ହୋଇଛନ୍ତି । ବିଜେଡ଼ି ମୁଖପାତ୍ର ତୁମ୍ବନାଥ ପଣ୍ଡା ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ । ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା

**ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସର ତନାଘନା**

**ସୁନ୍ଦରଗଡ଼,୨୯ ।୧(ସମିସ):** ହେମଗିର ବ୍ଲକ ମୁଣ୍ଡରକ୍ଷେତ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ତଥା ବଲିଙ୍ଗା ଫାଣ୍ଡି ଅନ୍ତର୍ଗତ ଛତାବର ଟୁଙ୍ଗୁରିପଡ଼ାର ହୃଷୀକେଶ ମାଝୀ (୪୮)ଙ୍କୁ ସେହି ଗ୍ରାମର ଜଣେ ବ୍ୟକ୍ତି ହତ୍ୟା କରି ମୃତଦେହ କୂଅରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ହତ୍ୟା ପରେ ଅଭିଯୁକ୍ତ ବରୁଣ ଅମାତ ଫେରାର ହୋଇଯାଇଛନ୍ତି । ପୁଲିସ ତାଙ୍କୁ ଗିରଫ କରିବାକୁ ତନାଘନା ଚଳାଇଛି । ଅଭିଯୋଗ ଅନୁଯାୟୀ, ଗତ ୨୬ ତାରିଖରେ ହୃଷୀକେଶ ଘରୁ ବାହାରି ଆଉ ଫେରି ନଥିଲେ । ୨ ଦିନ ପରେ ଗ୍ରାମର ଏକ କୂଅରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ତାଙ୍କ ବାଇକ୍ କୂଅଠାରୁ କିଛି ଦୂରରେ ଛିଡ଼ା ହୋଇଥିଲା । ଘଟଣାସ୍ଥଳରେ ରକ୍ତଛିଟା ଓ କୂଅ ଯାଏଁ ମୃତଦେହ ଘୋଷାଡ଼ି ନିଆଯାଇଥିବାର ଚିହ୍ନ ରହିଥିଲା । ଘଟଣା ଦିନ ହୃଷୀକେଶଙ୍କ ସହ ବୁଲାବୁଲି କରୁଥିବା ବରୁଣ ଏବେ ଫେରାର ରହିଛନ୍ତି । ହୃଷୀକେଶଙ୍କୁ ହତ୍ୟା କରିବା ପରେ ମୃତଦେହ କୂଅରେ ଫିଙ୍ଗି ବରୁଣ ଫେରାର ହୋଇଯାଇଥିବା ତାଙ୍କ ଝିଅ ସନ୍ଧ୍ୟାରାଣୀ ମାଝୀ ଥାନାରେ ଏତଲା ଦେଇଛନ୍ତି । ପୁଲିସ ବରୁଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ବରୁଣ ଧରାପଡ଼ିବା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

# ଦୁର୍ଘଟଣାରେ ଚାଲିଗଲା ଦୁଇ ଜୀବନ

**ବାହାଘର ଭୋଜିକୁ ଯାଉଥିଲେ**

**ସିମୁଳିଆ, ୨୯ ।୧(ସମିସ):** ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ବାଇକ୍‌ରେ ଯାଉଥିବା ବେଳେ ଭ୍ୟାନ୍ ଧକ୍କାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଛି । ଏପରି ଦୁଃଖଦ ଘଟଣା ଘଟିଛି, ସ୍ଥାନୀୟ ଅସ୍ତିଆ ଛକ ନିକଟରେ । ମୃତକଦ୍ୱୟ ହେଲେ, ସୋର ଥାନା ବାଲଙ୍ଗ ଅଞ୍ଚଳର ରଶ୍ମି ରଞ୍ଜନଙ୍କ ପୁଅ ପ୍ରଫୁଲ୍ଲ(୨୪) ଓ ଶିରାପୁର ଅଞ୍ଚଳର ବସନ୍ତ ନାୟକ । ରବିବାର ରାତିରେ ଦୁହେଁ ଏକ ବାଇକ୍‌ରେ ବିବାହ ଭୋଜିରେ ଯୋଗଦେବା ପାଇଁ ବେତଡ଼ା ଯାଉଥିବା ବେଳେ ଜାମ୍ବୁଝାଡ଼ିରୁ-ବେତଡ଼ା ରାସ୍ତାର ଅସ୍ତିଆ ଛକ ନିକଟରେ ଏକ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିବାବେଳେ ବସନ୍ତ ନାୟକ ଗୁରୁତର ହୋଇଥିଲେ । ବସନ୍ତଙ୍କୁ ଭଦ୍ରକ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ।

■ **ଗଣଦୁଷ୍କର୍ମ ମାମଲା**

# ଦୁଇ ଦୋଷୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ଫୁଲବାଣୀ,୨୯ ।୧(ସମିସ):** ଗତ ୨୦୨୧ ମସିହାରେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅଞ୍ଚଳରେ ଘଟିଥିବା ଏକ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ସୋମବାର ଫୁଲବାଣୀ ଜିଲ୍ଲା ଦୌରାଜଜ୍ ଦୁଇଜଣଙ୍କୁ ୨୦ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଦୋଷୀଦ୍ୱୟଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଜରିମାନା ଅନାଦେୟ, ସେମାନଙ୍କୁ ଅଧିକ ଦୁଇ ବର୍ଷ ଲେଖାଏଁ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଦୋଷୀଦ୍ୱୟ ହେଲେ, ଫୁଲବାଣୀ ହାଟପଦା କାଚରା ସାହିର ଜନ୍ମେଜୟ ପୋଦ୍ଦ ଓ ଶଗଡ଼ିଆ ସାହିର ତ୍ରିଲୋଚନ ନାୟକ । ସୂଚନାନୁଯାୟୀ, ଜନ୍ମେଜୟ ଓ ତ୍ରିଲୋଚନ ବିଭିନ୍ନ ଗ୍ରାମକୁ ପିଇବା ପାଣି ଜାର ନେଇ ବିକ୍ରି କରୁଥିଲେ । ଘଟଣା ଦିନ ସେମାନେ ପୀଡ଼ିତାଙ୍କ ଗ୍ରାମକୁ ଯାଇଥିବା ବେଳେ ତାଙ୍କ ଘରକୁ ଯାଇ ପିଇବା ପାଇଁ ପାଣି ମାଗିଥିଲେ । ଏହି ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ଉଭୟ ଭିନ୍ନକ୍ଷମ ପୀଡ଼ିତାଙ୍କୁ ଦୁଷ୍କର୍ମ କରିଥିଲେ । ପୀଡ଼ିତାଙ୍କ ମା' ଘରକୁ ଫେରିବା ପରେ ସେ ତାଙ୍କ ଆଗରେ ସବୁକଥା କହିଥିଲେ । ଏନେଇ ପରିବାର ପକ୍ଷରୁ ଖଜୁରୀପଡ଼ା ଥାନାରେ ଏତଲା ଦିଆଯାଇଥିଲା । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୌମେନ୍ଦ୍ର ସାହୁ ପରିଚାଳନା କରୁଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଜଗତସିଂହପୁର, ୨୯ ।୧ (ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ଦୀର୍ଘ ୫ ବର୍ଷ ପରେ ଆଜି ପ୍ରକାଶ ପାଇଛି । ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ମାମଲାର ବିଚାର କରି ଅଭିଯୁକ୍ତ ଜିତେନ କୁମାର କାଣ୍ଡି ଆଲିୟାସ ଜିତୁନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ୪ମାସ ଅଧିକ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ସୂଚନାନୁସାରେ, ଗତ ୧୧ ସେପ୍ଟେମ୍ବର ୨୦୧୯ରେ ଏରସମା ଥାନା ଅଞ୍ଚଳର ଜଣେ ନାବାଳିକା ଖୁଦୁରୁକୁଣୀ ଭସାଣିରେ ଯାଉଥିବା ବେଳେ ଗୋଡ଼ା ଗ୍ରାମର ଜିତେନ କୁମାର କାଣ୍ଡି (୨୭) ତାଙ୍କୁ ସେଠାରୁ ଅପହରଣ କରିଥିଲା । ସେ ନାବାଳିକାକୁ ବେଙ୍ଗାଲୁର ନେଇଯିବା ସହ ସେଠାରେ ୧୫ ଦିନ ରଖି ଦୁଷ୍କର୍ମ କରିଥିଲା । ଏ ସମ୍ପର୍କରେ ନାବାଳିକାଙ୍କ ବାପା ଏରସମା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଘଟଣାର ୧୫ ଦିନ ପରେ ଉଭୟ ବେଙ୍ଗାଲୁରରୁ ନିଜ ଘରକୁ ଫେରୁଥିବା ସମୟରେ ଏରସମା ପୁଲିସ କଟକ ରେଳଷ୍ଟେସନରୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୋଳଗୋବିନ୍ଦ ଦାଶ ମାମଲା ପରିଚାଳନା କରୁଥିଲେ ।

# ଭରତପୁର ଜଙ୍ଗଲରେ ଆରମ୍ଭ ହେଲା ନାଇଟ୍ ସଫାରୀ



**ଭୁବନେଶ୍ୱର,୨୯ ।୧(ସମିସ):** ଭୁବନେଶ୍ୱର ନିକଟସ୍ଥ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟରେ ରାତ୍ରିକାଳୀନ ସଫାରୀ ଆରମ୍ଭ ହୋଇଛି । ସୋମବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଆରମ୍ଭ ହୋଇଥିବା ଏହି ସୁବିଧା ସପ୍ତାହକୁ ୩ ଦିନ ଜାରି ରହିବ । ସୋମବାର, ଗୁରୁବାର ଓ ଶନିବାର ରାତି ୯ ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଏହି ରାତ୍ରିକାଳୀନ ସଫାରୀର ମଜା ଉଠାଇ ପାରିବେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟର ଭରତପୁର ସେକ୍ସନରେ ଏହି ରାତ୍ରିକାଳୀନ ଟ୍ରେଲ୍ ବା ନାଇଟ୍ ଟ୍ରେଲ୍ ଆରମ୍ଭ କରାଯାଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଆଜି ନାଇଟ୍ ସଫାରୀର ଶୁଭାରମ୍ଭ କରିଛନ୍ତି । ଆଜି ପ୍ରଥମ ନାଇଟ୍ ସଫାରୀରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଜଙ୍ଗଲ ବୁଲାଇବା ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ରାତ୍ରିକାଳୀନ ସଫାରୀ ପାଇଁ ୨ ଟି ଗାଡ଼ି ନିୟୋଜିତ କାରଯିବ । ଗାଡ଼ି ପିଛା ଯଥାକ୍ରମେ ୧୫୦୦ ଓ ୨୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଖୁବ୍‌ଶୀଘ୍ର ଏଥିପାଇଁ ଅନଲାଇନ୍‌ରେ ବୁକିଂ ସୁବିଧା ଉପଲବ୍ଧ କରାଯିବ ବୋଲି ଜଣାପଡ଼ିଛି । ଯେଉଁମାନେ ଦିନରେ ସମୟ ପାଉନାହାନ୍ତି କିମ୍ବା ରାତିରେ ଜଙ୍ଗଲ ବୁଲିବାର ନିଆରା ଅନୁଭୂତି ପାଇଁ ଆଗ୍ରହୀ ଅଛନ୍ତି, ସେମାନଙ୍କ ପାଇଁ ଏହି ସୁବିଧା ଫଳପ୍ରଦ ହେବ ବୋଲି ବନ ବିଭାଗ ଆଶା କରିଛି । ଏହି ଜଙ୍ଗଲରେ ବର୍ତ୍ତମାନ ହରିଣ, ବଣୁଆ ଘୁଷୁରୀ ଓ ହାତୀ ଭଳି ବନ୍ୟଜନ୍ତୁ ରହୁଛନ୍ତି । ପର୍ଯ୍ୟଟକମାନେ ରାତିବେଳା ଏହି ପଶୁମାନଙ୍କୁ ଦେଖିପାରିବେ ବୋଲି ପିସିସିଏଫ୍ ଶ୍ରୀ ନନ୍ଦ କହିଛନ୍ତି । ଏହି ପଦକ୍ଷେପ ଦ୍ୱାରା ବନ୍ୟପ୍ରାଣୀପ୍ରେମୀ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ବହୁ ଉପକୃତ ହେବେ ଏବଂ ଚନ୍ଦକାଠାରେ ରାତି ସଫାରୀରେ ରାତ୍ରିକାଳୀନ ପଶୁମାନଙ୍କୁ ଦେଖିବା ଏବଂ ନିରୀକ୍ଷଣ କରିବାର ସୁଯୋଗ ପାଇବେ ବୋଲି ସେ କହିଛନ୍ତି ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SANSKRIT

**क – खण्डः अपठितावबोधनम्**

1. **अधोलिखित गद्यांश पठित्वा प्रश्नाना उतरं संस्कृतेन लिखत ?** (10)

विधात्रा निर्मिता इयं स्रष्टि: अतीव सौन्दर्यंमयी | प्रकृते: शोभा वस्तुतः अतीव आह्लादकारी, परं निरन्तरं, विकासशीलै: मानवैः विकासेन सह प्रदूषणममपि वर्धितं येनास्माकमेव स्वास्थ्यहानि: भवति | वायूप्रदुषणंम्, ध्वनिप्रदूषणणं, जलप्रदूषणं एतत् त्रिविधं प्रदुषणमेव मुख्यतया सर्व वातावरणं आकुलीकरोति | वायूप्रदुषणेन श्वासग्रहणे काठिन्यं वर्धते | एतत् सर्वेषाम् स्वास्थ्याय हानिकरं सिध्यति | ध्वनिप्रदूषणं मार्गेषु वाहनानां पो पो इति शृङग वादनेन, ध्वनिविस्तारकयन्तैश्चापि भवति | अनेन श्रवणशक्ते: हानिर्भवति | प्रदुषितजलोपयोग: तु सर्वेषां व्याधीनां मूलभूतमेव | तदस्मादस्माकं सर्वेषां मेव कर्तव्यमिदं यदत्रतत्र सर्वत्र अवकररहितस्य वातावरणस्य निर्माणं वयं कुर्याम , येन वायूप्रदुषणंम् अस्माकं स्वास्थ्यं नाशयितुं सक्षमं न भवेत् | तथैव ध्वनिप्रदूषणं जलप्रदूषणंञ्चापि रोद्धुं वयं सर्वे मिलित्वैव प्रयासं कृत्वा -- सर्वे भवन्तु सुखिनः सर्वे सन्तु निरामयाः इति भावनां वलं प्राप्नुयाम |

**एकपदेन उतरत-** (1/2x4=2)
(क) मूख्यतया प्रदुषणं कतिविधम् ?
(ख) ध्वनिप्रदूषणेन कस्या: हानिर्भवति ?
(ग) केन निर्मिता इयं सृष्टि: अतीव सौन्दर्यंमयी भवति ?
(घ) सर्वे: मिलित्वा प्रदुषणावरोधाय किं कुर्वन्ति ?

**पूर्णवाक्येन उतरत-** (2x2=4)
(क) अद्यत्वे अस्माकं स्वास्थ्यहानि: कथं भवति ?
(ख) वयं मिलित्वा कां भावनां वलं प्राप्नुयाम ?

**यथानिर्देशमुतरत -** (1x3=3)
(क) सततम् अनवरतं इति अर्थे गद्यांशे किं पदं अनुच्छेदे प्रत्युक्तम् ?
(ख) क्षीयते इति पदस्य विपरीतार्थवोधकं पदं अनुच्छेदात् चित्वा लिखत ?
(ग) सौन्दर्यंमयीसृष्टि: अत्र विशेषणपदं किम् भवति ?
(घ) सर्वे निरामयाः भवन्तु | अस्मिन् वाक्ये कः कत्रुपदं भवति ?
(ङ) अस्य अनुच्छेदस्य कृते समुचितं शीर्षकं लिखत ? (1)

**खण्डः - ख रचनात्मककार्यम्**

2. **जलसंरक्षणस्य महत्वं वर्णयत: मित्रं प्रति लिखितं पत्रं मञ्जुषायां प्रदतपदैः पूरयित्वा पुनः लिखत ?** (5)

छात्रावासतः
दिनाङ्कः__________

प्रिय मित्रा
सप्रेम नमोनमः,
अत्र कुशलं तत्र ___________| भवतः पत्र पठित्वा अतीव प्रसन्नताम् अनुभवामि यत् भवान् मित्रैः ________ जलसंरक्षणप्रचारकार्य रतोऽस्ति। एषः तु उत्तमः __________ अस्ति | वयं सर्वे एव _________यत् जीवने जलस्य महत्त्वं तु अतुलनीयम्। जलम् एव ___________ इति वयं सर्वे जानीमः परं पुनरपि वयम् अस्य ________ कुर्मः। अनेन आगामिकाले कियान् भीषणजलसङ्कटः भवेत् इति कोऽपि न ________| जलसंरक्षणार्थं __________ अनिवार्या एव | यदि जनाः अत्र ध्यानं न दास्यन्ति तदा अस्माकं_______स्थितिरपि अफ्रीकादेशवत् भविष्यति | यथा ते जलबिन्दुप्राप्त्यर्थं __________ सन्ति तथा एवं अस्माकं देशस्य अपि स्थितिः भविष्यति। अतः जलसंरक्षणार्थं जागरूकता अनिवार्या । शेषं सर्वं कुशलम्। पितृभ्यांचरणयो: चरणवन्दना।
भवतः मित्रम्
(उमेश: देशस्य, प्रयतमानाः, अपव्ययम्, विचारयति, जागरूकता, प्रयासः, जानीमः, जीवनम्, सह, अस्तु)

3. **अधोलिखितं चित्रं दृष्ट्वा मञ्जूषायां प्रदत्तपदानां सहायतया पञ्च वाक्यानि लिखत?**(1x5)



(मञ्जूषा:- प्रान्तरे, वालिके, वालाः, मार्गे, दोलायम्, क्रिड़न्ति, सिड़िकायं, हरितिमा, कंदुकेन, सिकता क्रीड़ा)

4. **अधोलिखितवाक्यानां संस्कृतभाषया अनुवादं कुरुत-** (5)
(i) छात्रों को ध्यान से कार्य करना चाहिए।
(ii) वृक्ष पर पक्षी चहचहाते हैं।
(iii) हम सब मिलकर गाएंगे |
(iv) खिलाड़ी फुटबॉल से खेल रहे हैं।
(v) अध्यापक ने कहा -- "सदाचार का पालन करो।"

**खण्डः ग अनुप्रयुक्तव्याकरणम्**

5. **अधोलिखत वाक्येषु रेखाङ्कितपदमाधारिकृत्य सन्धिं सन्धिंविच्छेदं वा प्रदतविकल्पेभ्य: चित्वा लिखत ?** (1x4)
i. सर्वे जना: रामचन्द्रस्य <u>यशोगानम्</u> कुर्वन्ति |
(क)यशः +गानम् (ख) यशो+गानम् (ग) यशे +गानम् (घ) यशं +गानम्
ii. <u>निः+र्वलः</u> जनः किमपि कर्तुं न शक्नोति |
(क) निर्वलो (ख) निर्वलं (ग)निर्वलः (घ)निर्वलेन
iii. <u>अतएव</u> जनाः सत्यं कथयन्ति |
(क) अते+एव (ख) अतः+एव (ग) अत+एव (घ)अति+एव
iv. <u>कश्चित्</u> जनः आगच्छति |
(क) कस्या+अपि (ख) किं+ चित् (ग) केन+चित् (घ) कः+चित
v. जीवने <u>सदुपदेश:</u> अत्यावश्यक: भवति |
(क)सत्+उपदेशः (ख)सथ+उपदेशः (ग)सद्+उपदेशः (घ)सध्+उपदेशः

6. **अधोलिखितवाक्येषु रेखाङ्कितपदानां समासं विग्रहं वा प्रदतविकल्पेभ्यः चित्वा उचित उत्तरं लिखतु |** (1x4)
i. उद्याने <u>नवमालिका</u> शोभते |
(क) नवं एव मालिका (ख)नव एव मालिका
(ग) नवा एव मालिका (घ)नवा मालिका यस्य स:
ii. <u>घनस्याम:</u> अतीव सुन्दरः अस्ति |
(क) घनश्याम यस्य सः (ख)घन इव श्यामः (ग) घनश्यामःइव (घ) घनं च श्यामं च
iii. फ्रांनस् देशे <u>मक्षिकाणां अभावः</u> विद्यते|
(क)निर्मक्षिकम् (ख)निर्मक्षिक (ग) निर्मक्षिकी (घ)निर्मक्षिके
iv. <u>राम: श्यामौ च</u> तत्र गच्छतः |
(क)रामश्यामौ च (ख)रामः च श्यामः च (ग)रामौ च श्यामौ च (घ)रामं च श्यामं च

7. **अधोलिखित वाक्येषु रेखाङ्कितपदानां प्रकृति प्रत्ययं संयोज्य विभज्य वा प्रदतविकल्पेभ्यः चित्वा उचित उत्तरं लिखतु ?** (1x4)
i. <u>भगवान्</u> शिवः त्रैलोक्यस्य अधिपतिः भवति |
(क)भग+वान् (ख)भग+वतुप् (ग) भग+मतुप् (घ)भग+क्तवतु
ii. संसारस्य क्रुते सर्वेषां जीवानां <u>मह+त्व</u> विद्यते |
(क)महता (ख) महात्वम् (ग)महत्व: (घ) महत्वं
iii. मनुष्य: एक: <u>सामाजिक:</u> प्राणीभवति |
(क समाज+इक (ख)समाज+इकी (ग)समाज+ठक् (घ)समाज+इकम्
iv. वाद्यातिरिक्तं का तव <u>विशेषता</u> |
(क) विशेष+टाप् (ख) विशेष+क्त (ग) विशेष+तल (घ) विशेष+क्तवतु

**खण्ड: घ पठितावोधनम्**

8. **अधोलिखित गद्यांश पठित्वा प्रश्नाना उतरं संस्कृतेन लिखत ?** (5)

कश्चन निर्धननोजन: भूरिरिश्रम्य किंचित् वितम उपार्जितवान् | तेन वितेन स्वपुत्रं एकस्मिन् महाविद्यालये प्रवेशं दापयितुं सफलो जात: | ततनय: तत्रैव छात्रावासे निवसन् अध्ययने संलग्न: समभूत् | एकदा स पिता तनुजस्य रूग्णतां आकर्णय व्याकुलो जात:पुत्रं द्रष्टुं प्रथित: | परमर्थकाश्येन पीड़ित:स बसयानं विहाय पदातिरेव प्राचलत् | पदातिक्रमेण संचलन् सायं समयेऽप्यसौ गन्तव्यात् दूरे आसीत् | निशान्धकारे प्रसृते विजने प्रदेशे पदयात्रा न शुभावहा इति विचार्य स पारवस्थिते ग्रामे रात्रियापनं कर्तुं कश्चित् ग्रहस्थंमुपागत: | करूणापरोगृही तस्मै आश्रयं प्रायच्छत् |

**एकपदेन उतरत (केवलं प्रश्नद्वयम्)** (1/2x2=1)
(क) कीदृशः जनः भूरि परिश्रम्य किञ्चिद्वितम् उपार्जितवान् ?
(ख) तनय: कुत्र अध्ययनं कृतवान् ?
(ग) करूणापरोगृही कस्मै आश्रयं प्रायच्छत् ?

**पूर्णवाक्येन उतरं संस्कृतेन लिखत?** (1x2=2)
(क) स पिता किमर्थं व्याकुलो जात: ?
(ख) अर्जेतेन वितेन स: जन: किम् अकरोत् |
(ग) स:किं विचार्य पार्श्व स्थितेग्रामे कश्चित् ग्रहस्थंमुपागत:?

**निर्देशानुसारं उतरत-** (1x2=2)
(क) स:बसयानं विहाय पदातिरेव प्राचलत्| अस्मिन् वाक्ये किं कर्तुपदं भवति |
(ख) करूणापर: गृही इत्यत्र किं विशेष्यपदं भवति ?
(ग) पुत्रस्य इत्यस्य पदस्य किं पर्यायपदं गद्यांशे प्रयुक्तम् ?

*****

*All the Best...*

**ANSWER KEY**

| | | | | | |
|---|---|---|---|---|---|
| **5.** | (i)क | (ii)ग | (iii)ख | (iv)घ | (v)क |
| **6.** | (i)ग | (ii)ख | (iii)क | (iv)ख | |
| **7.** | (i)ख | (ii)घ | (iii)ग | (iv)ग | |

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

# ଗାବା ଗର୍ବ ଭାଙ୍ଗିଲେ ଇଣ୍ଡିଜ୍‌ର ସିକ୍ୟୁରିଟି ଗାର୍ଡ

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ରବିବାର ୮ ରନରେ ବିଜୟ ହାସଲ କରିଛି। ଏଥିସହ ୱେଷ୍ଟଇଣ୍ଡିଜ୍ ବ୍ରିସ୍‌ବେନ୍‌ର ଗାବାରେ ଦୀର୍ଘ ୩୬ ବର୍ଷପରେ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ପୁଣି ଦୀର୍ଘ ୨୭ ବର୍ଷ ପରେ ଅଷ୍ଟ୍ରେଲିଆରେ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ବିଜୟ ହାସଲ କରିଛି। ଏହି ଐତିହାସିକ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ଗଏନାର ୨୭ ବର୍ଷୀୟ ଦ୍ରୁତ ବୋଲର ଶମାର ଯୋଶେଫ୍। ଗୋଟିଏ ବର୍ଷ ତଳେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରି ସେ ଗୁଜରାଣ ମେଣ୍ଟାଉଥିଲେ। ଆଜି ସେ ଅଷ୍ଟ୍ରେଲିଆ କ୍ରିକେଟ ଦଳର ଗାବା ଗର୍ବ ଭାଙ୍ଗିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

**ଆଙ୍ଗୁଠିରେ ଆଘାତ ସତ୍ତ୍ୱେ ବୋଲିଂ କରିଥିଲେ**

ଗୋଡର ଆଙ୍ଗୁଠିରେ ଆଘାତ ଲାଗିଥିଲେ ମଧ୍ୟ ସେ ଦମ୍‌ଦାର ବୋଲିଂ କରି ୭ ୱିକେଟ ନେବା ସହ ଅଷ୍ଟ୍ରେଲିଆର ବିପର୍ଯ୍ୟୟ ଘଟାଇଥିଲେ। ଗୋଟିଏ ଦିନ ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ୟର୍କରରେ ତାଙ୍କ ପାଦର ଆଙ୍ଗୁଠିରେ ବାଜିଥିଲା ଓ ସେ ପିଚ୍ ଉପରେ ପଡ଼ିଯାଇଥିଲେ। ପ୍ରଥମ ପାଳିରେ ଗୋଟିଏ ୱିକେଟ ନେଇଥିଲେ ମଧ୍ୟ ଦ୍ୱିତୀୟ ପାଳିରେ ଗୋଟିଏ ସ୍ପେଲ୍‌ରେ ସେ ୧୧.୫ ଓଭର ବୋଲିଂ କରି ୬୮ ରନ ବ୍ୟୟ କରି ୭ ୱିକେଟ ନେଇଥିଲେ।

**ପ୍ରଥମ ଟେଷ୍ଟରେ ପଦାର୍ପଣ କରିଥିଲେ**

ସେ ଚଳିତ ସିରିଜର ପ୍ରଥମ ଟେଷ୍ଟରେ ହିଁ ପଦାର୍ପଣ କରିଥିଲେ। ୧୧ନଂରେ ବ୍ୟାଟିଂ କରି ସେ ୩୬ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ପଦାର୍ପଣର ପ୍ରଥମ ପାଳିରେ ସେ ୫ ୱିକେଟ ସଫଳତା ହାସଲ କରିଥିଲେ। ସିରିଜରେ ଏପର୍ଯ୍ୟନ୍ତ ସେ ୧୩ଟି ୱିକେଟ ହାସଲ କରିଛନ୍ତି। ଏହି ଟେଷ୍ଟରେ ଅଷ୍ଟ୍ରେଲିଆ ୧୦ ୱିକେଟରେ ବିଜୟ ହାସଲ କରିଥିଲା।

**୨୦୧୮ ରେ ପ୍ରଥମଥର ଚଳାଇଥିଲେ ଇଣ୍ଟରନେଟ**

ଶମାର ୩ ଭଉଣୀ ଓ ୫ ଜଣ ଭାଇଙ୍କ ସହ ବଡ଼ ହୋଇଥିଲେ। ଗଏନା ଦ୍ୱୀପର ୩୫୦ ଲୋକ ସଂଖ୍ୟା ବିଶିଷ୍ଟ ଗୋଟିଏ ଛୋଟ ଦୁର୍ଗମ ଗାଁରୁ ସେ ଆସିଛନ୍ତି। ନୌକା ଜରିଆରେ ଏହି ଗାଁର ଲୋକଙ୍କୁ ସହରରେ ପହଞ୍ଚିବାକୁ ହୋଇଥାଏ। ୨୦୧୮ ପର୍ଯ୍ୟନ୍ତ ତାଙ୍କ ଗାଁକୁ ଟିଭି ଓ ଇଣ୍ଟରନେଟ୍ ଆସି ନଥିଲା। ସାରା ଗାଁରେ କେବଳ ଗୋଟିଏ କଳାଧଳା ଟିଭି ଥିଲା।

ଜଙ୍ଗଲରୁ କାଠ କାଟି ସେ ଘର ଚଳାଉଥିଲେ। ଏହାପରେ ସେ କନ୍‌ଷ୍ଟ୍ରକ୍ସନ ସାଇଟ୍‌ରେ ମୂଲ ଲାଗିଥିଲେ। ତେବେ କିଛିଦିନ ପରେ ତାଙ୍କୁ ସିକ୍ୟୁରିଟି ଗାର୍ଡ କାମ ମିଳିଯାଇଥିଲା ଓ ସେ ୧୨ ଘଣ୍ଟିଆ ଡ୍ୟୁଟି କରୁଥିଲେ। ଖାଲି ସମୟରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ପ୍ରତିଭା ଦେଖି ରୋମାରିଓ ସେଫର୍ଡ ତାଙ୍କୁ ଗଏନା ଦଳରେ ସାମିଲ କରିଥିଲେ। ପ୍ରଥମ ଶ୍ରେଣୀ ପଦାର୍ପଣ ମ୍ୟାଚ୍‌ରେ ସେ ୧୩ ରନ ଦେଇ ୬ ୱିକେଟ ନେଇଥିଲେ। ୨୦୨୨ ପର୍ଯ୍ୟନ୍ତ ସେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ନଥିଲେ। ଦ୍ରୁତ ଗତିରେ ବୋଲିଂ କରୁଥିବାରୁ ତାଙ୍କୁ ଜାତୀୟ ଦଳରେ ସାମିଲ କରାଯାଇଥିଲା। ପୂର୍ବତନ ଦ୍ରୁତ ବୋଲର କର୍ଟଲି ଆମ୍ବ୍ରୋଜ ଓ କର୍ଟନୀ ୱାଲ୍ସଙ୍କୁ ସେ ନିଜର ଆଦର୍ଶ ମାନନ୍ତି। ଶମାରଙ୍କୁ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲିଂର ଭବିଷ୍ୟତ ବିବେଚନା କରାଯାଉଛି।



# ୨୮ ମ୍ୟାଚରେ ୮୬ ଗୋଲ୍




ଭୁବନେଶ୍ୱର, ୨୯ ।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୯ରୁ ଚାଲିଥିବା କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଏଥର ଇଷ୍ଟ ବେଙ୍ଗଲ ନୂଆ ବିଜେତା ହୋଇଛି। ରବିବାର ରାତିରେ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ଇଷ୍ଟ ବେଙ୍ଗଲ ଅତିରିକ୍ତ ଟାଇମ୍‌ରେ ୩-୨ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରି ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ବରାବର୍ ରହିଥିଲା। କିନ୍ତୁ ଅତିରିକ୍ତ ଟାଇମ୍ ୧୧୧ତମ ମିନିଟ୍‌ରେ କ୍ଲେଇଟନ୍ ସିଲ୍‌ଭା ଇଷ୍ଟ ବେଙ୍ଗଲ ପାଇଁ ନିର୍ଣ୍ଣାୟକ ୩ୟ ଗୋଲଟି ଦେଇ ଦଳକୁ ୧୨ ବର୍ଷ ପରେ ଏକ ଜାତୀୟସ୍ତରୀୟ ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅପରପକ୍ଷରେ ପରାଜୟ ସହ ଓଡ଼ିଶା ଏଫ୍‌ସି କ୍ରମାଗତ ଚାମ୍ପିଅନ ସ୍ୱପ୍ନ ଚୁରମାର୍ ହୋଇଯାଇଛି।

ଭାରତର ଏହି ଅନ୍ୟତମ ସମ୍ମାନଜନକ ଫୁଟ୍‌ବଲ ପ୍ରତିଯୋଗିତାରେ ଆଇଏସ୍‌ଏଲ୍‌ର ୧୨ ଗୋଟି ଓ ଆଇ-ଲିଗ୍‌ର ୪ଟି ସହ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଗ୍ରୁପ୍ ପର୍ଯ୍ୟାୟ ଓ ନକ୍‌ଆଉଟ୍‌କୁ ମିଶାଇ ଚଳିତ କଳିଙ୍ଗ ସୁପର୍ କପ୍‌ରେ ୨୮ ମ୍ୟାଚ୍ ଖେଳାଯାଇଥିବାବେଳେ ସର୍ବମୋଟ୍ ୮୬ଟି ଗୋଲ୍ ହୋଇଛି। ମ୍ୟାଚ୍ ପିଛା ୩.୦୭ ଗୋଲ୍ ହୋଇଥିଲା। ଦଳଗତ ଭାବେ ଦେଖିଲେ ଚାମ୍ପିଅନ ଇଷ୍ଟ ବେଙ୍ଗଲ ୫ଟି ମ୍ୟାଚ୍ ଖେଳି ୧୩ଟି ଗୋଲ୍ ଦେଇଛି। ସେହିଭଳି ଉପବିଜେତା ଓଡ଼ିଶା ଏଫ୍‌ସି ନାମରେ ୧୦ଟି ଗୋଲ୍ ଲିପିବଦ୍ଧ ହୋଇଛି। ଇଷ୍ଟ ବେଙ୍ଗଲର ବ୍ରାଜିଲୀୟ ଖେଳାଳି କ୍ଲେଇଟନ୍ ସିଲ୍‌ଭା ବ୍ୟକ୍ତିଗତ ଭାବେ ୫ଟି ଗୋଲ୍ ଦେଇ ପ୍ରତିଯୋଗିତାର ଟପ୍ ଗୋଲ୍‌ସ୍କୋରର ରହିଛନ୍ତି। ସେହିଭଳି ଘରୋଇ ଓଡ଼ିଶା ଏଫ୍‌ସିର ଡିଏଗୋ ମୌରିସିଓ ଓ ଅହମ୍ମଦ ଜାହୋଉ ୩ଟି ଲେଖାଏ ଗୋଲ୍ ଦେଇ ତାଲିକାର ପରବର୍ତ୍ତୀ ସ୍ଥାନ ଲାଭ କରିଛନ୍ତି। ଅପରପକ୍ଷରେ ଓଡ଼ିଶାର ଅଗ୍ରଭାଗ ଖେଳାଳି ଇଶାକ ଭନଲାଲରୁଆଟଫେଲ୍ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**କଳିଙ୍ଗ ସୁପର୍ କପ୍ ପୁରସ୍କାର**

- ଚାମ୍ପିଅନ: ଇଷ୍ଟ ବେଙ୍ଗଲ- ୨୫ ଲକ୍ଷ ଟଙ୍କା
- ରନର୍ସଅପ୍: ଓଡ଼ିଶା ଏଫ୍‌ସି- ୧୫ ଲକ୍ଷ
- ଟପ୍ ଗୋଲ୍ ସ୍କୋରର୍: କ୍ଲେଇଟନ ସିଲ୍‌ଭା- ୫ (ଇଷ୍ଟ ବେଙ୍ଗଲ)
- ଶ୍ରେଷ୍ଠ ରକ୍ଷଣଭାଗ: ହିଜାଜି ମାହେର (ଇଷ୍ଟ ବେଙ୍ଗଲ)
- ଶ୍ରେଷ୍ଠ ମଧ୍ୟକ୍ରମ: ଅହମ୍ମଦ ଜାହୋଉ (ଓଡ଼ିଶା ଏଫ୍‌ସି)
- ଶ୍ରେଷ୍ଠ ଗୋଲରକ୍ଷକ: ଲାଲଥୁଆମାୱିଆ ରାଲଟେ (ଓଡ଼ିଶା ଏଫ୍‌ସି)

*ବି.ଦ୍ର. ସମସ୍ତ ବ୍ୟକ୍ତିଗତ ପୁରସ୍କାର ବିଜେତାଙ୍କୁ ୨.୫ ଲକ୍ଷ ଟଙ୍କା ଅର୍ଥରାଶି ମିଳିଛି।*




ଓଡ଼ିଶାରେ ଫେବ୍ରୁଆରୀ ୩ରୁ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ଲାଗି ସୋମବାର ଆମେରିକା ଦଳ ଭୁବନେଶ୍ୱରରେ ପହଞ୍ଚିଛି।

● ସିକେ ନାଇଡୁ ଟ୍ରଫି

# ଓଡ଼ିଶାର ପାଳି ପରାଜୟ

**ସିଜନ୍‌ରେ ତୃତୀୟ ପରାଜୟ**

କଟକ, ୨୯।୧(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ପାଳି ଓ ୧୬୫ ରନରେ ଚଣ୍ଡିଗଡ଼ଠାରୁ ପରାସ୍ତ ହୋଇଛି। ଚଣ୍ଡିଗଡ଼ର ସେକ୍ଟର-୧୬ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯାଉଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ସମସ୍ତ ୱିକେଟ ହରାଇ ୨୯୧ ରନ କରିଥିଲା। ଜବାବରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଓଡ଼ିଶା। ଅସମାପ୍ତ ପ୍ରଥମ ପାଳି ୪୩/୮ରୁ ସୋମବାର ଖେଳ ଆରମ୍ଭ କରିଥିବା ଓଡ଼ିଶା ୫୬ ରନରେ ଅଲଆଉଟ ହୋଇଥିଲା। ଫଳରେ ଓଡ଼ିଶାକୁ ଫଲୋଅନ ଦେଇ ପୁର୍ନବାର ବ୍ୟାଟିଂ କରିବାକୁ ଚଣ୍ଡିଗଡ଼ ସୁଯୋଗ ଦେଇଥିଲା। ଦ୍ୱିତୀୟ ପାଳିରେ ମଧ୍ୟ ଓଡ଼ିଶାର ବ୍ୟାଟରମାନେ ଲଜ୍ଜାଜନକ ପ୍ରଦର୍ଶନ କରିବା ସହିତ ୭୦ ରନରେ ପାଳି ପରିସମାପ୍ତି ଘଟିଥିଲା। ପ୍ରଥମ ପାଳିରେ ୩ଟି ଏବଂ ଦ୍ୱିତୀୟ ପାଳିରେ ୬ଟି ୱିକେଟ ଅକ୍ତିଆର କରି ଅମିତ ଶୁକ୍ଲା ଚଣ୍ଡିଗଡ଼ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଚଳିତ ସିକେ ନାଇଡୁ ଟ୍ରଫିରେ ୪ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ୩ୟ ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ମାତ୍ର ୧ ପଏଣ୍ଟ ହାସଲ କରି ଗ୍ରୁପ-ସି'ର ଅନ୍ତିମ(୮ମ) ସ୍ଥାନରେ ରହିଛି।

● ଦୃଷ୍ଟିହୀନ ନାଗେସ୍ ଟ୍ରଫି କ୍ରିକେଟ

# ଓଡ଼ିଶାର ସହଜ ବିଜୟ



ଭୁବନେଶ୍ୱର, ୨୯ ।୧(ସମିସ): ନାଗପୁରର ଚାଲିଥିବା ଦୃଷ୍ଟିହୀନ ନାଗେସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପର-୮ ପର୍ଯ୍ୟାୟର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୧୦ ୱିକେଟରେ ତେଲେଙ୍ଗାନାକୁ ପରାସ୍ତ କରିଛି। ନାଗପୁରର ଏସ୍‌ବି ସିଟି କଲେଜ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ତେଲେଙ୍ଗାନା ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୯ ୱିକେଟ ହରାଇ ୮୭ ରନ ସଂଗ୍ରହ କରିଥିଲା। ଦଳର ନିଖିଲ ଭତୁଲା ୨୯ ଓ ମଧୁ ଗୁଞ୍ଜା ୨୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଓଡ଼ିଶାର ସୁଖରାମ ମାଝି ୪, ନକୁଳ ବଡ଼ନାୟକ ଓ ପଙ୍କଜ ଭୁଏ ଦୁଇଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ୮.୫ ଓଭରରେ ବିନାକ୍ଷତିରେ ୮୯ ରନକରି ବିଜୟୀ ହୋଇଥିଲା। ଓଡ଼ିଶା ପାଇଁ ନକୁଳ ୫୩ ଓ ସୁଖରାମ ୨୯ ରନ ସଂଗ୍ରହ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ନକୁଳ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମଙ୍ଗଳବାର ନାଗପୁରର ରେଲବାଇ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀକୁ ଭେଟିବ।

● ୫ ଏ ସାଇଡ୍ ହକି ବିଶ୍ୱକପ୍

# କ୍ୱାର୍ଟରରେ ଭାରତ-ନେଦରଲାଣ୍ଡସ ମୁକାବିଲା

ମସ୍କାଟ,୨୯।୧(ଏଜେନ୍ସି): ଭାରତ ଓ ଶକ୍ତିଶାଳୀ ନେଦରଲାଣ୍ଡସ ମଧ୍ୟରେ ଏଠାରେ ଚାଲିଥିବା ପୁରୁଷ ୫ ଏ ସାଇଡ୍ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ। ଏହି ପ୍ରତିଯୋଗିତାର ସୋମବାର ପୁଏ-ବି'ରେ ଭାରତ ୧୩-୦ ଗୋଲରେ ଜାମାଇକାକୁ ପରାସ୍ତ କରିବା ସହ ଇଜିପ୍ଟ ପଛକୁ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରକୁ ଉନ୍ନୀତ ହୋଇଛି। ଜାମାଇକା ବିପକ୍ଷ ମ୍ୟାଚ୍‌ରେ ମନିନ୍ଦର ସିଂ ସର୍ବାଧିକ ୪ଟି ଗୋଲ ସ୍କୋର କରିଥିଲାବେଳେ ମନ୍‌ଜିତ୍, ରାହିଲ ମହମ୍ମଦ୍ ଓ ମନଦୀପ ମୋର ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଉତ୍ତମ ସିଂ, ଗୁରଜୋତ ସିଂ ଓ ରାଜଭର ପୱନ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପୂର୍ବରୁ ପ୍ରଥମ ଦିନ ପୁଲ ମ୍ୟାଚ୍‌ରେ ଭାରତ ସ୍ୱିଜରଲାଣ୍ଡକୁ ହରାଇଥିଲାବେଳେ ଇଜିପ୍ଟଠାରୁ ହାରିଥିଲା।

● ରଣଜୀ ଟ୍ରଫି: ୧୮ ବର୍ଷ ପ୍ରତୀକ୍ଷାର ଅନ୍ତ

# ମୁମ୍ବାଇକୁ ହରାଇଲା ୟୁପି

ମୁମ୍ବାଇ, ୨୯ ।୧ (ଏଜେନ୍ସି): ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଉତ୍ତର ପ୍ରଦେଶ (ୟୁପି) ଦଳ ସମ୍ମାନଜନକ ରଣ୍‌ଜୀ ଟ୍ରଫି ପ୍ରତିଯୋଗିତାରେ ଶକ୍ତିଶାଳୀ ମୁମ୍ବାଇକୁ ପରାସ୍ତ କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ବି ମୁକାବିଲାରେ ନୀତୀଶ ରାଣାଙ୍କ ନେତୃତ୍ୱାଧୀନ ଉତ୍ତର ପ୍ରଦେଶ ୨ ୱିକେଟ୍‌ରେ ଘରୋଇ ମୁମ୍ବାଇକୁ ହରାଇଛି। ମ୍ୟାଚରେ ଅଜିଙ୍କ୍ୟା ରାହାଣେଙ୍କ ମୁମ୍ବାଇ ଦଳ ୧୯୫ ରନର ଛୋଟିଆ ଲକ୍ଷ୍ୟ ଉତ୍ତର ପ୍ରଦେଶ ସାମ୍ନାରେ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ଉତ୍ତର ପ୍ରଦେଶ ୱିକେଟ୍‌ରକ୍ଷକ ଆର୍ଯ୍ୟନ ଜୁୟାଲ (୭୬) ଓ କର୍ନ ଶର୍ମା (୬୭*)ଙ୍କ ଅର୍ଦ୍ଧଶତକ ବଳରେ ୮ ୱିକେଟ୍ ହରାଇ ସଂଘର୍ଷପୂର୍ଣ୍ଣ ବିଜୟ ଲାଭ କରିଥିଲା। ପ୍ରାରମ୍ଭରୁ ୧୬ ରନରେ ୨ଟି ୱିକେଟ୍ ହରାଇଥିଲେ ମଧ୍ୟ ଶର୍ମା ଓ ଜୁୟାଲ ୩ୟ ୱିକେଟ୍ ଭାଗୀଦାରିରେ ୧୦୪ ରନ ଯୋଡ଼ି ଦଳକୁ ବିଜୟ ଭେଟି ଦେଇଥିଲେ। ଶେଷଥର ଲାଗି ମହମ୍ମଦ କୈଫ୍‌ଙ୍କ ନେତୃତ୍ୱରେ ଉତ୍ତର ପ୍ରଦେଶ ୨୦୦୬ରେ ମୁମ୍ବାଇ ଦଳକୁ ରଣ୍‌ଜୀ ଟ୍ରଫିରେ ମାତ୍ ଦେଇଥିଲା। ଆନ୍ଧ୍ର ପ୍ରଦେଶ ୧୨୬ ରନରେ ଜିତିଲା: ଗ୍ରୁପ୍-ବି'ର ଅନ୍ୟ ଏକ ମ୍ୟାଚରେ ଆନ୍ଧ୍ର ପ୍ରଦେଶ ୧୨୬ ରନରେ ଛତିଶଗଡ଼କୁ ପରାସ୍ତ କରିଛି। ମ୍ୟାଚରେ ହନୁମା ବିହାରୀ (୧୮୩) ଓ ଅଧିନାୟକ ରିକି ଭୁଇ (୧୨୦)ଙ୍କ ଶତକ ବଳରେ ଆନ୍ଧ୍ର ପ୍ରଥମ ପାଳିରେ ୪୩୧ ରନ କରିଥିଲା। ଜବାବରେ ପ୍ରଥମ ପାଳିରେ ୨୬୨ ରନରେ ସୀମିତ ରହିଥିଲା।

# ଖେଲୋ ଇଣ୍ଡିଆ ୟୁଥ ଗେମ୍ସ: ଫୁଟ୍‌ବଲରେ ଓଡ଼ିଶାକୁ କାଂସ୍ୟ



କଟକ, ୨୯।୧(ସମିସ): ତାମିଲନାଡୁରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଓଡ଼ିଶା ବାଳକ ଫୁଟବଲ ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ପଞ୍ଜାବଠାରୁ ପରାସ୍ତ ହୋଇଥିଲା। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉକି, ଲିଗ ପର୍ଯ୍ୟାୟରେ ଗୋଟିଏ ବିଜୟ ଓ ଦୁଇଟି ଅମୀମାଂସିତ ଫଳାଫଳ ସହାୟତାରେ ଓଡ଼ିଶା ସେମିଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା।

# ସୁଟର୍ ଦିବ୍ୟାଂଶଙ୍କ ବିଶ୍ୱରେକର୍ଡ

ମୁମ୍ବାଇ, ୨୯ ।୧ (ଏଜେନ୍ସି): ଇଜିପ୍ଟରେ ଚାଲିଥିବା ସୁଟିଂ ବିଶ୍ୱକପ୍‌ରେ ଭାରତର ଦିବ୍ୟାଂଶ ସିଂ ପନୱର ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ଦିବ୍ୟାଂଶ ଯୋଗ୍ୟତା ପର୍ଯ୍ୟାୟରେ ୬୩୨.୪ ସ୍କୋର ସହ ପ୍ରଥମ ସ୍ଥାନରେ ରହି ଫାଇନାଲ ରାଉଣ୍ଡରେ ପହଞ୍ଚିଥିଲେ। ଏହାପରେ ଫାଇନାଲରେ ସେ ୨୫୩.୭ ସ୍କୋର ସହ ବିଶ୍ୱରେକର୍ଡ ସ୍ଥାପନ କରି ପ୍ରଥମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ପୂର୍ବରୁ ବିଶ୍ୱରେକର୍ଡ ଚାଇନାର ସେଙ୍ଗ୍ ଲିହାଓ (୨୫୩.୩)ଙ୍କ ନାମରେ ରହିଥିଲା। ଇଟାଲୀର ଡାନିଲୋ ସୋଲାଜୋ (୨୫୧.୮) ଓ ସର୍ବିୟାର ଲାଜାର କୋଭାସେଭିକ୍ (୨୩୦.୬) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି।

# ପୂର୍ବାଞ୍ଚଳ ପିକ୍‌ଲବଲ୍‌ରେ ଶୁଭ୍ରାଂଶୁଙ୍କ ସଫଳତା

ଭୁବନେଶ୍ୱର, ୨୯ ।୧ (ସମିସ): ବିହାରର ପାଟନାରେ ଶେଷ ହୋଇଥିବା ପୂର୍ବାଞ୍ଚଳ ପିକ୍‌ଲବଲ୍ ପ୍ରତିଯୋଗିତାର ୨ୟ ସଂସ୍କରଣରେ ଓଡ଼ିଶାର ଶୁଭ୍ରାଂଶୁ ଶେଖର ଷଡ଼ଙ୍ଗୀ ଦ୍ୱୈତ ଚାମ୍ପିଅନ ହୋଇଛନ୍ତି।




ସେହିଭଳି ସୁଶୀଲ ମିଶ୍ର ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ସଫଳତା ପାଇଛନ୍ତି।

ପୁରୁଷ +୬୦ କିଗ୍ରା ବିଭାଗରେ ଅଂଶଗ୍ରହଣ କରିଥିବା ଶୁଭ୍ରାଂଶୁ ଫାଇନାଲରେ ୧୧-୮, ୧୧-୨ରେ ଛତିଶଗଡ଼ର ଦୀନେଶ ଜୈନଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିଭଳି ଏହି ବିଭାଗର କାଂସ୍ୟ ପଦକ ମ୍ୟାଚରେ ଓଡ଼ିଶାର ସୁଶୀଲ ୧୫-୧୦ରେ ଘରୋଇ ବିହାରର ରାମରଞ୍ଜନ ସିଂଙ୍କୁ ହରାଇ ୩ୟ ସ୍ଥାନ ହାସଲ କରିଥିଲେ। ଏଥିସହ ଶୁଭ୍ରାଂଶୁ ଓ ସୁଶୀଲ ଯୋଡ଼ି ପୁରୁଷ ୬୦ କିଗ୍ରାରୁ ଊର୍ଦ୍ଧ୍ୱ ଯୁଗଳ ବିଭାଗରେ ବିହାରର ରାମରଞ୍ଜନ ସିଂ ଓ ଉମେଶ କୁମାରଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ଟେନିସ, ଟେବଲ୍ ଟେନିସ ଓ ବ୍ୟାଡ୍‌ମିଣ୍ଟନର ଏକ ମିଶ୍ରଣ କ୍ରୀଡ଼ା ହେଉଛି ପିକ୍‌ଲବଲ୍। ଏହା ୧୯୬୫ରେ ୱାଶିଂଟନରେ ପ୍ରଥମେ ଆରମ୍ଭ ହୋଇଥିଲା।

**ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବ**

# ବିପର୍ଯ୍ୟୟ ଘଟାଇଲେ ଆକାଶ ଓ ନିତିନ

ଭୁବନେଶ୍ୱର, ୨୯ ।୧ (ସମିସ): ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବର ଦ୍ୱିତୀୟ ଦିନରେ ଦୁଇଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। କାଟେଗୋରୀ-ଏ'ରେ ଭାରତର ଦୁଇ ଉଦୀୟମାନ ଖେଳାଳି ଆକାଶ ଦଲଭି, ନିତିନ ବାବୁ ଓ ସ୍ୱିଜରଲାଣ୍ଡର ମହିଳା ଖେଳାଳି ଏଲେନ ଫ୍ରେଡେରିସିଆ ନିଲସେନ୍ ପ୍ରଥମ ୫ଟି ବୋର୍ଡରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପ୍ରଥମ ବୋର୍ଡରେ ଜିଏମ୍ ସପ୍ତର୍ଷି ରୟ ଚୌଧୁରୀ ଓ ଜିଏମ୍ ଦୀପ୍ତାୟନ ଘୋଷଙ୍କ ମଧ୍ୟରେ ମୁକାବିଲା ଡ୍ର ରହିଥିଲା। ଦ୍ୱିତୀୟ ବୋର୍ଡରେ ଫିଜିର ଜିଏମ୍ ଫୱଜି ଆଦମ ମହିଳା ଗ୍ରାଣ୍ଡମାଷ୍ଟର ଜେନେଲେ ମାଏ ଫ୍ରାଇନାଙ୍କୁ ହରାଇଥିଲେ। କିନ୍ତୁ ପରବର୍ତ୍ତୀ ୩ଟି ବୋର୍ଡରେ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ୨୧୮୪ ରେଟିଂପ୍ରାପ୍ତ ମହିଳା ଫିଡେ ମାଷ୍ଟର ଏଲେନ୍ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ୨୫୧୪ ରେଟିଂ ପ୍ରାପ୍ତ ସାୟନ୍ତନ ଦାସଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏହା ପରେ ଦୁଇ ଭାରତୀୟ ଖେଳାଳି ଆକାଶ ଓ ନିତିନ ଯଥାକ୍ରମେ ରୁଷ ଓ ବେଲାରୁଷର ଗ୍ରାଣ୍ଡମାଷ୍ଟରଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଚତୁର୍ଥ ବୋର୍ଡରେ ଭାରତୀୟ ଖେଳାଳି ତଥା ୨୧୮୦ ରେଟିଂପ୍ରାପ୍ତ ଆକାଶ ତାଙ୍କଠାରୁ ବହୁ ଅଧିକ ୨୪୮୯ ରେଟିଂପ୍ରାପ୍ତ ରୁଷୀୟ ଗ୍ରାଣ୍ଡମାଷ୍ଟର ବୋରିସ ସେଭଚେଙ୍କୋଙ୍କୁ ପରାସ୍ତ କରିଥିଲେ। ସେହିପରି ୫ମ ବୋର୍ଡରେ ଅନ୍ୟତମ ଭାରତୀୟ ଉଦୀୟମାନ ଖେଳାଳି ତଥା ୨୧୭୭ ରେଟିଂପ୍ରାପ୍ତ ବେଲାରୁଷର ଆଲେକ୍ସେଇ ଫେଡୋରୋଭ୍ (ରେଟିଂ-୨୪୫୭)ଙ୍କୁ ହରାଇଥିଲେ। ଏହି ଦୁଇ ଉଦୀୟମାନ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଏହି ଟୁର୍ଣ୍ଣାମେଣ୍ଟରେ ଚମକ ଆଣିଛି। ଅନ୍ୟ ସମସ୍ତ ସିଡେଡ ଖେଳାଳି ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ଖେଳ ଶେଷସୁଦ୍ଧା ଓଡ଼ିଆ ଖେଳାଳି ସମ୍ବିତ ପଣ୍ଡାଙ୍କ ସହ ୧୩ ଜଣ ଦୁଇ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି।




ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସମ୍ବିତ ପଣ୍ଡା, ନୀଲସୁ ପଟ୍ଟନାୟକ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୯ମ ବୋର୍ଡରେ ୧୪ତମ ସିଡ୍ ସମ୍ବିତ୍ ଭାରତୀୟ ଫିଡେ ମାଷ୍ଟର ଏସ୍ ଧନଞ୍ଜୟଙ୍କୁ, ଆଇଏମ୍ ସିଦ୍ଧାନ୍ତ ପଣ୍ଡା ଭାରତୀୟ ପ୍ରତିଯୋଗୀ ଆସାମର ଧ୍ରୁପଦ କଶ୍ୟପଙ୍କୁ ପରାସ୍ତ କରିଛନ୍ତି। ସେହିପରି ୨୬ତମ ବୋର୍ଡରେ ନୀଲସୁଙ୍କଠାରୁ ଅଜୟ ସନ୍ତୋଷ ପରାଜିତ ହୋଇଛନ୍ତି। ଓଡ଼ିଶାର ଅନ୍ୟ ଦୁଇ ଖେଳାଳି ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା, ରାଜେଶ ନାୟକ ଓ ନୀଲସୁ ପଟ୍ଟନାୟକ ମ୍ୟାଚ୍ ଡ୍ର ରଖିଛନ୍ତି। ଯୁବ ଖେଳାଳି ପ୍ରିଅଂଶ ଦାସ ମ୍ୟାଚ୍ ହାରିଯାଇଥିଲେ ମଧ୍ୟ ଗ୍ରାଣ୍ଡମାଷ୍ଟର ଆରଆର ଲକ୍ଷ୍ମଣଙ୍କ ବିପକ୍ଷରେ ଖେଳି ବେଶ ଅଭିଜ୍ଞତା ହାସଲ କରିଛନ୍ତି।

କାଟୋଗରୀ-ବି'ରେ ଚତୁର୍ଥ ରାଉଣ୍ଡ ଶେଷସୁଦ୍ଧା ଦୁଇଜଣ ଓଡ଼ିଆ ଖେଳାଳିଙ୍କ ସମେତ ୭ଜଣ ଖେଳାଳି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଅଲଓଡ଼ିଶା ଚେସ ସଂଘ (ଏଓସିଏ) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଚାଲିଛି।

# ହିମାଚଳକୁ ୨୩୮ ରନ୍‌ରେ ହରାଇଲା ଓଡ଼ିଶା

କଟକ, ୨୯।୧(ସମିସ): ଘରୋଇ ପରିବେଶରେ ଓଡ଼ିଶାକୁ ଚଳିତ ରଣଜୀ ଟ୍ରଫିର ପ୍ରଥମ ବିଜୟ ମିଳିଛି। ଟାଙ୍ଗୀର ଡ୍ରିମସ ଗ୍ରାଉଣ୍ଡରେ ଓଡ଼ିଶା ୨୩୮ ରନରେ ଶକ୍ତିଶାଳୀ ହିମାଚଳପ୍ରଦେଶକୁ ପରାସ୍ତ କରିଛି। ରଣଜୀ ଟ୍ରଫି ଇତିହାସରେ ଏହି ଦୁଇ ଦଳ ୯ ଥର



ମୁହାଁମୁହିଁ ହୋଇଛନ୍ତି। ଏହା ମଧ୍ୟରୁ ଉଭୟ ଦଳ ୩ଟି ଲେଖାଏଁ ମ୍ୟାଚ୍ ବିଜୟୀ ହୋଇଛନ୍ତି। ଅବଶିଷ୍ଟ ୩ଟି ମ୍ୟାଚ୍ ଡ୍ର ରହିଥିଲାବେଳେ ଏହି ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ପାଳିରେ ଆଗୁଆ ରହିଛି। ପେସ୍ ବୋଲରଙ୍କ ସହାୟତାରେ ଓଡ଼ିଶା ପ୍ରଥମ ବିଜୟ ସହ ୬ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଡି' ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ୪ ମ୍ୟାଚ୍‌ରୁ ଦଳ ମୋଟ ୯ ପଏଣ୍ଟ ହାସଲ କରିଛି। ଫେବ୍ରୁଆରୀ ୨ରୁ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ୫ମ ଲିଗ୍ ମ୍ୟାଚ୍‌ରେ ପୁଡୁଚେରୀକୁ ଭେଟିବ। ଡ୍ରିମ୍ସରେ ଓଡ଼ିଶାର ଦ୍ୱିତୀୟ ପାଳିରେ ୧୫୦ ରନ୍ କରିଥିବା ସନ୍ଦୀପ ପଟ୍ଟନାୟକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

୩୮୯ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ହିମାଚଳ ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଗୋଟିଏ ୱିକେଟ ବିନିମୟରେ ୩୩ରନ ସଂଗ୍ରହ କରିଥିଲା। ପ୍ରଶାନ୍ତ ଚୋପ୍ରା ୧୭ରନ

**■ ଚଳିତ ରଣଜୀ ଟ୍ରଫିରେ ଘରୋଇ ଦଳର ପ୍ରଥମ ବିଜୟ**
**■ ଡ୍ରିମ୍ସରେ ପୁଣି ରାଜେଶଙ୍କ ରାଜ**

କାଲସି ଏବଂ ପ୍ରଶାନ୍ତ ୧୦୯ ବଲରୁ ୪୭ରନର ଭାଗିଦାରୀ ସୃଷ୍ଟି କରିବା ସହ ଦଳୀୟ ସ୍କୋରକୁ ଶହେ ପାର କରାଇଥିଲେ। ଓଡ଼ିଶାର ବିଜୟ ଆଶା ମଧ୍ୟ ମଳିନ ହୋଇଥିଲା। ମାତ୍ର ନବାଗତ ହର୍ଷିତ ରାଥୋଡ ଅଙ୍କିତ(୨୭ରନ)ଙ୍କୁ ଆଉଟ କରି ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ସଫଳତା ଲାଭ କରିଥିଲେ। ୩ ଓଭର ବ୍ୟବଧାନରେ ପ୍ରଶାନ୍ତଙ୍କ ୱିକେଟ ପତନ ଘଟିଥିଲା। ୧୨୨ବଲରୁ ୫୭ରନ କରିଥିବା ପ୍ରଶାନ୍ତଙ୍କୁ ବିପ୍ଳବ ସାମନ୍ତରାୟ ୱିକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କ ହାତରେ ଧରାପକାଇ ପ୍ୟାଭିଲିୟନର ବାଟ ଦେଖାଇଥିଲେ। ୧୧୯ରନରେ ୪ର୍ଥ ୱିକେଟ ହରାଇଥିବା ହିମାଚଳପ୍ରଦେଶ ୧୪୯ରନରେ ଅଲଆଉଟ ହୋଇଯାଇଥିଲା। ଋଷି ଧାୱନ(୧୦ରନ)ଙ୍କୁ ବାଦ ଦେଲେ ଅନ୍ୟ କୌଣସି ବ୍ୟାଟର ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ହିମାଚଳ ହରାଇଥିଲା ଏବଂ ଅଭିଷେକ କୁମାର ୫ରନରେ ଅପରାଜିତ ଥିଲେ। ଅନ୍ତିମ ଦିବସ ଖେଳର ୯ମ ଓଭରରେ ହିମାଚଳକୁ ଦ୍ୱିତୀୟ ଝଟକା ଲାଗିଥିଲା। କ୍ରିଜ୍‌ରେ ତିଷ୍ଠି ଆସୁଥିବା ଅଭିଷେକଙ୍କୁ ୧୨ରନରେ ଆଉଟ କରିଥିଲେ ଦେବବ୍ରତ ପ୍ରଧାନ। ଅଧିନାୟକ ଅଙ୍କିତ ଶେଷ ୬ଟି ୱିକେଟ ମଧ୍ୟରୁ ରାଜେଶ ମହାନ୍ତି ଏକାକୀ ୫ଟି ୱିକେଟ ନେଇଥିଲେ। ଆହତ ସମସ୍ୟାରୁ ଫେରିବା ପରେ ରାଜେଶ ଚଳିତ ସିଜନରେ ଏହି ଗ୍ରାଉଣ୍ଡରେ ଗତ ୪ଟି ପାଳିରୁ ତୃତୀୟଥର ୫ ୱିକେଟ ସଫଳତା ପାଇଛନ୍ତି। ହିମାଚଳର ପ୍ରଥମ ପାଳିରେ ୩ ୱିକେଟ ନେଇଥିବା ଭେଟେରାନ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟ ଦ୍ୱିତୀୟ ପାଳିରେ ମଧ୍ୟ୨ଟି ୱିକେଟ ନେଇ ତାଙ୍କ ସାମିଲକୁ ଯଥାର୍ଥ ପ୍ରମାଣିତ କରିଛନ୍ତି। ଜମ୍ମୁ ଓ କାଶ୍ମୀର ବିପକ୍ଷ ମ୍ୟାଚର ଉଭୟ ପାଳିରେ ରାଜେଶ ୫ଟି ଲେଖାଏ ୱିକେଟ୍ ନେଇଥିଲେ। ଏଥିସହ ରାଜେଶ ଏହି ଗ୍ରାଉଣ୍ଡରେ ଗତ ୨ଟି ମ୍ୟାଚରୁ ୧୮ଟି ୱିକେଟ୍ ନେଇ ଡ୍ରିମ୍ସରେ ତାଙ୍କ ରାଜୁତି ଜାରି ରଖିଛନ୍ତି।

### ଓଡ଼ିଶା-ହିମାଚଳ ରଣଜୀ ମ୍ୟାଚ୍ ଫଳାଫଳ

| ସିଜନ | ଭେନ୍ୟୁ | ଫଳାଫଳ |
|---|---|---|
| ୨୦୦୩-୦୪ | ବାରବାଟୀ | ଓଡ଼ିଶା ୧୮୦ରନ୍‌ରେ ବିଜୟୀ |
| ୨୦୦୪-୦୫ | ଧର୍ମଶାଳା | ହିମାଚଳ ପାଳି ଓ ୪୩ ରନ୍‌ରେ ବିଜୟୀ |
| ୨୦୦୫-୦୬ | ବାରବାଟୀ | ଓଡ଼ିଶା ପାଳି ଓ ୨୯୩ ରନ୍‌ରେ ବିଜୟୀ |
| ୨୦୦୬-୦୭ | ଧର୍ମଶାଳା | ମ୍ୟାଚ୍ ଡ୍ର, ଓଡ଼ିଶା ପ୍ରଥମ ପାଳି ଆଗୁଆ |
| ୨୦୦୭-୦୮ | ବାରବାଟୀ | ହିମାଚଳ ୯ ୱିକେଟରେ ବିଜୟୀ |
| ୨୦୦୯-୧୦ | ଧର୍ମଶାଳା | ମ୍ୟାଚ୍ ଡ୍ର, ଓଡ଼ିଶା ପ୍ରଥମ ପାଳି ଆଗୁଆ |
| ୨୦୧୦-୧୧ | ବାରବାଟୀ | ମ୍ୟାଚ୍ ଡ୍ର, ଓଡ଼ିଶା ପ୍ରଥମ ପାଳି ଆଗୁଆ |
| ୨୦୨୨-୨୩ | ଆମତାର | ହିମାଚଳ ୩ ୱିକେଟରେ ବିଜୟୀ |
| ୨୦୨୩-୨୪ | ଡ୍ରିମ୍ସ, ଟାଙ୍ଗୀ | ଓଡ଼ିଶା ୨୩୮ ରନ୍‌ରେ ବିଜୟୀ |
| ମୁକାବିଲା- ୯, ଓଡ଼ିଶା ବିଜୟୀ-୩, ହିମାଚଳ ବିଜୟୀ-୩, ମ୍ୟାଚ୍ ଡ୍ର-୩ | | |
| | | ତଥ୍ୟ- ସଞ୍ଜୀବ ବିଶ୍ୱାଳ |

## ଅଶୋଭନୀୟ ଆଚରଣ ଲାଗି ବୁମ୍‌ରା ଦଣ୍ଡିତ

ଦୁବାଇ, ୨୯ ।୧(ଏଜେନ୍ସି): ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ତାଗିଦ କରିବା ସହ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତାଙ୍କ ଉପରେ ଗୋଟିଏ ଡିମେରିଟ୍ ପଏଣ୍ଟ ଲାଗୁ କରିଛି। ହାଇଦରାବାଦ୍‌ରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ବୁମରା ରବିବାର ଜାଣିଶୁଣି ଇଂଲଣ୍ଡ ବ୍ୟାଟର ଓଲି ପୋପ୍‌ଙ୍କ ଧକ୍କା କରିଥିଲେ। ମ୍ୟାଚ୍‌ର ଚତୁର୍ଥ ଦିନରେ ୮୧ତମ ଓଭରରେ ଏହି ଘଟଣା ଘଟିଥିଲା। ବୁମ୍‌ରାଙ୍କ ବଲ୍‌ରେ ପୋପ୍ ସଟ୍ ମାରିବାକୁ ପ୍ରୟାସ କରିଥିଲେ। କିନ୍ତୁ ବଲ୍ ପ୍ୟାଡ୍‌ରେ ବାଜି ଲେଗ୍ ବାଇ ହୋଇଥିଲା। ପୋପ୍ ଯେତେବେଳେ ସିଙ୍ଗଲ ନେବାକୁ ଯାଉଥିବାବେଳେ ବୁମ୍‌ରା ତାଙ୍କ ସାମ୍ନାକୁ ଜାଣିଶୁଣି ଆସିଥିଲେ ଓ ତାଙ୍କ କାନ୍ଧରେ ବାଡେଇ ହୋଇଥିଲେ। ଏତିକି ବେଳେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବୁମ୍‌ରା ତାଙ୍କ ଆଚରଣ ପାଇଁ ପୋପ୍‌ଙ୍କୁ କ୍ଷମା ମାଗିଥିଲେ। କିନ୍ତୁ ବୁମ୍‌ରା ଆଇସିସି ଆଚରଣ ବିଧିର ଲେବଲ-୧ର ଉଲ୍ଲଂଘନ କରିଥିଲେ ଓ ଏଥିପାଇଁ ତାଙ୍କ ଉପରେ ଗୋଟିଏ ଡିମେରିଟ୍ ପଏଣ୍ଟ ଲାଗୁ କରାଯାଇଛି ବୋଲି ଆଇସିସି ତରଫରୁ କୁହାଯାଇଛି। ତେବେ ବୁମ୍‌ରାଙ୍କୁ ଆର୍ଥିକ ଭାବେ ଦଣ୍ଡିତ କରାଯାଇନାହିଁ। ୨୪ ମାସ ଅର୍ଥାତ ଦୁଇବର୍ଷ ମଧ୍ୟରେ ଯଦି କୌଣସି ଖେଳାଳିଙ୍କୁ ୪ ଡିମେରିଟ୍ ପଏଣ୍ଟ ମିଳେ ତେବେ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯିବାର ନିୟମ ରହିଛି। ବୁମ୍‌ରା ମଧ୍ୟ ନିଜ ଦୋଷ ସ୍ୱୀକାର କରିଛନ୍ତି। ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନଙ୍କ ଦ୍ୱାରା ଜାରି କରାଯାଇଥିବା ଦଣ୍ଡକୁ ସେ ସ୍ୱୀକାର କରିଛନ୍ତି।

**ଦ୍ୱିତୀୟ ଟେଷ୍ଟରୁ ଜାଡେଜା, ରାହୁଲ ବାଦ୍ | ଭାରତୀୟ ଦଳକୁ ଝଟ୍‌କା**

## ସର୍ଫରାଜ, ସୌରଭ କୁମାରଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୨୯ ।୧(ଏଜେନ୍ସି): ବିଶାଖାପାଟଣାରେ ଫେବ୍ରୁଆରୀ ୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳକୁ ଜବରଦସ୍ତ ଝଟ୍‌କା ଲାଗିଛି। ଆଘାତ ସମସ୍ୟା କାରଣରୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଅଭିଜ୍ଞ ବ୍ୟାଟର ଲୋକେଶ ରାହୁଲ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏହି ଦୁଇ ଖେଳାଳିଙ୍କ ବଦଳରେ ସର୍ଫରାଜ ଖାନ୍, ସୌରଭ କୁମାରଙ୍କ ସମେତ ୱାଶିଂଟନ ସୁନ୍ଦରଙ୍କୁ ଦଳରେ ସାମିଲ କରାଯାଇଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ପ୍ରଥମ ମ୍ୟାଚ୍‌ରେ ୨୮ ରନରେ ପରାସ୍ତ ହୋଇ ୦-୧ରେ ପଛରେ ପଡ଼ିଛି। ପ୍ରଥମ ଟେଷ୍ଟର ଚତୁର୍ଥ ଦିନରେ ଜାଡେଜା ରନ୍ ଆଉଟ ହେବାପରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ଆଣ୍ଠୁର ପଛପଟେ (ହାମ୍‌ଷ୍ଟ୍ରିଙ୍ଗ)ରେ ଆଘାତ ପାଇଥିଲେ। ତାଙ୍କର ସ୍କାନ କରାଯାଇଛି ଓ ଏହାର ରିପୋର୍ଟ ହସ୍ତଗତ ହୋଇନାହିଁ। ସେହିପରି ରାହୁଲ ଜଙ୍ଘ(ଥାଇ)ରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ତାଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦିଆଯାଇଛି।

**୪୫ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି ସର୍ଫରାଜ**

ସର୍ଫରାଜଙ୍କ ବହୁଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ତାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଛି। ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ୨୬ ବର୍ଷୀୟ ସର୍ଫରାଜ ଏପର୍ଯ୍ୟନ୍ତ ୪୫ଟି ମ୍ୟାଚ୍ ଖେଳି ୭୦ ହାରରେ ୩୯୧୨ ରନ ସଂଗ୍ରହ କରିଛନ୍ତି। ୩୦ ବର୍ଷୀୟ ସୌରଭ କୁମାର ବାମହାତୀ ସ୍ପିନ ଅଲରାଉଣ୍ଡର ଭାବେ ଉତ୍ତରପ୍ରଦେଶ ତରଫରୁ ଘରୋଇ କ୍ରିକେଟରେ ବେଶ୍ ସଫଳତା ହାସଲ କରିଛନ୍ତି।

ନନ୍ଦିଘୋଷ TV
ନନ୍ଦିଘୋଷ ଟିଭି ନିମ୍ନଲିଖିତ ପଦବୀ ପାଇଁ ପ୍ରାର୍ଥୀ ଆବଶ୍ୟକ କରୁଅଛି।
ପ୍ରାର୍ଥୀ ୩ ଦିନ ମଧ୍ୟରେ ଆମକୁ ଆବେଦନ କରିପାରିବେ।
୧. ରିପୋର୍ଟର : (ଉଭୟ ଫ୍ରେସର ଏବଂ ଅଭିଜ୍ଞ)
୨. ସ୍କ୍ରଲ୍ କପି ଏଡିଟର : (ଅନ୍ୟୁନ ୩ ବର୍ଷର ଅଭିଜ୍ଞତା)
୩. ବୁଲେଟିନ୍ ପ୍ରୋଡ୍ୟୁସର: (ଅନ୍ୟୁନ ୫ ବର୍ଷର ଅଭିଜ୍ଞତା)
ଆବେଦନ କରିବାର ଠିକଣା:
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନଂ.: ୯୦ ଏବଂ ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍,
ଭୁବନେଶ୍ୱର - ୭୫୧୦୧୯




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର